୪୮ତମ ବର୍ଷ ୧୫ ଅଗଷ୍ଟ ୨୦୧୫ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ମୁଁ ଯାହା ଖୋଜୁଛି | ... | ଶ୍ରୀଅରବିନ୍ଦ | ... | ୬ |
| ରୂପାନ୍ତର | ... | ଶ୍ରୀମା | ... | ୭ |
| ଆମ ପ୍ରକୃତିକୁ ରୂପାନ୍ତରିତ କରିବା | ... | ଶ୍ରୀଅରବିନ୍ଦ | ... | ୯ |
| ଚୈତ୍ୟ, ଅତିମାନସ ଓ ଭୌତିକ | ... | ଶ୍ରୀମା | ... | ୧୨ |
| ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ | ... | ଶ୍ରୀମା | ... | ୧୪ |
| ଭାରତର ଅନ୍ତର୍ଶକ୍ତି ଓ ଭବିଷ୍ୟତ୍ | ... | ଶ୍ରୀଅରବିନ୍ଦ | ... | ୧୬ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ... | ଏ. ବି. ପୁରାଣୀ | ... | ୧୮ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ହିନ୍ଦୁର ବ୍ରତ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୭ |
| ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଦିବସ | ... | ଶ୍ରୀ ପ୍ରପତ୍ତି | ... | ୩୦ |
| ଜ୍ୟୋତିର୍ଦାତା ଇନ୍ଦ୍ର (ଋଗ୍‌ବେଦ : ୧।୪) | ... | ଶ୍ରୀଅରବିନ୍ଦ | ... | ୩୧ |
| ''ସମଗ୍ର ଜୀବନହିଁ ଯୋଗ'' | ... | ଶ୍ରୀ ମନୋଜ ଦାସ | ... | ୩୫ |
| କର୍ମଫଳ ଓ ମାନବ ନିୟତି | ... | ମମତା ଦାଶ | ... | ୩୯ |
| ମାନବସମାଜର ବିଭିନ୍ନ ଧର୍ମ (୨) | ... | ଶ୍ରୀପତି ଦାସ | ... | ୪୨ |
| ସ୍ୱାଧୀନତାର ଅନୁଚିନ୍ତା ଓ ଶ୍ରୀଅରବିନ୍ଦ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୪ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୧୩) | ... | ... | ... | ୪୬ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ସାନ୍ନିଧ୍ୟ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୧ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୪ |


❖

It would be a tragic irony of fate if India were to throw away her spiritual heritage at the very moment when in the rest of the world there is more and more a turning towards her for spiritual help and a saving Light. This must not and will surely not happen; but it cannot be said that the danger is not there.

(*Autobiographical Notes and Other Writings of Historical Interest*, p. 504)

– Sri Aurobindo

ଏହା ହେବ ଭାଗ୍ୟର ଏକ କରୁଣ ପରିହାସ ଯଦି ଭାରତ ତା'ର ଆଧ୍ୟାତ୍ମିକ ପରମ୍ପରାକୁ ଫିଙ୍ଗି ଦିଏ ଠିକ୍ ସେତିକିବେଳେ, ଯେତେବେଳେ ପୃଥିବୀର ବାକିସବୁ ଅଂଶରେ ଆଧ୍ୟାତ୍ମିକ ସହାୟତା ଓ ପରିତ୍ରାଣକାରୀ ଆଲୋକ ସକାଶେ ତାହା ପ୍ରତି ଅଧିକରୁ ଅଧିକ ଏକ ଉନ୍ମୁଖତା ରହିଥାଏ । ଏହା ଘଟିବା ଉଚିତ ନୁହେଁ ଏବଂ ନିଶ୍ଚିତରୂପେ ଘଟିବ ନାହିଁ; କିନ୍ତୁ ସେଇ ବିପଦ ଯେ ଆଦୌ ନାହିଁ, ତାହା କୁହାଯାଇ ନପାରେ ।

– ଶ୍ରୀଅରବିନ୍ଦ



Sri Aurobindo does not belong to history; he is outside and beyond history.

Till the birth of Sri Aurobindo, religions and spiritualities were always centred on past figures, and they were showing as "the goal" the negation of life upon earth. So, you had a choice between two alternatives : either

– a life *in* this world with its round of petty pleasures and pains, joys and sufferings, threatened by hell if you were not behaving properly, or

– an escape *into* another world, heaven, nirvana, moksha....

Between these two there is nothing much to choose, they are equally bad.

Sri Aurobindo has told us that this was a fundamental mistake which accounts for the weakness and degradation of India. Buddhism, Jainism, Illusionism were sufficient to sap all energy out of the country.

True, India is the only place in the world which is still aware that something else than Matter exists. The other countries have quite forgotten it: Europe, America and elsewhere.... That is why she still has a message to preserve and deliver to the world. But at present she is splashing and floundering in the muddle.

Sri Aurobindo has shown that the truth does not lie in running away from earthly life but in remaining *in* it, to *transform it*, *divinise it*, so that the Divine can manifest HERE, in this PHYSICAL WORLD.

(CWM Vol. 12, p. 210-211) – The Mother

ଶ୍ରୀଅରବିନ୍ଦ ଇତିହାସର ଅନ୍ତର୍ଭୁକ୍ତ ନୁହନ୍ତି, ସେ ଇତିହାସର ସମ୍ପୂର୍ଣ୍ଣ ବାହାରେ ଓ ତାହାର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ ।

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ପର୍ଯ୍ୟନ୍ତ, ଧର୍ମ ଓ ଆଧ୍ୟାତ୍ମିକତା ବରାବର ଅତୀତର ବିଶିଷ୍ଟ ମହାପୁରୁଷଗଣଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିଲା, ଏବଂ ସେମାନେ ପାର୍ଥିବ ଜୀବନର ପ୍ରତ୍ୟାଖ୍ୟାନକୁ ''ସର୍ବଶ୍ରେଷ୍ଠ ଲକ୍ଷ୍ୟ'' ରୂପେ ଉପସ୍ଥାପିତ କରିଥିଲେ । ତେଣୁ ବାଛିବା ସକାଶେ ତୁମ ଆଗରେ କେବଳ ଦୁଇଟି ବିଷୟ ଥିଲା : ହୁଏତ

– ଏହି ପୃଥିବୀପୃଷ୍ଠରେ ଏକ ଜୀବନ ଯାହାକି ଚିରାଚରିତ ସୁଖ-ଦୁଃଖ, ଆନନ୍ଦ ଓ ଯାତନାର ପୁନରାବୃତ୍ତି ବ୍ୟତୀତ ଅଧିକ କିଛି ନୁହେଁ ଏବଂ ଏଠାରେ ଯଦି ତୁମେ ଠିକ୍‌ରୂପେ ଆଚରଣ ନକରିବ, ତେବେ ନରକର ଭୟ ପ୍ରଦର୍ଶନ କରାହେଉଥିଲା, ନଚେତ୍

– ଅନ୍ୟ ଏକ ଜଗତ୍, ମୋକ୍ଷ, ନିର୍ବାଣ ବା ସ୍ୱର୍ଗ ମଧ୍ୟକୁ ପଳାୟନ ।...

ଏହି ଦୁଇଟି ମଧ୍ୟରୁ ବାସ୍ତବିକ ବାଛିବାର ବିଶେଷ କିଛି ନାହିଁ, ଦୁଇଟିଯାକହିଁ ସମାନଭାବେ ମନ୍ଦ ।

ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଏହି ମୌଳିକ ଭ୍ରାନ୍ତିହିଁ ଭାରତର ଦୁର୍ବଳତା ଓ ଅବନତିର କାରଣ ହୋଇଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ମାୟାବାଦ ଗୋଟିଏ ଦେଶର ସମସ୍ତ ଶକ୍ତିକୁ ନିଃଶେଷ କରିଦେବା ପାଇଁ ଯଥେଷ୍ଟ ।

ଏହା ସତ୍ୟ ଯେ, ସମଗ୍ର ପୃଥିବୀରେ ଭାରତହିଁ ଏକମାତ୍ର ଦେଶ ଯାହା ଜାଣେ ଯେ **ଜଡ଼** ଅପେକ୍ଷା ଅନ୍ୟ କିଛି ରହିଛି । ୟୁରୋପ, ଆମେରିକା ଆଦି ଅନ୍ୟାନ୍ୟ ଦେଶ ଏହି ସତ୍ୟକୁ ପୂର୍ଣ୍ଣତଃ ଭୁଲି ଯାଇଛନ୍ତି ।... ତେଣୁ ପୃଥିବୀ ସକାଶେ ଏକ ବାର୍ତ୍ତା ସଂରକ୍ଷଣ କରିବା ଓ ପ୍ରଦାନ କରିବାର ଦାୟିତ୍ୱ ଭାରତ ଉପରେହିଁ ରହିଛି । କିନ୍ତୁ ବର୍ତ୍ତମାନ ସେ ବିଭ୍ରାନ୍ତିର କର୍ଦ୍ଦମରେ ପଡ଼ି ଛଟପଟ ହେଉଛି ।

ଶ୍ରୀଅରବିନ୍ଦ ଦେଖାଇଛନ୍ତି ଯେ ପାର୍ଥିବ ଜୀବନରୁ ପଳାୟନ କରିବାରେ ଚରମ ସତ୍ୟ ନାହିଁ କିନ୍ତୁ ପୃଥିବୀପୃଷ୍ଠରେ ରହି ତାକୁ ଏପରି *ରୂପାନ୍ତରିତ ଓ ଦିବ୍ୟତ୍ୱରେ ପରିଣତ* କରିବାକୁ ହେବ ଯେପରିକି **ଏହିଠାରେ**, ଏହି **ଜଡ଼ ପୃଥିବୀ**ରେହିଁ ଭଗବାନ୍ ନିଜକୁ ପୂର୍ଣ୍ଣତଃ ଅଭିବ୍ୟକ୍ତ କରିପାରିବେ ।

– ଶ୍ରୀମା

# ମୁଁ ଯାହା ଖୋଜୁଛି

## ଶ୍ରୀଅରବିନ୍ଦ

ମୁଁ ଏପରି ଏକ ଆଲୋକ ଖୋଜୁଛି ଯାହା ହେବ ନୂତନ, ତଥାପି ପୁରାତନ, ବସ୍ତୁତଃ ସମସ୍ତ ଆଲୋକ ଭିତରେ ଯାହା ପ୍ରାଚୀନତମ, ସବୁଠୁ ପୁରାତନ । ମୁଁ ଏପରି ଏକ ନିର୍ଭରଯୋଗ୍ୟ ପ୍ରାମାଣିକ ସତ୍ୟ ଖୋଜୁଛି ଯାହାକି ସମସ୍ତ ମାନବିକ ସତ୍ୟକୁ ଗ୍ରହଣ କରିବ, ସେଗୁଡ଼ିକୁ ଆଲୋକିତ ଓ ସମନ୍ୱିତ କରିବ ତଥାପି ମାନବିକ ଭୁଲ୍‌ଭ୍ରାନ୍ତିଗୁଡ଼ିକୁ ଠିକ୍‌ଭାବେ ବ୍ୟାଖ୍ୟା କରି ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଥିବ ଓ ସେଗୁଡ଼ିକର କବଳରୁ ନିଜକୁ ମୁକ୍ତ ରଖୁଥିବ । ମୁଁ ଏପରି ଏକ ମୂଳ ରଚନା ଓ ଶାସ୍ତ୍ର ଖୋଜୁଛି ଯହିଁରେ ଆଉ କୌଣସି ପ୍ରକ୍ଷେପ, ସଂଶୋଧନ ବା ଅଦଳ ବଦଳ ପାଇଁ ଆଦୌ ଅବକାଶ ନ ଥିବ । ତାହା କେବେହେଲେ କୀଟଦଷ୍ଟ ହୋଇ ବା ଧଳା ଉଇମାନଙ୍କ ଆହାର ହୋଇ ନଷ୍ଟ ହୋଇଯିବ ନାହିଁ, ମାଟି ତଳେ ପୋତି ହୋଇ ତାହା ଲୋପ ପାଇଯିବ ନାହିଁ ବା ସମୟର ପ୍ରବାହରେ ତାହାର କୌଣସି କ୍ଷୟକ୍ଷତି ବା ଅଙ୍ଗହାନି ଘଟିବ ନାହିଁ; କୌଣସି ମାଟିର ବା କୌଣସି ସମୟ ସ୍ରୋତର ସେହି କ୍ଷମତା ରହିବ ନାହିଁ । ମୁଁ ଏପରି ଏକ ତପସ୍ୟା ଖୋଜୁଛି ଯାହା ମୋ ପାଇଁ ଆଣିଦେବ ଶୁଦ୍ଧି ଏବଂ ନିଜ କବଳରୁ ତଥା ସମସ୍ତ ଅଜ୍ଞାନତାର କବଳରୁ ମୁକ୍ତି; ତଥାପି ଭଗବାନ୍ ଓ ତାଙ୍କ ବିଶ୍ୱଲୀଳାରେ ତାହା କୌଣସି ବ୍ୟାଘାତ ଘଟାଇବ ନାହିଁ । ମୁଁ ଏପରି ଏକ ସଂଶୟବାଦ ଖୋଜୁଛି ଯାହାକି ସବୁ କିଛିକୁ ପ୍ରଶ୍ନ କରିବ କିନ୍ତୁ ହୁଏତ ସତ୍ୟ ହୋଇପାରେ ଏପରି ସମ୍ଭାବନା ଥିବା କୌଣସି କିଛିକୁ ଅସ୍ୱୀକାର ନ କରିବା ପାଇଁ ତହିଁରେ ଯଥେଷ୍ଟ ଧୈର୍ଯ୍ୟ ରହିଥିବ । ମୁଁ ଏପରି ଏକ ଯୁକ୍ତିବୁଦ୍ଧି ଖୋଜୁଛି ଯାହା ଏପରି କୌଣସି ଅଯୌକ୍ତିକ ଦାବି ନେଇ ଅଗ୍ରସର ହୁଏ ନାହିଁ ଯେ ଊନବିଂଶ ଶତାବ୍ଦୀ ବ୍ୟତୀତ, ମାନବ ଇତିହାସର ଅନ୍ୟସବୁ ଶତାବ୍ଦୀଗୁଡ଼ିକ କେବଳ ନିର୍ବୋଧତା ଓ ଅନ୍ଧ ବିଶ୍ୱାସରେ ପୂର୍ଣ୍ଣ ଥିଲା । ଆଜିର ଯୁକ୍ତିବୁଦ୍ଧି ଏକ ନୂତନ ମତାନ୍ଧତା, ଦୁର୍ବୋଧତା ଓ ଉଗ୍ର ଅସହିଷ୍ଣୁତା ନେଇ ସମସ୍ତ ଅନୁସନ୍ଧାନକୁ ସୀମିତ କରିଦେବା ଓ ତାହାକୁ ସାଧାରଣ ଜ୍ଞାନ ଏବଂ ସଂସ୍କାର ମୁକ୍ତ ଜ୍ଞାନାଲୋକ ବୋଲି କହିବାକୁ ପସନ୍ଦ କରେ । କିନ୍ତୁ ତା' ପରିବର୍ତ୍ତେ ମୁଁ ଖୋଜୁଛି ଏପରି ଏକ ଯୁକ୍ତିବୁଦ୍ଧି ଯାହା ସତ୍ୟର ଆବିଷ୍କାର ଉପରେହିଁ ସମସ୍ତ ଜୋର୍ ଦେବ । ମୁଁ ଏପରି ଏକ ବସ୍ତୁବାଦ ଖୋଜୁଛି ଯାହା ଜଡ଼ ବସ୍ତୁକୁ ସ୍ୱୀକାର କରିବ ଏବଂ ତାହାର ଦାସ ନ ହୋଇ ତାହାକୁ ବ୍ୟବହାର କରିବ ନିଜ ଲକ୍ଷ୍ୟ ସାଧନରେ । ମୁଁ ଖୋଜୁଛି ଏପରି ଏକ ଗୂଢ଼ ବିଦ୍ୟା ଯାହାକି ନିଜର ସମସ୍ତ ପ୍ରଣାଳୀ ଓ ତଥ୍ୟ ପ୍ରମାଣସବୁକୁ ପ୍ରକାଶ୍ୟ ଦିବାଲୋକ ଭିତରକୁ ନେଇ ଆସିବ, ତହିଁରେ କୌଣସି ଗୁପ୍ତ ରହସ୍ୟ ବା ଇନ୍ଦ୍ରଜାଲ ଆଦି ରହିବ ନାହିଁ ବା ମନୁଷ୍ୟ ପ୍ରତି ସେହି ପୁରୁଣା ଓ ମୂଢ଼ ଆହ୍ୱାନ ରହିବ ନାହିଁ ଯେ ''ହେ ମାନବ, ତୁମେ ଅନ୍ଧ ହୋଇଯାଅ ଓ ଦେଖ ।'' ସଂକ୍ଷେପରେ କହିଲେ ମୁଁ ଯାହା ଖୋଜୁଛି ତାହା ବିଜ୍ଞାନ ନୁହେଁ, ଧର୍ମ ନୁହେଁ, ବା ବ୍ରହ୍ମବିଦ୍ୟା ନୁହେଁ; ମୁଁ ଖୋଜୁଛି ବେଦ, ପରମ ବ୍ରହ୍ମର ସତ୍ୟ; ମୋର ସନ୍ଧାନ ପରମଙ୍କର କେବଳ ମୂଳ ସ୍ୱରୂପକୁ ନେଇ ନୁହେଁ, କିନ୍ତୁ ତାଙ୍କର ପ୍ରକାଶ ଓ ଅଭିବ୍ୟକ୍ତିକୁ ନେଇ । ଅରଣ୍ୟକୁ ଯିବା ପାଇଁ ପଥ ଦେଖାଇବାର ପ୍ରଦୀପ ମୁଁ ଖୋଜୁ ନାହିଁ, ମୁଁ ଖୋଜୁଛି ସଂସାରରେ କର୍ମ ଓ ଆନନ୍ଦ ପାଇଁ ଏକ ଆଲୋକ ଓ ଅଭ୍ରାନ୍ତ ପଥନିର୍ଦ୍ଦେଶ; ମୁଁ ଖୋଜୁଛି ଏପରି ଏକ ସତ୍ୟ ଯାହା ସମସ୍ତ ମତାମତର ଅତୀତ ଏବଂ ଊର୍ଦ୍ଧ୍ୱରେ; ମୁଁ ଖୋଜୁଛି ଏପରି ଏକ ଜ୍ଞାନ ଯାହା ପାଇବା ପାଇଁ ସମସ୍ତ ଜ୍ଞାନ ସର୍ବଦା ତତ୍‌ପର – 'ଯସ୍ମିନ୍ ବିଜ୍ଞାତେ ସର୍ବମିଦଂ ବିଜ୍ଞାତମ୍ ।' ମୁଁ ବିଶ୍ୱାସ କରେ ସେହି ବେଦହିଁ ହେଉଛି ସନାତନ ଧର୍ମର ଭିତ୍ତି, ମୁଁ ବିଶ୍ୱାସ କରେ ହିନ୍ଦୁତ୍ୱର ଅନ୍ତରରେ ତାହାହିଁ ଗୋପନ ଦେବତା ରୂପେ ବିରାଜିତ ରହିଛନ୍ତି; କିନ୍ତୁ ଏକ ଆବରଣ ଖୋଲି ଦେବାକୁ ହେବ, ଏକ ପରଦାକୁ ଉଠାଇ ଦେବାକୁ ହେବ । ମୁଁ ବିଶ୍ୱାସ କରେ ସେହି ସତ୍ୟକୁ ଜାଣିହେବ ଓ ଆବିଷ୍କାର କରିହେବ । ମୁଁ ବିଶ୍ୱାସ କରେ ଭାରତର ଭବିଷ୍ୟତ୍ ଓ ପୃଥିବୀର ଭବିଷ୍ୟତ୍ ନିର୍ଭର କରେ ସେହି ସତ୍ୟର ଆବିଷ୍କାର ଉପରେ ଏବଂ ଜୀବନର ସନ୍ନ୍ୟାସ ପାଇଁ ନୁହେଁ, ସଂସାର-ଜୀବନ ଓ ମାନବସମାଜର ଜୀବନ ପାଇଁ ତାହାର ପ୍ରୟୋଗ ଉପରେ ।

(*Sri Aurobindo Archives and Research,* Vol. 7, No. 1, April 1983, P. 37-38)

# ରୂପାନ୍ତର

## ଶ୍ରୀମା

ରୂପାନ୍ତର ହେଉଛି ସେହି ପରିବର୍ତ୍ତନ ଯାହାଫଳରେ ସତ୍ତାର ସମସ୍ତ ଉପାଦାନ ଓ ସମସ୍ତ ଗତିଧାରା ଅତିମାନସ ସତ୍ୟକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ପାଇଁ ପ୍ରସ୍ତୁତ ହୋଇଥାଏ ।

*

*ପ୍ରଶ୍ନ : ରୂପାନ୍ତରର ଦାବି କ'ଣ ଏକ ଉଚ୍ଚ ପର୍ଯ୍ୟାୟର ଅଭୀପ୍ସା, ସମର୍ପଣ ଓ ଗ୍ରହଣଶୀଳତା ନୁହେଁ କି ?*

ଶ୍ରୀମା : ରୂପାନ୍ତରର ଦାବି ହେଉଛି ଏକ ସାମଗ୍ରିକ ଓ ପୂର୍ଣ୍ଣ ଉତ୍ସର୍ଗ । କିନ୍ତୁ ଏହାହିଁ ସମସ୍ତ ଆନ୍ତରିକ ସାଧକମାନଙ୍କ ଅଭୀପ୍ସା ନୁହେଁ କି ?

ସମଗ୍ରର ଅର୍ଥ ହେଉଛି ସତ୍ତାର ସମସ୍ତ ଅବସ୍ଥାରେ ଏକ ସଂପୂର୍ଣ୍ଣ ସ୍ଥୂଳରୁ ସବୁଠାରୁ ସୂକ୍ଷ୍ମ ପର୍ଯ୍ୟନ୍ତ ଏକ ଆଲମ୍ବ ସ୍ଥିତି (Vertical) ।

ପୂର୍ଣ୍ଣର ଅର୍ଥ ହେଉଛି ଏକ ସମାନ୍ତରାଳ ସ୍ଥିତି (Horizontal) ଯାହାକି ସମସ୍ତ ବିଭିନ୍ନତା ଏବଂ ଅଧିକାଂଶ କ୍ଷେତ୍ରରେ, ଏପରିକି ବାହ୍ୟ ସତ୍ତାକୁ ଗଠନ କରୁଥିବା ଦୈହିକ, ପ୍ରାଣିକ ଓ ମାନସିକ ସତ୍ତାର ପରସ୍ପର ବିରୋଧିଅଂଶରେ ମଧ୍ୟ ପୂର୍ଣ୍ଣତାର ଭାବକୁ ବଜାୟ ରଖିଥାଏ ।

*୪ ଡିସେମ୍ବର ୧୯୬୭*

*ପ୍ରଶ୍ନ : ଆପଣ କହିଛନ୍ତି ଯେ ଆମେ ଅତିମାନସ ଶକ୍ତିସବୁର ସ୍ପନ୍ଦନ ସଙ୍ଗେ ଏକ ଅନ୍ତରଙ୍ଗ, ନିରବଚ୍ଛିନ୍ନ, ଅଖଣ୍ଡ ଓ ଅନିବାର୍ଯ୍ୟ ସମ୍ପର୍କ ରଖିବା ଉଚିତ । ଏହି ସ୍ପନ୍ଦନକୁ ଅନୁଭବ କରିବାର ସାମର୍ଥ୍ୟ ଆମେ କିପରି ଅର୍ଜନ କରିବୁ ? ଅତିମାନସ ଅଭିବ୍ୟକ୍ତି ଫଳରେ ଏକ ନୂତନ ଜଗତ୍ ଏବଂ ନୂତନ ଜଗତର ବ୍ୟବସ୍ଥା ସୃଷ୍ଟି ହୋଇଥିବାରୁ ସାଧନାର ପଦ୍ଧତିରେ ଏକ ପରିବର୍ତ୍ତନ ଆସିଛି କି ? ଏହି ନୂତନ ବ୍ୟବସ୍ଥାରେ ନିଜର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସାଧକକୁ କ'ଣ କରିବାକୁ ହେବ ?*

ଶ୍ରୀମା : ହଁ, ସାଧନା ଏକ ବିରାଟ ପରିବର୍ତ୍ତନ ଦେଇ ଗତି କରୁଛି, କାରଣ ବର୍ତ୍ତମାନ ସ୍ୱୟଂ ସ୍ଥୂଳ ଦୈହିକ ଭିତରେହିଁ ତୁମକୁ ଏହା କରିବାକୁ ହେବ ।

ଦୈହିକ ରୂପାନ୍ତର ଉପରେ ଏକାଗ୍ର ହୁଅ । ଦୈହିକ ମାନେ ମୁଁ ମାନସିକ, ପ୍ରାଣିକ ଓ ଶରୀରିକ ଚେତନା କଥା କହୁଛି ।

ତୁମେ ତୁମ ମନରେ ଅନୁଭୂତିସବୁକୁ ଲାଭ କରିବାକୁ ଚାହୁଁଛ, କିନ୍ତୁ ମନ ଏହାକୁ ଲାଭ କରିପାରିବ ନାହିଁ, ନିଜ ମନ ଭିତରୁ ବାହାରି ଆସ ଏବଂ ମୁଁ କେଉଁ ଅର୍ଥରେ ଏହା କହୁଛି ତାହା ବୁଝିପାରିବ ।

*

ଏହା ଅପରିହାର୍ଯ୍ୟ ଯେ ପ୍ରତ୍ୟେକକୁ ନିଜର ଚୈତ୍ୟ-ଚେତନାକୁ ଆବିଷ୍କାର କରିବାକୁ ହେବ ଏବଂ ସୁନିର୍ଦ୍ଦିଷ୍ଟ ଭାବରେ ଏହା ସହ ଏକୀଭୂତ ହେବାକୁ ହେବ । ଏହି ଚୈତ୍ୟଚେତନା ମାଧ୍ୟମରେହିଁ ଅତିମାନସ ନିଜକୁ ଅଭିବ୍ୟକ୍ତ କରିବ ।

*୨୪ ଜୁନ୍ ୧୯୭୨*

ଗୋଟିଏ କଥା ଜାଣିରଖିବାକୁ ହେବ ଏବଂ ଭୁଲିଗଲେ ଚଳିବ ନାହିଁ ଯେ ରୂପାନ୍ତରର କ୍ରିୟାରେ ଯାହା କିଛି ସତ୍ୟ ଓ ଆନ୍ତରିକ ତାହାକୁ ସର୍ବଦା ରଖିବାକୁ ହେବ, କେବଳ ଯାହାସବୁ ଭ୍ରାନ୍ତ ଓ ଅନାନ୍ତରିକ ତାହା ଦୂରୀଭୂତ ଓ ଅନ୍ତର୍ଦ୍ଧାନ ହେବ ।

*

ଯେଉଁମାନେ ରୂପାନ୍ତର ପାଇଁ ପ୍ରସ୍ତୁତ, ସେମାନେ ତାହା ଯେକୌଣସି ସ୍ଥାନରେ କରିପାରିବେ । ଯେଉଁମାନେ ପ୍ରସ୍ତୁତ ନୁହନ୍ତି ସେମାନେ କେଉଁଠି ବି ଏହା କରିପାରିବେ ନାହିଁ ।

*୧୨ ନଭେମ୍ବର ୧୯୭୧*

ମୋତେ କେହିଜଣେ ପଚାରିଥିଲେ, ''ରୂପାନ୍ତର କ୍ରିୟାରେ ନିଜ ଭୂମିକା ନିର୍ବାହ ପାଇଁ କିଏ ଅଧିକତର ମନ୍ଥର, ମଣିଷ ନା ଭଗବାନ୍ ?

ମୁଁ ଉତ୍ତର ଦେଇଥିଲି, ''ମଣିଷ ଦେଖେ ଯେ ତା'ର ପ୍ରାର୍ଥନାର ଉତ୍ତର ଦେବାରେ ଭଗବାନ୍ ଖୁବ୍ ମନ୍ଥର ।

''ଭଗବାନ୍ ଦେଖନ୍ତି ଯେ ତାଙ୍କ ପ୍ରଭାବ ଗ୍ରହଣ କରିବା ପାଇଁ ମଣିଷ ଖୁବ୍ ମନ୍ଥର ।

“କିନ୍ତୁ ସତ୍ୟ-ଚେତନା ପାଇଁ ଯାହା ଯେପରି ହେବା ଉଚିତ ତାହାସବୁ ଠିକ୍ ରୂପେ ଚାଲିଛି ।”

*ପ୍ରଶ୍ନ : ଯଦି ଏକ ବିଶ୍ୱଯୁଦ୍ଧ ଲାଗିଯାଏ ଏହା କେବଳ ମାନବସମାଜର ଏକ ବ୍ୟାପକ ଅଂଶକୁ ଧ୍ୱଂସ କରିବ ନାହିଁ, ଏଥିରୁ ରକ୍ଷା ପାଇଥିବା ଲୋକଙ୍କ ଜୀବନକୁ ମଧ୍ୟ ଆଣବିକ ପ୍ରଭାବ ଫଳରେ ଏହା ଦୁରବସ୍ଥା ଭିତରକୁ ଠେଲିନେବ । ଏହିପରି ଏକ ଯୁଦ୍ଧର ଆଶଙ୍କା ଥିବା ପର୍ଯ୍ୟନ୍ତ ଏହା ପୃଥିବୀ ଉପରେ ଅତିମାନସ ସତ୍ୟର ଆଗମନୀ ଏବଂ ନୂଆ ଜାତିର ଆବିର୍ଭାବକୁ ଖଣ୍ଡିତ କରିବ ନାହିଁ କି ?*

ଶ୍ରୀମା : ଏ ସବୁଗୁଡ଼ିକ କେବଳ ମନର ବିଚାର ଓ ଅନୁମାନ, ଏବଂ ତୁମେ ଥରେ ମନର କଳ୍ପନା ଜଗତରେ ପ୍ରବେଶ କଲେ ସେହିସବୁ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ବିଚାରର ଅନ୍ତ ରହିବ ନାହିଁ । କିନ୍ତୁ ସେଗୁଡ଼ିକ ଗୋଟିଏ ପାଦ ମଧ୍ୟ ସତ୍ୟର ନିକଟବର୍ତ୍ତୀ କରାଇବ ନାହିଁ ।

ମନର ସବୁଠାରୁ ନିରାପଦ ଓ ସୁସ୍ଥ ଆଭିମୁଖ୍ୟ ହେଉଛି ଏହିପରି : ଏକ ସମ୍ପୂର୍ଣ୍ଣ ଅସ୍ତିବାଚକ ଓ ନିର୍ଦ୍ଦିଷ୍ଟ ଭାବରେ ଆମକୁ କୁହାଯାଇଛି ଯେ ବର୍ତ୍ତମାନ ଅବସ୍ଥାର ପରବର୍ତ୍ତୀ ଅବସ୍ଥା ରୂପେ ଅତିମାନସ ସୃଷ୍ଟିର ଆଗମନ ସୁନିଶ୍ଚିତ; ତେଣୁ ସେହି ଭବିଷ୍ୟତ୍ ପାଇଁ ଯାହାକିଛି ପ୍ରସ୍ତୁତିର ପ୍ରୟୋଜନ ସେହି ପରିସ୍ଥିତି ସୃଷ୍ଟ ହେବହିଁ ହେବ । ଏବଂ ସେହିସବୁ ପରିସ୍ଥିତିକୁ ଠିକ୍ ଭାବରେ ପୂର୍ବରୁ ଦେଖିବା ପାଇଁ ଆମେମାନେ ସକ୍ଷମ ହୋଇ ନଥିବାରୁ ସେସମ୍ପର୍କରେ ନୀରବତାହିଁ ସର୍ବଥା କାମ୍ୟ ।

*

ବାଧାବିଘ୍ନ ସମ୍ପର୍କରେ କଳ୍ପନା-ଜଳ୍ପନା ସେଗୁଡ଼ିକୁ ଘଟିବାରେ ସାହାଯ୍ୟ କରିଥାଏ ।

ତେଣୁ ସର୍ବଦା ଭଗବତ୍ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ସର୍ବୋତ୍ତମହିଁ ଘଟିବା ପାଇଁ ସଂକଳ୍ପ ରଖିବା ଦ୍ୱାରାହିଁ ଆମେ ପୃଥିବୀପୃଷ୍ଠରେ ଅତିମାନସ କ୍ରିୟାରେ ଫଳପ୍ରଦ ଭାବରେ ସହଯୋଗ କରିପାରିବା । ✤

ପୂର୍ଣ୍ଣଯୋଗରେ ଆମର ଆଧ୍ୟାତ୍ମିକ ପ୍ରତିଷ୍ଠାର ଏକ କ୍ରମବିକାଶଶୀଳ ଆବିଷ୍କାର ହୋଇଥାଏ; ଏହି ଆବିଷ୍କାରର ଅଗ୍ରଗତି ସଙ୍ଗେ ଯୋଡ଼ି ହୋଇ ରହିଥାଏ ଆମ ପ୍ରକୃତିର ଏକ ସକ୍ରିୟ ଗତିଶୀଳ ନବ ସୃଜନ । ଏକ ତ୍ରୟୀ ରୂପାନ୍ତର ହେଉଛି ଏହାର ପଦ୍ଧତି ଏବଂ ଏହାର ସମଗ୍ର ଅର୍ଥ ଓ ତାତ୍ପର୍ଯ୍ୟର ପରିପ୍ରକାଶ ।

ପ୍ରଥମ ଆବିଷ୍କାରଟି ହେଉଛି ଅନ୍ତରାତ୍ମାକୁ ତା'ର ଛଦ୍ମବେଶୀ ମୁଖାରୁ, ତାହାର ପରଦାର ଆବରଣରୁ ଅନାବୃତ କରିବା ଏବଂ ମନ, ପ୍ରାଣ ଓ ଶରୀରର ସେହି ଅବରୁଦ୍ଧ କାରା-ପ୍ରାଚୀର ଭିତରୁ ମୁକ୍ତ କରିବା — ସେତେବେଳେ ଚୈତ୍ୟସତ୍ତା, ଯାହା ହେଉଛି ଆମ ପ୍ରକୃତିରେ ଭଗବତ୍ ଉପାଦାନ ଓ ଯାହା ଏହାକୁ ଏହାର ସ୍ଥାୟିତ୍ୱ ଓ ଅମରତ୍ୱ ପ୍ରଦାନ କରେ, ସେହି ଚୈତ୍ୟସତ୍ତାହିଁ ଖୋଲାଖୋଲି ଭାବେ ହୋଇ ଉଠିବ ଆମ ଯନ୍ତ୍ରଗୁଡ଼ିକର ଶାସକ ଏବଂ ସେହି ଯନ୍ତ୍ରଗୁଡ଼ିକୁ ପରିବର୍ତ୍ତିତ କରି ସେ ନିଯୁକ୍ତ କରିବ ସଚେତ ଆଧ୍ୟାତ୍ମିକ ପ୍ରତିନିଧି ରୂପେ, ଯାହାଫଳରେ ସେମାନେ ଆଉ ଅଜ୍ଞାନର ଏକ ରୂପ ବଦଳାଉଥିବା ଗଠନ ମାତ୍ର ହୋଇ ରହିବେ ନାହିଁ ।

— ଶ୍ରୀଅରବିନ୍ଦ

# ଆମ ପ୍ରକୃତିକୁ ରୂପାନ୍ତରିତ କରିବା

## ଶ୍ରୀଅରବିନ୍ଦ

ଆମ କର୍ମର ପରମପ୍ରଭୁ ଯେତେବେଳେ ଆମର ପ୍ରକୃତିଟିକୁ ରୂପାନ୍ତରିତ କରୁଥାଆନ୍ତି ସେତେବେଳେ ସେ ତାହାକୁ ତାହାର ସମ୍ମାନ ଦେଇଥାଆନ୍ତି; ସେ ପ୍ରକୃତିର ମାଧ୍ୟମରେହିଁ କ୍ରିୟା କରନ୍ତି ନିଜର କୌଣସି ସ୍ୱେଚ୍ଛାଚାରୀ ଖିଆଲ ଖୁସି ଦ୍ୱାରା ନୁହେଁ । ଆମର ଏହି ଅପୂର୍ଣ୍ଣ ପ୍ରକୃତି ଭିତରେହିଁ ନିହିତ ହୋଇ ରହିଛି ଆମର ପୂର୍ଣ୍ଣତାର ଉପାଦାନସବୁ, କିନ୍ତୁ ତାହା ରହିଛି ଖାପଛଡ଼ା, ବିକୃତ ଓ ସ୍ଥାନଚ୍ୟୁତ ହୋଇ, ଯେପରିକି ଏକ ବିଶୃଙ୍ଖଳା ଭିତରେ ବା ଏକ ଅପୂର୍ଣ୍ଣ ଶୃଙ୍ଖଳାର ଦୈନ୍ୟ ଭିତରେ ସେଗୁଡ଼ିକୁ ଏକତ୍ର ଧରି ନିକ୍ଷିପ୍ତ କରିଦିଆଯାଇଛି । ଏହି ସମସ୍ତ ଉପାଦାନକୁ ଧୈର୍ଯ୍ୟର ସହିତ ପୂର୍ଣ୍ଣ, ଶୁଦ୍ଧ ଓ ପୁନଃସଂଗଠିତ କରି ଏକ ନୂତନ ଛାଞ୍ଚରେ ପକାଇବାକୁ ହେବ ଏବଂ ରୂପାନ୍ତରିତ କରିବାକୁ ହେବ । ଏଗୁଡ଼ିକୁ ହାଣି କାଟି ଛେଦନ କରିବା ବା ଏଗୁଡ଼ିକର ବିନାଶ ଓ ଅଙ୍ଗହାନି କରିବା ବା ଅସ୍ୱୀକାର ଓ ସିଧା ବଳପ୍ରୟୋଗ କରି ଏଗୁଡ଼ିକୁ ବିନଷ୍ଟ କରିଦେବା ଆମର ଲକ୍ଷ୍ୟ ନୁହେଁ । ଏହି ସଂସାର ଓ ତହିଁରେ ବାସ କରୁଥିବା ଆମେମାନେ ହେଉଛୁ ତାଙ୍କରି ସୃଷ୍ଟି ଓ ତାଙ୍କରି ଅଭିବ୍ୟକ୍ତି ଓ ସେ ଏହି ସଂସାର ସହିତ ଓ ଆମମାନଙ୍କ ସହିତ ଯେଉଁ ଧରଣର କାରବାର କରନ୍ତି ତାହାକୁ ଆମ ସଂକୀର୍ଣ୍ଣ ଓ ଅଜ୍ଞାନମୟ ମନ କେବେହେଲେ ବୁଝିପାରିବ ନାହିଁ, ଯଦି ତାହା ସଂପୂର୍ଣ୍ଣ ନୀରବ ହୋଇ ନ ଯାଏ ଓ ଏକ ଦିବ୍ୟଜ୍ଞାନ ଦିଗରେ ନିଜକୁ ଉନ୍ମୋଚିତ କରି ନ ଦିଏ । ଆମର ସମସ୍ତ ଭ୍ରମ ପ୍ରମାଦ ଭିତରେ ମଧ୍ୟ ସତ୍ୟର ଏକ ଉପାଦାନ ରହିଛି ଯାହାକି ଆମର ଅଣ୍ଡାଳି ହେଉଥିବା ବୁଦ୍ଧି ଆଗରେ ନିଜର ପ୍ରକୃତ ଅର୍ଥଟିକୁ ପ୍ରକଟ କରିଦେବା ଲାଗି ଆୟାସ କରୁଥାଏ । ମଣିଷର ବୁଦ୍ଧିଭ୍ରମ-ପ୍ରମାଦଟିକୁ କାଟି ଫୋପାଡ଼ି ଦେବା ସହିତ ତାହା ସଙ୍ଗରେ ସତ୍ୟଟିକୁ ମଧ୍ୟ କାଟି ଫୋପାଡ଼ି ଦିଏ ଏବଂ ତାହା ସ୍ଥାନରେ ରଖେ ଆଉ ଏକ ଅର୍ଦ୍ଧସତ୍ୟ ଓ ଅର୍ଦ୍ଧ ଭ୍ରମ-ପ୍ରମାଦ । କିନ୍ତୁ ପରମ ଦିବ୍ୟବିଜ୍ଞତା ଆମର ସେହି ଭ୍ରମ-ପ୍ରମାଦଗୁଡ଼ିକୁ ସେହିପରି ରହିବା ପାଇଁ ଛାଡ଼ିଦିଏ ଓ ତାହାକୁ ସହ୍ୟ କରେ ଯେପର୍ଯ୍ୟନ୍ତ ଆମେ ସେହିସବୁ ମିଥ୍ୟାବରଣ ତଳେ ପ୍ରଚ୍ଛନ୍ନ ଓ ସୁରକ୍ଷିତ ହୋଇ ରହିଥିବା ସତ୍ୟରେ ଯାଇ ନ ପହଞ୍ଚୁ । ଆମେ ଯାହାକୁ ପାପ ବୋଲି କହୁ ସେଗୁଡ଼ିକ ହେଉଛି ଏକ ଅନ୍ୱେଷଣକାରୀ ପରମ ସାମର୍ଥ୍ୟର ବିପଥଗାମୀ ପଦକ୍ଷେପସବୁ; ପାପ ନୁହେଁ, ପୂର୍ଣ୍ଣତାହିଁ ହେଉଛି ତାହାର ଲକ୍ଷ୍ୟ । ଏହାର ଲକ୍ଷ୍ୟ ହେଉଛି ଏପରି କିଛି ଯାହାକୁ ଆମେ ଦିବ୍ୟ ସଦ୍‌ଗୁଣ ବୋଲି କହିପାରୁ । ଅନେକ ସମୟରେ ଏହି ତଥାକଥିତ ପାପଗୁଡ଼ିକ ଏପରି ଏକ ଗୁଣର ଆବରଣ ସ୍ୱରୂପ ହୋଇ ଥାଆନ୍ତି ଯାହାକୁ ରୂପାନ୍ତରିତ କରିବାକୁ ହେବ ଏବଂ ତାହାର କୁତ୍ସିତ ଛଦ୍ମବେଶ ଭିତରୁ ତାହାକୁ ବାହାର କରି ଆଣିବାକୁ ହେବ । ତାହା ନ ହୋଇଥିଲେ ବସ୍ତୁସବୁର ନିର୍ଭୁଲ, ପରିପୂର୍ଣ୍ଣ ବିଧାନରେ ସେଗୁଡ଼ିକର କୌଣସି ଅସ୍ତିତ୍ୱ ନ ଥା'ନ୍ତା ବା ସେଗୁଡ଼ିକୁ ତିଷ୍ଠି ରହିବାକୁ ଛାଡ଼ି ଦିଆଯାଇ ନ ଥା'ନ୍ତା । ଆମ କର୍ମର ଅଧୀଶ୍ୱର କେବେହେଲେ କୌଣସି ଭୁଲ୍ କରନ୍ତି ନାହିଁ ବା କେବଳ ଉଦାସୀନ ଦ୍ରଷ୍ଟା ହୋଇ ରୁହନ୍ତି ନାହିଁ ବା ଅନାବଶ୍ୟକ ମନ୍ଦ ଜିନିଷଗୁଡ଼ିକୁ ନେଇ ଏକ ଅବହେଳା ବା କାଳକ୍ଷେପଣର ବିଳାସରେ ମଜ୍ଜି ଯାଆନ୍ତି ନାହିଁ । ସେ ଆମର ଯୁକ୍ତିବୁଦ୍ଧି ଅପେକ୍ଷା ଅନେକ ଅଧିକ ବିଜ୍ଞ ଏବଂ ଆମର ସଦ୍‌ଗୁଣଠାରୁ ଅନେକ ଅଧିକ ବିଜ୍ଞତା ତାଙ୍କ ଭିତରେ ରହିଛି ।

ଆମର ପ୍ରକୃତି ଖାଲି ଯେ ସଂକଳ୍ପ କ୍ଷେତ୍ରରେ ପ୍ରମାଦଗ୍ରସ୍ତ ବା ଜ୍ଞାନର କ୍ଷେତ୍ରରେ ଅଜ୍ଞାନମୟ ହୋଇ ରହିଥାଏ ସେତିକି ନୁହେଁ, ତାହା ମଧ୍ୟ ସାମର୍ଥ୍ୟର କ୍ଷେତ୍ରରେ ଦୁର୍ବଳ । କିନ୍ତୁ ଭଗବତ୍ ଶକ୍ତି ବିଦ୍ୟମାନ ହୋଇ ରହିଛି ଓ ତାହାହିଁ ଆମକୁ ବାଟ ଦେଖାଇ ଆଗେଇନେବ ଯଦି ଆମେ ସେହି ଶକ୍ତି ଉପରେ ବିଶ୍ୱାସ ଓ ଭରସା ରଖୁ ଏବଂ ତାହାହିଁ ଆମର ଅସାମର୍ଥ୍ୟ ଓ ଆମର ଶକ୍ତି ସବୁକୁ ଏକ ଭଗବତ୍ ଉଦ୍ଦେଶ୍ୟର ପରିପୂରଣ ଦିଗରେ ବ୍ୟବହାର କରିବ । ଆମେ ଯଦି ଆମର ଆଶୁ ଲକ୍ଷ୍ୟ ସାଧନରେ ବିଫଳ ହେଉ, ତା'ହେଲେ ଏହି ବିଫଳତାଟିହିଁ ତାଙ୍କର ଅଭିପ୍ରେତ ଥିଲା । ଅନେକ ସମୟରେ କୌଣସି ଆଶୁ ଓ ପୂର୍ଣ୍ଣ ସାଫଲ୍ୟ ଆମକୁ ଯେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଇଥାଆନ୍ତା, ତାହା ଅପେକ୍ଷା ଆମର ବିଫଳତା ଓ ଦୁଷ୍ପରିଣାମ ଆମକୁ ଅଧିକ ଯଥାର୍ଥ ଫଳପ୍ରାପ୍ତି ଦିଗରେ ଆଗେଇ ନେବା ପାଇଁ ଏକ ଉଚିତ ମାର୍ଗ ହୋଇଥାଏ । ଆମକୁ ଯଦି ଦୁଃଖଯାତନା ଭୋଗ କରିବାକୁ

ପଡ଼େ ତା'ହେଲେ ତାହାର କାରଣ ହେଉଛି ଆନନ୍ଦର ଏକ ବିରଳତର ସମ୍ଭାବନା ପାଇଁ ଆମ ଭିତରେ କିଛିକୁ ପ୍ରସ୍ତୁତ କରାଇବାକୁ ହେବ । ଆମେ ଯଦି ଝୁଣ୍ଟି ପଡୁଥାଉ ତା'ହେଲେ ତାହା ହୋଇଥାଏ ଶେଷରେ ଆମେ ଅଧିକତର ନିର୍ଭୁଲ ଭାବେ ପଥଚାଲିବାର ରହସ୍ୟଟିକୁ ଶିଖିବା ପାଇଁ । ଏପରିକି ଶାନ୍ତି, ଶୁଦ୍ଧତା ଓ ପୂର୍ଣ୍ଣତା ଅର୍ଜନ କରିବା ପାଇଁ ଆମେ ଯେପରି ଅତି ବ୍ୟଗ୍ର ଓ ତରତର ନ ହେଉ । ଆମେ ଶାନ୍ତିର ଅଧିକାରୀ ହେବୁ ନିଶ୍ଚୟ, କିନ୍ତୁ ତାହା ଯେପରି ଏକ ଶୂନ୍ୟ ବା ପ୍ରକୃତିର ଧ୍ୱସ୍ତ ବିଧ୍ୱସ୍ତ ଶାନ୍ତି ନ ହୁଏ ବା ନିହତ ଅଥବା ଅଙ୍ଗହାନି ହୋଇଥିବା ସାମର୍ଥ୍ୟଗୁଡ଼ିକର ଏପରି ଶାନ୍ତି ନ ହୁଏ ଯାହାକି କୌଣସି ଅସ୍ଥିର-ଆଲୋଡ଼ନ ପାଇଁ ଅକ୍ଷମ, କାରଣ ତା'ହେଲେ ବୁଝିବାକୁ ହେବ ସେହି ସାମର୍ଥ୍ୟଗୁଡ଼ିକର ତୀବ୍ରତା, ତେଜ ଓ ଶକ୍ତିକୁ ନଷ୍ଟ କରିଦେଇ ଆମେହିଁ ସେଗୁଡ଼ିକୁ ଅକ୍ଷମ କରିଦେଇଛୁ । ଶୁଦ୍ଧତା ଆମର ଲକ୍ଷ୍ୟ ହେବ ନିଶ୍ଚୟ କିନ୍ତୁ ତାହା ଯେପରି ଶୂନ୍ୟତାର ଶୁଦ୍ଧତା ନ ହୁଏ ବା ନିରସ, କଠିନ ଶୀତଳତାର ଶୁଦ୍ଧତା ନ ହୁଏ । ଆମଠାରୁ ପୂର୍ଣ୍ଣତା ଦାବି କରାଯାଉଛି, କିନ୍ତୁ ଯେଉଁ ପୂର୍ଣ୍ଣତା କେବଳ ସଂକୀର୍ଣ୍ଣ ସୀମା ଭିତରେ ନିଜର ପରିସରକୁ ଆବଦ୍ଧ ରଖି ତିଷ୍ଠି ରହିପାରେ ବା ଯେଉଁ ପୂର୍ଣ୍ଣତା ଦିବ୍ୟ-ଅନନ୍ତଙ୍କର ଚିର ଆତ୍ମ-ବିସ୍ତାରର ପଞ୍ଜିକାରେ ମନଇଚ୍ଛା କେଉଁଠି ଏକ ପୂର୍ଣ୍ଣଚ୍ଛେଦ ଟାଣିଦେଇ ନିଜର ଅସ୍ତିତ୍ୱ ବଜାୟ ରଖିପାରେ ସେହି ପୂର୍ଣ୍ଣତା ଆମର ଲକ୍ଷ୍ୟ ନୁହେଁ । ଆମର ଲକ୍ଷ୍ୟ ହେଉଛି ସେହି ଦିବ୍ୟପ୍ରକୃତିରେ ରୂପାନ୍ତର ହେବା । କିନ୍ତୁ ସେହି ଦିବ୍ୟପ୍ରକୃତି ଏକ ମାନସିକ ବା ନୈତିକ ଅବସ୍ଥା ମାତ୍ର ନୁହେଁ, ତା' ହେଉଛି ଏକ ଆଧ୍ୟାତ୍ମିକ ଅବସ୍ଥା ଯାହାକୁ ଲାଭ କରିବା କଷ୍ଟସାଧ, ଏପରିକି ଆମ ବୁଦ୍ଧି ଦ୍ୱାରା ତାହାର ଧାରଣା କରିବା ମଧ୍ୟ କଷ୍ଟସାଧ । ଆମ କର୍ମ ଓ ଯୋଗର ଅଧୀଶ୍ୱର ଜାଣନ୍ତି କ'ଣ କରିବାକୁ ହେବ ଏବଂ ତାଙ୍କୁହିଁ ଛାଡ଼ିଦେବାକୁ ହେବ ତାଙ୍କ ନିଜ ଉପାୟରେ ଓ ନିଜ ରୀତିରେ ତାହା ଆମ ଭିତରେ ସଂପନ୍ନ କରିବା ପାଇଁ ।

ଅଜ୍ଞାନର ଗତିବୃତ୍ତି ତା'ର ମୂଳ ମର୍ମରେ ହେଉଛି ଅହଂପୂର୍ଣ୍ଣ ଏବଂ ଯେପର୍ଯ୍ୟନ୍ତ ଆମେ ଆମ ଭିତରେ ତଥାପି ଏକ ବ୍ୟକ୍ତିତ୍ୱକୁ ସ୍ୱୀକାର କରୁଥିବା ଓ ଆମ ଅସଂପୂର୍ଣ୍ଣ ପ୍ରକୃତିର ଅର୍ଦ୍ଧ ଆଲୋକ ଓ ଅର୍ଦ୍ଧ-ସାମର୍ଥ୍ୟ ମଧ୍ୟରେ କର୍ମକରି ଚାଲୁଥିବା ସେପର୍ଯ୍ୟନ୍ତ ଏହି ଅହଂ କବଳରୁ ନିସ୍ତାର ଲାଭ କରିବାଠାରୁ ଅଧିକ କଷ୍ଟସାଧ ଆଉ କିଛି ନାହିଁ । ଏହି ଅହଂକୁ ତା'ର କର୍ମପ୍ରବୃତ୍ତିରୁ ବଞ୍ଚିତ କରି, ଉପବାସୀ କରି ରଖିବା ବା ବ୍ୟକ୍ତିତ୍ୱର ସମସ୍ତ ଗତିବୃତ୍ତିକୁ ଆମ ଭିତରୁ କାଟି ଦେଇ ତା'ର ବିନାଶ ସାଧନ କରିବା ଅପେକ୍ଷାକୃତ ଅଧିକ ସହଜ । ଏକ ଶାନ୍ତିର ସମାଧିରେ ବା ଦିବ୍ୟପ୍ରେମର ଉଲ୍ଲାସ ଭିତରେ ନିମଗ୍ନ ରହି ଏହାକୁ ଆତ୍ମବିସ୍ମରଣର ଏକ ଅଭିଭୂତ ଅବସ୍ଥା ଭିତରକୁ ଉଠାଇ ନେବା ମଧ୍ୟ ଅପେକ୍ଷାକୃତ ଅଧିକ ସହଜ । କିନ୍ତୁ ଆମ ପାଇଁ ଅଧିକତର କଷ୍ଟସାଧ ସମସ୍ୟାଟି ହେଉଛି ଆମ ଭିତରେ ରହିଥିବା ଆମର ଯଥାର୍ଥ ସତ୍ୟତର ବ୍ୟକ୍ତିସ୍ୱରୂପକୁ ମୁକ୍ତ କରିଆଣି ଏପରି ଏକ ଦିବ୍ୟମାନବତ୍ୱ ଲାଭ କରିବା ଯାହାକି ଦିବ୍ୟଶକ୍ତିର ଏକ ଶୁଦ୍ଧ ଆଧାର ଓ ଦିବ୍ୟକର୍ମର ଏକ ପୂର୍ଣ୍ଣ ସମର୍ଥ ଯନ୍ତ୍ରରେ ପରିଣତ ହୋଇଉଠିବ । ଦୃଢ଼ତାର ସହିତ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରିବାକୁ ହେବ, ଗୋଟିଏ ପରେ ଗୋଟିଏ ବାଧାବିଘ୍ନକୁ ସଂପୂର୍ଣ୍ଣ ଭାବରେ ଅଙ୍ଗେ ନିଭାଇବାକୁ ପଡ଼ିବ ଓ ସେଗୁଡ଼ିକ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣିବାକୁ ହେବ । କେବଳ ସେହି ପରମ ବିଜ୍ଞତା ଓ ପରମ ଦିବ୍ୟଶକ୍ତିହିଁ ଆମ ପାଇଁ ଏହି କାମଟିକୁ ସଂପନ୍ନ କରିଦେଇପାରେ ଏବଂ ତାହା ସବୁକିଛିକୁ ସଂପନ୍ନ କରିଦେବ ଯଦି ଆମେ ଏକ ପରିପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ନେଇ ତାହା ହାତରେ ନିଜକୁ ସମର୍ପି ଦେଇପାରିବା ଏବଂ ଏକ ଅବିଚଳ ସାହସ ଓ ଧୈର୍ଯ୍ୟର ସହ ତାହାର ସମସ୍ତ କ୍ରିୟାକୁ ଅନୁସରଣ କରି ତହିଁରେ ଆମର ପୂର୍ଣ୍ଣ ସମ୍ମତି ପ୍ରଦାନ କରିବା ।

ଏହି ଦୀର୍ଘ ପଥରେ ପ୍ରଥମ ପଦକ୍ଷେପ ହେଉଛି ଆମର ସମସ୍ତ କର୍ମକୁ ଆମ ଭିତରେ ଓ ସଂସାର ଭିତରେ ବିରାଜମାନ ହୋଇ ରହିଥିବା ସେହି ପରମଙ୍କ ପାଖରେ ଏକ ଯଜ୍ଞରୂପେ ନିବେଦନ କରିବା । ଏହା ହେଉଛି ମନ ଓ ହୃଦୟର ଏକ ବିଶେଷ ଭାବଦୃଷ୍ଟି ଯାହାକୁ ଆରମ୍ଭ କରିବା ସେତେଟା କଷ୍ଟକର ନ ହେଲେ ମଧ୍ୟ, ତାହାକୁ ଅଖଣ୍ଡ ନିଷ୍ଠା ଓ ସର୍ବବ୍ୟାପକ କରି ଗଢ଼ି ତୋଳିବା ଅତ୍ୟନ୍ତ କଷ୍ଟସାଧ । ଦ୍ୱିତୀୟ ପଦକ୍ଷେପଟି ହେଉଛି ଆମ କର୍ମର ଫଳ ପ୍ରତି ସମସ୍ତ ଆସକ୍ତି ପରିତ୍ୟାଗ କରିବା; କାରଣ ସେହି ଯଜ୍ଞର ଯାହା ସବୁଠୁ ଯଥାର୍ଥ, ଅନିବାର୍ଯ୍ୟ ଓ ବାଞ୍ଛନୀୟ ଫଳ ଓ ଏକ ମାତ୍ର ଯାହା ପ୍ରୟୋଜନୀୟ ତାହା ହେଉଛି ଆମ ଭିତରେ ସେହି ଦିବ୍ୟଭଗବତ୍ ଉପସ୍ଥିତି ଓ ସେହି ଦିବ୍ୟଭଗବତ୍ ଚେତନା ଓ ଶକ୍ତି ଲାଭ କରିବା ଏବଂ ଯଦି ଆମର ତାହା ପ୍ରାପ୍ତ ହୁଏ ତେବେ ଆଉ ବାକି ସବୁକିଛି ଆପେ ଆପେହିଁ ପ୍ରାପ୍ତ ହୋଇଯିବ । ଏହାହିଁ ହେଉଛି ଆମର ପ୍ରାଣସତ୍ତା, ଆମର

କାମନାତ୍ମା ଓ କାମନା ପ୍ରକୃତିରେ କ୍ରିୟା କରୁଥିବା ଅହଂଗତ ଇଚ୍ଛାର ରୂପାନ୍ତର । ଏବଂ ଅନ୍ୟଟି ତୁଳନାରେ ଏହା ଅନେକ ଅଧିକ କଷ୍ଟସାଧ୍ୟ । ତୃତୀୟ ପଦକ୍ଷେପଟି ହେଲା ଆମ ସତ୍ତାର କେନ୍ଦ୍ରୀୟ ଅହଂବୋଧଟିକୁ ଏପରିକି କର୍ମୀର ଅହଂବୋଧଟିକୁ ଦୂର କରିବା । ତାହାହିଁ ହେଉଛି ସବୁଠାରୁ ଅଧିକ କଷ୍ଟସାଧ୍ୟ ରୂପାନ୍ତର ଏବଂ ଏହା ପୂର୍ଣ୍ଣ ଭାବରେ ସଂପନ୍ନ ହୋଇପାରିବ ନାହିଁ ଯଦି ଆମେ ପ୍ରଥମ ଦୁଇ ପଦକ୍ଷେପକୁ ଯଥାର୍ଥ ଭାବେ ଗ୍ରହଣ କରି ନ ଥାଉ; କିନ୍ତୁ ଏହି ପ୍ରଥମ ପଦକ୍ଷେପଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ ନାହିଁ ଯଦି ସେହିସବୁ ଗତିବୃତ୍ତିର ମୂଳ ଉତ୍ସ ଅହଂବୋଧର ସଂପୂର୍ଣ୍ଣ ବିଲୋପ ଓ ଉଚ୍ଛେଦ ସାଧନ କରି ତାହାକୁ ଅଭିଷେକର ମୁକୁଟ ପିନ୍ଧାଇ ଦେବାକୁ ଏହି ତୃତୀୟ ପଦକ୍ଷେପଟି ନ ଆସେ ଓ ଅହଂବୋଧର ବିଲୋପ ସାଧନ କରି ବାସନାର ମୂଳ ଉତ୍ସଟିକୁ ଉତ୍ପାଟିତ କରି ନ ଦିଏ । ଯେତେବେଳେ ଖାଲି ଆମ ପ୍ରକୃତି ମଧ୍ୟରୁ ସେହି କ୍ଷୁଦ୍ର ଓ ସଂକୀର୍ଣ୍ଣ ଅହଂବୋଧକୁ ଉପାଡ଼ି ଫିଙ୍ଗି ଦିଆଯାଇପାରିବ ସେତେବେଳେ କେବଳ ସାଧକ ତା'ର ଯଥାର୍ଥ ବ୍ୟକ୍ତି-ସ୍ୱରୂପଟିକୁ ଜାଣିପାରିବ ଯାହାକି ପରମ ଭଗବାନଙ୍କର ଏକ ଅଂଶ-ଶକ୍ତିରୂପେ ଊର୍ଦ୍ଧ୍ୱରେ ଠିଆ ହୋଇଛି ଏବଂ ସେତେବେଳେ ସେ ପରମ ଭଗବତୀ ଶକ୍ତିଙ୍କ ଇଚ୍ଛା ବ୍ୟତୀତ ଅନ୍ୟ ସବୁକିଛି ପ୍ରେରଣା ଓ ଶକ୍ତିକୁ ପ୍ରତ୍ୟାଖ୍ୟାନ ଓ ପରିତ୍ୟାଗ କରିବା ପାଇଁ ସମର୍ଥ ହେବ ।

(Bulletin, Nov. 1999, pp. 40 - 42) ❖

ଗଭୀରତା ଭିତରେ ଆହୁରି ବୃହତ୍ତର ଗଭୀରତା ରହିଛି, ଉଚ୍ଚତା ଭିତରେ ଆହୁରି ଏକ ମହତ୍ତର ଉଚ୍ଚତା ରହିଛି । ନିଜ ସତ୍ତାର ପୂର୍ଣ୍ଣତା ଅପେକ୍ଷା ଅଧିକ ଶୀଘ୍ର ମଣିଷ ପହଞ୍ଚିବ ଅସୀମର ସୀମାନ୍ତରେ । କାରଣ ସେହି ସତ୍ତା ହେଉଛନ୍ତି ଅନନ୍ତ, ସେ ହେଉଛନ୍ତି ଭଗବାନ୍ ।

ମୁଁ ଅଭୀପ୍ସା କରୁଛି, ଅସୀମ ଶକ୍ତି, ଅନନ୍ତ ଜ୍ଞାନ ଓ ଅସୀମ ଆନନ୍ଦ ପାଇଁ । ମୁଁ ଏହା ପାଇପାରିବି କି ?

ହଁ, କିନ୍ତୁ ଅନନ୍ତର ସ୍ୱଭାବ ହେଉଛି ଏହାର କୌଣସି ଅନ୍ତ ନାହିଁ । ତେଣୁ ତୁମେ କହିପାରିବ ନାହିଁ ଯେ, ମୁଁ ଏହା ପାଇପାରିବି । ମୁଁ ଏହା ହୋଇଉଠିବି । ଏହି ଭାବରେ କେବଳ ମଣିଷ ଭଗବାନ୍ ହୋଇଉଠିଲେହିଁ ଭଗବାନଙ୍କୁ ପାଇପାରିବ ।

କିନ୍ତୁ ତାଙ୍କୁ ପାଇବା ପୂର୍ବରୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିହେବ । ଭଗବାନଙ୍କ ସହିତ ସମ୍ପର୍କହିଁ ଯୋଗ, ସର୍ବୋତ୍ତମ ଉଲ୍ଲାସ ଏବଂ ମହତ୍ତମ ଉପଯୋଗିତା । ଏହିପରି ସମ୍ପର୍କମାନ ମନୁଷ୍ୟତ୍ୱର ପରିମିତି ଭିତରେ ବିକାଶ ଲାଭ କରିଛି । ଏସବୁକୁ ପ୍ରାର୍ଥନା, ପୂଜା, ଆରାଧନା, ଯଜ୍ଞ, ମନନ, ବିଶ୍ୱାସ, ବିଜ୍ଞାନ, ଦର୍ଶନ ବୋଲି ନାମିତ କରାଯାଇଛି । ଆମର ବିକଶିତ ହୋଇସାରିଥିବା ସାମର୍ଥ୍ୟର ବାହାରେ କିନ୍ତୁ ମଣିଷତ୍ୱର ପରିମିତି ଭିତରେ ଏପରି ସମ୍ପର୍କମାନ ମଧ୍ୟ ରହିଛି ଯାହାକୁ ଆମକୁ ବିକଶିତ କରାଇବାକୁ ହେବ । ଏହି ସମ୍ପର୍କଗୁଡ଼ିକର ବିକାଶ ପାଇଁ ଆମେ ସାମର୍ଥ୍ୟଲାଭ କରିଥାଉ ବିଭିନ୍ନ ଅଭ୍ୟାସ ଦ୍ୱାରା – ଯାହାକୁ ଆମେ ସାଧାରଣତଃ ଯୋଗ ବୋଲି କହିଥାଉ ।

ଆମେ ତାହାଙ୍କୁ ଭଗବାନ୍ ବୋଲି ଜାଣି ନପାରୁ । ତାଙ୍କୁ ଆମେ ବିଶ୍ୱ-ପ୍ରକୃତି, ଆମର ମହତ୍ତର ଆତ୍ମା, ଅନନ୍ତ କିଂବା କିଛି ଅନିର୍ବଚନୀୟ ଲକ୍ଷ୍ୟ ବୋଲି ଜାଣିପାରୁ । ଏହି ଭାବରେହିଁ ବୁଦ୍ଧ ତାଙ୍କର ଉପଲବ୍ଧି ଦିଗରେ ଆଗେଇ ଯାଇଥିଲେ ଓ ଏହିପରିହିଁ ଥିଲା କଠୋର ଅଦ୍ୱୈତବାଦୀମାନଙ୍କର ମାର୍ଗ । ଏପରିକି ନାସ୍ତିକମାନଙ୍କ ପାଇଁ ମଧ୍ୟ ସେ ଅଧିଗମ୍ୟ । ଜଡ଼ବାଦୀମାନଙ୍କ ପାଇଁ ସେ ଜଡ଼ର ଛଦ୍ମବେଶ ଧାରଣ କରିଥା'ନ୍ତି । ଶୂନ୍ୟବାଦୀମାନଙ୍କ ପାଇଁ ସେ ଅନସ୍ତିର କ୍ରୋଡ଼ରେ ଛପି ରହି ଅପେକ୍ଷା କରିଥା'ନ୍ତି ।

'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।'

ମୋତେ ଯିଏ ଯେଉଁ ଭଳି ପାଇବାକୁ ଚାହିଁଥା'ନ୍ତି ମୋ ପ୍ରେମରେ ମୁଁ ସେମାନଙ୍କୁ ସେହି ଭାବରେହିଁ ଗ୍ରହଣ କରେ ।

– ଶ୍ରୀଅରବିନ୍ଦ

# ଚୈତ୍ୟ, ଅତିମାନସ ଓ ଭୌତିକ

## ଶ୍ରୀମା

*ଶିଷ୍ୟ : ମା, ଭାଗବତ ଭୂମି କ'ଣ ଚୈତ୍ୟସତ୍ତାର ଭୂମି ?*

ଶ୍ରୀମା : ଚୈତ୍ୟସତ୍ତାର ଭୂମିଠାରୁ ଏହା ଉଚ୍ଚତର । କୁହାଯାଇପାରେ ଯେ ଚୈତ୍ୟସତ୍ତା ଭଗବାନଙ୍କର ବାହନ, ଏହା ଭଗବାନଙ୍କୁ ଧାରଣ କରେ, ଏହା ଭଗବାନଙ୍କର ଆବାସ, କିନ୍ତୁ ଭଗବାନ୍ ଏହାଠାରୁ ଅଧିକ ଉଚ୍ଚରେ । କାରଣ ଚୈତ୍ୟସତ୍ତା ହେଉଛି ଭଗବତ୍ ଅଭିବ୍ୟକ୍ତିର ଗୋଟିଏ ବିଭାବ ମାତ୍ର ।

*ଶିଷ୍ୟ : ଅତିମାନସ ମଧ୍ୟ ଚୈତ୍ୟସତ୍ତା ନୁହେଁ କି ?*

ଶ୍ରୀମା : ଚୈତ୍ୟସତ୍ତାଠାରୁ ଅତିମାନସ ମଧ୍ୟ ଅନେକ ଅଧିକ ଉଚ୍ଚରେ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ କୁହନ୍ତି ତାହା ହେଉଛି ଏକ ଦିବ୍ୟ-ଉପାଦାନ ବା ଭଗବତ୍ ଦିବ୍ୟତତ୍ତ୍ୱ ଯାହା ବର୍ତ୍ତମାନ ବିଶ୍ୱଲୀଳାରେ ଆବିର୍ଭୂତ ହେବାକୁ ଯାଉଛି । ସେ ଏହାକୁ ଅତିମାନସ କହିଛନ୍ତି କାରଣ ଏହା ମନର ପରେ ଆସୁଛି, ଅର୍ଥାତ୍ ପରମ ଭଗବତ୍ ଦିବ୍ୟ ତତ୍ତ୍ୱର ଏହା ଏକ ନୂତନ ଅଭିବ୍ୟକ୍ତି । ଏବଂ ଏହା ଚୈତ୍ୟ ସହ ସଂବନ୍ଧିତ, ଯେପରି ଭଗବାନ୍ ଚୈତ୍ୟ ସହ ସଂବନ୍ଧିତ, ଅର୍ଥାତ୍ ଚୈତ୍ୟ ହେଉଛି ତାଙ୍କର ନିବାସ, ମନ୍ଦିର, ବାହନ ଯାହାକିଛି ବାହ୍ୟ ଭାବରେ ଭଗବାନଙ୍କୁ ଅଭିବ୍ୟକ୍ତ କରେ । କିନ୍ତୁ ଏହା କେବଳ ନିଜର ସାରସତ୍ୟରେ ଦିବ୍ୟ, ନିଜର ପୂର୍ଣ୍ଣାଙ୍ଗ ରୂପରେ ନୁହେଁ । ଏହା ହେଉଛି ଭଗବାନଙ୍କ ବାହ୍ୟ ପ୍ରକାଶର ଏକ ଧରଣ, ଭଗବାନଙ୍କ ତୁଳନାରେ ଏହା ବାହ୍ୟ ଅର୍ଥାତ୍ ଜାଗତିକ ।

ବାସ୍, ଆଉ କିଛି ପଚାରିବାକୁ ନାହିଁ ?

*ଶିଷ୍ୟ : ଆମେ କିପରି ସେହି ଦେହାଶ୍ରୟୀ ଭୌତିକ ଚେତନାରୁ ବାହାରି ଆସିପାରିବୁ ଯାହା ଆମକୁ ସବୁ ସମୟରେ କର୍ମବ୍ୟସ୍ତ ଏବଂ ପୂରାପୂରି ଭୌତିକ ପରିସ୍ଥିତି ସହ ବାନ୍ଧି ହୋଇ କର୍ମ ବ୍ୟସ୍ତ ରଖୁଛି ?*

ଶ୍ରୀମା : ଏଥିପାଇଁ ଅନେକଗୁଡ଼ିଏ ମାର୍ଗ ରହିଛି । କେତେକ ମାର୍ଗ ହେଉଛି ବୁଦ୍ଧିପ୍ରଧାନ, ଆଉ କେତେକ ମାର୍ଗକୁ ଭାବାବେଗପ୍ରଧାନ ବୋଲି କୁହାଯାଇପାରେ, କଳାତ୍ମକ ମାର୍ଗ ଓ ଆଧ୍ୟାତ୍ମିକ ମାର୍ଗସବୁ ମଧ୍ୟ ରହିଛି । ଏବଂ ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତି ପାଇଁ ସେହି ମାର୍ଗହିଁ ଗ୍ରହଣ କରିବା ବାଞ୍ଛନୀୟ ଯାହା ତା' ପାଇଁ ସବୁଠୁ ସହଜ, କାରଣ, ଯଦି ଜଣେ ସବୁଠୁ କଠିନ ପଥକୁ ସିଧା ବାଛି ନେଇ ତା'ର ଯାତ୍ରାରମ୍ଭ କରେ, ତା'ହେଲେ ସେ କେଉଁଠି ମଧ୍ୟ ପହଞ୍ଚି ପାରିବ ନାହିଁ । ଏବଂ ଆମେ ଏଠାରେ ସେହି ଗୋଟିଏ ଜିନିଷକୁ ଫେରିଆସୁ, ଯାହା ଶ୍ରୀଅରବିନ୍ଦ ତାଙ୍କ 'ଯୋଗସମନ୍ୱୟ' ପୁସ୍ତକରେ ବର୍ଣ୍ଣନା କରିଛନ୍ତି, ଜ୍ଞାନର ମାର୍ଗ, ଭକ୍ତିର ମାର୍ଗ ବା କର୍ମର ମାର୍ଗ । କିନ୍ତୁ କର୍ମର ମାର୍ଗ ହେଉଛି ବାସ୍ତବରେ ସେହି ମାର୍ଗ ଯାହା ତୁମକୁ ଭୌତିକ ଜୀବନ ଭିତରେ ରଖୁଥାଏ ଏବଂ ତାହାରି ଭିତରେହିଁ ତୁମେ ତୁମର ମୁକ୍ତିର ସନ୍ଧାନ ପାଅ; ବୋଧହୁଏ ଏହାହିଁ ସବୁଠୁ ଅଧିକ ଫଳପ୍ରଦ ମାର୍ଗ କିନ୍ତୁ ସବୁଠୁ କଠିନ ।

ଅଧିକାଂଶ ଅଭୀପ୍ସୁଙ୍କ ପାଇଁ ଧ୍ୟାନ ଓ ଏକାଗ୍ରତାର ମାର୍ଗ, ସ୍ଥୂଳ ଜୀବନରୁ ପ୍ରତ୍ୟାହାର, ଦେହାଶ୍ରୟୀ ଭୌତିକ କ୍ରିୟା-କଳାପଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାର ମାର୍ଗ ନିଶ୍ଚିତରୂପେ କର୍ମ ମାର୍ଗଠାରୁ ଅଧିକତର ସହଜ । କିନ୍ତୁ ସେମାନେ ସେମାନଙ୍କର ଭୌତିକ ଚେତନାରେ କୌଣସି ପରିବର୍ତ୍ତନ ନ ଆଣି ତାହାକୁ ସେହିପରି ରହିବାକୁ ଛାଡ଼ି ଦିଅନ୍ତି, ଏବଂ ଜଣେ ଯଦି ସମସ୍ତ ସକ୍ରିୟ ଜୀବନକୁ ପରିତ୍ୟାଗ କରିଥିବା ଏକ ସାଧୁ ବା ସନ୍ନ୍ୟାସୀରେ ପରିଣତ ନ ହୁଏ ବା ନିରନ୍ତର ଧ୍ୟାନ ବା ଏକାଗ୍ରତାର ଅବସ୍ଥାରେ ରହି ନ ପାରେ, ତା'ହେଲେ ସେ ଆଦୌ କିଛି ପାଇ ପାରିବ ନାହିଁ । ଅର୍ଥାତ୍ ସତ୍ତାର ସମଗ୍ର ଗୋଟିଏ ଅଂଶ ଆଦୌ ରୂପାନ୍ତରିତ ହୋଇ ପାରିବ ନାହିଁ । ଏବଂ ସେମାନଙ୍କ ପାଇଁ ତାହାକୁ ରୂପାନ୍ତରିତ କରିବା ଆଦୌ ଏକ ସମାଧାନ ନୁହେଁ, ସେମାନଙ୍କର ଲକ୍ଷ୍ୟ ହେଲା ତାହାକୁ ବର୍ଜନ କରିବା, ଯେତେ ଶୀଘ୍ର ସମ୍ଭବ ନିଜ ଶରୀରରୁ ବାହାରି ଆସିବା । ପୂର୍ବେ, ଯୋଗ ସଂପର୍କରେ ଏହିପରିହିଁ ଧାରଣା କରାଯାଇ ଥିଲା । କିନ୍ତୁ ଏହା ଆମର ଲକ୍ଷ୍ୟ ନୁହେଁ ।

ଆମେ ଯାହା ଚାହୁଁ ତାହା ହେଉଛି ଭୌତିକ ଚେତନାର ପ୍ରତ୍ୟାଖ୍ୟାନ ନୁହେଁ, ତାହାର ରୂପାନ୍ତର ।

ସୁତରାଂ ଏହି କ୍ଷେତ୍ରରେ ଶ୍ରୀଅରବିନ୍ଦ ଯାହାକୁ ସବୁଠୁ ସିଧା ଓ ସବୁଠୁ ସଂପୂର୍ଣ୍ଣ ମାର୍ଗ ରୂପେ ଦର୍ଶାଇଛନ୍ତି ତାହା ହେଉଛି

ଭଗବାନଙ୍କ ପାଖରେ ସମର୍ପଣ, ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ ଭାବେ ହେଉଥିବା ଏକ ସମର୍ପଣ, ଦେହାଶ୍ରୟୀ ଭୌତିକ ଚେତନା ଏବଂ ଭୌତିକ କାର୍ଯ୍ୟକଳାପକୁ ଗ୍ରହଣ କରି କ୍ରମଶଃ ଅଗ୍ରସର ହେଉଥିବା ଏକ ସମର୍ପଣ । ଏବଂ ଜଣେ ଯଦି ଏଥିରେ ସଫଳ ଓ କୃତକାର୍ଯ୍ୟ ହୁଏ ତେବେ ଯାହାକିଛି ଭୌତିକ, ତାହା ଏ ଦିଗରେ ଏକ ପ୍ରତିବନ୍ଧକ ହେବା ପରିବର୍ତ୍ତେ ସହାୟକ ହୋଇଥାଏ ।

*ଶିଷ୍ୟ : ଏହି ବାକ୍ୟଟିର ଅର୍ଥ କ'ଣ ? –''ଅନ୍ତରାତ୍ମାର ଆନ୍ତର ସାମର୍ଥ୍ୟ ନେଇ ଜୀବନକୁ ସିଧା ଅନାଅ ଏବଂ ପରିସ୍ଥିତିର ପ୍ରଭୁ ହୁଅ ।''*

ଶ୍ରୀମା : ଏହା ହେଉଛି ସେହି ପଦ୍ଧତିର ଠିକ୍ ବିପରୀତ, ଯାହା ସମଗ୍ର ଭୌତିକ ଚେତନାକୁ ଓ ସମସ୍ତ ଭୌତିକ ଘଟଣାବଳୀକୁ ତ୍ୟାଗ କରିଦିଏ । ''ଜୀବନକୁ ସିଧା ଅନାଅ''ର ଅର୍ଥ ହେଉଛି ଏହାକୁ ପୃଷ୍ଠ ପ୍ରଦର୍ଶନ କର ନାହିଁ । ଏହାର ଅର୍ଥ ହେଉଛି ଏହାଠାରୁ ଦୂରକୁ ପଳାୟନ କରିବା ପରିବର୍ତ୍ତେ ଏହାର ସମ୍ମୁଖୀନ ହୁଅ ଓ ତୁମର ଆନ୍ତର ଚୈତ୍ୟଶକ୍ତିକୁ ଆହ୍ୱାନ କର ତୁମକୁ ସାହାଯ୍ୟ କରିବା ପାଇଁ – ଏହାକୁହିଁ ଶ୍ରୀଅରବିନ୍ଦ କହିଛନ୍ତି ''ଅନ୍ତରାତ୍ମାର ଆନ୍ତର ସାମର୍ଥ୍ୟ'', ଆନ୍ତର ଚୈତ୍ୟଶକ୍ତି – ଏବଂ ଚୈତ୍ୟ ଚେତନାର ଏହି ସାହାଯ୍ୟ ନେଇ ପରିସ୍ଥିତିର ଊର୍ଦ୍ଧ୍ୱକୁ ଉଠିଯାଅ ଏବଂ ତାହାର ପ୍ରଭୁ ହୁଅ । ଅର୍ଥାତ୍ ଯାହା କିଛି ଆସିଥାଏ, ସେଗୁଡ଼ିକର ଆଧୀନ୍ୟ ବା ବଶତା ସ୍ୱୀକାର ନ କରି ଏବଂ ତହିଁରୁ ଉପୁଜୁଥିବା ସମସ୍ତ ଦୁର୍ଭୋଗର ଫଳଭୋଗ ନ କରି, ଜଣେ ପରିସ୍ଥିତିର ଊର୍ଦ୍ଧ୍ୱକୁ ଉଠିଯାଏ ଏବଂ ସେଗୁଡ଼ିକ ତାକୁ ସ୍ପର୍ଶ ନ କରି ବା ତା'ର ଚେତନାର କୌଣସି କ୍ଷତି ନ ଘଟାଇ ସେହିପରି ଆସି ଚାଲିଯିବାକୁ ଛାଡ଼ିଦିଏ । ଏହାହିଁ ହେଉଛି ସେହି ବାକ୍ୟର ଅର୍ଥ । ❖

ଭୌତିକ ସ୍ତରରେ ସୌନ୍ଦର୍ଯ୍ୟ ମଧ୍ୟ ଦେଇ, ମାନସିକ ସ୍ତରରେ ଜ୍ଞାନ ମଧ୍ୟ ଦେଇ, ପ୍ରାଣିକ ସ୍ତରରେ ଶକ୍ତି ମଧ୍ୟ ଦେଇ ଏବଂ ଚୈତ୍ୟସ୍ତରରେ ପ୍ରେମ ମଧ୍ୟ ଦେଇ ଭଗବାନ୍ ନିଜକୁ ଅଭିବ୍ୟକ୍ତ କରନ୍ତି ।

ଆମେ ଯେତେବେଳେ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିଯାଉ ସେତେବେଳେ ଆମେ ଦେଖୁ ଯେ ସେହି ସ୍ତରରେ ଏହି ଚାରିଟି ଯାକ ବିଭାବ ପରସ୍ପର ଭିତରେ ମିଳାଇ ଏକ ହୋଇ ଯାଆନ୍ତି ଏବଂ ତାହାହିଁ ହୋଇଉଠେ ଏକ ଅଦ୍ୱୈତ, ଜ୍ୟୋତିର୍ମୟ, ଶକ୍ତିଶାଳୀ, ସୁନ୍ଦର, ସବୁକୁ ଧାରଣ କରିଥିବା ଓ ସବୁ ଭିତରେ ବ୍ୟାପ୍ତ ହୋଇଥିବା ଏକ ପ୍ରେମମୟ ଦିବ୍ୟ-ଚେତନା ।

କେବଳ ବିଶ୍ୱଲୀଳା ନିମନ୍ତେ ଏହି ଅଦ୍ୱୈତ ଦିବ୍ୟ-ଚେତନା ନିଜକୁ ବିଭକ୍ତ କରିଥାଏ ଅଭିବ୍ୟକ୍ତିର ବିଭିନ୍ନ ଧାରା ବା ବିଭାବ ଆକାରରେ ।

*

ଭଗବତ୍ ଚେତନା ଏଠାରେ ଏହି ସମସ୍ତ ସତ୍ତାଙ୍କ ଭିତରେ କ୍ରିୟା କରୁଛି, ସେମାନଙ୍କୁ ଏହି ସମସ୍ତ ଅଭିବ୍ୟକ୍ତି ଭିତର ଦେଇ ପ୍ରସ୍ତୁତ କରୁଛି । ଆଜି ଏହା ଆଗକାର ସମସ୍ତ କ୍ରିୟା ଅପେକ୍ଷା ଆହୁରି ଅଧିକ ଶକ୍ତିଶାଳୀ ହୋଇ ଏଠାରେ, ଏହି ପୃଥିବୀପୃଷ୍ଠରେ କ୍ରିୟାରତ ।

୨୯ ଜାନୁଆରି ୧୯୩୫

*

ମୁଁ କହିପାରେ ଭଗବାନ୍ ଯେ ଅଭିବ୍ୟକ୍ତ ହେଉଛନ୍ତି ସେ ସମ୍ପର୍କରେ ପୃଥିବୀ ସଚେତ ହେଉ ।

୮ ଅପ୍ରେଲ ୧୯୩୫ — ଶ୍ରୀମା

# ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ

## ଶ୍ରୀମା

*ପ୍ରଶ୍ନ : ଆପଣ 'ଧ୍ୟାନ ଓ ପ୍ରାର୍ଥନା'ର ଅଗଷ୍ଟ ୨୦, ୧୯୧୪ରେ ଲେଖିଛନ୍ତି, ''ଏକାନ୍ତ ସରଳ ଭାବରେ ପୁନର୍ବାର ସେହି ପଥ ଧରି ଚାଲିବାକୁ ହେବ, ଯେପରି ଆମ୍ଭେମାନେ କେବେ ବି ସେହି ପଥରେ ପୂର୍ବରୁ ଯାତ୍ରା କରି ନାହୁଁ – ଏହାହିଁ ଯଥାର୍ଥ ଶୁଦ୍ଧି, ପୂର୍ଣ୍ଣ ଆନ୍ତରିକତା, ଯାହା ଆଣିଦିଏ ଅବାଧ ଉନ୍ନତି, ଅଖଣ୍ଡ ଅଭିବୃଦ୍ଧି ଏବଂ ପରିପୂର୍ଣ୍ଣତା ।''*

*ଏହାର ପ୍ରକୃତ ଅର୍ଥ କ'ଣ ?*

ଶ୍ରୀମା : ସାଧନାର ପଥରେ ଯେତେବେଳେ ବ୍ୟକ୍ତି ତା'ର ପ୍ରତିଷ୍ଠିତ ଚେତନାର ଊର୍ଦ୍ଧ୍ୱକୁ ଉଠିଯିବାକୁ ଚାହେଁ, ସେତେବେଳେ ତାକୁ ପ୍ରତ୍ୟେକ ଥର ନୂଆ କରି ଚାଲିବାକୁ ହେବ, ଯେପରି ସେ ପଥରେ ସେ ପୂର୍ବରୁ କେବେ ବି ପାଦ ବଢ଼ାଇ ନାହିଁ । ଅବଶ୍ୟ ମୁଁ ଏଠାରେ ଆନ୍ତର ଜଗତର କଥାହିଁ କହୁଛି । ପ୍ରତିଥରହିଁ ନୂଆ କରି ସମର୍ପଣ କରିବାକୁ ହେବ ।

ସାଧାରଣତଃ ଦେଖାଯାଏ, ବ୍ୟକ୍ତି କିଛିଟା ସାଧନା କରେ । ବେଶ୍ ଗୋଟାଏ ଶାନ୍ତି, ନିରବ ନୈର୍ବ୍ୟକ୍ତିକ ଉପଲବ୍ଧିର ଅବସ୍ଥା ଲାଭ କରେ, ଆଉ ତା'ପରେ ସେଇଠାରେହିଁ ଅଟକି ଯାଏ । ଧ୍ୟାନ-ଧାରଣା ଦ୍ୱାରା ଅଭ୍ୟାସଗତ ଭାବରେ ପ୍ରତିଥର ସେଇପର୍ଯ୍ୟନ୍ତ ଯାଇ ଫେରିଆସେ । ଏହିପରି ଲୋକମାନେ ଖୁବ୍ ବଡ଼ ବଡ଼ କଥା କହନ୍ତି, ଶିକ୍ଷା ଦୀକ୍ଷା ଦିଅନ୍ତି, ମନୁଷ୍ୟକୁ ଆଧ୍ୟାତ୍ମିକ ପଥର ନିର୍ଦ୍ଦେଶ ଦିଅନ୍ତି । ହୁଏତ ଆରମ୍ଭ ଅବସ୍ଥାରେ ସେମାନେ ଯାହା କୁହନ୍ତି ସେଗୁଡ଼ିକ ସେମାନଙ୍କ ଯଥାର୍ଥ ଉପଲବ୍ଧି ଦ୍ୱାରା ପାଇ ଥାଆନ୍ତି । କିନ୍ତୁ ଉପଲବ୍ଧିକୁ ଆହୁରି ଆଗେଇ ଯିବାକୁ ନ ଦେଲେ, ତାହା ଅଚଳ ଏକ ଅବସ୍ଥା ସୃଷ୍ଟି କରେ; ସେତେବେଳେ ସେହି ଗୋଟିଏ କଥାର ଅସଂଖ୍ୟବାର ପୁନରାବୃତ୍ତି କରିବା ଦ୍ୱାରା କୌଣସି ଫଳ ହୁଏ ନାହିଁ । ଏପରି ଦୃଶ୍ୟ ବିରଳ ନୁହେଁ ଯେ ମନୁଷ୍ୟମାନେ ଆଖି ବୁଜି ଅନେକ ସମୟ ଧ୍ୟାନରେ ବସନ୍ତି, ପ୍ରାୟ ସମାଧିସ୍ଥ ହୋଇ ରହିଥାଆନ୍ତି । ଅଭ୍ୟାସ କଲେ ଏହି ଭାବରେ ବେଶ୍ ବସି ହେବ ଏବଂ ବେଶ୍ ଗୋଟାଏ ଭାବବିଭୋର ଶାନ୍ତି ଭିତରେ ବୁଡ଼ି ରହି ହେବ । କିନ୍ତୁ ବାସ୍, ଏହି ପର୍ଯ୍ୟନ୍ତହିଁ । ତଦ୍ୱାରା ଯଥାର୍ଥ ଫଳପ୍ରଦ କାର୍ଯ୍ୟ କିଛି ହୁଏ ନାହିଁ । ଚେତନାର କ୍ରମବିକାଶ ଓ ତା'ର ରୂପାନ୍ତର କୌଣସି ଭାବରେ ହୋଇପାରେ ନାହିଁ, ଯଦି ବ୍ୟକ୍ତି ଏହି ଭାବରେ ଚିରକାଳ କଳକଣ୍ଢେଇ ପରି ଚାଲେ ।

ପ୍ରତ୍ୟେକଥରହିଁ ସବୁକିଛି ଝାଡ଼ି ଫୋପାଡ଼ିଦେଇ ନୂଆ କରି ପୁଣି ଆରମ୍ଭ କରିବାକୁ ହେବ । ଯେପରି ସାଧା ପୃଷ୍ଠାଟିକୁ ପୁଣି ଖୋଲି ଦେବାକୁ ହୁଏ ତହିଁରେ ନୂତନ ଭାଗ ପକାଇବାକୁ ହେଲେ । ତା'ହେଲେ ଯାଇ ନୂତନ ଇଙ୍ଗିତ, ନୂତନ ଉପଲବ୍ଧି, ନୂତନ ଚେତନା ମିଳିବ । ହୁଏତ ଏପର୍ଯ୍ୟନ୍ତ ମନୁଷ୍ୟ ଯାହା ପାଇ ଆସିଛି ତା'ର ସମ୍ପୂର୍ଣ୍ଣ ଓଲଟା ହୋଇପାରେ, ଏପରି କିଛିକୁ, ସେହି ନୂତନକୁ ସେତେବେଳେ ଗ୍ରହଣ କରିବାକୁ ହେବ, ପୁରୁଣାକୁ ବାଦ୍ ଦେଇ । ଚିର-ତାରୁଣ୍ୟ ଲାଭର ଏହାହିଁ ହେଲା ଏକମାତ୍ର ନିଗୂଢ଼ କୌଶଳ । ଅବଶ୍ୟ ଦେହରେ ତାରୁଣ୍ୟକୁ ଚିରକାଳ ବଜାୟ ରଖିବା କଥା ମୁଁ କହୁ ନାହିଁ; ତା'ର କାରଣ ମନୁଷ୍ୟର ଅନନ୍ତ କାଳର ସଂସ୍କାର ହେତୁ ସେ ପ୍ରତି ପଦରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟର ଅକ୍ଷମତାକୁହିଁ ମନରେ ଓ ପ୍ରାଣରେ ମାନିନେଇ ଚାଲେ । ଦେହ ଯଦି ମନର ଏବଂ ପ୍ରାଣର ଏହି ସଂସ୍କାରଗତ ଦୌରାତ୍ମ୍ୟ ହାତରୁ ନିଷ୍କୃତି ପାଆନ୍ତା, ସେ ଯଦି ନିଜେ ସ୍ୱାଧୀନ ଭାବ ଓ ପ୍ରେରଣା ଅନୁଯାୟୀ ଚାଲି ପାରନ୍ତା, ତା'ହେଲେ ଦେହର ମଧ୍ୟ ଚିର-ତାରୁଣ୍ୟ ଲାଭକରିବା ସହଜ ହୁଅନ୍ତା । ବର୍ତ୍ତମାନ ସେଇ ଅଭ୍ୟାସ ଓ ଚେଷ୍ଟା କରିବା ଦିଗରେହିଁ ଯତ୍ନ କରିବା ଆମର ଲକ୍ଷ୍ୟ, ତେବେ ସଙ୍ଗେ ସଙ୍ଗେ ଫଳ ପାଇବାର ସମ୍ଭାବନା କମ୍ । କିନ୍ତୁ ମାନସିକ ଭାବରେ ଓ ପ୍ରାଣସ୍ତରରେ ଏହି ଚିର-ତାରୁଣ୍ୟ ଲାଭ କରାଯାଇପାରେ ସବୁ ସମୟରେ । ନିରନ୍ତର ନବ ନବ ଚେତନା ପଥରେ ଆଗେଇ ଯିବା, ପୁରୁଣା ଯେତେ ଅନୁଭୂତିର ସ୍ତୂପକୁ ଗୋଟିଏ ପଟେ ଫୋପାଡ଼ି ଦେଇ ନୂତନ ଦିଗରେ ଆଗେଇ ଯିବା, ଏହାହିଁ ହେଲା କୌଶଳ । ମନଗଢ଼ା ଯେତେ ଅନୁଭୂତି ସେଗୁଡ଼ିକ ହେଉଛି ଧୂଳି ଭଳି । ସେସବୁର ଯଥାର୍ଥ ମୂଲ୍ୟ ବା ସ୍ଥାୟୀ ମୂଲ୍ୟ କିଛିହିଁ ନାହିଁ ।

ମୋ ନିଜର ଗୋଟିଏ ଅନୁଭୂତି ବିଷୟ କହିବି, ଶୁଣ । ଥରେ ମୁଁ ଚେଷ୍ଟା କରିଥିଲି ଯେ ସବୁ ଭୁଲିଯାଇ ନୂତନ ଭାବରେ

ଜୀବନର ଅଭିଜ୍ଞତା ଲାଭକରିବା ପାଇଁ, ଏକେବାରେ ଆରମ୍ଭରୁ । ଆଣ୍ଠୁରେ ଗୋଟାଏ ପ୍ରକାର ବେଦନା ହେଉଥିବାରୁ ଚଲାବୁଲା କରିବା କିଛି ଦିନ ବନ୍ଦ ହୋଇଥିଲା, ସେଇ ସୁଯୋଗରେ ମୁଁ ଏହି ଅଭିଜ୍ଞତା ଅର୍ଜନ ପାଇଁ ଚେଷ୍ଟା କରିଥିଲି । ଫଳରେ ଏପରି ଏକ ଅବସ୍ଥା ଆସିଲା ଯେ ମୁଁ ଭୁଲିଗଲି କିପରି ଖାଇବାକୁ ହୁଏ, କିପରି ଚାଲିବାକୁ ହୁଏ । ପୂରାପୂରି ଶିଶୁଙ୍କ ଭଳି ପୁଣି ଥରେ ଖାଇବା ପାଇଁ ଶିଖିବାକୁ ହେଲା ଏବଂ ପ୍ରାୟ ଅଧଘଣ୍ଟା ଧରି ଚେଷ୍ଟା କରି ତା'ପରେ ଯାଇ ଚାଲିବାର ଅଭ୍ୟାସ ଫେରି ପାଇଲି । ଅବଶ୍ୟ ଏହି ଭାବରେ ଏହି ଧରଣର ଅଭିଜ୍ଞତା ସର୍ବଦା କରାଯାଏ ନାହିଁ, ମୋର ଏହି ପ୍ରତ୍ୟକ୍ଷ ଅନୁଭୂତି ହୋଇଥିଲା ।

ତେବେ ଚେଷ୍ଟା କରାଯାଇପାରେ । ଚେତନାକୁ ସମ୍ପୂର୍ଣ୍ଣ ନୂତନ ଭାବେ ଲାଭ କରିବା ପାଇଁ ସବୁ ପ୍ରକାରର ପୁରୁଣା ଧାରଣାକୁ ପୋଛି ନିଶ୍ଚିହ୍ନ କରିଦେବା ଦରକାର, ସବୁ ନୂତନ କରି ପାଇବା ଦରକାର । ବଦ୍ଧମୂଳ ଧାରଣା ପ୍ରତି କୌଣସି ପ୍ରକାରର ଆସକ୍ତି ରହିଲେ ଚଳିବ ନାହିଁ । ଚେତନାର ବିସ୍ତାର ଯାହାର ବିଶାଳ ହୋଇଥାଏ, ତା' ପକ୍ଷରେ ଇଚ୍ଛା ମାତ୍ରକେ ଏହି ଅବସ୍ଥା ଲାଭ ହୋଇଥାଏ । ❖

ନିମ୍ନ ପ୍ରକୃତି ଓ ତା'ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖିପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେକରି, କେବଳ ସେଇଥିରେ ମନୋନିବେଶ କରି ଲାଗିରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା'ର ନିମ୍ନ ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ପାଇଁ ଅପେକ୍ଷା କରେ, ତା'ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି, ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍‌କ୍ଷଣାତ୍ ଭାବରେ ଆସେ ନାହିଁ, ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖ ପାଖ ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା'ନ୍ତି । — ଏହାହିଁ ସାଧନାର ସାଧାରଣ ମାର୍ଗ ।

— ଶ୍ରୀଅରବିନ୍ଦ

# ଭାରତର ଅନ୍ତର୍ଶକ୍ତି ଓ ଭବିଷ୍ୟତ୍

## ଶ୍ରୀଅରବିନ୍ଦ

### ଭାରତର ଜାଗ୍ରତ୍ ଶକ୍ତି :

ଯୁଗ-ଯୁଗର ଭାରତ ମୃତ ନୁହେଁ କିଂବା ସେ ତାହାର ଅନ୍ତିମ ସୃଜନୀ ବାଣୀ ପ୍ରକାଶ କରିସାରିଛି, ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି । ଏବଂ ବର୍ତ୍ତମାନ ଜାଗ୍ରତ୍ ହେବା ପାଇଁ ତାକୁ ଯେଉଁ ଆଦର୍ଶର ସନ୍ଧାନ କରିବାକୁ ହେବ ତାହା ଏକ ଇଂରାଜୀଭାବାପନ୍ନ ପ୍ରାଚ୍ୟ ମାନବ ନୁହେଁ, ପାଶ୍ଚାତ୍ୟର ଆଜ୍ଞାଧୀନ ଛାତ୍ର ନୁହେଁ, ଏବଂ ପାଶ୍ଚାତ୍ୟର ସଫଳତା ଓ ବିଫଳତାର ଭାଗ୍ୟଚକ୍ରକୁ ପୁନରାବୃତ୍ତି କରିଚାଲିବା ତାହା ସକାଶେ ବିଧିନିର୍ଦ୍ଦିଷ୍ଟ ନୁହେଁ, ବରଂ ଅଦ୍ୟାପି ତାହାର ପ୍ରାଚୀନ ସ୍ମରଣାତୀତ ଶାଶ୍ୱତୀ ଶକ୍ତିର ଗଭୀରତମ ଆତ୍ମା ପୁନରୁତ୍‌ଥିତ ହେଉଛି, ଜ୍ୟୋତିଃ ଓ ଶକ୍ତିର ପରମ-ଉତ୍ସ ଦିଗରେ ତାହାର ମସ୍ତକ ଉତ୍ତୋଳନ କରୁଛି ଏବଂ ତାହାର ସନାତନ ଧର୍ମର ସମ୍ପୂର୍ଣ୍ଣ ଅର୍ଥ ଓ ବୃହତ୍ତର ସ୍ୱରୂପକୁ ଆବିଷ୍କାର କରିବା ନିମିତ୍ତ ପ୍ରବୃତ୍ତ ହେଉଛି ।

(*The Foundation of Indian Culture*)

### ଭାରତମାତା :

ଭାରତମାତା ଏକ ମୃତ୍ତିକାଖଣ୍ଡ ନୁହନ୍ତି, ସେ ଏକ ଶକ୍ତି, ଏକ ଦେବୀ, କାରଣ ପ୍ରତ୍ୟେକ ଜାତିର ପଶ୍ଚାତ୍‌ରେ ଏକ ଦେବୀ (ଦିବ୍ୟଶକ୍ତି) ବିଦ୍ୟମାନ ଯେ ଜାତିର ପୃଥକ୍ ଅସ୍ତିତ୍ୱ ଓ ସତ୍ତାକୁ ଧାରଣ କରି ରଖନ୍ତି । ଏପରି ସତ୍ତାସକଳ ଖୁବ୍ ବାସ୍ତବ, ଏପରିକି ଯେଉଁ ମନୁଷ୍ୟମାନଙ୍କୁ ଏମାନେ ପ୍ରଭାବିତ କରନ୍ତି ସେମାନଙ୍କଠାରୁ ଅଧିକ ବାସ୍ତବ ଏବଂ ଚିରନ୍ତନ । କିନ୍ତୁ ଏହିସବୁ ସତ୍ତା ଊର୍ଦ୍ଧ୍ୱଲୋକର ଅନ୍ତର୍ଭୁକ୍ତ ଏବଂ ବିଶ୍ୱଗତ ଚେତନା ଓ ସତ୍ତାର ଅଂଶବିଶେଷ ଏବଂ ଏମାନେ ସେମାନଙ୍କ ପ୍ରଭାବ ବିସ୍ତାର କରି ମାନବ-ଚେତନାକୁ ଗଢ଼ିତୋଳି ଏଠାରେ ଏହି ପୃଥିବୀ ପୃଷ୍ଠରେ କାର୍ଯ୍ୟ କରନ୍ତି । ଅବଶ୍ୟ ଯେଉଁ ବ୍ୟକ୍ତି କାର୍ଯ୍ୟ-ସାଧନରେ କେବଳ ତାହାର ବ୍ୟକ୍ତିଗତ, ଦେଶଗତ ବା ଜାତିଗତ ଚେତନାକୁ ଦେଖେ ଏବଂ ଯେଉଁ ଶକ୍ତି ଏହାକୁ ପ୍ରଭାବିତ କରେ ଏବଂ ଗଢ଼ିତୋଳେ, ତାହାକୁ ଦେଖେ ନାହିଁ, ତାହା ପକ୍ଷରେ ଚିନ୍ତା କରିବା ସ୍ୱାଭାବିକ ଯେ ତାହାର ନିଜ ଶକ୍ତି ଦ୍ୱାରା ସବୁକିଛି ସୃଷ୍ଟ ଏବଂ ଏହା ପଶ୍ଚାତ୍‌ରେ କୌଣସି ବିଶ୍ୱଗତ ବା ବୃହତ୍ତର ଶକ୍ତି ବିଦ୍ୟମାନ ନାହିଁ ।

(*Letters of Sri Aurobindo, Ist series*)

### ଭାରତର ନବ ଜାଗରଣ :

ଭାରତର ଏହି ପୁନର୍ଜାଗରଣ, ଏହି ନବଜନ୍ମ ଯଦି ବାସ୍ତବରେ ଘଟେ, ତେବେ ଏହା ଭାରତ ତଥା ସମଗ୍ର ଜଗତ୍ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ; ଭାରତ ସକାଶେ ଏହି ଦୃଷ୍ଟିରୁ ଯେ ତାହାର ଚିରନ୍ତନ ଆତ୍ମା ଓ ଜାତୀୟ ଆଦର୍ଶ କହିଲେ ଯାହାକିଛି ବୁଝାଏ ସେସବୁର ପୁନରୁତ୍‌ଥାନ ଓ ପରିବର୍ତ୍ତନ ହେବ । ପୃଥିବୀ ନିମିତ୍ତ ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ଏହାଫଳରେ ଏକ ଅଭିନବ ଶକ୍ତିର ଅଭ୍ୟୁଦୟ ଘଟିବ ଯାହାକି ପୃଥିବୀକୁ ଓ ମାନବସମାଜକୁ ଏପର୍ଯ୍ୟନ୍ତ ନିୟନ୍ତ୍ରିତ କରୁଥିବା ଇଦାନୀନ୍ତନ ମାନସିକ ଓ ଆଧାତ୍ମିକ ଧାରାଠାରୁ ବହୁ ଭାବରେ ଭିନ୍ନ ହେବ ଯଦିଓ ତାହା ଭବିଷ୍ୟତକୁ ପରିଚାଳିତ କରିବାକୁ ପ୍ରସ୍ତୁତ ହେଉଥିବା ଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୁହେଁ ।

(*The Renaissance in India*)

### ଭାରତ-ଭାଗ୍ୟାକାଶର ଉଦୀୟମାନ ସୂର୍ଯ୍ୟ :

ଭାରତୀୟମାନଙ୍କର ଏହି ଦୃଢ଼ବିଶ୍ୱାସ ରହିବା ଆବଶ୍ୟକ ଯେ ଭାରତର ଉତ୍‌ଥାନ ହେବ ଏବଂ ଏହା ମହାନ୍ ହୋଇ-ଉଠିବ । ଯାହାକିଛି ଘଟିଯାଇଛି,– ପ୍ରତ୍ୟେକ ବାଧା-ବିଘ୍ନ, ପ୍ରତ୍ୟେକ ଓଲଟ-ପାଲଟ – ସେସବୁ ସହାୟକ ହେବ ଏବଂ ପରିଣାମ ଦିଗରେ ଅଗ୍ରସର କରାଇବ । ପ୍ରବୃତ୍ତି ଊର୍ଦ୍ଧ୍ୱମୁଖୀ ହୋଇଛି ଏବଂ କ୍ଷୟମୁଖୀ କାଳର ଅବସାନ ଘଟିଛି । ପ୍ରଭାତ ଆସନ୍ନ ଏବଂ ଆଲୋକ ଦୃଶ୍ୟମାନ । ପୁନଶ୍ଚ ରାତ୍ରିର ଆଗମନ ଅସମ୍ଭବ । ଅତି ଶୀଘ୍ର ଉଷା ଅତୀତ ହେବ ଏବଂ ଦିଗ୍‌ବଳୟରେ ସୂର୍ଯ୍ୟର ଉଦୟ ହେବ । ଭାରତ-ଭାଗ୍ୟାକାଶର ସୂର୍ଯ୍ୟ ଶୀଘ୍ର ଉଦିତହୋଇ ତାହାର

ଆଲୋକ ଦ୍ୱାରା ସମଗ୍ର ଭାରତକୁ, ଏସିଆକୁ ତଥା ସମଗ୍ର ଜଗତକୁ ପ୍ଲାବିତ କରିବ । ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ନିର୍ଦ୍ଧାରିତ ଦିବସର ଉଜ୍ଜ୍ୱଳତାକୁ ନିକଟତର କରାଇବ । — '*Speeches*'

## ମହାତ୍ମାମାନଙ୍କ ଚିରନ୍ତନ ଭୂମି :

ଅନେକ ବ୍ୟକ୍ତି ଏହି ମହାନ୍ ଏବଂ ପ୍ରାଚୀନ ଜାତିର ଅତୀତ ଗୌରବ ନିମିତ୍ତ ଖେଦୋକ୍ତି ପ୍ରକାଶ କରି କହନ୍ତି ଯେପରିକି ପ୍ରାଚୀନ ଋଷିଗଣ, ଚିନ୍ତାଧାରା ଓ ସଭ୍ୟତାର ପ୍ରଣୋଦିତ ସ୍ରଷ୍ଟାଗଣ ଆମମାନଙ୍କ ଅତୀତ ବୀରଯୁଗର ଅଲୌକିକ ସୃଷ୍ଟି ଥିଲେ ଏବଂ ସେମାନେ ଆମମାନଙ୍କ ଅଧଃପତିତ ମାନବସମାଜ ମଧ୍ୟରେ ଏବଂ ବର୍ତ୍ତମାନର ଦୁଃଖମୟ କାଳରେ ପୁନର୍ବାର ଜନ୍ମଗ୍ରହଣ କରିବେ ନାହିଁ । ଏହା ଯେ ଭ୍ରମ ଧାରଣା — କେବଳ ଥରେ ନୁହେଁ, ତିନିଥର କୁହାଯାଇପାରେ । ଆମ୍ଭମାନଙ୍କର ଦେଶ, ସମାଜ ଓ ଧର୍ମ ଚିରନ୍ତନ ଏବଂ ଆମମାନଙ୍କର ଶକ୍ତି, ମହାନତା, ପବିତ୍ରତା ବିଶେଷଭାବେ ମେଘାଚ୍ଛନ୍ନ ହୋଇପାରେ କିନ୍ତୁ କଦାପି, ଏପରିକି ଏକମୁହୂର୍ତ୍ତ ସକାଶେ ବି ସମ୍ପୂର୍ଣ୍ଣରୂପେ ଧ୍ୱଂସପ୍ରାପ୍ତ ହେବ ନାହିଁ । ବୀର, ଋଷି, ସାଧୁସନ୍ଥଗଣ ଆମ୍ଭମାନଙ୍କ ଭାରତ ଭୂମିର ସ୍ୱାଭାବିକ ସୃଷ୍ଟି ଏବଂ ଏପରି କୌଣସି ଯୁଗ ନାହିଁ ଯେତେବେଳେ ସେମାନେ ଜନ୍ମ ହୋଇ ନାହାନ୍ତି ।

(*Bankim-Tilak-Dayanand*)

## ଭବିଷ୍ୟତ୍ ଭାରତର ପ୍ରଭାବଶାଳୀ ପ୍ରବୃତ୍ତି :

ଯାହା ହେଉ ନା କାହିଁକି, ଗୋଟିଏ କଥା ନିଶ୍ଚିତ । ତାହା ଏହି ଯେ ଅତୀତ ପରି ଭବିଷ୍ୟତ୍‌ରେ ମଧ୍ୟ ଭାରତର ଜୀବନରେ ମୁଖ୍ୟ ଓ ମୌଳିକ ସ୍ୱର ହେବ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତା କହିଲେ କେବଳ ସୂକ୍ଷ୍ମତତ୍ତ୍ୱପରାୟଣତା କିଂବା କାର୍ଯ୍ୟ ତ୍ୟାଗକରି ସ୍ୱପ୍ନ ଦେଖିବାର ପ୍ରବୃତ୍ତିକୁ ବୁଝିବା ଠିକ୍ ନୁହେଁ । ପ୍ରାଚୀନ ଭାରତ ତାହାର ସାମର୍ଥ୍ୟପୂର୍ଣ୍ଣ ଗୌରବମୟ ଯୁଗରେ ଆଧ୍ୟାତ୍ମିକତାକୁ ଠିକ୍ ଏହି ଅର୍ଥରେ କେବେ ବି ଗ୍ରହଣ କରି ନାହିଁ । ୟୁରୋପ ଓ ୟୁରୋପୀୟଭାବରେ ପ୍ରଭାବାନ୍ୱିତ ଦଳେ ସମାଲୋଚକ ଯେତେ ଯାହା କହନ୍ତୁ ନା କାହିଁକି, ଆଧ୍ୟାତ୍ମିକତାକୁ ଭାରତ ଏହି କ୍ଷୁଦ୍ର ଅର୍ଥରେ ଗ୍ରହଣ କରିବ ନାହିଁ । ତତ୍ତ୍ୱଚିନ୍ତା ଭାରତୀୟ ମାନସଶକ୍ତିରେ ଏକ ପ୍ରଧାନ ବୃତ୍ତି ହୋଇ ରହିବ, ଏଥିରେ ସନ୍ଦେହ ନାହିଁ; ଆଶାକରାଯାଏ ଯେ ଏହି କ୍ଷେତ୍ରରେ ତାହାର ସମସ୍ତ ସାମର୍ଥ୍ୟ ଓ ପ୍ରତିଭା ସେ କଦାପି ହରାଇବ ନାହିଁ । କିନ୍ତୁ ୟୁରୋପ ଯାହାକୁ ତତ୍ତ୍ୱ-ଦର୍ଶନ (metaphysics) କହେ ଅର୍ଥାତ୍ ଜର୍ମାନୀ ଓ ଫରାସୀ ପଣ୍ଡିତମାନଙ୍କ ପରି କେବଳ ଉଜ୍ଜ୍ୱଳ, ଗଭୀର ଚିନ୍ତାସବୁର ବୟାନ ଅଥବା ଆଧୁନିକ ବୈଜ୍ଞାନିକମାନଙ୍କ ପରି ସ୍ଥୂଳ ଜଗତର କେତୋଟି ମାତ୍ର ବ୍ୟାପାରକୁ ଲକ୍ଷ୍ୟ କରି ତହିଁରୁ ସର୍ବସାଧାରଣ ଦର୍ଶନର ଗୋଟିଏ ସୂତ୍ର ବା ନିୟମ ନିଷ୍କାସନର ଚେଷ୍ଟା — ଏ ଦୁଇଟି ମଧ୍ୟରୁ କୌଣସିଟି ଭାରତର ତତ୍ତ୍ୱବିଦ୍ୟା କିଂବା ଦର୍ଶନର ସ୍ୱରୂପ ନୁହେଁ । ଭାରତର ଦାର୍ଶନିକ ତତ୍ତ୍ୱ ମୂଳରୁ ଚିରକାଳ ଥିଲା ବୁଦ୍ଧି ସାହାଯ୍ୟରେ ଆଧ୍ୟାତ୍ମିକ ଉପଲବ୍ଧିକୁ ଜାଣିବାର ଓ ନିକଟକୁ ଆଣିବାର ପ୍ରୟାସ । ଅବଶ୍ୟ ଶେଷବେଳକୁ ଏହି ଦାର୍ଶନିକ ତତ୍ତ୍ୱପରାୟଣତା ଜୀବନର ପରିସରରୁ ବହୁ ଦୂରକୁ ଘୁଞ୍ଚିଯାଇଥିଲା, କିନ୍ତୁ ମୂଳରୁ ତାହାର ପ୍ରକୃତି ଏଭଳି ନ ଥିଲା । ଆଦିକାଳର ବେଦାନ୍ତ ଅର୍ଥାତ୍ ଉପନିଷଦର ସେହି ସାକ୍ଷାତ୍‌ଜ୍ଞାନଲବ୍ଧ ତତ୍ତ୍ୱରେ ଆଧ୍ୟାତ୍ମିକତାର ଏହି ସ୍ୱରୂପ ମିଳେ ନାହିଁ ଏବଂ ପରବର୍ତ୍ତୀ କାଳରେ ଯେତେବେଳେ ଦେଖାଦେଲା ଚିନ୍ତାବୃତ୍ତିର ସଜୀବ, ସମର୍ଥ, ନୂତନ ସୃଷ୍ଟିର ଯୁଗ ସେତେବେଳେ — ଯେପରି ଗୀତାରେ ଦେଖାଯାଏ — ସେହି ଉପନିଷଦର ମୂଳ ସିଦ୍ଧାନ୍ତହିଁ ଅକ୍ଷୁଣ୍ଣ ରହିଛି । ବୌଦ୍ଧଦର୍ଶନହିଁ ଜୀବନକୁ ସର୍ବପ୍ରଥମେ ସନ୍ଦେହ ଚକ୍ଷୁରେ ଦେଖିବାକୁ ଆରମ୍ଭ କଲା । ବୌଦ୍ଧଧର୍ମ ଦାର୍ଶନିକ ସିଦ୍ଧାନ୍ତ ହିସାବରେ ଜୀବନକୁ ଅସ୍ୱୀକାର କରିବାକୁ ଚେଷ୍ଟା କରିଛି, କିନ୍ତୁ ସାଧନାରେ କାର୍ଯ୍ୟତଃ ପ୍ରୟୋଗ-କ୍ଷେତ୍ରରେ ଜୀବନକୁ ଧରି ଗତି କରିଛି, କେବଳ ତାକୁ ଗୋଟାଏ ନୂତନ ରୂପ ଓ ନବୀନ ଅର୍ଥ ଦେଇଛି । ବୌଦ୍ଧଧର୍ମ-ପ୍ରବର୍ତ୍ତିତ ସଦାଚାର ଓ ଆଧ୍ୟାତ୍ମିକ ସାଧନ-ପ୍ରଣାଳୀ ମନୁଷ୍ୟର ଜୀବନଯାତ୍ରାରେ ତପଶ୍ଚର୍ଯ୍ୟାର କଠୋର ସାମର୍ଥ୍ୟ ଆଣିଦେଇ-ଥିଲା ଏବଂ ତାହା ସହିତ ପୁଣି ମିଶାଇଥିଲା ପ୍ରେମର ଗୋଟାଏ କୋମଳ ଆଦର୍ଶ । ଏହି କାରଣରୁ ସମାଜ, ରାଷ୍ଟ୍ର ଓ ଜୀବନର ରହସ୍ୟକୁ ଯେଉଁ ଶିଳ୍ପକଳା ଅଭିବ୍ୟକ୍ତ କରେ, ତାହାଦ୍ୱାରା ବୌଦ୍ଧଯୁଗ ଏପରି ସୃଷ୍ଟିକ୍ଷମ ହୋଇ ପାରିଥିଲା । ଅଧ୍ୟାତ୍ମ-ସତ୍ୟକୁ ନିବିଡ଼ଭାବରେ ଉପଲବ୍ଧି କରିବା ଏବଂ ତାହା ସାହାଯ୍ୟରେ ଜୀବନକୁ ସଂଜୀବିତ ଓ ପୁନର୍ଗଠିତ କରିବା ହେଉଛି ଭାରତୀୟ ସ୍ୱଭାବର ସନାତନ ବୃତ୍ତି ଏବଂ ସ୍ୱାସ୍ଥ୍ୟ, ସାମର୍ଥ୍ୟ ଓ ମହତ୍ତ୍ୱର ସକଳ ଯୁଗରେ ଏହା ସେହି ଦିଗରେ ନିଶ୍ଚୟ ପ୍ରବୃତ୍ତ ହେବ ।

(*The Renaissance in India*)

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**ସାନ୍ଧ୍ୟ ବୈଠକ :**
**୩୦.୫.୧୯୨୩**

**(ଶ୍ରୀଅରବିନ୍ଦଙ୍କ ଏକ ସ୍ୱପ୍ନ ବୃତ୍ତାନ୍ତ)**

ଶ୍ରୀଅରବିନ୍ଦ : କେତେକ ସ୍ୱପ୍ନର ଅର୍ଥ ସ୍ପଷ୍ଟ ଓ ପ୍ରାଞ୍ଜଳ-ଭାବେ ମିଳିଯାଏ । ଗତକାଲି ମୁଁ ଗୋଟିଏ ସ୍ୱପ୍ନ ଦେଖିଲି :

ସ୍ୱପ୍ନରେ ଥିଲେ ଜଣେ ବିଜ୍ଞାନୀ ଓ ଜଣେ ଯାଦୁକର । ଦୁହେଁଯାକ ଗୋଟିଏ ଝିଅକୁ ବିଦେଶୀ ଶତ୍ରୁ କବଳରୁ ଉଦ୍ଧାର କରିବାକୁ ଚାହୁଁଛନ୍ତି । ଯାଦୁକରଟିର କିଛି ଐନ୍ଦ୍ରଜାଲିକ ଶକ୍ତି-କୌଶଳ ଅଛି ଏବଂ ବିଜ୍ଞାନୀ ବ୍ୟକ୍ତି ଜଣକ ମାନସ-ଶକ୍ତି ସମ୍ପନ୍ନ, ସେ ଜାଣେ ସତ୍ୟ କ'ଣ, ମାତ୍ର ତାକୁ କେମିତି କାର୍ଯ୍ୟକାରୀ କରାଯିବ, ସେ ବିଦ୍ୟା ତାକୁ ଜଣା ନାହିଁ । ବିଷୟର ଅନ୍ତଃସ୍ଥ-ସତ୍ୟ (Spirit) ତାକୁ ଜଣା, ତେବେ ସେସବୁକୁ ସମ୍ମୁଖକୁ ଆଣିବାର ପଦ୍ଧତି ଓ ଟିକିନିଖିଭାବେ ସମ୍ପାଦନ କରିବା ସେ ଜାଣେ ନାହିଁ ।

ବିଜ୍ଞାନୀ ଓ ଯାଦୁକର ଉଭୟେ ସେଇ ବାଳିକାଟିକୁ ସେମାନଙ୍କ ପାଖରୁ ମୁକୁଳାଇବାକୁ ଚେଷ୍ଟିତ । ଯାଦୁକର ପକ୍ଷରେ ସମ୍ଭବ ହେଲାନି; ତତ୍ପରେ ବିଜ୍ଞାନୀ ପ୍ରୟାସ କଲା । ସେ ବିପକ୍ଷୀୟ ଶକ୍ତିମାନଙ୍କ ଦ୍ୱାରା ହାରିଯିବା ଭଳି ବୋଧକଲା – ଯେହେତୁ ସେମାନେ ଦସ୍ୟୁ, ବିରୋଧାତ୍ମକ ପ୍ରାଣିକ ଶକ୍ତି – ସେଥିପାଇଁ ଖଣ୍ଡାର ଆଘାତ ଅବା ସେ ଧରଣର ଅନ୍ୟ କୌଣସି ଆଘାତ ସେମାନଙ୍କୁ ଆହତ କଲା ନାହିଁ । ସେ ଶତ୍ରୁସବୁ ରାଜାଙ୍କର ରାଜଧାନୀକୁ ଯିବାକୁ ବାହାରି ଥିଲେ । କିନ୍ତୁ, ତା'ପରେ ସେଇ ଶତ୍ରୁପକ୍ଷର ଲୋକସବୁ ଦୌଡ଼ି ପଳାଇଲେ ଏବଂ ବାଳିକାଟିକୁ ସେମାନଙ୍କ ପାଖରୁ ଛଡ଼ାଇ ନିଆଗଲା ।

ବିଜ୍ଞାନୀଜଣକ ଭୂତତ୍ତ୍ୱବିତ୍, ଯିଏ ଗବେଷଣା ଦ୍ୱାରା ଆବିଷ୍କାର କରିଥିଲେ ଯେ ଭୂପୃଷ୍ଠର ତଳଦେଶର ସ୍ତରବିନ୍ୟାସକୁ ପରିମାପ କରିବାକୁ ହେଲେ ଉପରୁ ତଳ ଆଡ଼କୁ ପରିମାପ କରିବାକୁ ହେବ, ତଳୁ ଉପର ଆଡ଼କୁ ନୁହେଁ । ଯେତେବେଳେ ସେଇ ଶତ୍ରୁସବୁ ପଳାଇଗଲେ, ସେମାନେ ତାଙ୍କ ଜିନିଷପତ୍ର ପଛରେ ଛାଡ଼ିଗଲେ । ଆହତ ହୋଇ ସେମାନେ ରାଜଧାନୀକୁ ଯିବା ପସନ୍ଦ କଲେ ନାହିଁ । ବିଜ୍ଞାନୀ ସେସବୁ ଜିନିଷପତ୍ର ମଧ୍ୟରେ ଭୂବିଦ୍ୟାର ଏକ ବିରାଟ ପୁସ୍ତକ ପାଇଲେ । ସେ ପୁସ୍ତକଟି ଏତେ ବଡ଼ ଥିଲା ଯେ ଏ କୋଠରିର ଅର୍ଦ୍ଧେକ ଜାଗା ମାଡ଼ି ବସିବ । ଯେଉଁ ଜିନିଷସବୁ ସେମାନେ ଛାଡ଼ି ଯାଇଥିଲେ, ସେଗୁଡ଼ିକ ମଧ୍ୟରେ ବାଳିକାଟି ମଧ ଥିଲା – ଉକ୍ତ ଗ୍ରନ୍ଥର ମଲାଟ ଓ ପୃଷ୍ଠାଗୁଡ଼ିକର ମଝିରେ ।

(ମୋଟରେ) ଭୂପୃଷ୍ଠର ରହସ୍ୟ ଓ ଭୌତିକ ପ୍ରକୃତି – ଏଗୁଡ଼ିକହିଁ ପ୍ରତୀକାତ୍ମକ ଭାବରେ ପ୍ରଦତ୍ତ ହୋଇଥିଲା (ସ୍ୱପ୍ନରେ) ।

**ତା ୧୦-୭-୧୯୨୩**

ଶିଷ୍ୟ : ଜଣେ ବ୍ୟକ୍ତି ଯେତେବେଳେ ତା'ର ଶରୀର ତ୍ୟାଗ କରେ, ତା'ର ଆତ୍ମା କ'ଣ ତତ୍‌କ୍ଷଣାତ୍ ଅନ୍ୟ ଜନ୍ମ ଗ୍ରହଣ କରେ ?

ଶ୍ରୀଅରବିନ୍ଦ : ତୁମେ ଶରୀର କହିଲେ କ'ଣ ବୁଝ ଓ ଆତ୍ମା କହିଲେ ବା କ'ଣ ବୁଝ – ଏହା ଉପରେ ତୁମ ଜିଜ୍ଞାସାର ଅର୍ଥ ନିର୍ଭର କରୁଛି ।

ଶିଷ୍ୟ : ଏକଥା କୁହାଯାଏ ଯେ ଆତ୍ମା ଯଦି ତା'ର ବିବର୍ତ୍ତନକୁ ପୂର୍ଣ୍ଣ କରିବାକୁ ଚାହେଁ, ତେବେ ତାକୁ ଅନ୍ୟ ଏକ ଭୌତିକ ଜୀବନ ନେବାକୁ ପଡ଼େ ।

ଶ୍ରୀଅରବିନ୍ଦ : ଆତ୍ମାର 'ବିବର୍ତ୍ତନ' କହିଲେ ତୁମେ ବୁଝ କ'ଣ ? ତୁମେ ଯଦି ଆତ୍ମା ଅର୍ଥରେ ଜୀବର ମୂଳ ସାରଭୂତ ଆତ୍ମସତ୍ତାକୁ (The essential self) ନେଉଥାଅ, ତେବେ ମନେରଖ ତାହାର କୌଣସି କ୍ରମବିବର୍ତ୍ତନ ନାହିଁ ।

ଶିଷ୍ୟ : ଜୀବର ଜୀବିତ ସତ୍ତା ଓ ମୃତ ସତ୍ତା ମଧ୍ୟରେ ଯେଉଁ ସମ୍ବନ୍ଧ, ତାହାର କିଛି ବିଧାନ ଅଛି କି ଓ ତାହା କିପରି ?

ଶ୍ରୀଅରବିନ୍ଦ : ତୁମ ପ୍ରଶ୍ନରେ ଏକଥା ଉପରେ ଜୋର ଦିଆଯାଉଛି ଯେ ଭୌତିକ ଅଭିବ୍ୟକ୍ତିହିଁ ଜୀବର ପ୍ରଧାନ ଓ ସମସ୍ତ ଅସ୍ତିତ୍ୱ । ଆତ୍ମାର ଅଭିବ୍ୟକ୍ତିରେ ଶରୀର ଖାଲି ଏକ ଅବସ୍ଥା ମାତ୍ର । ଆମେ ଯାହାକୁ ଏକ ଜଗତ୍ ବା ସ୍ତର ବୋଲି ଭାବୁ, ତାହା ଚେତନାର ଏକ ଏକ ସ୍ତର ବିଶେଷ । (ଏପରି ଯଦି ହୋଇଥାଏ) ଏ ଜଗତ୍ ଛାଡ଼ି ଯିବାର ଅର୍ଥ କ'ଣ ?

କୌଣସି ସ୍ଥାନ ବା ଇଲାକା ମଧ୍ୟଦେଇ ଆତ୍ମାକୁ ଯିବାକୁ ପଡ଼େ ନାହିଁ, ଏହା କେବଳ ଚେତନାର ଅବସ୍ଥାନ୍ତରକୁ ଯାତ୍ରା କରେ – ଯାହା ମୁଁ କହୁଥିଲି ।

ଶିଷ୍ୟ : ମୃତ୍ୟୁ ଲାଭ କରିବା ପରେ ଆତ୍ମା କେଉଁଠାକୁ ଯାଏ ?

ଶ୍ରୀଅରବିନ୍ଦ : ପୁଣି ! ଆତ୍ମାର ଦେହଛାଡ଼ିବା ବା ଜୀବର ପ୍ରୟାଣ ହେବା ବିଷୟଟି କ'ଣ ବୁଝାଉଛି – ମୁଁ ଯେମିତି କହିଲି ଜୀବାତ୍ମା ଚେତନାର ଅନ୍ୟ ଏକ ସ୍ଥିତିକୁ ଚାଲିଯାଏ ।

ଶିଷ୍ୟ : ଆମ ଦେଶରେ ସାଧାରଣତଃ ଏଇ ବିଶ୍ୱାସ ଚଳି ଆସୁଛି ଯେ ମନୁଷ୍ୟର ମୃତ୍ୟୁ ପରେ ଆତ୍ମା (soul) ଏପରି ଏକ ଅବସ୍ଥାରେ ରହେ ଏବଂ ଯେହେତୁ ସେଠାରେ ତା'ର ବିବର୍ତ୍ତନ ସମ୍ପୂର୍ଣ୍ଣ ହୋଇ ନଥାଏ, ତାକୁ ପୁନରାୟ ମାନବ ଜୀବନକୁ ଫେରି ଆସିବାକୁ ପଡ଼େ । ପ୍ରଶ୍ନ ହେଉଛି : ଏହା କେମିତି ସମ୍ଭବ ହୁଏ ?

ଶ୍ରୀଅରବିନ୍ଦ : ମୁଁ କହିଲି ନା, ଜୀବର ସାରଭୂତ ଆତ୍ମ-ସତ୍ତା (essential Self) ନିମନ୍ତେ ନା କ୍ରମବିକାଶ ଦରକାର – ନା ବିବର୍ତ୍ତନ ଦରକାର ।

ଶିଷ୍ୟ : 'ଛାନ୍ଦୋଗ୍ୟ ଉପନିଷଦ୍' କହୁଛନ୍ତି ପ୍ରୟାତ ଆତ୍ମ-ସତ୍ତା (soul) ବର୍ଷାରୂପେ ଧରାକୁ ଓହ୍ଲାଇ ଆସେ, ତା'ପରେ ବନସ୍ପତି-ଜୀବନରେ ପ୍ରବେଶ କରେ ଓ ନାରୀକୁ ମାଧ୍ୟମ କରି ଜନ୍ମଗ୍ରହଣ କରେ ପୁନରାୟ ।

ଶ୍ରୀଅରବିନ୍ଦ : ତୁମେ କ'ଣ ଏଇ ନିଷ୍କର୍ଷରେ ପହଞ୍ଚିଛ ଯେ ଯେବେ ବି ବାରିବର୍ଷଣ ହୁଏ, ଆତ୍ମାସବୁ ବର୍ଷା ଆକାରରେ ବର୍ଷିତ ହୁଅନ୍ତି !

ଶିଷ୍ୟ : ସମ୍ଭବତଃ ଏକଥାଟା କାବ୍ୟାଳଂକାର ଦ୍ୱାରା ସୂଚିତ କରାଯାଇଛି । (ହାସ୍ୟରୋଳ)

ଶ୍ରୀଅରବିନ୍ଦ : ବିଷୟଟି ଚିତ୍ରକଳ୍ପ ସାହାଯ୍ୟରେ ସମ୍ଭବତଃ ପ୍ରତୀକାତ୍ମକଭାବରେ ବ୍ୟକ୍ତ କରାହୋଇଛି ।

ଶିଷ୍ୟ : ଏକଥା କୁହାଯାଇପାରେ ଯେ ମନୁଷ୍ୟର ଦେହଧାରଣ କରି ଆତ୍ମାଗଣ ଅବତରଣ କରନ୍ତି; ଏହାର ଉଦ୍ଦେଶ୍ୟ ଦୁଇଟି । ପରିପୂର୍ଣ୍ଣତା ଲାଭ କରିଥିବା ଆତ୍ମାସବୁ ଅବତାରଙ୍କ ସହ ପୃଥିବୀକୁ ଆସନ୍ତି ତାଙ୍କ ଲୀଳାରେ ଅଂଶଗ୍ରହଣ କରିବାକୁ ଓ ତତ୍‌ସହିତ ଜଗତର ସହାୟତା କରିବାକୁ ।

ଶ୍ରୀଅରବିନ୍ଦ : ସେସବୁ ଜନ୍ମ ସାଧାରଣ ଜନ୍ମ ନୁହେଁ । ମାତ୍ର ପ୍ରଶ୍ନ ହେଉଛି : ପୁଣିଥରେ ଜନ୍ମ ନେବା ସର୍ବାଦୌ ଯେ ଘଟୁଛି, ତା'ର କାରଣ କେଉଁଠାରେ ? ଏଇ ପ୍ରଶ୍ନଟି ସେଇ ଭଳି – 'ଏ ଜଗତ୍‌ସଂସାର ମୂଳରୁ ସୃଷ୍ଟି ହୋଇଛି କାହିଁକି ?' କିଂବା ଏକଥା ବି ତୁମେ ପଚାରିପାର : 'ତୁମେ ଅବା ଆମେ ଯଦିବା ଆମେ ଦିବ୍ୟ ଓ ଆଉ ଗୋଟିଏ ଦିଗରୁ ପରିଣତ ହୋଇଯାଇଛୁ ତଥାପି କାହିଁକି ଜନ୍ମାନ୍ତର ନେବାକୁ ପଡୁଛି ?' ଏହାର ଉତ୍ତରରେ ଆମେ ଏତିକିମାତ୍ର କହିପାରିବା ଯେ ଜୀବାତ୍ମା ଯେ ବାରଂବାର ଜନ୍ମନିଏ, ତାହା ତା'ର ଦିବ୍ୟପରିଣତିକୁ ଅଭିବ୍ୟକ୍ତ କରିବା ସକାଶେ, ଭଗବାନଙ୍କୁ ଜୀବନରେ ପରିପ୍ରକାଶ କରିବା ସକାଶେ ।

ଶିଷ୍ୟ : ଏଇ ଜିଜ୍ଞାସାର ଆଉ ଗୋଟିଏ ଅଂଶ ହେଉଛି : ଏଇ ଜନ୍ମାନ୍ତର ଗ୍ରହଣର ଯାନ୍ତ୍ରିକ ପ୍ରକ୍ରିୟାର ପ୍ରସଙ୍ଗ – ମୁଁ ଯଦି ସେଇପରି ଭାବରେ କହେ ପ୍ରସଙ୍ଗଟିକୁ ।

ଶ୍ରୀଅରବିନ୍ଦ : ଦୁଇଟି ଜିନିଷ ରହିଛି : ଶରୀର ଓ ଆତ୍ମା । ବସ୍ତୁ ହିସାବରେ ସାଧାରଣ ଗଠନ ରହିଛି । ମାନବ ଦେହର ଏବଂ ଭୌତିକ ପଦାର୍ଥର ଗଠନ ପଦ୍ଧତି ବିଷୟରେ ତୁମେ ଜାଣିଥିବ । ଏହା କେବଳ ପରମାଣୁମାନଙ୍କର ଖେଳ ଏବଂ ସେଗୁଡ଼ିକ ଇଲେକ୍‌ଟ୍ରୋନ୍ ପାଲଟିଯା'ନ୍ତି ଏବଂ ଇଲେକ୍‌ଟ୍ରୋନ୍‌ମାନେ ଭୌତିକ ଜଗତରେ ଥିବା କେତେକ ଉର୍ଜାରୁ ଗଠିତ ହୋଇଥା'ନ୍ତି । ତତ୍ପରେ ତୁମେ ପ୍ରାଣମୟ ଶରୀର ନିକଟକୁ ଆସ – ଉକ୍ତ ଶରୀର ପ୍ରାଣମୟ ଜଗତର ଏକ ଗଠନ । ଏବଂ ତତ୍ପରେ ତୁମେ ମନୋମୟ ଶରୀର ନିକଟକୁ ଆସ, ଯାହା ମନୋମୟ ଜଗତର ଏକ ଗଠନ । ସେଇପରି ଚୈତ୍ୟିକ ସତ୍ତା ମଧ୍ୟ ରୂପାୟିତ ଓ ଗଠିତ ହୋଇ ମଣିଷ ଶରୀରରେ ସନ୍ନିବିଷ୍ଟ ହୋଇଛି । ଜୀବସତ୍ତାର ଅନ୍ୟାନ୍ୟ ଗୌଣ ବିଭାଜନକୁ ଆମେ ଏଠାକୁ ଆଣୁ ନାହୁଁ । ମାନବସତ୍ତାର ସ୍ଥୂଳ ଦେହର ଗଠନ-ପ୍ରକ୍ରିୟା ତୁମେ ଯଦି ପୁଙ୍ଖାନୁପୁଙ୍ଖ ରୂପେ ବିଶ୍ଳେଷଣ କରିବାକୁ ଯାଅ, ତେବେ ଦେଖିବାକୁ ପାଇବ ଯେ କେବଳ ଭୌତିକ ଶରୀରରହିଁ ପାଞ୍ଚଗୋଟି ସ୍ତର (କୋଷ) ରହିଛି । ଏସବୁ ପରେ ସେଇ ଏକାଭଳି ତୁମେ ଆତ୍ମା ନିକଟକୁ ଆସ । ସାଧାରଣଭାବେ ଆତ୍ମାକୁ (soul) ଜୀବାତ୍ମା (Jiva) ବୋଲି ଧରାଯାଏ ନାହିଁ । 'ଆତ୍ମା' (soul) ବା ଆତ୍ମସତ୍ତା ମୂଳ-ବ୍ୟକ୍ତିତ୍ୱକୁ (essential personality) ଚିହ୍ନିତ କରାଏ ନାହିଁ ଯାହା ଈଶ୍ୱରଙ୍କ ସହ ଶାଶ୍ୱତ ଏକତ୍ୱରେ ଅବସ୍ଥାନ କରୁଥାଏ ତଥା ନିରନ୍ତର ଭଗବାନଙ୍କ ଉପସ୍ଥିତିକୁ ଧରି ରଖିଥାଏ । ସେଇପରି soul କହିଲେ ଆତ୍ମନ୍‌କୁ (Atman) ମଧ୍ୟ ବୁଝାଏ ନାହିଁ ଯାହା

ଆତ୍ମସତ୍ତା ବା Self, ତାହାର ମଧ୍ୟ କ୍ରମବିକାଶ ନାହିଁ । ସାଧାରଣତଃ ଆତ୍ମା କହିଲେ ଆମେ ଯାହା ବୁଝୁ, ତାହା ହେଉଛି ଚୈତ୍ୟ-ବ୍ୟକ୍ତିତ୍ୱ ଯାହା ସ୍ଥୂଳ ଜଡ଼ ଶରୀରର ବିଲୟ ପରେ, ଏପରିକି ପ୍ରାଣମୟ କୋଷ ଓ ମନୋମୟ କୋଷର ବିଲୟ ପରେ ବି ବର୍ତ୍ତମାନ ଥାଏ ।

ବର୍ତ୍ତମାନ, ଯେବେ ମଣିଷ ମରିଯାଏ, ତା'ର ଜଡ଼ ଶରୀର ମାଟିରେ ମିଶିଯାଏ, କିଛି ସମୟ ପରେ ତା'ର ପ୍ରାଣମୟ ଶରୀର ଲୀନ ହୁଏ ଏବଂ ମନୋମୟ ଶରୀର ମଧ୍ୟ ଲୀନ ହୋଇଯାଏ । ଗୋଟିଏ କୀଟର ପ୍ରସଙ୍ଗ ଧରାଯାଉ । କୀଟ ମଧ୍ୟରେ କେବଳ ଭୌତିକ ଚେତନା ବର୍ତ୍ତମାନ, ଅନ୍ୟ କିଛି ନାହିଁ । ବିଶ୍ୱର ଅନ୍ୟାନ୍ୟ ଜୀବ-ଗଠନର ପ୍ରଣାଳୀରେ (ସେ ସ୍ତରରେ) ଚେତନାର ଭୂମିକା ଅତି ନିମ୍ନରେ (ଅତି ଗୌଣ) – ଯାହା ଗଣନା-ଯୋଗ୍ୟ ନୁହେଁ । କୀଟ କିଛି ଅନୁଭୂତି ସଂଗ୍ରହ କରେ ସ୍ତର ପରେ ସ୍ତର ଭେଦ କରି । ମୋର ଯାହା ଦୃଷ୍ଟିକୋଣ, ସେଥିରୁ କହୁଛି – ସେଇ କୀଟ ସ୍ତର ପରେ ସ୍ତର ତା'ର ପରିପୋଷକ ଜୀବସତ୍ତା (Self)କୁ ସାଥିରେ ନେଇ କିଛି କିଛି ଉନ୍ନତ ହୋଇଚାଲେ । ଆତ୍ମା – ଅର୍ଥାତ୍ **ସୂକ୍ଷ୍ମଦେହୀ**, ଯାହା ଭୌତିକ ସ୍ତରରେ ରହିଥାଏ, ସେଇଟି ଜୀବ (Jiva) ନିକଟକୁ ଫେରିଯାଏ, ଯେଉଁଟି ଆରମ୍ଭରୁ ଶେଷଯାଏଁ ଭୌତିକ ଚେତନାରେ କୀଟଟିକୁ ପରିପୁଷ୍ଟ କରି ଆସିଛି । ଯେବେ ଉକ୍ତ ଆତ୍ମା ପ୍ରସ୍ତୁତ ହୋଇଯାଏ, କୀଟର (ଭୌତିକ ଚେତନା) ପ୍ରାଣସ୍ତରକୁ ଚାଲିଯାଏ ଏବଂ ସେଠାରେ ମଧ୍ୟ ତାହା ଅଭିଜ୍ଞତା ସଂଗ୍ରହ କରେ ମାନସିକ ସ୍ତରକୁ ପହଞ୍ଚିବା ଲାଗି – (ଶେଷରେ) ଯାହା ତାକୁ ମାନବୀୟ ସ୍ତରରେ ପହଞ୍ଚାଇ ଦିଏ । ଏଇପରି ଭାବେ ଅତିମାନସିକ ସ୍ତର ମଧ୍ୟ ରହିଛି ।

ଆମେ ଆମ ଯୋଗରେ କ'ଣ କରୁ, ସେ ଧାରାଟି ହେଉଛି : ଅତିମାନସ ସ୍ତରକୁ ଅବତରଣ କରାଇବା, ଯାହା ଫଳରେ ଆମର ଆତ୍ମା (Soul) ତା'ର ଯାବତୀୟ ଅଭିଜ୍ଞତା ସବୁକୁ ବହନ କରି ଊର୍ଦ୍ଧ୍ୱସ୍ତରକୁ ନେଇଯାଇ ପାରିବ । ପ୍ରଶ୍ନ ହେଉଛି ଆମେ ଅଭିଜ୍ଞତାଗୁଡ଼ିକୁ କେତେଦୂର ଅତିମାନସିକ କରିପାରିବା – ଆମର ଚେତନାକୁ ଅର୍ଥାତ୍ ଆମର ମାନସସତ୍ତା ତଥା ପ୍ରାଣିକ ସତ୍ତାକୁ ଯଦି ଅତିମାନସିକ କରିପାରୁ – ତେବେ ଆମେ ସେଇସବୁ ଅଭିଜ୍ଞତାର ସ୍ମୃତି, ତତ୍‌ସହିତ ଅନ୍ୟ ଏକ ଅଭିବ୍ୟକ୍ତି ଲାଗି ସଦ୍ୟ ପ୍ରସ୍ତୁତି ନେଇ ଜଗତକୁ ଫେରିଆସିବା । ବ୍ୟକ୍ତିବିଶେଷ ଯଦି ଇଚ୍ଛା କରେ, ସେ ତା'ର ମୃତ୍ୟୁ ପରେ ବି ତା'ର ପ୍ରାଣମୟ ଶରୀରଟିକୁ ସାଇତି ରଖିପାରେ ଏବଂ ପ୍ରାଣିକ ସ୍ତରରେ କିଛି ପରିଣତି ନେଇ ଆସିପାରେ ।

ଧରି ନିଆଯାଉ, ଆମେ ଆମ ଶରୀରକୁ ଅତିମାନସିକ କରିଦେଲେ ତା'ହେଲେ ସେ କ୍ଷେତ୍ରରେ ଆମ ଭୌତିକ ଚେତନାର ଅଭିଜ୍ଞତାକୁ ବହନ କରି ସେ ସ୍ତରକୁ ନେଇ ଯାଇପାରିବା ଏବଂ ପ୍ରତ୍ୟାବର୍ତ୍ତନ କାଳରେ ଭୌତିକ-ପ୍ରାଣିକ ତଥା ମାନସିକ ଉର୍ଜାକୁ ପୂର୍ଣ୍ଣତମ ରୂପ ଦେବାକୁ ସମର୍ଥ ହେବା ଓ ଭଗବାନଙ୍କୁ ଏଠାରେ ଅଭିବ୍ୟକ୍ତ କରିବା । ବିଭୂତି ଓ ଅବତାରଙ୍କ କ୍ଷେତ୍ରରେ ଏଇପ୍ରକାରହିଁ ହୋଇଥାଏ । – ସେଥିରେ ପୂର୍ବରୁ ଲବ୍ଧ ପ୍ରାଣ ଓ ମନର ଅନୁଭୂତିସବୁ ପୂର୍ଣ୍ଣମାତ୍ରାରେ ସ୍ମରଣ ରହିଥାଏ; ଅବତାରଙ୍କ ଭୂମିକାରେ ସ୍ଥୂଳ ଭୌତିକ ଅନୁଭୂତିମାନ ବି ସ୍ମରଣ ଥାଏ । ଆମେ ଯଦି ଆମ ଦେହାଧାରକୁ ଅତିମାନସଧର୍ମୀ କରି ଦେଇପାରିବା, ତେବେ ଏହା ନିଜ ଆଧାରକୁ ପୂର୍ବବତ୍ ରଖିପାରେ ଅବା ପଛରେ ପକାଇ ଦେଇପାରେ ସ୍ୱ-ଇଚ୍ଛାରେ – ଯେପରି ଇଚ୍ଛା ମୃତ୍ୟୁ । ଏବଂ ଏପରିକି ଦେହକୁ ଯଦି ତ୍ୟାଗ କରାଯାଇଥାଏ ଓ ଯେତେବେଳେ ଅଭିବ୍ୟକ୍ତିର ସମୟ ଓ ପ୍ରକ୍ରିୟା ଆରମ୍ଭ ହୁଏ ସେସମୟରେ ଆତ୍ମାକୁ ତା'ର ଭୌତିକ, ବା ପ୍ରାଣିକ ଅବା ମାନସିକ କିଂବା ବିଶ୍ୱ ପ୍ରକୃତିର କୌଣସି ବି ଗଠନରୁ ସେସବୁ ସଂଗ୍ରହ କରିବାକୁ ପଡ଼ିବ ନାହିଁ ଯେମିତି ଅନ୍ୟାନ୍ୟ ସାଧାରଣ ଆତ୍ମାର କ୍ଷେତ୍ରରେ ଘଟିଥାଏ । କୌଣସି କ୍ଷେତ୍ରରେ ଯଦି ସ୍ଥୂଳ ଭୌତିକ, ପ୍ରାଣିକ ଏବଂ ମାନସିକ ସତ୍ତାସବୁ ଅତିମାନସ ଧର୍ମରେ ଜାରିତ ହୋଇଥା'ନ୍ତି, – ତା'ହେଲେ ପୂରା ସତ୍ତାଟି ଯଥେଷ୍ଟ ପ୍ରସ୍ତୁତି ଲାଭ କରିଥିବ, ଏବଂ ସେଇ ବ୍ୟକ୍ତିକୁ ତା' ପାଇଁ ଅପେକ୍ଷା କରିଥିବା ଗଠନଟିକୁ ସେ ଅନାୟାସରେ ଲାଭ କରିପାରିବ ଏବଂ ସର୍ବୋପରି ଈଶ୍ୱରଙ୍କୁ ଅଭିବ୍ୟକ୍ତ କରିପାରିବ ।

ଶିଷ୍ୟ : ବ୍ୟକ୍ତିର ସ୍ଥୂଳଭୌତିକ ଆଧାର ଓ ପ୍ରାଣିକ ଆଧାର ସକାଶେ ଯେଉଁ ଉପକରଣସବୁ ଆବଶ୍ୟକ, ସେସବୁ କେଉଁଠାରୁ ଆସିବ ?

ଶ୍ରୀଅରବିନ୍ଦ : 'ସେସବୁ ଉପାଦାନ ଓ ଉପକରଣ ଯାହା ସ୍ଥୂଳ ଭୌତିକ ସତ୍ତା ପାଇଁ ଆବଶ୍ୟକ' – କଥାଟିର ଅର୍ଥ କ'ଣ ? ସମସ୍ତ ଉପାଦାନ ତ ପରା-ପ୍ରକୃତି ମଧ୍ୟରେ ନିହିତ ରହିଛି ! ଯେମିତି ଗ୍ୟାସ୍ ଓ ବିଦ୍ୟୁତ୍ ଶକ୍ତି ଆଦି ତା'ଠାରେ ପୂର୍ବରୁହିଁ ରହିଥିଲା ।

ଶିଷ୍ୟ : ପରା ପ୍ରକୃତି କାହାକୁ କହିବା ?

ଶ୍ରୀଅରବିନ୍ଦ : **ବିଶ୍ୱ ପରମେଶ୍ୱର** (The Universal

Divine) ତାଙ୍କ ପରିକଳ୍ପନାକୁ ରୂପ ଦେବାକୁ ଆପଣାକୁ ବିଶ୍ୱରେ (Universe) ନାନାଭାବେ ବର୍ଦ୍ଧିତ ଓ ଅଭିକ୍ଷିପ୍ତ କରନ୍ତି (Projected) ଏବଂ ସଦାବିରାଜମାନା ବିଶ୍ୱପ୍ରକୃତି (Universal Nature) ମଧ୍ୟ ସେଥିପାଇଁ ସମସ୍ତ ଉପାଦାନ ଯୋଗାଇଥା'ନ୍ତି । ମୂଳତଃ ଏ ବିଶ୍ୱପ୍ରକୃତିରେ ଯାହାକିଛି ବିଦ୍ୟମାନ ରହିଛି, ସେସମସ୍ତ – ଏଠାକାର ପ୍ରତିଟି ବସ୍ତୁ ମୂଳତଃ ବିଶ୍ୱାତ୍ମାଙ୍କର (ବିଶ୍ୱପୁରୁଷ ତଥା Universal soulର) କୌଣସି ନା କୌଣସି ବସ୍ତୁର ଅନୁରୂପ, ଅର୍ଥାତ୍ ତାଙ୍କର କିଛି ବସ୍ତୁର ସାଦୃଶ୍ୟ ବହନ କରୁଥାଏ – ଉଦାହରଣସ୍ୱରୂପ : ଏ ସ୍ଥାନର ପ୍ରାଣ ବିଶ୍ୱାତ୍ମାଙ୍କର ଦିବ୍ୟତପସ୍ । ପୁନର୍ଜନ୍ମ ଗ୍ରହଣର ପ୍ରକ୍ରିୟା ଓ ବିଧାନ ଅତିମାତ୍ରାରେ ଜଟିଳ ଯାହାର ଅବିକଳ ବ୍ୟାଖ୍ୟା ଦେବା କଷ୍ଟକର । ଏ ସମ୍ବନ୍ଧରେ ପ୍ରଶ୍ନଟି ମଧ୍ୟ ଜଟିଳ ।

('On Psychology' ୨ୟ ଭାଗ,
ପୃଷ୍ଠା ୪୦୨-୪୦୫, ରୁ ଗୃହୀତ)
ଅନୁବାଦ : କୃଷ୍ଣା ଦେବୀ ✤

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### କୋମିଲା ପ୍ରସଙ୍ଗ

ପ୍ରତ୍ୟେକ ବ୍ୟକ୍ତି ତା' ନିଜ ବକ୍ତବ୍ୟ ଦେଇସାରି ମଧ କୋମିଲା ଘଟଣାଟି ନାନା ବିରୋଧାତ୍ମକ ଉକ୍ତିର ସ୍ୱାଭାବିକ ଜଟିଳତା ଦ୍ୱାରା ଦୁର୍ବୋଧ ହୋଇ ରହିଯାଇଛି । ହିନ୍ଦୁର ବୟାନରେ କେତେଗୁଡ଼ିଏ ଅଭିଯୋଗ ଆସିଛି – ତାହା ସୁନିର୍ଦ୍ଦିଷ୍ଟ, ପୁଙ୍ଖାନୁପୁଙ୍ଖ ଆଉ ବେଶ୍ ସ୍ପଷ୍ଟ ମଧ – ହିନ୍ଦୁମାନଙ୍କ ଉପରେ ଆକ୍ରମଣ ସଂକ୍ରାନ୍ତରେ, ଜନତାର ମାନସପଟରେ ଏକ ଗ୍ରାମୀଣ ସହରର ଭୟାବହ ଦୃଶ୍ୟ ଦିନଦିନ ଧରି ଆଙ୍କି ହୋଇ ରହିଯିବା ଫଳରେ ମୁସଲମାନ ସଂପ୍ରଦାୟର ଗୋଟିଏ ଗୋଷ୍ଠୀ ଦ୍ୱାରା ହଠାତ୍ ବର୍ବର ଅରାଜକତାର ସୂତ୍ରପାତ ହୋଇଥିଲା; ଜଣେ ମାଜିଷ୍ଟ୍ରେଟ ନିଷ୍କ୍ରିୟଭାବେ ଆଉ ଦଙ୍ଗାକାରୀମାନଙ୍କ ପ୍ରତି ସହିଷ୍ଣୁତା ଭାବ ଦେଖେଇବାକୁ ଯାଇ ସହାନୁଭୂତିସମ୍ପନ୍ନ ହୋଇ ଉଠିଥିଲେ ଓ ବ୍ରିଟିଶ କର୍ତ୍ତୃପକ୍ଷ (British Authority) ଆଇନ ଶୃଙ୍ଖଳାର ରକ୍ଷକଭାବେ ତା' କର୍ତ୍ତବ୍ୟ ସମ୍ପାଦନ କରିବାକୁ ବାରଂବାର ମନା କରିବାରୁ ଶେଷକୁ ହିନ୍ଦୁ ସମ୍ପ୍ରଦାୟ ଆତ୍ମରକ୍ଷା ପାଇଁ କଠୋର ପଦକ୍ଷେପକୁ ଆପଣେଇ ନେଇଥିଲା । ଏକ ମୁସଲମାନ ରିପୋର୍ଟ ମୁସଲମାନମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ହିଂସାକାଣ୍ଡର ବିବରଣୀକୁ ଗୌଣ କରି ଦେଇଥିଲା ଆଉ ତାହା ହିନ୍ଦୁମାନଙ୍କର ଉଗ୍ର ଭାବକୁ ଉପସ୍ଥାପିତ କରିଥିଲା ଏକ ଅପୂର୍ବ ଚିତ୍ରଣ ଓ ପ୍ରାଞ୍ଜଳ ଖୁଣ୍ଟିନାଣ୍ଟି ବର୍ଣ୍ଣନା ମାଧମରେ; କିନ୍ତୁ ଯେହେତୁ ଏଇ ବିବରଣୀକୁ ଅଗ୍ରାହ୍ୟ କରାଯାଇଛି, ଆମକୁ ମୁହାଁଇବାକୁ ପଡ଼ିବ ଅପରପଟୁ ସରକାରୀ ସ୍ତରରୁ ଆସିଥିବା ବୃତ୍ତାନ୍ତ ପାଖକୁ । କିନ୍ତୁ ସରକାରୀ ରିପୋର୍ଟ – ଆଚ୍ଛା, ସରକାରୀ ବୃତ୍ତାନ୍ତଗୁଡ଼ିକର ମୂଲ୍ୟ କି ପ୍ରକାରର ତାହା ସାରା ବିଶ୍ୱରେ ବିଦିତ । କୌଣସି ପ୍ରକାରର ଗୁଜବ କିଂବା ଦାୟିତ୍ୱହୀନ ଉକ୍ତିକୁ ଯେ ବିଶ୍ୱାସ କରିବା ଉଚିତ ନୁହେଁ ଯେପର୍ଯ୍ୟନ୍ତ ସରକାରୀ ସ୍ତରରେ ଏହାକୁ ଖଣ୍ଡନ କରା ନ ଯାଇଛି, ଇଂଲଣ୍ଡରେ ଏହା କ'ଣ ଏକ ରାଜନୈତିକ ଜନଶ୍ରୁତି ନୁହେଁ କି ? ମାର୍ଚ୍ଚ ମାସ ନଅ ତାରିଖରେ କୋମିଲା ଘଟଣାକୁ ନେଇ ସରକାରୀଭାବେ ଯେଉଁ ବିବୃତି ପ୍ରକାଶ ପାଇଥିଲା ତାହା ଏମିତି ଏକ ସମ୍ବାଦର ନମୁନା ଯାହାକୁ ପରିବେଷଣ କରିବା ବଡ଼ ଦୁରୂହ ବ୍ୟାପାର । – ଏହା ସବୁଠୁ ଚମତ୍କାରଭାବେ ପ୍ରସ୍ତୁତ ଏକ ଅନଭିଜ୍ଞ ରିପୋର୍ଟ ଯହିଁରେ ବିଶେଷତଃ ସ୍ପଷ୍ଟଭାବେ ଅସଲ ତଥ୍ୟକୁ ଚପେଇ ଦିଆଯାଇଛି ଓ ଗୁଡ଼ିଏ ମିଥ୍ୟା କଥା ପରିବେଷିତ ହୋଇଛି । କିନ୍ତୁ ଏ ରିପୋର୍ଟରେ ଉପସ୍ଥାପିତ ହୋଇଛି ହିନ୍ଦୁର ଅନୁଶାସନହୀନ ଓ ମରଣାନ୍ତକ ହିଂସାର ଏକ ମନୋରମ ଆଉ କଳାତ୍ମକ ଚିତ୍ର, ମୁସଲମାନମାନଙ୍କର ତୁଳନାତ୍ମକଭାବେ ସଂଯମ ଓ ସମଭାବ ଆଉ ନମ୍ର-ଚାହାଣିରେ ଗୁମ୍ ହୋଇ ଚିନ୍ତା କରୁଥିବା ପିତୃସୁଲଭ ବ୍ରିଟିଶ ଉଦ୍‌ବେଗ ତଥା ତା'ର ଅସମାଧେୟଭାବେ କଳହପ୍ରିୟ ବୈମାତୃକ ସନ୍ତାନଗଣଙ୍କ ଉପରେ ମାତୃପ୍ରତିମ ପକ୍ଷର ପ୍ରସାରଣ ।

ଯଦି କେହି ଭାବୁଥାଏ ଯେ ଏହି ଐତିହାସିକ ଦଲିଲରେ ଆମର ବିଶେଷ ଗୁଣ ଦ୍ୱାରା ଯେଉଁ ବର୍ଣ୍ଣନା ହୋଇଛି ତାହା ଅତି ବିବେଚନାହୀନ, ତା'ହେଲେ ତାକୁ ଆମେ ଆମନ୍ତ୍ରଣ କରୁଛୁ ଏହାର ସତର୍କ ଅଧୟନ ପାଇଁ; ଏହା ସତରେ କ'ଣ କହୁଛି ଆଉ କ'ଣ ନ କହୁଛି ସେକଥା ଜାଣିବା ପାଇଁ । ଏହାର ଆରମ୍ଭ ଏମିତି ଏକ ବିବୃତିରେ, ''**ବିନା କୌଣସି ଘଟଣାରେ** ବିଭାଜନ-ବିରୋଧି ସଭାଗୁଡ଼ିକର ଅନୁକ୍ରମ ଏବେ ନିକଟରେ ଅନୁଷ୍ଠିତ ହୋଇଥିଲା ଆଉ ମାର୍ଚ୍ଚ ଛଅ ତାରିଖରେ ନବାବ ସଲିମୁଲ୍ଲା ଢାକାରୁ ଆସି ପହଞ୍ଚିଲେ ପ୍ରତିପକ୍ଷ ତରଫରୁ ସଭାଗୁଡ଼ିକର ଆୟୋଜନ କରିବା ପାଇଁ'' । ସନ୍ନିବେଶିତ ଶବ୍ଦଗୁଡ଼ିକ ''ବିନା କୌଣସି ଘଟଣାରେ'' ହେଉଛି ପ୍ରଶଂସନୀୟ । ଏହାର ଅନ୍ତର୍ନିହିତ ସୂଚନା ହେଲା ଯେ ବିଭାଜନ ପ୍ରଶ୍ନକୁ ନେଇ ହିନ୍ଦୁ ଓ ମୁସଲମାନମାନଙ୍କ ଭିତରେ ପ୍ରଚଣ୍ଡ ଉତ୍ତେଜନା ଉପୁଜିଥିଲା ଆଉ ପରବର୍ତ୍ତୀ ସଂପ୍ରଦାୟ ହୁଏତ ''ଘଟଣାମାନ'' ଘଟିଥିଲେ ନିଜର ଉତ୍ତେଜନା ପ୍ରକାଶ କରିଥା'ନ୍ତେ – ବିଶେଷତଃ ଯେତେବେଳେ ବାବୁ ବିପିନ ଚନ୍ଦ୍ର ପାଲ୍ ଓ ଅନ୍ୟାନ୍ୟ ବକ୍ତାଙ୍କର ଜନତାକୁ ଉତ୍ତେଜିତ କରୁଥିବା ''ଉତ୍ତେଜନା-ପ୍ରବଣ'' ଭାଷଣଗୁଡ଼ିକ ବିଚାରକୁ ନିଆଯାଇଥିଲା – କିନ୍ତୁ ସେମାନେ ଅତି ବିଜ୍ଞତାର ପରିଚୟ ଦେଇ ଓହରି ଆସିଥିଲେ । ଏହିପରି ମୁସଲମାନର ସମଭାବକୁ ହିନ୍ଦୁର ଉଗ୍ରସ୍ୱଭାବ ସହିତ ବିପରୀତଭାବେ ଉପସ୍ଥାପିତ କରାଯାଇଛି ଯାହାକୁ ବର୍ତ୍ତମାନ ପରିପ୍ରେକ୍ଷୀରେ କହିବାକୁ ହେବ ଏବଂ ତା' ସହ କିପରି ବିଭାଜନ-

ବିରୋଧି ଆନ୍ଦୋଳନ ଓ ଉଗ୍ର ସ୍ୱଦେଶୀବାଦ ଉପରେ ସମୁଦାୟ ଉତ୍ତର ଦାୟିତ୍ୱକୁ ଲଦି ଦେବାର ପଥଟି ପରିଷ୍କାର ହୋଇଗଲା । ତା'ପରେ ନିଶ୍ଚିତ ସତ୍ୟ ବୋଲି ଆମକୁ ଖବର କରାହୋଇଛି ଯେ ନବାବଙ୍କ ଆଗମନୀ ଶୋଭାଯାତ୍ରାକୁ ଲକ୍ଷ୍ୟ କରି ଇଟାଟିଏ ଫିଙ୍ଗା ଯାଇଥିଲା ଓ ବିଦ୍ରୂପ ଛଳରେ ଛାଞ୍ଚୁଣୀମାନ ଉତ୍ତୋଳନ କରାଯାଇଥିଲା । ''ଏହା ଦ୍ୱାରା କିଛି ଗୋଳମାଳର ସୃଷ୍ଟି ହେଲା ଆଉ ଦଙ୍ଗାକାରୀମାନେ ଏକ ଲୁଗା ଦୋକାନ ଭିତରେ **ପଶିଗଲେ** କିନ୍ତୁ ଦୋକାନକୁ ଲୁଣ୍ଠନ କରାଯାଇ ନଥିଲା ଓ ଦୁଇଟି ଗଣିକାଙ୍କ ଗୃହରେ ଲୁଟପାଟ ହୋଇଥିଲା ।'' ଆସନ୍ତୁ ଏଇ ଆମୋଦଦାୟକ ବାକ୍ୟଟି ଉପରେ ଟିକିଏ ଚିନ୍ତା କରିବା । ହିନ୍ଦୁମାନଙ୍କ ବିବରଣୀରେ ଅତି ସତର୍କତାର ସହିତ ଉଲ୍ଲେଖ ଥିବା ଦଙ୍ଗାକାରୀମାନଙ୍କର ଅନୈତିକ ଆକ୍ରମଣର ଘଟଣା କେଉଁଆଡ଼େ ଲୁଚିଗଲାଣି ଆଉ ତା' ଉପରେ ବେଶ୍ ଚିକ୍କଣ କରି ନରମ ଓ ଭଦ୍ରୋଚିତ ଭାଷାରେ ଲେଖାଯାଇଛି ''କିଛି ଗଣ୍ଡଗୋଳ''; ଯେଉଁ ବିଶେଷ ଘଟଣାଗୁଡ଼ିକୁ କମିଶନର୍ ସ୍ୱୀକାର କରିବେ, ତାହା ହେଲା ବସ୍ତ୍ରାଳୟର ''ଘଟଣା'' ଆଉ ଦୁଇଗଣିକାଙ୍କ ''ଘଟଣା'' । କିନ୍ତୁ ଏସବୁ ସତ୍ତ୍ୱେ ଲୁଗା ଦୋକାନରେ କ'ଣ ଘଟିଲା ? ଏଥିରେ କେବଳ ''ପଶିଥିଲେ''– ଏ ଶବ୍ଦଟି କି ପ୍ରଶଂସନୀୟ ସତେ ! ଦଙ୍ଗାକାରୀମାନେ ଅତ୍ୟନ୍ତ ଭଦ୍ର, ସମ୍ମାନାସ୍ପଦ ଆଉ ବିଚାରବନ୍ତ ସ୍ୱଭାବର ଥିଲେ ଯାହାଫଳରେ କି ସେମାନେ କିଛି ଲୁଟପାଟ କରିନାହାନ୍ତି । ସେମାନେ ଖାଲି ଢୁକିଥିଲେ ଢୁକିବାର ଖୁସି ଟିକକ ପାଇଁ ଆଉ ଅତିଶୟ ଆନନ୍ଦ ଚିତ୍ତରେ ବୋଧହୁଏ ସ୍ୱଦେଶୀ ବସ୍ତ୍ରର ଗଣ୍ଠିଲାକୁ ନିର୍ନିମେଷ ନୟନରେ ଚାହିଁ ରହିବାକୁ ! ସେମାନେ ମଧ୍ୟ ଦୁଇଟି ଗଣିକାଙ୍କ ଗୃହରେ ''ପ୍ରବେଶ କରିଥିଲେ'', କିନ୍ତୁ ଏଇ ନିର୍ଦ୍ଦିଷ୍ଟ ଘଟଣାରେ ସେମାନଙ୍କ ପାଇଁ ହୋଇଥିବା ଅସୁବିଧା ଓ ସାମାଜିକ ଗଣ୍ଡଗୋଳର କ୍ଷତିପୂରଣ ସେମାନେ ନିଜେହିଁ ନିଜ ପାଇଁ କରିଥିଲେ; ତଥାପି ଯେଉଁ ବ୍ୟକ୍ତିମାନେ ଲୁଣ୍ଠନର ଶିକାର ହୋଇଥିଲେ, ସେମାନେ ଥିଲେ କେବଳ ତୁଚ୍ଛ ଗଣିକାଦ୍ୱୟ ! ଏହିପରି ଗଣ୍ଡଗୋଳଟି ନିହାତି ମାମୁଲି ଧରଣର ଥିବାର ସୂଚନା ମିଳିଛି ଓ ଯେଉଁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେମାନେ ହେଲେ ଲୁଗା ଦୋକାନୀ ଓ ଦୁଇ ଗଣିକା; ପ୍ରକୃତରେ ଦେଖିବାକୁ ଗଲେ ସମୁଦାୟ ପ୍ରସଙ୍ଗଟି ଏକ ମଧୁର ଭାବଜନିତ କୌତୁକଠାରୁ ଟିକିଏ ଅଧିକା ଥିଲା । ଖାଲି ଛାତ୍ର ଆଉ ଦୋକାନୀ ନୁହନ୍ତି କିନ୍ତୁ ଆଇନଜୀବୀ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ନାଗରିକମାନଙ୍କ ଉପରେ ମଧ୍ୟ ପ୍ରଚଣ୍ଡ ଅଶୋଭନୀୟ ଆଚରଣ କରାଯାଇଛି, ସାଧାରଣ ଲୋକଙ୍କ ଘର ଉପରେ ଜବରଦସ୍ତ ଚଢ଼ାଉ ହୋଇଛି ଆଉ ଦୁଆର ତାଡ଼ି ପ୍ରବେଶ କରିବା ପାଇଁ ମଧ୍ୟ ଉଦ୍ୟମ ହୋଇଛି କିଂବା ନହେଲେ ଆସନ୍ତୁ କହିବା ରମଣୀମାନେ ରହୁଥିବା କକ୍ଷରେ 'ପଶିଥିଲେ' ("enter") ସେ ବିଷୟରେ ତ ସେଠାରେ ଶବ୍ଦଟିଏ ନାହିଁ ।

ଏ ଘଟଣାଟି ''ସରକାରୀ ଫାଇଲରେ ଲିପିବଦ୍ଧ ହେବାର'' ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ସରକାରୀ ରେକର୍ଡର ସ୍ଥାନଟି ଶୂନ୍ୟ ଥିଲା ଅର୍ଥାତ୍ ''ନବାବଙ୍କର ଜଣେ ପାର୍ସୀ ସେକ୍ରେଟାରୀ **ଏକୁଟିଆ ଚାଲି ଚାଲି ଯାଉଥିବା ସମୟରେ** ତାଙ୍କ ଉପରେ ଆକ୍ରମଣ ହେଲା ଆଉ କିଛି ହିନ୍ଦୁ ତାଙ୍କୁ ଲାଠି ସାହାଯ୍ୟରେ ଅତି ନିର୍ମମଭାବେ ପ୍ରହାର କରିଥିଲେ ।'' – ବୋଲି ଘଟଣାଟି ରେକର୍ଡ ହେବା ପର୍ଯ୍ୟନ୍ତ । କ୍ରୋଧୋଦ୍ଦୀପନା ଯେଉଁ ମିଃ: କର୍ସେଟ୍‌ଜିଙ୍କ ଦ୍ୱାରା ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରାଯାଇଥିଲା ତାହା ଅତି ସତର୍କତାର ସହିତ ବିବରଣୀରୁ ବାଦ୍ ପଡ଼ିଯାଇଛି ଆଉ ଆମମାନଙ୍କୁ ବିଶ୍ୱାସ କରିବା ପାଇଁ କୁହାଯାଇଛି ଯେ ନିର୍ଦ୍ଦୋଷ ପାର୍ସୀ ଭଦ୍ରବ୍ୟକ୍ତି ଏକ ନିରୀହ ଓ ସ୍ୱାସ୍ଥ୍ୟକର ସାନ୍ଧ୍ୟ ଭ୍ରମଣ ସକାଶେ ବାହାରେ ଥିବାବେଳେ ତାଙ୍କୁ ଏକାନ୍ତରେ ଦେଖି ଲୋକେ ନିର୍ଘାତ ପିଟିଥିଲେ କାରଣ ସେ ହେଉଛନ୍ତି ନବାବଙ୍କର ବ୍ୟକ୍ତିଗତ ସେକ୍ରେଟାରୀ । ଆଉ ତା' ପରଦିନ ସକାଳ ଗଲା, ସନ୍ଧ୍ୟା ହେଲା, ତୃତୀୟ ଦିବସରେ ସନ୍ଧ୍ୟା ପର୍ଯ୍ୟନ୍ତ ସବୁକିଛି ଶାନ୍ତ ଥିଲା, ତା'ପରେ ଆସିଲା ସେଇ ବିପଜ୍ଜନକ ସମୟ; ଯେତେବେଳେ ''ବିନା ଲାଇସେନ୍ସ୍‌ରେ ମୁସଲମାନ ଶୋଭାଯାତ୍ରା'' ସେମାନଙ୍କ ସମ୍ମୁଖରେ ଯାଉଥିବାବେଳେ, ମିଃ: କର୍ସେଟ୍‌ଜିଙ୍କ ପରି ବହୁତ ନିର୍ଭୀକଭାବେ ମଧ୍ୟ ସେମାନେ ବେଶ୍ ବେପରୁଆ ଢଙ୍ଗରେ ମୁକ୍ତ ହାଓ୍ୱା ସେବନ କରୁଥିଲେ ଆପାତତଃ ସେମାନଙ୍କ ମାନସିକ ଉତ୍ତେଜନାକୁ ହାଲୁକା କରିବାର ଆଉ ଫୁସ୍‌ଫୁସ୍ ସଞ୍ଚାଳନର ଏକ ନିରପରାଧ ଲକ୍ଷ୍ୟ ରଖି ବଡ଼ ପାଟିରେ କହୁଥିଲେ ''ଆଲ୍ଲା-ହୋ-ଆକବର'' । ଏଥିରୁ ତ ଅନେକ କିଛି ବୁଝାପଡୁଛି; ସ୍ପଷ୍ଟଭାବେ ବୁଝିଲେ ଦଳେ ଦୁର୍ବୃତ୍ତଙ୍କର ରାସ୍ତାଗୁଡ଼ିକୁ ଅବରୋଧ କରିବା, ନିରୀହ ଲୋକଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଆଉ ଘର ଭିତରେ 'ଢୁକିବା' ବାସ୍ତବରେ ହିନ୍ଦୁ କଳ୍ପନାଜଳ୍ପନା ବ୍ୟତୀତ ଏମିତି ବିଶେଷକିଛି ଘଟଣା ବୋଲି ଧରାଗଲାନି; ସେସବୁ ଥିଲା

ଖାଲି 'ବିନା ଲାଇସେନ୍ସ୍ ପ୍ରାପ୍ତ' ମୁସଲମାନମାନଙ୍କର ଶୋଭାଯାତ୍ରା, ନିର୍ଦୋଷ ଉଚ୍ଚଧ୍ୱନି ଦେବାର ଅଭିପ୍ରାୟ । ଯାହାହେଉ, କେହି ଅଜଣା ବ୍ୟକ୍ତି ଏହି ଶୋଭାଯାତ୍ରା ଉପରକୁ ଗୁଳିଚାଳନା କରିବା ଫଳରେ ଏକ ମୁସଲମାନ ପାଉଁରୁଟି ବିକାଳି ନିହତ ହୋଇଥିଲା; ଆଉ ସେଇଠାରେହିଁ ସେଇଦିନ ପାଇଁ ଯଥେଷ୍ଟ ଦୁର୍ବୋଧଭାବେ ସେଇ ଘଟଣାଟିର ପରିସମାପ୍ତି ଘଟିଥିଲା । ଯାହାହେଉ, ଏଇ ଗୁଳିକାଣ୍ଡର ଗୁରୁତର ପ୍ରଭାବ ପଡ଼ିଥିଲା କର୍ତ୍ତୃପକ୍ଷମାନଙ୍କ ଉପରେ; ବୋଧହୁଏ ଏକ ସଭ୍ୟ ତଥା ମାର୍ଜିତ ପ୍ରଶାସନିକ ମୌଳିକ କର୍ତ୍ତବ୍ୟବୋଧର କ୍ଷୀଣ ସ୍ମରଣ ମାତ୍ରକେ ସେମାନେ ଆଲୋଡ଼ିତ ହୋଇପଡ଼ିଥିଲେ । ସେଇ ଅନୁଯାୟୀ କ୍ୟୁରୋପାଟ୍‌କିନ୍ ପରି ଆମର ସାମରିକ କମିଶନର ତାରବାର୍ତ୍ତା ପଠାଇଲେ, ''ସୈନ୍ୟବଳ ପ୍ରେରଣ କରିବା ପାଇଁ'', ଏବଂ ସେମାନଙ୍କ ଆଗମନକୁ ବିଚାରାଧୀନ ରଖି ମୁସଲମାନ ସର୍ଦାର ଓ ମୁଲ୍ଲାମାନଙ୍କୁ ସେ ଡକାଇଥିଲେ ଆଉ ସେମାନେ ଆସିବା ଫଳରେ କ'ଣ କ'ଣ ପ୍ରଭାବ ପଡ଼ିଥିଲା ତାକୁ ''ତାଲିକାଭୁକ୍ତ'' କରିଥିଲେ ଶାନ୍ତି-ରକ୍ଷା ନିମନ୍ତେ । ବିଚାରବୁଦ୍ଧି ଓ ନ୍ୟାୟଶାସ୍ତ୍ରର ଦ୍ୱାହି ଦେଇ, କିନ୍ତୁ କାହିଁକି ? ବିବରଣୀରେ ଦର୍ଶାଯାଇଛି ଯେ ସବୁଯାକ ହିଂସାକାଣ୍ଡ ଓ ଅରାଜକତା ହିନ୍ଦୁମାନଙ୍କଠାରୁହିଁ ନିର୍ଗତ ହୋଇଥିଲା, କେବଳ ଲୁଟପାଟ ହୋଇ ନଥିବା ଦୋକାନଗୁଡ଼ିକ ଆଉ ଲୁଣ୍ଠନର ଶିକାର ହୋଇଥିବା ଗଣିକାମାନଙ୍କ ସଂକ୍ରାନ୍ତରେ ଛୋଟ ଛୋଟ ଘଟଣାଗୁଡ଼ିକୁ ଯଦି ଆମେ ବାଦ୍ ଦେଉ । ଏଥିରୁ ମନେହୁଏ ଯେ ମୁସଲମାନମାନେ ସମ୍ପୂର୍ଣ୍ଣ ଶାନ୍ତ ଥିଲେ ତୃତୀୟ ଦିବସର ରାତ୍ରି ପର୍ଯ୍ୟନ୍ତ, ତା'ପରେ ଠିକ୍ ପୁଣି କେତେ ଅନୁରୂପ ଛୋଟ ଛୋଟ ଘଟଣା ଘଟିଗଲା; ଗୋଟିଏ ଗାଡ଼ିର ପାହାଚ ଚଢ଼ି ଯାଉଥିବାବେଳେ ଜଣେ ଲୋକ ''ଆଘାତପ୍ରାପ୍ତ'' ହୋଇଥିଲା । ଜଣେ ହିନ୍ଦୁ ଚପରାସୀ ''ଆଘାତପ୍ରାପ୍ତ'' ହୋଇଥିଲା, ଆଉ ଅଧିକା କିଛି ନୁହେଁ । ଆମେମାନେ ନିଜେ ମଧ୍ୟ ସ୍ତମ୍ଭୀଭୂତ ହୋଇଯାଇଛୁ ଏସବୁ ଦଙ୍ଗାକାରୀମାନେ ଏଭଳି ନରମପନ୍ଥା କିପରି ଗ୍ରହଣ କରିଥିଲେ । ସେମାନେ ଘର ଭିତରେ ବଳପୂର୍ବକ ପ୍ରବେଶ କରନ୍ତିନି, ସେମାନେ ଖାଲି ଢୁକିଯା'ନ୍ତି ସେଠାରେ; ମିଃ କର୍ସେଟ୍‌ଜିଙ୍କୁ ହିନ୍ଦୁମାନଙ୍କ ଦ୍ୱାରା ଯେଉଭଳି ''ନିଷ୍ଠୁର ପ୍ରହାର ହୋଇଥିଲା'' ସେମାନେ ସେଭଳି କାହାକୁ ପ୍ରହାର କରନ୍ତି ନାହିଁ, ସେମାନେ ଖାଲି ଜଣେ କିଂବା ଦୁଇଜଣ ଲୋକଙ୍କୁ ପ୍ରହାର କରନ୍ତି ଖେଳ-କୌତୁକରେ । ଏଭଳି ପରିସ୍ଥିତିଗୁଡ଼ିକରେ ''ଶାନ୍ତି ବଜାୟ ରଖିବା ପାଇଁ'' ହିନ୍ଦୁ ସମ୍ପ୍ରଦାୟର ନେତାମାନଙ୍କୁ ତାଲିକାଭୁକ୍ତ କରିଥିଲେ ଭଲ ହୋଇଥା'ନ୍ତା, – କୁହାଯାଉ, ସ୍ୱତନ୍ତ୍ରଗୁଡ଼ିଏ କନେଷ୍ଟବଳଭାବେ । ସେ ଯାହାହେଉ, ପରିଶେଷରେ ଅତିରିକ୍ତ ସୈନ୍ୟଦଳ ଆସି ପହଞ୍ଚିଗଲେ ଆଉ କମିଶନର ନିଜେ ବ୍ୟସ୍ତ ରହିଗଲେ ବ୍ୟକ୍ତିଗତଭାବେ ପିତୃସୁଲଭ ବ୍ରିଟିଶ କାଇଦାରେ ''ସମସ୍ତ ଅଭିଯୋଗର ଅନୁସନ୍ଧାନ କରି ଆଉ ଉଭୟ ପକ୍ଷର ନେତାମାନଙ୍କୁ ଏକାଠି କରିବାର ପ୍ରୟାସ କରି'' । ଏଇ ମର୍ମସ୍ପର୍ଶୀ ଦୃଶ୍ୟପଟ ଉପରେ ସରକାରୀ ଯବନିକାର ପତନ ହେଲା । ଏହାପରେ କିଏ ବା କହିବ, ''ବିଭାଜନ ଓ ଶାସନ'' ହେଉଛି ଭାରତବର୍ଷରେ ବ୍ରିଟିଶ ଅମଲାତନ୍ତ୍ରର ନୀତି ?

ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣାର ଏଇ ହାସ୍ୟାସ୍ପଦ ବିବରଣୀକୁ ସମ୍ପୂର୍ଣ୍ଣରୂପେ ଲୋକଲୋଚନକୁ ଆଣିବା ପାଇଁ ଆମେ ଏବେ ଯଥେଷ୍ଟ କିଛି କହିସାରିଲୁଣି । ଦୁଇଟି ସମ୍ପ୍ରଦାୟ ଭିତରେ ଶାନ୍ତି ଅକ୍ଷୁଣ୍ଣ ରଖିବା ସକାଶେ ଇଏ ଏକ ନିଷ୍ପକ୍ଷ ସରକାରୀ କର୍ମଚାରୀର କୀର୍ତ୍ତି ନୁହେଁ । କିନ୍ତୁ ଏକ ରାଜନୈତିକ ଲଢ଼େଇ ଭିତରେ ଏଇଟା ହେଲା ଏକ ପକ୍ଷାବଲମ୍ବୀର କୀର୍ତ୍ତି ଯିଏ ସ୍ୱଦେଶୀ ଆନ୍ଦୋଳନର ବିରୋଧି ସାଜିଥିବା କିଛି ମୁସଲମାନମାନଙ୍କୁ ''ମିତ୍ର''ଭାବେ ତାଲିକାଭୁକ୍ତ କରିଥିଲା ବ୍ରିଟିଶ ଅମଲାତନ୍ତ୍ର ପକ୍ଷରୁ । ଘଟଣାଟିକୁ ବୁଝିବା ଉଦ୍ଦେଶ୍ୟରେ ଆମକୁ ସରକାରୀ ପକ୍ଷର ବିବରଣୀ ଭିତରେ ଖୋଲାଖୋଲିଭାବେ ବ୍ୟକ୍ତ ହୋଇ ନଥିବା କଥାର ଅର୍ଥ ଖୋଜିବାକୁ ହେବ, ଅତି ସାବଧାନତା ସହକାରେ ପଢ଼ି ଦେଖିବାକୁ ହେବ ଏହା କେଉଁ କେଉଁ କଥାସବୁକୁ ବାଦ୍ ଦିଏ; ଆଉ ଏଇଥିପାଇଁହିଁ ଘଟଣା ସମ୍ପର୍କରେ ହିନ୍ଦୁର ବୟାନକୁ ଏକମାତ୍ର ଉପଯୋଗୀ ମାଧ୍ୟମ ରୂପେ ଆମକୁ ନିଶ୍ଚୟ ଦେଖିବାକୁ ପଡ଼ିବ । ସ୍ଥୂଳ ବର୍ଣ୍ଣନ ରୂପେ ଦେଖିଲେ କ'ଣ ଘଟି ଥାଇପାରେ ତାହା ବେଶ୍ ପରିଷ୍କାରଭାବେ ଜଣା ପଡ଼ିଯାଉଛି, ତେଣିକି ସବିସ୍ତୃତ ବିବରଣୀ ଭିତରେ ଯାହାକିଛି ସଂଶୟ ଥାଉ ନା କାହିଁକି । କୋମିଲାଠାରେ ସର୍ବସାଧାରଣଙ୍କ ସ୍ୱାର୍ଥ ନେଇ ଲୋକପ୍ରିୟ କାରଣଟି ବିରାଟ ଆକାର ଧାରଣ କରିଥିଲା ଆଉ ଜିଲ୍ଲା ସମ୍ମିଳନୀର ଗୌରବମୟ କୃତିତ୍ୱ ଏପରି ଏକ ନିଦର୍ଶନ ରଖିଗଲା ଯାହାକୁ ଉପେକ୍ଷା କରାଯାଇ ପାରୁନଥିଲା । ପୁନରାୟ ଅବିଶ୍ୱସନୀୟ ଢାକାର ଦୁର୍ଦ୍ଧର୍ଷ ନବାବ ସଲିମୁଲ୍ଲା ବିଚାର କଲେ ଯେ ତାଙ୍କ ପୃଷ୍ଠପୋଷକ ଆସାମ ସରକାରଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ହେଉଛି ଟିପ୍ପେରା (Tipperah)ରେ ଜାତୀୟତାର

ଢୁଆରକୁ ଗତିରୋଧ କରିବା । ସେଇଥିପାଇଁ ସେ ନିଜର ଲେଫ୍‌ଟନାଣ୍ଟମାନଙ୍କ ସହିତ କୋମିଲା ଅଭିମୁଖେ ଅଗ୍ରସର ହେଲେ ଆଉ ବିଜୟଦର୍ପରେ ପ୍ରବେଶ କଲେ ସହର ଭିତରେ । ସେ ଯେ ବିଜିତ ସହରକୁ ସର୍ବସ୍ୱାନ୍ତ କରିବା ପାଇଁ ଆଦେଶ ଦେଇଥିଲେ ଏହା ସ୍ୱାଭାବିକ କଳ୍ପନାଜନିତ ଉତ୍ତେଜନାରୁ ଉପୁଜିଥିବା ସଂଶୟ ଅପେକ୍ଷା ସମ୍ଭବତଃ ଆଉ ଅଧିକ କିଛି ନୁହେଁ; କିନ୍ତୁ ତାଙ୍କ ଆଗମନହିଁ ସହସା ଦଙ୍ଗାଗୋଳସବୁ ଘଟିବା ପାଇଁ ଦାୟୀ । ଆଙ୍ଗ୍ଲୋ-ଭାରତୀୟ ପୃଷ୍ଠପୋଷକମାନଙ୍କ ଦ୍ୱାରା ଠେଲିହୋଇ ଆସି ସେ ଏକ ପ୍ରମୁଖ ପଦବୀରେ ଆସୀନ ହେବା ଦିନରୁ ତାଙ୍କର ସମୁଦାୟ ଇତିହାସ ହେଉଛି ହିନ୍ଦୁମାନଙ୍କ ବିରୋଧରେ ଦୀର୍ଘକାଳ ଧରି ଅଭିଯାନ ଚାଲୁ ରଖିବା, ଆଉ ତା' ସହିତ ମୁସଲମାନମାନଙ୍କର ଭାବାବେଗ ଓ ଗୋଷ୍ଠୀଗତ ସ୍ୱାର୍ଥପରତାକୁ ତେଜିବା, ସେମାନଙ୍କ ସାଥୀ ହିନ୍ଦୁ ଦେଶବାସୀମାନଙ୍କ ସହିତ କାଳ କାଳ ଧରି ଶତ୍ରୁତା ଆଚରଣ ଉଦ୍ଦେଶ୍ୟରେ ସେମାନଙ୍କୁ କ୍ରୋଧାନ୍ୱିତ କରିବାର ଉଦ୍ୟମକୁ ଅବ୍ୟାହତ ରଖିବା । କେବଳ ନବାବଙ୍କ ପ୍ରଭାବ ଅନୁଭୂତ ହେଉଥିବା ଆଞ୍ଚଳିକ ପରିସୀମା ଭିତରେହିଁ ସ୍ୱଦେଶୀ ଆନ୍ଦୋଳନ ଓ ବିଭାଜନ ସଂକ୍ରାନ୍ତୀୟ ପ୍ରଶ୍ନକୁ ନେଇ ହିନ୍ଦୁ ଆଉ ମୁସଲମାନମାନଙ୍କ ଭିତରେ ସାଂଘାତିକ ଧରଣର ସଂଘର୍ଷ ହୋଇଛି । କିନ୍ତୁ ଅଦ୍ୟାବଧି ଏହା ଯେତିକି ଦୂରପର୍ଯ୍ୟନ୍ତ ଯାଇଛି, ତାହା ହେଲା ଏହାର ଆଶୁ ପରିଣତି କେବଳ ଏକ ସଂଘର୍ଷର ରୂପ ନେଇନି କିନ୍ତୁ ହିଂସା ଓ ଅରାଜକତା ହୁଏତ ବ୍ୟାପିଛି ସିରାଜଗଞ୍ଜରେ ସାମାନ୍ୟ ପରିମାଣରେ, କିଂବା ମଇମନ୍‌ସିଂରେ ବିଶାଳ ଆକାରରେ । ଏଥିରେ ତେଣୁ ବିସ୍ମିତ ହେବାର କିଛି ନାହିଁ ଯେ ନିକଟରେ କୋମିଲାଠାରେ ଅନୁଷ୍ଠିତ ସମ୍ମିଳନୀ ଆଉ ସ୍ୱଦେଶୀ ସଭାସମିତିଗୁଡ଼ିକ ବିନା କୌଣସି ଅଘଟଣରେ ଯେତେବେଳେ ସମାପ୍ତ ହୋଇଯାଇଛି, ସେଠାରେ ନବାବ ଆସି ପାଦ ଦେଉ ଦେଉ ହିଂସା ଓ ଅରାଜକତାର ସୂତ୍ରପାତ ହୋଇଗଲା । ସେଇ ଗୋଟିଏ ସମୟରେ ସମ୍ଭବତଃ ଆକସ୍ମିକ ଗଣ୍ଡଗୋଳ ଘଟିବା ମୂଳରେ କୌଣସି ଆଶୁ ଉତ୍ତେଜନା ସୃଷ୍ଟିକାରୀ କାରଣ ରହିଥିଲା । ଇଟା ଫୋପଡ଼ା କାହାଣୀର ଏକ ସନ୍ଦେହଜନକ ସାଦୃଶ୍ୟ ରହିଛି ଆଉ ଏକ ଘଟଣା ସହିତ ଯାହା ସାର୍ ବାମ୍‌ଫିଲଡ ଆଉ ତାଙ୍କ ଗୁର୍ଖାମାନଙ୍କୁ ସରକାରୀ ସ୍ତରରେ ଦଙ୍ଗାଗୋଳ ସୃଷ୍ଟି କରିବା ସକାଶେ ନିୟୋଜିତ କରିଥିଲା ବରିସାଲ୍‌ରେ । କିନ୍ତୁ ବୋଧହୁଏ ଏତିକିମାତ୍ର ଯଥେଷ୍ଟ ଯେ କିଛି ମୁଷ୍ଟିମେୟ ବ୍ୟକ୍ତି ନବାବଙ୍କ ପ୍ରତି ସେମାନଙ୍କର ଆକ୍ରୋଶମୂଳକ ଭାବ ପ୍ରଦର୍ଶନ କରିଛନ୍ତି । ସେ ଯାହାକିଛି ହୋଇଥାଉ ନା କାହିଁକି, ନିଃସନ୍ଦେହରେ ମୁସଲମାନ ଜନସାଧାରଣଙ୍କ ମଧ୍ୟରୁ ଅଧିକ ଗୁଣ୍ଡାଶ୍ରେଣୀୟ କିଛି ଲୋକ ଉଚ୍ଛୃଙ୍ଖଳ ଦଙ୍ଗାରେ ମାତିଥିଲେ, ହିନ୍ଦୁମାନଙ୍କୁ ଯେଉଁଠି ଦେଖିଲେ ସେଠି ଆକ୍ରମଣ କଲେ, ଦୋକାନଗୁଡ଼ିକ ଭିତରେ, ବେସରକାରୀ ଘରମାନଙ୍କରେ ଜୋରଜବରଦସ୍ତି ପ୍ରବେଶ କଲେ ଓ ଅତି ନିର୍ମମଭାବେ ଛାତ୍ର ଓ ଆଇନଜୀବୀମାନଙ୍କୁ ଏବଂ ଅନ୍ୟ ସମ୍ମାନାସ୍ପଦ ହିନ୍ଦୁମାନଙ୍କୁ ପିଟାପିଟି କଲେ, ଏମିତିକି କେତେ କ୍ଷେତ୍ରରେ ମହିଳାମାନେ ରହୁଥିବା ପ୍ରକୋଷ୍ଠଗୁଡ଼ିକରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ ।

ଘଟଣାଟି ଆରମ୍ଭ ହେଲା ମାତ୍ରକେ ତା'ର ଗତାନୁଗତିକ ଧାରାକୁ ଅନୁସରଣ କରିଚାଲିଲା । ମଇମନ୍‌ସିଂରେ ଯେଭଳି ଘଟିଥିଲା, ନବାବଙ୍କ ହିନ୍ଦୁବିରୋଧୀ ଅଭିଯାନରେ ପ୍ରବଳଭାବେ ମାତି ଉଠିଥିବା ନିମ୍ନବର୍ଗର କିଛି ମୁସଲମାନମାନଙ୍କ ପକ୍ଷରୁ ଉଚ୍ଛୃଙ୍ଖଳ ହୋହଲ୍ଲାରୁ ଏ ଘଟଣାର ସୂତ୍ରପାତ ହୋଇଥିଲା । ମଇମନ୍‌ସିଂରେ ଯାହା ଘଟିଥିଲା, ସେମିତି, ହିନ୍ଦୁ ଭଦ୍ରବ୍ୟକ୍ତିମାନଙ୍କର ନିବେଦନ ସତ୍ତ୍ୱେ ସ୍ଥାନୀୟ କର୍ତ୍ତୃପକ୍ଷବୃନ୍ଦ ପ୍ରଥମେ ହସ୍ତକ୍ଷେପ କରିବାକୁ ଆସିଲେ ନାହିଁ ଆଉ ଏଇ ଅପମାନଜନକ ଅତ୍ୟାଚାରର ଉତ୍ପତ୍ତିକୁ ନେଇ ବିଦ୍ୱତ୍ତାପୂର୍ଣ୍ଣ ବିତର୍କ ଭିତରେ ସେମାନେ ନିଜକୁ ଆବଦ୍ଧ କରି ରଖିଥିଲେ । ମଇମନ୍‌ସିଂରେ ଯେମିତି ଘଟିଥିଲା, ହିନ୍ଦୁମାନେ ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଆଉ ଆଇନର ସୁରକ୍ଷାରୁ ବଞ୍ଚିତ ହୋଇ ପ୍ରଥମେ ପ୍ରଥମେ ପ୍ରମାଦ ଗଣିଲେ, ତା'ପରେ ଆତ୍ମରକ୍ଷା ପାଇଁ ସଙ୍ଗଠିତ ହେବାକୁ ଲାଗିଲେ । ଯାହାହେଉ, କୋମିଲାଠାରେ ସେମାନେ ମହାନ୍ ତତ୍ପରତା ଆଉ ପ୍ରଚଣ୍ଡ ଶକ୍ତିମତ୍ତାର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଜଣା ପଡୁଛି । ଗଣ୍ଡଗୋଳ ଅନ୍ତତଃ ତିନିଦିନ ଧରି ଲାଗି ରହିଥିଲା । କିନ୍ତୁ ସେତେବେଳକୁ ହିନ୍ଦୁମାନେ ନିଜକୁ ଏକଜୁଟ କରି ନେଇଥିଲେ, ମହିଳାମାନଙ୍କୁ ନିରାପଦ ସ୍ଥାନ ଦେଖି ସ୍ଥାନାନ୍ତରିତ କରାଗଲା ଯେଉଁଠି ସେମାନେ ଦଳେ ସ୍ୱେଚ୍ଛାସେବୀମାନଙ୍କ ଗହଣରେ ସୁରକ୍ଷିତ ହୋଇ ରହିପାରିଥିଲେ ଆଉ ସମୁଦାୟ ଗୋଷ୍ଠୀଟି ପ୍ରତିରକ୍ଷାମୂଳକ ସ୍ଥିତିରେ ଥିଲା । ଦୁଇ ବା ତିନିଥର ଧସ୍ତାଧସ୍ତି ହୋଇଥିବାର ଜଣା ପଡୁଛି; ତହିଁରୁ କୌଣସି ଗୋଟିକରେ ମିଃ. କର୍ସେଟ୍‌ଜିଙ୍କ ପ୍ରତି ସମ୍ଭବତଃ କଠୋର ଆଚରଣ କରାଯାଇଥିଲା ଆଉ ଗୋଟିକରେ ଜଣେ ମୁସଲମାନ ଗୁଳି ଚୋଟରେ ନିହତ

ହୋଇଥିଲା । ଏହି ସମୟରେ କମିଶନର ଉପଲବ୍ଧି କରିଥିଲେ ଯେ ବ୍ରିଟିଶ କର୍ତ୍ତୃପକ୍ଷଗଣ ହସ୍ତକ୍ଷେପ ନକରିବା ନୀତିଟି ଗ୍ରହଣ କରିବା ଯୋଗୁଁ ପରିଣାମ ଏମିତି ସାଂଘାତିକ ହୋଇପଡ଼ିଥିଲା ଯାହା ସେମାନେ ଆଗରୁ ଅନୁମାନ କରିପାରି ନାହାନ୍ତି । ତାରବାର୍ତ୍ତା ଜରିଆରେ ସାମରିକ ପୋଲିସମାନଙ୍କୁ ଡକାଗଲା ଆଉ ଅନ୍ୟାନ୍ୟ ପଦକ୍ଷେପମାନ ନିଆଯାଇଥିଲା, ସେତେବେଳକୁ ବହୁ ବିଳମ୍ବ ହୋଇ ଅନ୍ତତଃ ତିନିଦିନ ବିତି ଗଲାଣି, କାରଣ ଯାହା ଅନିଷ୍ଟ ହେବା କଥା ପୂରାପୂରି ହୋଇ ସାରିଥିଲା ।

ଅତିରଞ୍ଜିତ ବ୍ୟାଖ୍ୟା ଆଉ ଜନରବରୁ ମୁକୁଳିଲା ପରେ ଆମେ ମନେ ମନେ ଅନୁଭବ କରୁଛୁ ଯେ ଉପରୋକ୍ତ ତଥ୍ୟ ପରି ଅସଲ ସତ୍ୟାସତ୍ୟର ସନ୍ଧାନ ମିଳିଲେ କିଛି ନିର୍ଣ୍ଣୟ କରି ହେବ । ଆମର ଯେତେଦୂର ବିଶ୍ୱାସ ମୁସଲମାନମାନଙ୍କ ଭିତରୁ ସ୍ୱଦେଶୀ-ବିରୋଧୀ ଏକ ଗୋଷ୍ଠୀ ଦ୍ୱାରା ଦଙ୍ଗାର ଯୋଜନା ବହୁ ଆଗରୁ ହୋଇଥିଲା କିଂବା ସେଥିପାଇଁ ଆଦେଶ ମିଳିଥିଲା । କିନ୍ତୁ କୌଣସି ଉଦ୍‌ବେଗଜନକ ଆଉ ଏମିତିକି ଅସହ୍ୟ ଉତ୍ତେଜନାର କାରଣ କିଛି ନଥାଇ ହିନ୍ଦୁମାନେ ଯେ ଆକ୍ରମଣାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ମୁହୂର୍ତ୍ତକ ପାଇଁ ସେ ବିଶ୍ୱାସ ଆମର ନାହିଁ । ଏ ସଂକ୍ରାନ୍ତରେ ମାମଲା ଓ ପ୍ରତିପକ୍ଷର ମାମଲାମାନ ବିଧିବଦ୍ଧଭାବେ ଦାୟର କରାଯିବାର ଗତାନୁଗତିକ ଭୁଲ୍‌ଟିକୁ ଯେ ଏଡ଼ାଯାଇ ପାରିବ ଏ ପ୍ରତ୍ୟୟ ଆମର ରହିଛି । ଯଦି କୋମିଲାର ଜାତୀୟବାଦୀମାନେ ଘଟଣାର ପ୍ରକୃତ ତଥ୍ୟସବୁ ଜାଣିବାକୁ ଚାହାନ୍ତି ସେମାନେ ଜନମାନସର ଜ୍ଞାତବ୍ୟ ନିମନ୍ତେ କେଉଁ କେଉଁ ଲୋକେ ଆକ୍ରମଣର ଶିକାର ହୋଇଥିଲେ ତା'ର ସାକ୍ଷ୍ୟ ପ୍ରମାଣ ସହିତ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରନ୍ତୁ । ପୂର୍ବ ବଙ୍ଗଳାରେ ଅନ୍ତତଃ ସମୟ ବର୍ତ୍ତମାନ ଅତିବାହିତ ହୋଇଯିବା କଥା, ଯେତେବେଳେ ବ୍ରିଟିଶ ଅଦାଲତମାନଙ୍କରେ ପୁନର୍ବିଚାର ପାଇଁ ଆବେଦନ ପେସ କଲେ ହୁଏତ ଅବସ୍ଥା ସୁଧୁରିପାରେ କିଂବା ମନକୁ ଟିକେ ସାନ୍ତ୍ୱନା ମିଳିପାରେ ।

[ବନ୍ଦେ ମାତରଂ, ମାର୍ଚ୍ଚ ୧୫, ୧୯୦୭]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

His Grace is always with those who want to progress
and realise the Truth of tomorrow.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ହିନ୍ଦୁର ବ୍ରତ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଜୀବନଯୁଦ୍ଧରେ ବଞ୍ଚି ବର୍ତ୍ତି ରହିବାକୁ ହେଲେ, ଜୟୀ ହେବାକୁ ହେଲେ, ହିନ୍ଦୁଧର୍ମକୁ, ହିନ୍ଦୁସମାଜକୁ ଲାଭ କରିବାକୁ ହେବ ଏକ ସୁସଂଗଠିତ ସମର୍ଥ-ଆକାର । ବର୍ତ୍ତମାନ ଦେଖିବାକୁ ଗଲେ ହିନ୍ଦୁସମାଜ କହିଲେ ବୁଝାଉଛି ବିଶୃଙ୍ଖଳ ଜନତା ମାତ୍ର । ଏଇ ଜନତାକୁ ସୈନ୍ୟଦଳଙ୍କ ଭଳି ଗୋଟିଏ ସଂହତ ଗୋଷ୍ଠୀରେ ପରିଣତ କରିବାକୁ ହେବ । ଧର୍ମ ଦିଗରୁ ଅଥବା ଲୌକିକ କର୍ମର ଦିଗରୁ ଦେଖିବାକୁ ବସିଲେ ଯେଉଁସବୁ ଜାତି ବଞ୍ଚି ରହିଛନ୍ତି, ନିଜ ନିଜର ରାଜ୍ୟ ବିସ୍ତାର କରି ଚାଲିଛନ୍ତି, ସେମାନଙ୍କର ସାଫଲ୍ୟର ରହସ୍ୟ – ଏଇ ବିଷୟକୁ ନେଇ । ଖ୍ରୀଷ୍ଟୀୟ ଧର୍ମସଂଘ, ତାହା ଯେ କୌଣସି ସମ୍ପ୍ରଦାୟର ହୋଇଥାଉ ନା କାହିଁକି – ଏଇ ବିଶେଷତ୍ୱ ସେଥିରେ ରହିଛି; ଶିକ୍ଷା ଓ ଦୀକ୍ଷାରେ, କ୍ରିୟାକର୍ମରେ, ସେମାନଙ୍କର ରହିଥାଏ ଏକ ସୁସ୍ପଷ୍ଟ ଓ ସଂହତ ରୂପ ଓ ସାମର୍ଥ୍ୟ । ତତ୍ତ୍ୱ ଦିଗରୁ ସେମାନେ ବେଶୀ ଉଚ୍ଚକୁ ଉଠିଯିବାକୁ ଚାହିଁ ନାହାନ୍ତି – ମନ ପକ୍ଷରେ ସହଜଗ୍ରାହ୍ୟ, ଦେହ-ପ୍ରାଣ ପକ୍ଷରେ ଯାହା ଆୟତ୍ତ କରିବା ଦୁଃସାଧ୍ୟ ନୁହେଁ – ଏଇପରି କେତେଗୁଡ଼ିଏ ବିଶିଷ୍ଟ ନୀତି ବା ବାଧାନିଷେଧ ତାହା ବାନ୍ଧି ଦେଇଛି । ଧର୍ମ ସାଧନାର ଏଇ ରୀତି ସେମାନଙ୍କର କର୍ମ ସାଧନାରହିଁ ଅନୁରୂପ । ଇଉରୋପ ମହାଦେଶର ଗୋଟିଏ ଗୋଟିଏ ଦେଶ ନେଶନ୍ ରୂପେ ସ୍ପଷ୍ଟ ସୁଷୀମ (ସମ୍ୟକ୍ ସୀମାକୁ ନେଇ) ସମର୍ଥ ରୂପଗ୍ରହଣ କରି ଗଢ଼ିଉଠିଛି । କାରଣ ସେମାନେ ଗଢ଼ିବାକୁ ଚାହିଁଛନ୍ତି ତଳ ଆଡୁ – ଯେଉଁ ସତ୍ୟଟି ସ୍ଫୁଟ ଓ ସ୍ଥୂଳ – ତାହାକୁହିଁ ଆଶ୍ରୟ କରି ।

ପାଶ୍ଚାତ୍ୟ ପ୍ରତିଭାର ବିଶେଷତ୍ୱ ଏଇ ଯେ ସତ୍ୟକୁ, ତତ୍ତ୍ୱକୁ ଓ ଶକ୍ତିକୁ – ତାହା ବ୍ୟଷ୍ଟିଗତ ହେଉ ଅବା ଗୋଷ୍ଠୀଗତ ହେଉ, ଲୌକିକ ହେଉ ଅବା ପାରମାର୍ଥିକ ହେଉ, ତହିଁରେ ସେ ଏକ ଜାଗ୍ରତ୍ ଇନ୍ଦ୍ରିୟବଦ୍ଧ ରୂପ ବା ଆକାର ଦେବାକୁ ବସେ ପ୍ରାୟ ସର୍ବକ୍ଷେତ୍ରରେ । ବ୍ୟକ୍ତ ଦେହ, ପ୍ରାଣ ଓ ମନର ଛାଞ୍ଚରେ ସେଇ ସତ୍ୟ ବା ତତ୍ତ୍ୱ ଅଥବା ଶକ୍ତିକୁ ନ ଢାଳିଲେ ତାହାର ଚେତନାରେ ସେଗୁଡ଼ିକ ଯେମିତି ଧୂଆଁଳିଆ ଅବା ସନ୍ଦେହର ବସ୍ତୁ ହୋଇ ରହିଯାଏ । ବିଚାର-ବିତର୍କ ସିଦ୍ଧାନ୍ତ ହିସାବରେ ସେ ପ୍ରମାଣ କରୁଛି, ଆଣିଦେଉଛି ସେଗୁଡ଼ିକର ମାନସରୂପ; ଆଇନ-କାନୁନ, ପ୍ରୋଗ୍ରାମ, ପ୍ଲାନ ଆଦି ଦେଇ ପ୍ରାଣ ସେଗୁଡ଼ିକୁ ସଜୀବ କରି ଧରିବାର ଉପାୟ ଦେଉଛି ଆଗ୍ରହ, ଉତ୍ସାହ, ଜୋର୍-ଜବରଦସ୍ତିର ପନ୍ଥା ହିସାବରେ; ଦୈହିକ ଚେତନା ମଧ୍ୟ ସେଗୁଡ଼ିକର ରୂପ ଓ ଆକାର ପାଇଁ ଦେଉଛି ଆଚାର, ଅନୁଷ୍ଠାନ, କ୍ରିୟାକଳାପ, ଯାହାଦ୍ୱାରା ସେସବୁ ତତ୍ତ୍ୱ, ସତ୍ୟ ଓ ଶକ୍ତିର ସ୍ଥିତି ବଜାୟ ରହିବ । ୟୁରୋପର ସଭ୍ୟତା ତତ୍ତ୍ୱକୁ ତତ୍ତ୍ୱ ହିସାବରେ ଆଜିଯାଏଁ ଚେତନାରେ ବୁଝିବାକୁ ଚାହିଁ ନାହିଁ, ବୁଝିପାରି ନାହିଁ, ଯେତେବେଳ ଯାଏଁ ଉକ୍ତ ତତ୍ତ୍ୱ ଓ ସତ୍ୟକୁ ତାହା ବାହ୍ୟ ଏକ କର୍ମମୁଖୀ, ବ୍ୟବହାର-ପନ୍ଥୀ ଏବଂ ମୂର୍ତ୍ତିରୂପ ଦେଇ ନଧରିଛି ।

ଏହା ତ ଗଲା ପାଶ୍ଚାତ୍ୟ ଦେଶ ଓ ଧର୍ମର କଥା । ଭାରତର ବା ହିନ୍ଦୁ ପ୍ରକୃତି ଗଠିତ ହୋଇଛି ଅନ୍ୟ ଏକ ଧାତୁରେ – ତାହାର ଗତି ଯେପରି ବିପରୀତମୁଖୀ । ଦେହରେ, ପ୍ରାଣରେ ସତ୍ୟକୁ ଗ୍ରହଣ କରିବା, ତଥା ଧାରଣ କରିବା ପାଇଁ ସେ ମଧ୍ୟ ଛାଞ୍ଚ ଗଢ଼ିଛି ସେଠାରେ, ମାତ୍ର ତତ୍‌ସହିତ ସେ କହିଆସିଛି ଏ ସମସ୍ତ କେବଳ ଅବଲମ୍ବନ, ଆଶ୍ରୟ ମାତ୍ର । ତାହାର ଚେତନା ନିୟତ ଅବଲମ୍ବନ ପାଇଁ 'ବିଶେଷ'କୁ ଅତିକ୍ରମ କରି 'ସାଧାରଣ'ର ଦିଗରେ ଗତି କରୁଛି; ରୂପ ଆକାର, ବିଗ୍ରହକୁ ଡେଇଁ ତତ୍ତ୍ୱର ଅଭିମୁଖରେ । ନିୟମ-କାନୁନ ବାନ୍ଧି ଦେଇଛି ଯଥେଷ୍ଟ, ମାତ୍ର ସଙ୍ଗେ ସଙ୍ଗେ ବିକଳ୍ପର ବି ବ୍ୟବସ୍ଥା ରଖିଛି ଏବଂ କହି ରଖିଛି ସମସ୍ତ କ୍ରିୟା-କଳାପ ସ୍ଥାନ, କାଳ, ପାତ୍ର ଅନୁସାରେ ନିର୍ଦ୍ଧିତବ୍ୟ ଓ ପରିବର୍ତ୍ତନୀୟ ଏବଂ ଏହା ସତ୍ତ୍ୱେ ବି ଏଭଳି ସ୍ଥାନ, କାଳ, ପାତ୍ର ରହିଛି ଯେଉଁଠାରେ ନିୟମୋଽନାସ୍ତି । ମାନବ ସାଧାରଣଙ୍କ ପାଇଁ ନିୟମ ହେଉଛି ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ବାନପ୍ରସ୍ଥ ଓ ସନ୍ନ୍ୟାସ – ଏଇଗୁଡ଼ିକୁ ପର୍ଯ୍ୟାୟ କ୍ରମରେ ଗୋଟାଏ ପରେ ଗୋଟାଏ ଆଶ୍ରମରେ ଅବସ୍ଥାନ କରି ତାକୁ ପାର ହୋଇଯିବା; କିନ୍ତୁ ଯିଏ ସକ୍ଷମ ଅର୍ଥାତ୍ ଯିଏ ସମର୍ଥବାନ୍, ଯାହାର ଅଧିକାର ଅଛି, ସେ ଏ ନିୟମରେ ବଦ୍ଧ ନୁହନ୍ତି । ତାଙ୍କ ନିମନ୍ତେ କୁହାଯାଇଛି : ଯଦ ଅହରେବ ବିରଜ୍ୟେତ୍, ତଦହରେବ ପ୍ରବ୍ରଜ୍ୟେତ, ଅର୍ଥାତ୍ ଯେଉଁ ମୁହୂର୍ତ୍ତରେ ବୈରାଗ୍ୟ ଆସିବ, ସେଇ ମୁହୂର୍ତ୍ତରେ ତୁମେ ଗୃହତ୍ୟାଗ କରିପାର । ଆଉ ଗୋଟିଏ ଉଦାହାରଣ : ସତୀ କୁହାଯାଏ କାହାକୁ ? ଯିଏ ଏକ-ଭର୍ତ୍ତୃକା, ଅନନ୍ୟପରାୟଣା – ଯଥା ସୀତା, ସାବିତ୍ରୀ । ଏ କଥା ସତ୍ୟ, କିନ୍ତୁ ଏହା ସହିତ ସେଇ ପର୍ଯ୍ୟାୟରେ ଅହଲ୍ୟା, ଦ୍ରୌପଦୀ, କୁନ୍ତୀ, ତାରା, ମନ୍ଦୋଦରୀ

ମଧ୍ୟ ପ୍ରାତଃସ୍ମରଣୀୟା, ଏପରି ହେବାର କାରଣ ନିଶ୍ଚୟ କେଉଁଠାରେ ରହିଛି । ବିଧି-ନିଷେଧର ଆପେକ୍ଷିକତା ହିନ୍ଦୁତ୍ୱର ତଥା ହିନ୍ଦୁମାନଙ୍କର ଏକ ମର୍ମଗତ ବୈଶିଷ୍ଟ୍ୟ । ମୂଳ ଆଦିସତ୍ୟକୁ ଅନ୍ୟାନ୍ୟ ଧର୍ମ ଦେଇଛି ଏକ ଅଦ୍ୱିତୀୟ ରୂପ । ଯଥା : ଜିହୋବା, ଖ୍ରୀଷ୍ଟ, ଖୋଦା; କିନ୍ତୁ ହିନ୍ଦୁ ତା'ର ଇଷ୍ଟକୁ ଶତନାମ, ସହସ୍ର ନାମ ଦେଇ ନପାରିଲେ, ପୁନରାୟ ସେଇ ସଂଖ୍ୟକ ରୂପ ନଦେଇ ପାରିଲେ ତା'ର ମନ ସନ୍ତୋଷ ଲଭେ ନାହିଁ । ଶେଷରେ ଏକଥା ବି କହିଛି ଇଷ୍ଟଙ୍କର ନାମରେ ବା ରୂପରେ କିଛି ଯାଏଆସେ ନାହିଁ, ଯଥା ଇଚ୍ଛା ନାମ-ରୂପ ଦେଇପାର ଯେପରି କୁହାଯାଇଛି ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି ।

ମୂର୍ତ୍ତିପୂଜକ ବା ମୂର୍ତ୍ତିବାଦୀ (Idolatraus) ବୋଲି ହିନ୍ଦୁମାନଙ୍କୁ କୁହାଯାଏ; ଅଥଚ ଗୋଟିଏ ଦିଗରୁ ଦେଖିଲେ ମୂର୍ତ୍ତିପୂଜାରୀ ହିସାବରେ ଅନ୍ୟସମସ୍ତଙ୍କ ଅପେକ୍ଷା ସେମାନେ କମ୍ । ମୂର୍ତ୍ତି ଅର୍ଥ କେବଳ ଜଡ଼ପୁତ୍ତଳିକା ନୁହେଁ – ମନର ଗଢ଼ା ଭାବକୁ, ଜଡ଼ମୂର୍ତ୍ତିଠାରୁ ବି ଅଧିକ ଶକ୍ତ ଧାରଣାକୁ ନିରାଟ ସ୍ଥାଣୁ କରି ନିର୍ମାଣ କରାଯାଇଥାଏ । ହିନ୍ଦୁ ମୂର୍ତ୍ତି ଗଢ଼େ ବିସର୍ଜନ ଦେବାପାଇଁ ! ଏହା କ'ଣ ପ୍ରମାଣ ଦେଉ ନାହିଁ ଯେ ହିନ୍ଦୁ ବାସ୍ତବିକ ମୂର୍ତ୍ତିତନ୍ତ୍ରୀ ନୁହେଁ, ବରଂ ସେ ଦୃଷ୍ଟିରୁ କହିବାକୁ ହେବ ସେ ମୂର୍ତ୍ତିଦ୍ରୋହୀ (iconoclast) । ଅହିନ୍ଦୁମାନେହିଁ ଆଶ୍ଚର୍ଯ୍ୟ ହୋଇ କହିଥା'ନ୍ତି ଯେ ଯେଉଁ ବସ୍ତୁକୁ ପୂଜା କରାଯାଉଛି ଏତେ ଆଡ଼ମ୍ବରରେ, ତାକୁ ପୁଣି କିପରି ହିନ୍ଦୁ ଜଳରେ ବୁଡାଇ ଦିଏ ? ଏଇ ମନ୍ତବ୍ୟରୁହିଁ ବୁଝାପଡ଼େ ଅହିନ୍ଦୁମାନଙ୍କ ଚେତନାରେହିଁ ରହିଛି ମୂର୍ତ୍ତି ଉପରେ ବେଶୀ ଭକ୍ତି । କାହିଁକି ନା, ହିନ୍ଦୁ ଜାଣେ ତା'ର ମନରେ, ପ୍ରାଣରେ ଯେଉଁ ମୂର୍ତ୍ତି – ତାହା ମାଟି ପଥରର ହେଉ ଅବା ଚିନ୍ତାର ଧାରଣାର ହେଉ – ପ୍ରତୀକ ମାତ୍ର, କେବଳ ଆଶ୍ରୟ ଇଙ୍ଗିତ । ଅସଲ ସତ୍ୟ ବା ସାରବସ୍ତୁ ରହିଛି ଏସବୁର ପଶ୍ଚାତରେ, ଅନ୍ତରାଳରେ, ଉକ୍ତ ପ୍ରଚ୍ଛନ୍ନ ଜିନିଷଟି ଦିଗରେ ଚାଲିବା ପାଇଁ, ସେଇ ବିନ୍ଦୁରେ ପହଞ୍ଚିବା ଲାଗି ଏଗୁଡ଼ିକ ହେଉଛି ଏକ ଏକ ସୋପାନ, ଶିଡ଼ିର ପାଦପୀଠ । ଏଗୁଡ଼ିକର ନିଜସ୍ୱ ମୂଲ୍ୟ କିଛି ନାହିଁ । ହିନ୍ଦୁ ମୂର୍ତ୍ତିକୁ ପୂଜା କରେ ନାହିଁ, ବରଂ ଆରାଧନା କରେ ମୂର୍ତ୍ତିରେ ଅଧିଷ୍ଠିତ ଦେବ-ଚୈତନ୍ୟକୁ, ଦେବତାତ୍ମାକୁ; ସେଥିପାଇଁ ପୂଜା ପୂର୍ବରୁ ବିଧାନସ୍ୱରୂପ ପ୍ରାଣପ୍ରତିଷ୍ଠାର ଅନୁଷ୍ଠାନ ଲାଗି ଆୟୋଜନ ।

ଅନ୍ୟ କଥାରେ କହିବା : ହିନ୍ଦୁର ଚେତନାରେ ରହିଛି ଏକ ଉତ୍‌କେନ୍ଦ୍ରାୟନୀ ଗତି – ଏବଂ ଏହାର ଅନୁପ୍ରେରଣାହିଁ ତା' ଦ୍ୱାରା କୁହାଇଛି – ''ନେତି, ନେତି'' ଏବଂ ''ତତଃ କିମ୍ ତତଃ କିମ୍'', ତାକୁ ପ୍ରତିପଦରେ ଉଠାଇ ନିଆହେଉଛି ଊର୍ଦ୍ଧ୍ୱକୁ ଆଉ ଏକପ୍ରକାର ଜଗତର ଦିଗରେ, ଏକ ଲୋକାନ୍ତର ଅଭିମୁଖରେ । ଐହିକର ଦେହ-ପ୍ରାଣ-ମନ ମଧ୍ୟରେ ନିଜକୁ ହିନ୍ଦୁ ସୁଷୀମ, ସଂହତ, ସମୃଦ୍ଧ କରି ଗଢ଼ିତୋଳିବାର ଚେଷ୍ଟାରେ ଥିଲେ ମଧ୍ୟ ତାହାର ଅନ୍ତରାତ୍ମା ସର୍ବଦା ଏ ସମସ୍ତକୁ ଡେଇଁ, ଏହାର ପରପାରରେ ଏକ ଅବାଧ ନିର୍ମୁକ୍ତିର ପ୍ରସାରତାରେ ଉପନୀତ ହେବାକୁ ଚେଷ୍ଟିତ । ଦେହ, ପ୍ରାଣ, ମନର ଛାଞ୍ଚକୁ ହିନ୍ଦୁ ଏକାନ୍ତ ସର୍ବସ୍ୱ କରି କେବେ ବି ମାନି ନେଇ ନାହିଁ – ଇଉରୋପ ବରଂ ଏଇ ଦିଗଟି ଉପରେ ଜୋର୍ ଦେଇଛି ଅଧିକ, ଉକ୍ତ କାରଣରୁ ସେ ହୋଇଛି ନୀତିବାଦୀ । ଏବଂ ଏଇଥିପାଇଁହିଁ ସେ ଭାରତ ବିରୋଧରେ ଅଭିଯୋଗ କରେ ଯେ ଭାରତ ଅତିରିକ୍ତ ତତ୍ତ୍ୱବାଦୀ (metaphysical) ଅଥଚ ଯଥେଷ୍ଟ ମାତ୍ରାରେ ନୈତିକ ନୁହେଁ ।

ଇସଲାମର ସେନାବାହିନୀ ଭଳି ହିନ୍ଦୁଧର୍ମର କିଛି ବାହନ ନଥିଲା, ପୁନଶ୍ଚ ଖ୍ରୀଷ୍ଟୀୟ ଚର୍ଚ୍ଚର ରାଜଚକ୍ରବର୍ତ୍ତିତ୍ୱ ବା ପ୍ରତାପ ତାହାର ନଥିଲା ମଧ୍ୟ । କେବଳ ବୌଦ୍ଧଯୁଗରେହିଁ ଧର୍ମ ସର୍ବପ୍ରଥମେ ଭାରତରେ ପାଇଲା ମାନସ ଅର୍ଥାତ୍ ନୀତିମୂଳକ ପ୍ରାଧାନ୍ୟ; ଏବଂ ସେଇ କାରଣରୁ ୟୁରୋପୀୟମାନେ ଏବଂ ୟୁରୋପୀୟ ଭାବରେ ଶିକ୍ଷିତ ଭାରତୀୟଗଣ ପୁଣି ବିଶେଷ କରି ଆଧୁନିକମାନେହିଁ ହିନ୍ଦୁଧର୍ମ ଅପେକ୍ଷା ବୌଦ୍ଧଧର୍ମ ଆଡ଼କୁ ବେଶୀ ଢଳିଛନ୍ତି, ସମ୍ଭବତଃ ଏକପ୍ରକାର ସଂଘାତ ହେତୁ ବେଶୀ ଐହିକ ଶକ୍ତି ଓ ସାମର୍ଥ୍ୟ ଲାଭ କରିଛନ୍ତି । ମାତ୍ର ସେ ବୌଦ୍ଧ ଚେତନାରେ ଓ ସାମର୍ଥ୍ୟରେ ମଧ୍ୟ ପୂରା ଜିନିଷଟାହିଁ ଥିଲା ବ୍ରାହ୍ମଣ୍ୟର ଧୀର ଆତ୍ମୋଜ୍ଜ୍ୱଳ ପ୍ରସାରତା । କହିବାକୁ ଗଲେ ତହିଁରେ କ୍ଷାତ୍ର ବିଜିଗୀଷା ନଥିଲା ।

ଆଜିକାର କ୍ଷାତ୍ରଶକ୍ତିର ଯୁଗରେ ହିନ୍ଦୁ ବିଶେଷ ଭାବରେ ଅନୁଭବ କରୁଛି ଏଇ କ୍ଷାତ୍ରଶକ୍ତିର ଅଭାବ । ସଂଗଠନବ୍ରତର ଅର୍ଥ କ'ଣ ତାହାହିଁ ନୁହେଁ ? ଏଇଠାରେ ପ୍ରଶ୍ନ ଉଠୁଛି ଯେ ହିନ୍ଦୁଧର୍ମ ପକ୍ଷରେ church militant ହେବା କ'ଣ ବାଞ୍ଛନୀୟ ଅବା ସମ୍ଭବ ? ଉତ୍ତରରେ କୁହାଯାଇପାରେ ପୂର୍ଣ୍ଣମାତ୍ରାରେ ରଣରଙ୍ଗିନୀ ନହେଲେ ମଧ୍ୟ, ହିନ୍ଦୁ ପ୍ରକୃତି ମଧ୍ୟରେ ପ୍ରୟୋଜନ 'ଉତ୍ଥାପନା' ବା ଊର୍ଦ୍ଧ୍ୱାୟନୀ ଶକ୍ତି; ଖାଲି ସେତିକି ନୁହେଁ ଏଇଠାରେ ଜୀବନକ୍ଷେତ୍ରରେ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବାକୁ ହେଲେ ହିନ୍ଦୁ ପକ୍ଷରେ ଅନୁକୂଳ ହେଉଛି ଗୁରୁତ୍ୱ ବା ଓଜଃଗୁଣର ଅଧିକାରୀ ହେବା ।

ଏଇ ଉଦ୍ଦେଶ୍ୟରେ ହିନ୍ଦୁର ଦେହ-ପ୍ରାଣ-ମନକୁ, ଯେଉଁଗୁଡ଼ିକ ଐହିକ ପ୍ରତିଷ୍ଠାର ଯନ୍ତ୍ର, ସେଇଗୁଡ଼ିକୁ ଦେବାକୁ

ହେବ ନୂତନ ଗୋଟିଏ ଗତି ଓ ଗଠନ – ସେ ଗଠନରେ ରହିବ ସ୍ପଷ୍ଟତର ମାନସ ଛାଞ୍ଚ, ସତେଜ ପ୍ରାଣ, ସୁଠାମ ଓ ସଂହତ ଦୈହିକ ଆୟତନ – ସର୍ବତ୍ର ଏକ କ୍ରିୟାଉନ୍ମୁଖ ସୁଶୃଙ୍ଖଳ, ସମର୍ଥ ଉଦ୍ୟମ ।

ଯୁଗଧର୍ମର ଚାପରେ ଏଇ ପ୍ରକାର କିଛି ହୁଏତ ପ୍ରୟୋଜନ, 'ହୁଏତ' ନ କହି ବରଂ 'ନିଶ୍ଚୟ' କହିବା ଦରକାର । ତେବେ ଯୁଗଧର୍ମର ଯେଉଁ ଦାବିହିଁ ଥାଉ ନା କାହିଁକି, ଗୋଟିଏ କଥା ଭୁଲିଲେ ଚଳିବ ନାହିଁ, ଯେଉଁଥିପାଇଁ ହିନ୍ଦୁଧର୍ମର ଅନ୍ୟ ନାମ 'ସନାତନ ଧର୍ମ' । ଶରୀରକୁ ରକ୍ଷା କରିବାକୁ ଯାଇ, ଶାରୀରିକ ପ୍ରତିଷ୍ଠା ଲାଭ କରିବାକୁ ଯାଇ ହିନ୍ଦୁ ଯେପରି ତା'ର ଆତ୍ମାକୁ ନ ହରାଏ; ତାର ଆତ୍ମ-ପୁରୁଷକୁ ଅର୍ଥାତ୍ ତାହାର ଗଭୀରତମ, ଉର୍ଦ୍ଧ୍ୱତମ, ବିଶାଳତମ ଅଧ୍ୟାତ୍ମ-ଉପଲବ୍ଧିସବୁକୁ ଯେପରି ହରାଇ ନ ବସେ । ଅନ୍ୟାନ୍ୟ ଧର୍ମର ଦେଖାଦେଖି ହିନ୍ଦୁ ବି ଆଜି ଲୋଭ କରୁଛି ଠିକ୍ ସେଇଭଳି ଏକ ପରାକ୍ରମୀ ପରଧର୍ମଗ୍ରାସୀ ଗୋଷ୍ଠୀ Proselytising religionର ସଦସ୍ୟ ହୋଇଯିବାକୁ । କିନ୍ତୁ ସେପ୍ରକାର ଲୋଭକୁ ପ୍ରଶ୍ରୟ ନ ଦେଇ, ପରଧନରେ ଲୋଭ ନ କରି ମା ଗୃଧଃ କସ୍ୟସିଦ୍‌ଧନମ୍ – ତା' ପାଇଁ ଉଚିତ ହେଉଛି ଆପଣାର ପଥରେ, ସ୍ୱଧର୍ମରେ ଚାଲି ଆପଣାର ଧନରେହିଁ ଧନୀ ହୋଇଉଠିବା । ନିଜଠାରେ ହିନ୍ଦୁତ୍ୱର ପ୍ରସାର ଦ୍ୱାରା ନିଜକୁ ବଡ଼ କରିବା – ଏହାହିଁ ପ୍ରକୃଷ୍ଟ ପନ୍ଥା । ଅନ୍ତତଃପକ୍ଷେ ଯନ୍ତ୍ରପାତି ରୂପେ ଯାହାହିଁ ଆହରଣ କରାଯାଉ ନା କାହିଁକି, ସ୍ମରଣ ରଖିବାକୁ ହେବ ଯେ ସେସମସ୍ତ ଖାଲି ଗୌଣ ଉପକରଣ, ଅସଲ ମୁଖ୍ୟ ଜିନିଷଟି ରହିଛି ଅନ୍ୟତ୍ର; ତାହାହିଁ ସହାୟ – ନିଜ ଭିତରେ ହିନ୍ଦୁତ୍ୱକୁ ପ୍ରସାରିତ କରିବା ।

ହିନ୍ଦୁଧର୍ମ ଯେଉଁସବୁ ଅଧ୍ୟାତ୍ମ ସତ୍ୟକୁ ନେଇ ଦଣ୍ଡାୟମାନ, ହିନ୍ଦୁର ଚେତନାରେ, ମନରେ, ପ୍ରାଣରେ, ଜୀବନରେ ସେଗୁଡ଼ିକୁ ଜାଗ୍ରତ୍ ରଖିବାକୁ ହେବ । ହିନ୍ଦୁର ଯଦି ସାଧକମଣ୍ଡଳୀ ଥାଆନ୍ତି ଯେଉଁମାନଙ୍କର ଲକ୍ଷ୍ୟ ଓ ପ୍ରଯତ୍ନ ଥିଲା ପରମ ଅଧ୍ୟାତ୍ମ ସତ୍ତାକୁ ସ୍ଫୁଟ, ଜାଗ୍ରତ୍ ତଥା ଶରୀରୀ କରି ଧରିବା, ତେବେ ସେଇମାନଙ୍କ ପ୍ରଭାବରେ ହିନ୍ଦୁର ସମାଜ ବି ଲାଭ କରିବ ଯଥାଯୋଗ୍ୟ ସୁଦୃଢ଼, ଶକ୍ତିମାନ୍ ଆୟତନ । ବାହାର ଆୟୋଜନ ଶୃଙ୍ଖଳାର ଯେତେ ବି ଆବଶ୍ୟକତା ଥାଉନା କାହିଁକି ଅନ୍ତରର ଦିବ୍ୟଚେତନା ଯେପରି ସେଗୁଡ଼ିକୁ ଧାରଣ ଓ ଅନୁପ୍ରାଣିତ କରେ । ହିନ୍ଦୁଜାତିର ଆପାମର ସମସ୍ତଙ୍କୁହିଁ ଯେ ଏଥିନିମନ୍ତେ ଯୋଗୀ, ଋଷି ହୋଇ ଉଠିବାକୁ ପଡ଼ିବ – ସେକଥା ନୁହେଁ । ଯେଉଁମାନେ ବ୍ୟବସ୍ଥାଦାତା, ଯେଉଁମାନେ ସମାଜର ମୁଣ୍ଡ ଅବା ଯେଉଁମାନେ ସମାଜର ହୃଦୟ, ଯେଉଁମାନେ ଅନୁପ୍ରେରଣାର ଉତ୍ସ, ସେମାନଙ୍କୁ ହେବାକୁ ପଡ଼ିବ ଯୋଗୀ ଅବା ଋଷି ଅର୍ଥାତ୍ ସେମାନଙ୍କୁ ହେବାକୁ ପଡ଼ିବ ଅଧ୍ୟାତ୍ମ ସତ୍ୟର ସ୍ରଷ୍ଟା ଓ ଦ୍ରଷ୍ଟା । ହିନ୍ଦୁଧର୍ମ ଓ ହିନ୍ଦୁସମାଜ ଏଇପରି ଭାବରେ ଲାଭ କରିପାରିବ ନବଜନ୍ମ, ନବଜୀବନ – ଅନ୍ୟ ପଥ ଧରିଲେ ସେଇଟି ହୁଏତ କେଜାଣି ସମ୍ଭବ ହୋଇପାରିବ – ପୁରାତନକୁ କୌଣସି ପ୍ରକାରେ ଧରିବାନ୍ଧି ରଖିବାର, କୌଣସି ପ୍ରକାରେ ବଞ୍ଚାଇ ରଖିବାର ବ୍ୟର୍ଥ ପ୍ରୟାସ ।

ହିନ୍ଦୁଧର୍ମକୁ ଯଦି ସନାତନ ଧର୍ମରୂପେ ଠିଆ କରାଇବାକୁ ହେବ, ତେବେ ସନାତନ ସତ୍ୟର ଜାଗ୍ରତ୍ ଉପଲବ୍ଧିର ବ୍ୟକ୍ତ ରୂପାୟଣର ମାଧ୍ୟମରେହିଁ ତାହା ହୋଇପାରିବ, ଅନ୍ୟଥା ସମ୍ଭବ କରିବା ଅସାଧ୍ୟ । ପୁରାତନ ସତ୍ୟ ଜୀବନ୍ତ ହୋଇଉଠେ, ସନାତନ ହୋଇଉଠେ – ସାଧକର ଚେତନାରେ ଓ ସାଧକର ଆତ୍ମ-ଅନୁଶୀଳନର ପ୍ରଭାବରେ । ହିନ୍ଦୁର ସମଷ୍ଟିଗତ ଚେତନାର ଭିତରେ କୌଣସି ଏକ ଗଭୀରତାର ମଧ୍ୟରେ ପ୍ରଜ୍ୱଳିତ କରିବାକୁ ହେବ ସତ୍ୟ-ଉପଲବ୍ଧିର ଚିନ୍ମୟ ଅଗ୍ନି । ଏଇ ଅଗ୍ନିର ଊର୍ଦ୍ଧ୍ୱାୟନହିଁ ବୁଝାଇବ ହିନ୍ଦୁରାଜ୍ୟର ବ୍ୟାବହାରିକ ପ୍ରତିଷ୍ଠା ଓ ପ୍ରସାର । ଅତୀତରେ ହିନ୍ଦୁମାନଙ୍କର ପ୍ରଭାବ ହିନ୍ଦୁସ୍ଥାନର ବାହାରେ ଦିଗ୍-ବିଦିଗେ, ଦୂରରୁ ଦୂରକୁ ପ୍ରସାରିତ ହୋଇଥିଲା । ଆଜି ମଧ୍ୟ ଉକ୍ତ ପୁରାତନ ପନ୍ଥାହିଁ ବିତତ ହୋଇଚାଲିଛି ।

ହିନ୍ଦୁତ୍ୱର ଉତ୍ସ କ୍ଷାତ୍ର ପରାକ୍ରମ ନୁହେଁ (ଅଥବା ବୈଶ୍ୟର କୌଶଳ ନୁହେଁ); ତାହାର ଉତ୍ସ ବ୍ରାହ୍ମଣ୍ୟ ଚେତନା । ସେଥିପାଇଁ ହିନ୍ଦୁଧର୍ମର ଆଉ ଏକ ନାମ ବ୍ରାହ୍ମଣ୍ୟ ଧର୍ମ । ଅର୍ଥାତ୍ ସେ ଉତ୍ସ, ସେ ପ୍ରତିଷ୍ଠା ହେଉଛି ବ୍ରାହ୍ମୀସ୍ଥିତି, ଅଧ୍ୟାତ୍ମ-ସତ୍ତା । ଅଧ୍ୟାତ୍ମ-ସତ୍ତାର ବିଗ୍ରହ ଯଥାର୍ଥ ବ୍ରାହ୍ମଣହିଁ ପ୍ରୟୋଜନ ବୋଧକଲେ ସୃଷ୍ଟି କରିନେବ ବା ଗଢ଼ିନେବ ତାହାର ଯନ୍ତ୍ର – ଯଥାଯୋଗ୍ୟ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି । ଯେଉଁ କ୍ଷାତ୍ରଶକ୍ତି ବା ବୈଶ୍ୟଶକ୍ତି ସ୍ୱୟଂସିଦ୍ଧ ବା ଆତ୍ମପରାୟଣ ତାହା ଆସୁରିକ – କୌଣସି ଦିବ୍ୟସୃଷ୍ଟି ତାହାଦ୍ୱାରା ସମ୍ଭବ ନୁହେଁ । ବରଂ ଦିବ୍ୟସୃଷ୍ଟିକୁ ତାହା ବ୍ୟାହତ କରି ଚାଲେ । ସେଇ କାରଣରୁ ବ୍ରାହ୍ମୀସ୍ଥିତି ଉପରେ ପ୍ରତିଷ୍ଠିତ କ୍ଷାତ୍ର ବା ବୈଶ୍ୟ ଶକ୍ତି ଦ୍ୱାରା ଭବିଷ୍ୟକାଳର ଦିବ୍ୟସୃଷ୍ଟି ଗଢ଼ିତୋଳିବାକୁ ହେବ ।

(ରଚନାବଳୀ ୧୦ମ ଖଣ୍ଡ, 'ଦେଶ ଓ କାଳ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

# ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଦିବସ

## ଶ୍ରୀ ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଦିବସ ହେଲା ୧୫ ଅଗଷ୍ଟ । ଏହି ଦିନଟି ନାନା କାରଣରୁ ଏକ ମହାନ୍ ପବିତ୍ର ଦିନ । ଭାରତର ସ୍ୱାଧୀନତା ଦିବସ ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଦିବସର ମହତ୍ତ୍ୱ ଭାରତବାସୀ ବୁଝି ପାରିଲେ ଅନେକ କିଛି ହୋଇ ପାରନ୍ତା । ଶ୍ରୀଅରବିନ୍ଦ ସ୍ୱୟଂ ଘୋଷଣା କରିଛନ୍ତି ''ମୋ ଜନ୍ମ ଦିବସ ସଙ୍ଗେ ସଙ୍ଗେ ନବ ଭାରତର ଜନ୍ମ ଦିବସ ଏକ କାକତାଳୀୟ ନ୍ୟାୟ ନୁହେଁ ।'' ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ଯେ ଏହି ଦିବସ ବିଧି ନିର୍ଦ୍ଦିଷ୍ଟ ଏବଂ ବିଧାତାଙ୍କର ଇଙ୍ଗିତରେ ଏହା ଘଟିଛି । ଏହି ଦିବସରେ ନବୀନ ଭାରତ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଶକ୍ତି, ଜ୍ଞାନ ଓ ଆଲୋକ ସ୍କନ୍ଧରେ ବହନ କରି କେବଳ ଭାରତର କାହିଁକି ସମଗ୍ର ଜଗତର ଆଧ୍ୟାତ୍ମିକ ରୂପାନ୍ତର ଘଟାଇବ । ଏହି ଦିବସର ମହତ୍ତ୍ୱ ଅନ୍ୟ ଭାବରେ ବୁଝାଇ ଶ୍ରୀମା ସ୍ୱୟଂ କହିଛନ୍ତି ଯେ ଏହା ହେଲା Birth of Eternal ବା ଶାଶ୍ୱତଙ୍କ ଜନ୍ମ । ସେ ବର୍ଣ୍ଣନା କରି କହିଛନ୍ତି :

The sentence can be understood in four different ways on four ascending planes of consciousness:

1. Physically, the consequence of the birth will be of eternal importance to the world.
2. Mentally, it is a birth that will be eternally remembered in the universal history.
3. Psychically, a birth that recurs for ever from age to age upon earth.
4. Spiritually, the birth of the Eternal upon earth.

*(CWM vol 13, p. 10)* *1957*

ଏହି କଥାଟିକୁ ଆମେ ଆମ ଚେତନାର ଚାରୋଟି କ୍ରମିକ ସ୍ତରରେ ଚାରିପ୍ରକାରେ ବୁଝି ପାରିବା :

୧. ଭୌତିକ ଦୃଷ୍ଟିରୁ ସଂସାର ଲାଗି ଏହି ଜନ୍ମର ଏକ ଶାଶ୍ୱତ ମହତ୍ତ୍ୱ ରହିବ ।
୨. ମାନସିକ ଦୃଷ୍ଟିରୁ ଏହା ଏଭଳି ଏକ ଜନ୍ମ ଯାହା ବିଶ୍ୱ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ ।
୩. ଚୈତ୍ୟିକ ଦୃଷ୍ଟିରୁ, ଏହା ଏଭଳି ଏକ ଜନ୍ମ ଯାହା ଚିରଦିନ ଲାଗି ପ୍ରତି ଯୁଗରେ ବାରବାର ପୃଥିବୀପୃଷ୍ଠରେ ନିଜର ପୁନରାବୃତ୍ତି କରୁଥିବ ।
୪. ଆଧ୍ୟାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀପୃଷ୍ଠରେ ପରମ ଶାଶ୍ୱତଙ୍କର ଏକ ଶାଶ୍ୱତ ଜନ୍ମ ।

କୌଣସି ଜାତି ବା ରାଷ୍ଟ୍ର କେବେହେଲେ ବଡ଼ ହୋଇପାରିବ ନାହିଁ ଯଦି ତା'ର ଜାତୀୟ ଦର୍ଶନ ନ ରହେ । ବର୍ତ୍ତମାନର ସଂସାର ବିଭ୍ରାନ୍ତ, ନାନା ପ୍ରକାର ଦୁଃଖ-ଯନ୍ତ୍ରଣା, ବିପତ୍ତି ଓ ବ୍ୟସ୍ତତା ମଧ୍ୟ ଦେଇ ଗତି କରୁଛି । ଥରେ ଯଦି ଭାରତବାସୀ ସଚେତନ ହୋଇ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିପାରନ୍ତେ ତେବେ ଏ ରାଷ୍ଟ୍ର ସହ ସମଗ୍ର ପୃଥିବୀ ଏହାଦ୍ୱାରା ସମସ୍ତ ଦୁଃଖ ଓ ଯନ୍ତ୍ରଣାରୁ ରକ୍ଷା ପାଆନ୍ତା । ଶ୍ରୀଅରବିନ୍ଦ ଅଗଷ୍ଟ ୧୫, ୧୯୪୭ ବାର୍ତ୍ତାରେ କହିଛନ୍ତି ସମଗ୍ର ପୃଥିବୀକୁ ଆଧ୍ୟାତ୍ମିକ ପଥରେ ନେଇଯିବାହିଁ ଭାରତବାସୀଙ୍କ କର୍ତ୍ତବ୍ୟ । ସମଗ୍ର ଜୀବନ ଓ କର୍ମକୁ ଆଧ୍ୟାତ୍ମିକ ସାଧନର ଉପାୟ ରୂପେ ଗ୍ରହଣ କରିବା ପାଇଁ ନବୀନ ଭାରତର ଉତ୍ଥାନ ହେଉଛି । ଆମେମାନେ ଗଭୀର ନିଷ୍ଠାର ସହିତ ଏହି ଆଲୋକକୁ ଜୀବନରେ ଗ୍ରହଣ କରିବା ଏବଂ ଆଗାମୀ କାଳର ବାର୍ତ୍ତାକୁ ବହନ କରି ଚାଲିବା ଏହାହିଁ ଆମର ପାଥେୟ ।

# ଜ୍ୟୋତିର୍ଦାତା ଇନ୍ଦ୍ର

## (ଋଗ୍‌ବେଦ : ୧।୪)

**ଶ୍ରୀଅରବିନ୍ଦ**

(*ଗତ ସଂଖ୍ୟାର ଅବଶିଷ୍ଟାଂଶ*)

**ପରେହି ବିଗ୍ରମସ୍ତୃତମିନ୍ଦ୍ରଂ ପୃଚ୍ଛା ବିପଶ୍ଚିତମ୍ ।**
**ୟସ୍ତେ ସଖିଭ୍ୟ ଆ ବରମ୍ ।।୪।।**

ଅର୍ଥ (ଅନ୍ୱୟ ସହ) : ତାଙ୍କ ପାଖକୁ ଆସ [ପରେହି], ସ୍ପଷ୍ଟଦର୍ଶୀମନସ୍ୱୀ [ବିପଶ୍ଚିତମ୍] ବଳଶାଳୀ [ବିଗ୍ରମ୍] ଦୁର୍ଧର୍ଷ [ଅସ୍ତୃତମ୍] ଇନ୍ଦ୍ରଙ୍କୁ [ଇନ୍ଦ୍ରମ୍] ପ୍ରଶ୍ନକର [ପୃଚ୍ଛ], ଯିଏ [ୟଃ] ତୁମ ସଖାଗଣଙ୍କ ନିମନ୍ତେ [ତେ ସଖିଭ୍ୟଃ] ପରମ ମଙ୍ଗଳ ଆଣିଦେଇଛନ୍ତି [ବରମ୍ ଆ]।

**ଉତ ବ୍ରୁବନ୍ତୁ ନୋ ନିଦୋ ନିରନ୍ୟତଶ୍ଚିଦାରତ ।**
**ଦଧାନା ଇନ୍ଦ୍ର ଇଦ୍ ଦୁବଃ ।।୫।।**

ଅର୍ଥ (ଅନ୍ୱୟ ସହ) : ଆହୁରି ମଧ୍ୟ [ଉତ] ବିରୋଧକାରୀମାନେ [ନିଦଃ[୧]] ଆମକୁ କହନ୍ତୁ [ବ୍ରୁବନ୍ତୁ]କି ''ନା [ନୋ], ଇନ୍ଦ୍ରଙ୍କଠାରେ [ଇନ୍ଦ୍ରେ] ତୁମ କର୍ମକୁ ଆଧାରିତ କରି [ଦୁବଃ ଦଧାନାଃ] ତୁମେମାନେ ଆଗକୁ ବଢ଼ିଆସ [ଆ-ରତ] ଏପରିକି [ଚିତ୍] ଅନ୍ୟ ଭୂମିକ୍ଷେତ୍ରରେ ମଧ୍ୟ ଚର୍ଷଣ କର [ଅନ୍ୟତଃ]।''

**ଉତ ନଃ ସୁଭଗାଂ ଅରିର୍ବୋଚେୟୁର୍ଦସ୍ମ କୃଷ୍ଟୟଃ ।**
**ସ୍ୟାମେଦିନ୍ଦ୍ରସ୍ୟ ଶର୍ମଣି ।।୬।।**

ଅର୍ଥ (ଅନ୍ୱୟ ସହ) : ଏବଂ [ଉତ] ହେ ସିଦ୍ଧକର୍ମୀଗଣ [ଦସ୍ମ] ! ଯୋଦ୍ଧାମାନେ [ଅରିଃ] ତଥା କର୍ମୀମାନେ [କୃଷ୍ଟୟଃ[୨]] ଆମମାନଙ୍କୁ [ନଃ] ପୂର୍ଣ୍ଣସୌଭାଗ୍ୟବାନ୍ [ସୁଭଗାନ୍] କହନ୍ତୁ [ବୋଚେୟୁଃ]; ଆମେ ଇନ୍ଦ୍ରଙ୍କ ଶାନ୍ତିରେହିଁ ନିବାସ କରୁଁ [ଇନ୍ଦ୍ରସ୍ୟ ଶର୍ମଣି ଇତ୍ ସ୍ୟାମ]।

**ଏମାଶୁମାଶବେ ଭର ୟଜ୍ଞଶ୍ରିୟଂ ନୃମାଦନମ୍ ।**
**ପତୟନ୍ ମନ୍ଦୟସଖମ୍ ।।୭।।**

ଅର୍ଥ (ଅନ୍ୱୟ ସହ) : ତୀବ୍ରତା ପାଇଁ [ଆଶବେ] ତୀବ୍ରବେଗରେ [ଆଶୁମ୍] ସଖାଗଣଙ୍କୁ ଆମୋଦିତ କରୁଥିବା ଇନ୍ଦ୍ରଙ୍କ [ମନ୍ଦୟସଖମ୍] ମାର୍ଗକୁ ଗ୍ରହଣ କରି [ପତୟନ୍] ମାନବଗଣଙ୍କୁ ମଦାନ୍ୱିତ କରୁଥିବା [ନୃମାଦନମ୍] ଏହି ଯଜ୍ଞଶ୍ରୀକୁ [ଇମ୍ ୟଜ୍ଞଶ୍ରୀୟମ୍] ତୁମେ ବହନ କରିଆଣ [ଆ ଭର]।

**ଅସ୍ୟ ପୀତ୍ୱା ଶତକ୍ରତୋ ଘନୋ ବୃତ୍ରାଣାମଭବଃ ।**
**ପ୍ରାବୋ ବାଜେଷୁ ବାଜିନମ୍ ।।୮।।**

ଅର୍ଥ (ଅନ୍ୱୟ ସହ) : ଏହାକୁ ପାନ କରିବା ପରେ [ଅସ୍ୟ ପୀତ୍ୱା], ହେ ଶତକର୍ମଶାଳିନ୍ [ଶତକ୍ରତୋ] ! ତୁମେ ବୃତ୍ରଗଣଙ୍କର ହନ୍ତା ହୋଇଛ [ବୃତ୍ରାଣାଂ ଘନଃ ଅଭବଃ] ଏବଂ ମାନସସମୃଦ୍ଧି ମଧ୍ୟରେ [ବାଜେଷୁ] ତୁମେ ସମୃଦ୍ଧ ମନକୁ [ବାଜିନମ୍] ରକ୍ଷା କରିଛ [ପ୍ର-ଆବଃ]।

---

(୧) ଅଥବା, ନିନ୍ଦକ, **ନିଦଃ** । ମୋ ବିଚାରରେ 'ନିଦ୍' ଧାତୁ ''ବନ୍ଧନ'', ''ସମାବଦ୍ଧୀକରଣ'', ''ସୀମିତୀକରଣ'' ଆଦି ଅର୍ଥ ବହନ କରେ, ଭାଷାବିଜ୍ଞାନର ବ୍ୟୁତ୍ପତ୍ତି ଅନୁସାରେ ଏହିସବୁ ଅର୍ଥକୁ ପୂର୍ଣ୍ଣ ନିଶ୍ଚୟତା ସହ ଏଠାରେ ଦିଆଯାଇପାରେ । ନିଦିତ = ଆବଦ୍ଧ, ନିଦାନ = ବନ୍ଧନରଜ୍ଜୁ – ଏହି ଉଭୟ ଶବ୍ଦର ମୂଳରେ ଏହି ଧାତୁ ରହିଛି । କିନ୍ତୁ ଉକ୍ତ ଧାତୁଟିର ଅର୍ଥ ମଧ୍ୟ ନିନ୍ଦାକରିବା । ଗୁହ୍ୟାର୍ଥବ୍ୟଞ୍ଜକ ଏହି ବିଶିଷ୍ଟ ପଦ୍ଧତି ଅନୁସାରେ ବିଭିନ୍ନ ସୂକ୍ତରେ ଅର୍ଥଦୃଷ୍ଟିରୁ ଗୋଟିଏ ବା ଅନ୍ୟଟି ପ୍ରାଧାନ୍ୟ ଲାଭ କରୁଥିଲେ ବି ଏକ ଅନ୍ୟଟିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରେ ନାହିଁ ।

(୨) ''ଅରିଃ କୃଷ୍ଟୟଃ''କୁ ଅର୍ଥ କରାଯାଇପାରେ ''ଆର୍ଯ୍ୟଜନଗଣ'' କିଂବା ''ଯୁଦ୍ଧପ୍ରିୟ ଜାତିଗଣ'' । 'କୃଷ୍ଟି' ଓ 'ଚର୍ଷଣୀ' ଶବ୍ଦଦ୍ୱୟର ଅର୍ଥ ସାୟଣ କରିଛନ୍ତି 'ମାନବ' । ଏଦୁଇଟିର ଧାତୁ ଯଥାକ୍ରମେ 'କୃଷ୍', 'ଚର୍ଷ୍', ଯାହାର ମୌଳିକ ଅର୍ଥ ଶ୍ରମ, ଉଦ୍ୟମ ଅଥବା ଶ୍ରମସାପେକ୍ଷ କର୍ମ । ଏହାର ଅର୍ଥ ମଧ୍ୟ କେବେ ହୁଏ ବୈଦିକ କର୍ମର କର୍ତ୍ତା ତ କେବେ କେବଳ କର୍ମ,– କର୍ମୀ କିଂବା କୃତି ।

**ତଂ ତ୍ୱା ବାଜେଷୁ ବାଜିନଂ ବାଜୟାମଃ ଶତକ୍ରତୋ ।**
**ଧନାନାମିନ୍ଦ୍ର ସାତୟେ ।।୯।।**
ଅର୍ଥ (ଅନ୍ୱୟ ସହ) : ହେ ଶତକର୍ମଶାଳିନ୍ ଇନ୍ଦ୍ର [ଶତକ୍ରତୋ ଇନ୍ଦ୍ର] ! ଆମ ଧନଗୁଡ଼ିକର [ଧନାନାମ୍] ସୁରକ୍ଷିତ ଉପଭୋଗ ନିମନ୍ତେ [ସାତୟେ] ନିଜ ସମୃଦ୍ଧିରେ ସମୃଦ୍ଧ ତୁମକୁ [ବାଜେଷୁ ବାଜିନଂ ତ୍ୱା] ପୁନଃ ସୁସମୃଦ୍ଧ କରୁଛୁ [ବାଜୟାମଃ] ।

**ୟୋ ରାୟୋଽବନିର୍ମହାନ୍ତ୍ସୁପାରଃ ସୁନ୍ୱତଃ ସଖା ।**
**ତସ୍ମା ଇନ୍ଦ୍ରାୟ ଗାୟତ ।।୧୦।।**
ଅର୍ଥ (ଅନ୍ୱୟ ସହ) : ଯେ ନିଜର ଆନନ୍ଦ-ବିଶାଳତାରେ ଅବନୀ ସଦୃଶ ଅଟନ୍ତି [ୟଃ ମହାନ୍ ରାୟଃ ଅବନିଃ], ଯିଏ ସୋମଦାତାଙ୍କ ସଖା ଅଟନ୍ତି ଏବଂ ତାଙ୍କୁ ପରପାର ପର୍ଯ୍ୟନ୍ତ ବହନ କରିନିଅନ୍ତି [ସୁନ୍ୱତଃ ସୁପାରଃ ସଖା], ସେହି ଇନ୍ଦ୍ରଙ୍କ ପ୍ରତି [ତସ୍ମୈ ଇନ୍ଦ୍ରାୟ] ତୁମେମାନେ ମନ୍ତ୍ରୋଚ୍ଚାରଣ କର [ଗାୟତ] ।

**(ସାୟଣଭାଷ୍ୟ)**

୪. ''(ଯଜମାନକୁ ହୋତା କହୁଛନ୍ତି) ତୁମେ ତାଙ୍କ ନିକଟକୁ ଆସ ଏବଂ ମୋଭଳି ଜ୍ଞାନୀ (ମୁଁ ତାଙ୍କୁ ଠିକ୍‌ଭାବେ ସ୍ତୁତି କରିଛି କି ନାହିଁ) ତାହା ତାଙ୍କୁ ପଚାର, ଏ ସେହି ଇନ୍ଦ୍ର ଯିଏ ମେଧାବୀ ଓ ଅହିଂସକ, ଯିଏ ତୁମ ସଖାମାନଙ୍କୁ (ହୋତା ବ୍ରାହ୍ମଣଙ୍କୁ) ଉତ୍ତମ ସମ୍ପଦ ପ୍ରଦାନ କରନ୍ତି ।

୫. ''ଆମେ (ଅର୍ଥାତ୍, ଆମେ ହୋତାମାନେ) କହୁଁ (ଅର୍ଥାତ୍, ଇନ୍ଦ୍ରଙ୍କ ସ୍ତୁତି କରୁ),– ଆହୁରି ମଧ୍ୟ, ତୁମେ ନିନ୍ଦକମାନେ (ଏହି ସ୍ଥାନରୁ) ତଥା ଅନ୍ୟ ସ୍ଥାନଗୁଡ଼ିକରୁ (ବାହାରି ଯାଅ) – (ଆମର ହୋତା ବ୍ରାହ୍ମଣ) ଇନ୍ଦ୍ରଙ୍କରହିଁ ସେବକ ହୁଅନ୍ତୁ ।

୬. ''ହେ (ଶତ୍ରୁ) ବିନାଶକ ! ଆମ ଶତ୍ରୁମାନେ ବି କହନ୍ତୁ କି ଆମେ ଧନବାନ୍ ବୋଲି,– ମଣିଷମାନେ (ଅର୍ଥାତ୍, ଆମର ସଖାମାନେ ଅବଶ୍ୟ ଏକଥା କହିବେ); ଇନ୍ଦ୍ରଙ୍କ (ପ୍ରସାଦରୁ) ଆମେ ଶାନ୍ତି ଲାଭ କରୁ ।

୭. ''ତୁମେ 'ସୋମ' ଆଣ ଯାହା ଯଜ୍ଞର ସମ୍ପଦ, ଯାହାର କାରଣରୁ ମାନବମାନେ ମଦାନ୍ୱିତ ହୋଇଥାନ୍ତି, (ଏହା ସେହି ସୋମ-ହବିଃ) ଯାହା ସୋମ-ହବିଃ ମଧ୍ୟରେ ପରିବ୍ୟାପ୍ତ ଇନ୍ଦ୍ରଙ୍କ ନିମନ୍ତେ ଆହୁତିତ୍ରୟ ମଧ୍ୟରେ ପରିବ୍ୟାପ୍ତ, ଯାହା ଯଜ୍ଞବିଧିରେ ଲାଗିଥାଏ ଓ ଇନ୍ଦ୍ରଙ୍କ ପାଇଁ ପ୍ରିୟ ତଥା (ଯଜମାନକୁ) ଖୁସି ପ୍ରଦାନ କରିଥାଏ ।

୮. ''ହେ ବହୁକର୍ମବାହକ ! ତୁମେ ତାହା ପାନକରି ବୃତ୍ରଗଣଙ୍କ (ଅର୍ଥାତ୍, ବୃତ୍ର ଦ୍ୱାରା ପରିଚାଳିତ ଶତ୍ରୁଙ୍କର) ଘାତକ ହୋଇଛ ଯୁଦ୍ଧଗୁଡ଼ିକରେ ତୁମେ ନିଜ ଯୋଦ୍ଧାକୁ ପୂର୍ଣ୍ଣରୂପେ ରକ୍ଷା କରିଛ ।

୯. ''ଶତକର୍ମବାହକ ହେ ଇନ୍ଦ୍ର ! ଧନସମୃଦ୍ଧିର ଉପଭୋଗ ନିମନ୍ତେ ରଣରେ[୩] ଅତ୍ୟନ୍ତ ବଳଶାଳୀ ତୁମ ପାଇଁ ଆମେ ଖାଦ୍ୟପ୍ରାଚୁର୍ଯ୍ୟ ସଂଯୁକ୍ତ କରୁଛୁ ।

୧୦. ''ସେହି ଇନ୍ଦ୍ରଙ୍କ ସ୍ତୁତିଗାନ କର ଯିଏ ସମ୍ପଦର

(୩) ୮ମ ଋକ୍‌ରେ ସାୟଣ ''ବାଜିନାମ୍''କୁ 'ରଣକ୍ଷେତ୍ରରେ ଯୋଦ୍ଧା' ଅର୍ଥ ଦେଇ ବୁଝାଇଛନ୍ତି ଏବଂ ଠିକ୍ ତା' ପର ଋକ୍‌ରେ ସେହି ସମାନ ପଦର ଅର୍ଥ ହୋଇଛି 'ଯୁଦ୍ଧରେ ଯିଏ ବଳବାନ୍' ଏବଂ ''ବାଜେଷୁ ବାଜିନାଂ ବାଜୟାମଃ''ରେ ସେହି ସମାନ ପଦକୁ ଭିନ୍ନ ଭିନ୍ନ ତିନିଟି ଅର୍ଥ ଦେଇଛନ୍ତି : ''ଯୁଦ୍ଧ'', ''ବଳ'' ଓ ''ଅନ୍ନ'' । ସାୟଣଙ୍କ ଟୀକାପଦ୍ଧତିରେ ଥିବା ଅସଂଗତିର ଏହା ଏକ ବିଶେଷ ଉଦାହରଣ ।
ମୁଁ ଏଠାରେ ଦୁଇଟି ଅର୍ଥ ଏକସଙ୍ଗେ ଉପସ୍ଥାପନ କରିଛି ଏଇଥିପାଇଁ ଯେ ପାଠକ ଉଭୟ ଟୀକାପଦ୍ଧତି ଓ ତାହାର ଅର୍ଥନିର୍ଣ୍ଣୟର ଏକ ସହଜ ତୁଳନା କରି ଦେଖିପାରିବେ । ଟୀକାକାରଙ୍କ ବ୍ୟାଖ୍ୟାର ମଝିରେ ମଝିରେ ଆବଶ୍ୟକ ସ୍ଥଳେ ବନ୍ଧନୀ ମଧ୍ୟରେ କିଛି କିଛି ଲେଖିବାର ଉଦ୍ଦେଶ୍ୟ ହେଲା ଅର୍ଥକୁ ପୂର୍ଣ୍ଣ ଓ ବୋଧକ୍ଷମ କରିବା । ଏପରିକି ଯେଉଁ ପାଠକ ସଂସ୍କୃତ ଭାଷା ସହିତ ଅପରିଚିତ, ମୁଁ ଭାବୁଛି ଯେ ସେ ଏହି ଗୋଟିଏ ଉଦାହରଣରୁ ସେହି ଯୁକ୍ତିକୁ ସମର୍ଥନ କରିପାରିବେ – ଆଧୁନିକ ଯୁକ୍ତିଧର୍ମୀ ମନ କାହିଁକି ସାୟଣଙ୍କ ଟୀକାକୁ ବୈଦିକ ସଂହିତାର ବିଶ୍ୱସନୀୟ ପ୍ରାମାଣିକ କୃତିରୂପେ ଗ୍ରହଣ କରିବାକୁ ଅସ୍ୱୀକାର କରେ ।

ରକ୍ଷାକାରୀ, ମହାନ୍, (କର୍ମର) ଉତ୍ତମ ପରିପୂର୍ତ୍ତିସାଧକ-ଯଜ୍ଞର ଏକତମ ସଖା ।''

### ଶ୍ରୀଅରବିନ୍ଦ ଭାଷ୍ୟ

ତା'ପରେ ଋଷି ସାମୂହିକ ଯୋଗର ସାଧକ ଜଣେ ସଖାଙ୍କ ଦିଗରେ ବୁଲି ପଡୁଛନ୍ତି, ଅଥବା ବୋଧହୁଏ ସେ ନିଜ ମନକୁ ସଂବୋଧନ କରି କହୁଛନ୍ତି ଏବଂ ତାଙ୍କୁ ଅଥବା ତାହାକୁ (ସଖାଙ୍କୁ ଅଥବା ମନକୁ) ପ୍ରୋତ୍ସାହିତ କରୁଛନ୍ତି ତାଙ୍କୁ (ଋଷିଙ୍କୁ) ବିରୋଧ କରୁଥିବା ପ୍ରତିକୂଳ ପରାମର୍ଶଗୁଡ଼ିକର ବାଧାବନ୍ଧନଗୁଡ଼ିକୁ ଯେପରି ଅତିକ୍ରମ କରିଯିବେ ଏବଂ ପ୍ରଦାନ କରାଯାଇଥିବା ସମସ୍ତ ଉଚ୍ଚତମ ଶୁଭ ଦିଗରେ ଦିବ୍ୟପ୍ରଜ୍ଞାଙ୍କୁ (ଇନ୍ଦ୍ରଙ୍କୁ) ପ୍ରଶ୍ନ କରିବା ମାଧ୍ୟମରେ ଯେପରି ପ୍ରଗତି କରିବେ । କାରଣ ଏହା ସେହି ପ୍ରଜ୍ଞା ଯାହା ତଥାପି ରହିଥିବା ସମସ୍ତ ଅସ୍ପଷ୍ଟ ଚିନ୍ତା ଓ ବାଧାକୁ ଭଲଭାବେ ଦେଖିପାରେ ଓ ତାହାର ସମାଧାନ ବା ଅପସାରଣ କରିପାରେ । ଏହା ସେହି ପ୍ରଜ୍ଞା ଯାହା ସ୍ୱୀୟ ଗତିଶୀଳତାରେ ତୀବ୍ର ତଥା ପ୍ରଚଣ୍ଡ ବଳଶାଳୀ ତଥା ନିଜ ସାମର୍ଥ୍ୟ ବଳରେ ତାହା କେବେ ବି ପଥଭ୍ରଷ୍ଟ ହୁଏ ନାହିଁ କିଂବା ଝୁଣ୍ଟି ପଡ଼େ ନାହିଁ; ସାଧାରଣ ପ୍ରାଣମୟ ଚେତନାର ଆବେଗ ଫଳରେ ସ୍ଖଳନ ଯେପରି ସ୍ୱାଭାବିକ ରୂପେ ଘଟିଥାଏ ଏହି ପ୍ରଜ୍ଞାର ଅବସ୍ଥା ସେପରି ହୁଏ ନାହିଁ ଅଥବା ସମ୍ଭବତଃ ଆପଣାର ଅପରାଜେୟ ଦୁରତିକ୍ରମ୍ୟ ଶକ୍ତି ହେତୁ ଉକ୍ତ ପ୍ରଜ୍ଞା (ଇନ୍ଦ୍ର) କୌଣସି ବି ଆକ୍ରମଣ ଦ୍ୱାରା ପ୍ରତିହତ ହୁଏ ନାହିଁ – ସେହି ଆକ୍ରମଣ ଆବରକ (ବୃତ୍ର)ମାନଙ୍କ ଆଡୁ ହୋଇଥାଉ ବା ସୀମାରେ ବାନ୍ଧି ରଖୁଥିବା ଶକ୍ତିମାନଙ୍କ ଆଡୁ ହୋଇଥାଉ । [ମନ୍ତ୍ର - ୪]

ଏ ସମସ୍ତ ପରେ ମନ୍ତ୍ରରେ ରହିଛି ଋଷି ମଧୁଚ୍ଛନ୍ଦା ଯେଉଁ ଫଳପ୍ରାପ୍ତି ଲାଗି ଅଭୀପ୍ସା କରୁଛନ୍ତି ତାହାର ବର୍ଣ୍ଣନା । ମାନସିକ ଜ୍ଞାନର ପରିପୂର୍ଣ୍ଣତା ଯାଏ ଏହି ପୂର୍ଣ୍ଣତର ଆଲୋକ ଉନ୍ମୋଚିତ ହେବା ସଙ୍ଗେ ସଙ୍ଗେ 'ସୀମିତତା'ର ଶକ୍ତିଗଣ ମଧ୍ୟ ସନ୍ତୁଷ୍ଟ ହୋଇଯିବେ ଏବଂ ଆହୁରି ଆଗକୁ ଯିବା ପାଇଁ ତଥା ନୂତନ ଜ୍ୟୋତିର୍ମୟ କର୍ମ ପାଇଁ ଅନୁଜ୍ଞା ପ୍ରଦାନ ପୂର୍ବକ ସେମାନେ ନିଜକୁ ପ୍ରତ୍ୟାହୃତ କରିନେବେ । ଫଳତଃ ସେମାନେ କହିବେ – ''ହଁ, ଯାହାକୁ ଆମେ ଅଦ୍ୟାବଧି ଅସ୍ୱୀକାର କରି ଆସିଛୁ ସେଥିରେ ତୁମକୁ ଏବେ ଅଧିକାର ମିଳି ଯାଇଛି । ଯେଉଁ ଯେଉଁ କ୍ଷେତ୍ର ଉପରେ ତୁମେ ଆଗେ ବିଜୟ ଲାଭ କରିଥିଲ କେବଳ ସେତିକି ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ତଥା ତୁମେ ପୂର୍ବରୁ ପାଦ ଦେଇ ନ ଥିବା ପ୍ରଦେଶରେ ବି ନିଜ ବିଜୟଯାତ୍ରା ଜାରି ରଖ । ଆପଣାର ଏ ଅଭିଯାନର କ୍ରିୟାକୁ ସମଗ୍ରଭାବେ ଦିବ୍ୟପ୍ରଜ୍ଞା ଉପରେ ଆଧାରିତ କରି ରଖ, ଅନ୍ୟ ନିମ୍ନତର ସାମର୍ଥ୍ୟ ପାଖରେ ନୁହେଁ । କାରଣ, ମହତ୍ତର ଶରଣାଗତିହିଁ ତୁମକୁ ମହତ୍ତର ଅଧିକାର ପ୍ରଦାନ କରିଥାଏ ।

ମନ୍ତ୍ରରେ ଥିବା 'ଅରତି' ଶବ୍ଦଟି, ଯାହାର ଅର୍ଥ ଗତି କରିବା ଅଥବା ପ୍ରୟାସ କରିବା, ଯାହାର ସଜାତୀୟ ଶବ୍ଦଗଣ ହେଲେ – ଅରି, ଅର୍ଯ୍ୟ, ଆର୍ଯ୍ୟ, ଅରତି, ଅରଣି ଇତ୍ୟାଦି – ବୈଦିକ କେନ୍ଦ୍ରୀୟ ଭାବଧାରାକୁ ଏହା ଅଭିବ୍ୟକ୍ତ କରେ । 'ଅର୍'ଧାତୁ ସଦାବେଳେ ପ୍ରୟାସ ଅଥବା ସଂଘର୍ଷର ଗତିବୃତ୍ତିକୁ କିଂବା ଅତିକ୍ରମ କରାଯାଇଥିବା ଉଚ୍ଚତା ଅଥବା ଶ୍ରେଷ୍ଠ ସ୍ଥିତିକୁ ବୁଝାଏ; ନାଆରେ ଆହୁଲା ମାରିବା, ଭୂମି କର୍ଷଣ କରିବା, ଯୁଦ୍ଧ କରିବା, ଉପରକୁ ଉଠାଇବା, ଉଚ୍ଚତାକୁ ଆରୋହଣ କରିବା ଆଦିରେ ଏହି ଧାତୁର ପ୍ରୟୋଗ କରାଯାଏ । ତା'ହେଲେ ସେହି ମଣିଷକୁ 'ଆର୍ଯ୍ୟ' କୁହାଯାଏ ଯିଏ ବୈଦିକ କର୍ମ ଅର୍ଥାତ୍ ଆନ୍ତର ଓ ବାହ୍ୟ ଉଭୟ କର୍ମ, 'ଅପସ୍', ମାଧ୍ୟମରେ ନିଜକୁ ପରିପୂର୍ଣ୍ଣ କରେ – ଏହି କର୍ମ ହେଉଛି ଦେବଗଣଙ୍କ ପାଇଁ ଉଦ୍ଦିଷ୍ଟ ଯଜ୍ଞର ସାଧାରଣ ଧର୍ମ । ପରନ୍ତୁ ଏହି ଯଜ୍ଞ ମଧ୍ୟ ଏକ ଯାତ୍ରା, ପଦାକ୍ରମ, ଯୁଦ୍ଧ, ଆରୋହଣର ପ୍ରରୂପ ମଧ୍ୟ ହୋଇପାରେ । ଉଚ୍ଚ ଶିଖରଗୁଡ଼ିକୁ ଆରୋହଣ କରିବାକୁ ହୋଇଥାଏ ଆର୍ଯ୍ୟଜନର ଶ୍ରମ, ତା'ର ପଦାକ୍ରମ, ଯାହା ଏକାଧାରରେ ଏକ ଆନୁକ୍ରମିକ ବିକାଶ ତଥା ଏକ ଉତ୍ତରଣ, ସେଥିରେ ସେ ସଂଘର୍ଷ କରିଥାଏ । ଏହା ହେଉଛି ତା'ର ଆର୍ଯ୍ୟତ୍ୱ, ଆର୍ଯ୍ୟଗୁଣ, ଗ୍ରୀକ୍ ଭାଷାରେ ଥିବା ଗୁଣାର୍ଥକ 'ଅରେଟେ' ଶବ୍ଦଟି ଏହି ସମାନ ଧାତୁରୁ ନିଷ୍ପନ୍ନ । ମନ୍ତ୍ରସ୍ଥ 'ଆରତ'କୁ ତା'ର ଆନୁଷଙ୍ଗିକ ବାକ୍ୟାଂଶ ସହ ଅନୁବାଦ କଲେ ହୁଏତ ଏମିତି ହୋଇପାରେ – ''ବାହାରି ଆସ ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରବେଶ କରିଯାଅ ।'' [ମନ୍ତ୍ର - ୫]

ବାକ୍-ପ୍ରତିଧ୍ୱନି ଦ୍ୱାରା ଧୀ-ସଂଯୋଗ ରୂପକ ବୈଦିକ ସୂକ୍ଷ୍ମ ରୀତିଟି ଯାହା ରହିଛି ତାହାକୁ ପରବର୍ତ୍ତୀ ଋକ୍‌ରେ ''ଅରିଃ କୃଷ୍ଟୟଃ'' କହିବା ବେଳେ ପୁଣି ଗ୍ରହଣ କରାଯାଇଛି । ମୋର ମନେହୁଏ – ''ଅରିଃ କୃଷ୍ଟୟଃ'' କଥାଟି ଏ ପୃଥିବୀରେ ରହୁଥିବା କୌଣସି ଆର୍ଯ୍ୟଜାତିର ଦେଶରାଜି ନୁହେଁ – ଯଦିଓ ଏହି ଅର୍ଥ ମଧ୍ୟ ସେବେ ସମ୍ଭବ ଯେବେ ସାମୂହିକ ବା ରାଷ୍ଟ୍ରୀୟ ଯୋଗର

ବିଚାରକୁ ଗ୍ରହଣ କରାଯାଏ, ବରଂ କହିବାକୁ ଗଲେ ଏମାନେ ସେହି ଶକ୍ତି ଯିଏ ମନୁଷ୍ୟକୁ ତା'ର ଊର୍ଦ୍ଧ୍ୱାରୋହଣର ଅଭିଯାତ୍ରାରେ ସହାୟତା କରନ୍ତି – ଯିଏ ତା'ର ଆଧ୍ୟାତ୍ମିକ ସୁହୃଦ୍, ଯିଏ ତା'ର ବନ୍ଧୁ, ମିତ୍ର, ଭ୍ରାତା, ଏକଇ ଯୁଆଳିରେ ବନ୍ଧା ସହଚର (ସଖାୟଃ, ୟୁଜଃ, ଜାମୟଃ) ଭଳି କାର୍ଯ୍ୟରେ ସତୀର୍ଥ, ଅର୍ଥାତ୍ ଜଣକର ଯେଉଁ ଆସ୍ପୃହା, ଅନ୍ୟମାନଙ୍କର ବି ସେଇ ଆସ୍ପୃହା, ଜଣକର ପୂର୍ଣ୍ଣତା ନେଇ ସେମାନେ ବି ପୂର୍ଣ୍ଣ ହୁଅନ୍ତି । ବିରୋଧକମାନେ ଯେମିତି କ୍ରମଶଃ ସନ୍ତୁଷ୍ଟ ହୋଇ ଯାଆନ୍ତି ଓ ପଥ ଛାଡ଼ି ଦିଅନ୍ତି, ସେମାନେ ମଧ ସେହିପରି ସନ୍ତୁଷ୍ଟ ହୋଇ ମାନବୀୟ ଆନନ୍ଦର ପୂର୍ଣ୍ଣତା ଦ୍ୱାରା ସାଧିତ ସେମାନଙ୍କର ସେଇ କାର୍ଯ୍ୟର ସୁସମ୍ପନ୍ନତାକୁ ଅନ୍ତତଃ ପ୍ରଦାନ କରିବା ଉଚିତ । ଏବଂ ଏହିପରି ଅବସ୍ଥାରେ ଇନ୍ଦ୍ରଙ୍କର ସେହି ଶାନ୍ତି ମଧରେ ମାନବାତ୍ମା ବିଶ୍ରାନ୍ତି ଲାଭ କରିବ ଯାହା ଦିବ୍ୟ-ଜ୍ୟୋତିଃ ସହିତ ଆସିଥାଏ – ପୂର୍ଣ୍ଣତାପ୍ରାପ୍ତ ମନୋବୃତ୍ତିର ତାହା ସେହି ଶାନ୍ତି ଯାହା ପରିପୂର୍ଣ୍ଣ ଚେତନା (Consumated Consciousness) ତଥା ଦିବ୍ୟାନନ୍ଦ (Beatitude)ର ଶିଖର ଉପରେ ଅବସ୍ଥିତ । [ମନ୍ତ୍ର - ୬]

ଏହି କାରଣରୁ କାର୍ଯ୍ୟପଦ୍ଧତିରେ ବେଗ ବା ତୀବ୍ରତା ଆଣିବା ନିମନ୍ତେ ଦିବ୍ୟାନନ୍ଦକୁ ଅଜାଡ଼ି ଦିଆଯାଇଛି ଏବଂ ତାହାକୁ ଇନ୍ଦ୍ରଙ୍କ ନିକଟରେ ସମର୍ପିତ କରିଦିଆଯାଇଛି ଯେପରି ତାହା ତାଙ୍କର (ଇନ୍ଦ୍ରଙ୍କର) ତୀବ୍ର କ୍ରିୟାର ସହଯୋଗୀ ହୋଇପାରେ । କାହିଁକିନା ଏହି ଗଭୀରତମ ଆନନ୍ଦହିଁ ଆନ୍ତର ସମ୍ବେଦନରେ ଅଭିବ୍ୟକ୍ତ ହୋଇଥାଏ, ଯଦ୍ଦ୍ୱାରା ସେହି ମନୁଷ୍ୟ ଅଥବା ସେହି ଦେବତା ବଳଶାଳୀ ହୋଇ ଉଠନ୍ତି । ସେତେବେଳେ ଏହି ଦିବ୍ୟ ପ୍ରଜ୍ଞା (ଇନ୍ଦ୍ର) ଏବେବି ଅସମାପ୍ତ ହୋଇ ରହିଥିବା ଯାତ୍ରା ପଥରେ ଅଗ୍ରସର ହେବାରେ ସକ୍ଷମ ହେବେ ଏବଂ ଦେବସଖ (ଋଷି)ଙ୍କ ଦିଗରେ ଅବତରି ଆସୁଥିବା ସୋମ-ଆହୁତିର ପ୍ରତିଦାନରୂପେ ଦିବ୍ୟାନନ୍ଦର ନୂତନ ଶକ୍ତିରାଜି ପ୍ରଦାନ କରିବେ । [ମନ୍ତ୍ର - ୭]

କାରଣ, ମାନବସ୍ଥ ଦିବ୍ୟମନ ଏହିଭଳି ଶକ୍ତି ସାମର୍ଥ୍ୟରେ ଯୁକ୍ତ ହୋଇ ବିରୁଦ୍ଧ ଶକ୍ତିଗଣଙ୍କୁ ଯଥା ଆବରକ ବା ଅବରୋଧକଗଣଙ୍କୁ ସେମାନଙ୍କ କଳ୍ପନା ତଥା ଚିନ୍ତାର ଶତଧା କାର୍ଯ୍ୟକଳାପକୁ ବିଧ୍ୱଂସ କରି ଦେଇଛନ୍ତି; ଅତୀତ ଯୁଦ୍ଧଗୁଡ଼ିକରେ ଅତ୍ରି (ଭକ୍ଷକ) ତଥା ଦସ୍ୟୁମାନଙ୍କୁ ଜୟ କରି ସେମାନଙ୍କଠାରୁ ହାସଲ କରିଥିବା ଆମ ସମ୍ପଦଗୁଡ଼ିକୁ ମଧ ରକ୍ଷା କରିବା ବେଳେ ସେ ଏହି ଶକ୍ତି ସହ ଯୁକ୍ତ ହୋଇଥିଲେ । [ମନ୍ତ୍ର - ୮]

ଋଷି ମଧୁଚ୍ଛନ୍ଦା ଆପଣା ବକ୍ତବ୍ୟକୁ ଅବ୍ୟାହତ ରଖି ଆମକୁ କହୁଛନ୍ତି କି : ଯଦ୍ୟପି ଉକ୍ତ ଦିବ୍ୟପ୍ରଜ୍ଞା ଆଗରୁହିଁ ସୁସମୃଦ୍ଧ ଓ ନାନାଭାବେ ଆମ ମଧରେ ସାଇତା ହୋଇଛନ୍ତି ତଥାପି ଆମେ ପ୍ରାର୍ଥନା କରୁଛୁ ଯେ ଅବରୋଧକ ତଥା ବୃତ୍ରଗଣଙ୍କୁ ବିତାଡ଼ିତ କରିବା ସଙ୍ଗେ ସଙ୍ଗେ ପ୍ରାଚୁର୍ଯ୍ୟର ଶକ୍ତି ଯେପରି ଅଧିକ ବୃଦ୍ଧି ଲାଭ କରେ, ଯାହା ଫଳରେ ଆମ ଧନ ସମୃଦ୍ଧି ପରିପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ସ୍ଥିର ପ୍ରତିଷ୍ଠା ଲାଭ କରିବ । [ମନ୍ତ୍ର - ୯]

ଏହା କହିବାର କାରଣ, ସମଗ୍ର ମହିମାକୁ ଧାରଣ କରୁଥିବା ଏବଂ ସକଳ ସୀମିତତାରୁ ମୁକ୍ତ ଏହି ଦିବ୍ୟାଲୋକ ହେଉଛି ଆନନ୍ଦର ଏକ ସାମ୍ରାଜ୍ୟ; ଏହା ସେହି ଶକ୍ତି ଯାହା ମାନବାତ୍ମାକୁ ବନ୍ଧୁ କରି ନେଇଥାଏ ଏବଂ ସଂଗ୍ରାମ ମଧରେ ତାହାକୁ ସୁରକ୍ଷିତ ଭାବେ ତା'ର ଯାତ୍ରାର ଶେଷ ବିନ୍ଦୁ ଯାଏ, ଅଭୀପ୍ସା-ଶିଖାର ଉଚ୍ଚତମ ଶିଖରଯାଏ ପାର କରାଇ ନେଇଯାଏ । [ମନ୍ତ୍ର - ୧୦]

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ ''*Indra, Giver of Light*'' *(Rig-Veda I.4)*ର ଓଡ଼ିଆ ଅନୁବାଦ ।
ଅନୁବାଦ : କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ର] ❖

ପୃଥିବୀ ଉପରେ ଭଗବତ୍ କୃପାକୁ ଅଭିବ୍ୟକ୍ତ କରିବା ହେଉଛି ଅବତାରଙ୍କ ମହାନ୍ କାମ । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଏକ ଯନ୍ତ୍ର ହୋଇ ଉଠିବା ।

– ଶ୍ରୀମା

# ''ସମଗ୍ର ଜୀବନହିଁ ଯୋଗ''

## ଶ୍ରୀ ମନୋଜ ଦାସ

*[ଗତ ବର୍ଷ ସେପ୍ଟେମ୍ବର ୨୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜାତିସଂଘ ଅଧିବେଶନରେ ବିଶ୍ୱ ସଭ୍ୟତାକୁ ଭାରତର ମହତ୍ତମ ଅବଦାନ ଯୋଗର ତାତ୍ପର୍ଯ୍ୟ ଆଜିର ବିକ୍ଷୁବ୍ଧ ପୃଥିବୀ ହୃଦୟଙ୍ଗମ କରିବାର ଆବଶ୍ୟକତା ସମ୍ପର୍କରେ କହିବା ଉତ୍ତାରୁ ଡିସେମ୍ବର ୧୧ ଅଧିବେଶନରେ ଜାତିସଂଘ ଚଳିତ ମାସ ଜୁନ୍ ୨୧ ତାରିଖକୁ ପ୍ରଥମଥର ପାଇଁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରିବାର ପ୍ରସ୍ତାବ ଗ୍ରହଣ କରିଛି । ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଲା, ୧୭୫ଟି ଦେଶ ସମବେତ ଭାବେ ପ୍ରସ୍ତାବଟି ଉପସ୍ଥାପନ କରିଥିଲେ ।]*

ଗତ ଶତାବ୍ଦୀର ଦ୍ୱିତୀୟ ଦଶକର କଥା । ଜଣେ ଜ୍ଞାନ-ପିପାସୁ ଇଂରେଜ ପଲ୍ ବ୍ରାଣ୍ଟନ୍ ଭାରତବର୍ଷ ଭ୍ରମଣ କରି ଏ ଦେଶର ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ସନ୍ଧାନରେ ବ୍ରତୀ ଥା'ନ୍ତି । ଏକାଧିକ ଗ୍ରନ୍ଥରେ ସେ ତାଙ୍କ ଅଭିଜ୍ଞତା ଲିପିବଦ୍ଧ କରିଛନ୍ତି । ତନ୍ମଧ୍ୟରେ ବିଶେଷ ଜନପ୍ରିୟ ହେଲା 'A Search in Secret India' ('ସଂଗୋପନ ଭାରତରେ ଏକ ସନ୍ଧାନ') ।

ତ୍ରିଚିନାପଲ୍ଲିଠାରେ ସେ ଭେଟିଛନ୍ତି ତାଙ୍କର ଜଣେ ଦେଶବାସୀଙ୍କୁ । ସେ ଇଂରେଜ ଭଦ୍ରଲୋକଟି ସେତେବେଳକୁ ଭାରତରେ କୋଡ଼ିଏ ବର୍ଷ ଅତିବାହିତ କରିସାରିଥା'ନ୍ତି ।

କଥାବାର୍ତ୍ତା ଭିତରେ ବ୍ରାଣ୍ଟନ୍ ତାଙ୍କୁ ପଚାରିଲେ, ''ତୁମେ କେବେ କୌଣସି ଯୋଗୀଙ୍କୁ ଭେଟିଛ ?''

ଭଦ୍ରଲୋକ କିଛିକ୍ଷଣ ଶୂନ୍ୟ ଦୃଷ୍ଟିରେ ଅନାଇ ରହି ତା'ପରେ କଲେ ଏହି ପ୍ରତିପ୍ରଶ୍ନ, ''ଯୋଗୀ ? ସେଗୁଡ଼ିକ କ'ଣ ? ଏକ ପ୍ରକାର ଜାନୁଆର୍ ?''

ଉପରୋକ୍ତ ବହିର ଭୂମିକାରେ ବ୍ରାଣ୍ଟନ୍ ଲେଖିଥିଲେ, ହଜାର ହଜାର ଇଂରେଜ ଭାରତରେ ରହିଛନ୍ତି । କେତେ ପୁଣି ଆସୁଛନ୍ତି ଯାଉଛନ୍ତି । ଅଥଚ ଏ ଦେଶରୁ ତାଙ୍କ ଦେଶକୁ ଯାଉଥିବା ଜାହାଜ ଭର୍ତ୍ତି ମଣିମୁକ୍ତା ତୁଳନାରେ ଦିନେ ଯାହା ବହୁ ଅଧିକ ମୂଲ୍ୟବାନ୍ ବୋଲି ପରିଗଣିତ ହେବ, କେହି ତାହାର ସନ୍ଧାନ ନେଇ ନାହାନ୍ତି । ଯୋଗବିତ୍‌ମାନଙ୍କ ସନ୍ଧାନରେ କ୍ୱଚିତ୍ କେହି ବାହାରନ୍ତି ।

(Thousands of Englishman live in India and hundreds visit it each year. Yet few know anything of what may one day prove more worthy to the world than even the prized pearls and valuable stones which ships bring us from India. Fewer still have taken the trouble to go out of their way to find the adepts in Yoga.)

ପଲ୍ ବ୍ରାଣ୍ଟନ୍‌ଙ୍କର ଏ ଭବିଷ୍ୟଦ୍‌ବାଣୀ-ସୂଚକ ପର୍ଯ୍ୟବେକ୍ଷଣ ଆଜି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

### ଯୋଗର ପଟଭୂମି : ବିଯୋଗ

ଯୋଗର ସାଧାରଣ ବୁଦ୍ଧିସମ୍ମତ ବ୍ୟାଖ୍ୟା ହେଲା, ଏଭଳି କୌଣସି ଶକ୍ତିଠାରୁ ଆମର ବିଯୋଗ ଘଟିଛି, ଯାହା ସହ ଯୋଗ ସ୍ଥାପନ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଭାଷାରେ ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ହେଲା ଯୋଗ – ଯାହା ଆମର ପରମ ଲକ୍ଷ୍ୟ ଏବଂ ମହତ୍ତମ ଆବଶ୍ୟକତା । (To enter into relations with God is Yoga, the Supreme object and the noblest utility.)

ସାଧାରଣ ଅର୍ଥରେ ଆମେ ଯେଉଁ ଆଦର୍ଶକୁ ଭଗବାନଙ୍କ ସହ ସଂଯୋଗ ବୋଲି କହୁଛୁ, ପ୍ରଗାଢ଼ ଅର୍ଥରେ ତାହା ଆମ ନିଜ ଅନ୍ତରାତ୍ମା ଅଥବା ପ୍ରକୃତସତ୍ତା ସହ ସଂଯୋଗ । ଭଗବାନଙ୍କଠାରୁ ଆମ ବିଚ୍ୟୁତିର ପରିଣତି ସ୍ୱରୂପ ଆମ ଚେତନାର ବହିରାଂଶ ଅହଂବୋଧରେ ପରିଣତ ହୋଇଛି । ଯେଉଁ ସାଧାରଣ ବିଚାର ବୁଦ୍ଧି, ଧ୍ୟାନଧାରଣା, ଭଲ-ମନ୍ଦ ଜ୍ଞାନ, ହର୍ଷ-ବିଷାଦ, ମାନ-ସମ୍ମାନବୋଧ, ଭାବପ୍ରବଣତା, ପ୍ରେମ ଓ ଘୃଣା, ଉଚ୍ଚାଭିଳାଷ ଏବଂ ଆଶା-ହତାଶା ଭଳି ଭାବମାନ ଆମ ଦୈନନ୍ଦିନ ଗତାନୁଗତିକ ଜୀବନର ଅଭିଜ୍ଞତା, ସେସମସ୍ତ ଆମ ଅହଂର ଅନ୍ତର୍ଭୁକ୍ତ । ଏହି ବହୁମୁଖୀ, ବହୁରଙ୍ଗୀ, ବହୁରୂପୀ ସ୍ଥୂଳ

ଚେତନାର ଅତଳରେ ବିଦ୍ୟମାନ ଦିବ୍ୟ-ଜ୍ୟୋତିଃର ଅନିର୍ବାଣ ଶିଖା – ଆମର ଆତ୍ମା । ସଚ୍ଚା ଯୋଗୀର ଆଭିମୁଖ୍ୟ ତାହାରି ସହିତ ସଂଯୋଗ ସ୍ଥାପନ କରି ତାହାରି ଦିଗ୍‌ଦର୍ଶନରେ ନିଜକୁ ପରିଚାଳିତ କରିବା – ପ୍ରାୟତଃ ଭ୍ରାନ୍ତ ଏବଂ ମଧ୍ୟେ ମଧ୍ୟେ ଉଦ୍‌ଭ୍ରାନ୍ତ ଅହଂ ଦ୍ୱାରା ନୁହେଁ ।

ଯୋଗର ଏହି ଆଧ୍ୟାତ୍ମିକ ସାରକଥା ବୁଝିଲେ ମଧ୍ୟ ତଦନୁସାରେ ସାଧନା କରିବା ସହଜ ନୁହେଁ ବୋଲି ମନେହେବ । ସହଜ ବା କଠିନ, କେତେଦୂର ସହଜ ବା କେତେଦୂର କଠିନ, ଏଭଳି ପ୍ରଶ୍ନର ଧରାବନ୍ଧା ଉତ୍ତର ନାହିଁ । ଜଣେ ବ୍ୟକ୍ତିର ଆନ୍ତରିକତା, ଧୈର୍ଯ୍ୟ, ଜୀବନର ଲକ୍ଷ୍ୟ ଜାଣିବା ଦିଗରେ ତା'ର ସନ୍ଧିତ୍ସାର ଗଭୀରତା, ନିଜ ଅହଂର ପ୍ରଭାବରୁ ମୁକ୍ତ ହେବା ନିମନ୍ତେ ଆବଶ୍ୟକ ଯେଉଁ ଆତ୍ମ-ଅନୁଶୀଳନ-ଶକ୍ତି ଏବଂ ବିନୟବୋଧ, ଜଣକ ଭିତରେ ସେସବୁ ଗୁଣ କେତେ ଦୂର ବିକାଶ ଲାଭ କରିଛି, ତାହାରି ଉପରେ ଏଭଳି ପ୍ରଶ୍ନର ଉତ୍ତର ନିର୍ଭର କରେ ।

## ସମଗ୍ର ଜୀବନହିଁ ଯୋଗ

ସମଗ୍ର ଜୀବନହିଁ ଯୋଗ (All life is Yoga) ଶ୍ରୀଅରବିନ୍ଦଙ୍କ The Synthesis of Yoga (ଯୋଗ ସମନ୍ୱୟ) ଗ୍ରନ୍ଥର ଉପ-ଶିରୋନାମା । ଅଚେତନଭାବରେ ସମସ୍ତେ କ୍ରମାଗତଭାବରେ, ଜନ୍ମ ପରେ ଜନ୍ମ ନାନାଦି ଅଭିଜ୍ଞତା ଅର୍ଜନ କରି, ନିଜ ନିଜ ଚେତନାକୁ ସମୃଦ୍ଧ କରି ଚାଲିଛନ୍ତି । ଜୀବନରେ ଯେତେ ଯାହା ଘଟେ, ଯେତେ ସୁଖକର ଅଥବା ବିୟୋଗାନ୍ତକ ଅନୁଭବ ଆସେ, ସେସବୁର ନିର୍ଯାସ ଆମ ଚେତନାର ମର୍ମସ୍ଥଳରେ ସଞ୍ଚିତ ହୋଇ ରହେ । ସାଧାରଣତଃ ଆମେ ବହୁ ଧରଣର ଭୁଲ୍ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇଥାଉ । ସେସବୁର ପୃଷ୍ଠପୋଷକ ଆମର ଅଜ୍ଞାନତା ଏବଂ ଅହଂ । ଯେତେବେଳେ ଆମ ଅହଂ ଉପରେ ଗୋଟାଏ ଧକ୍କା ବସିଯାଏ ସେତେବେଳେ ଆମେ ବିଦ୍ରୋହ କରୁ, ଉତ୍‌କ୍ଷିପ୍ତ ହେଉ । ଯିଏ ନିଜ ଚେତନାର ପ୍ରଗତି ପଥରେ ପଥିକ, ସିଏ ସେଭଳି ପ୍ରତିକ୍ରିୟାରୁ କ୍ଷାନ୍ତ ରହି ନମ୍ର ଭାବରେ ସେ ଅଭିଜ୍ଞତାରୁ ଯେଉଁ ଶିକ୍ଷା ଆହରଣ କରିବା କଥା ତାହା କରେ । ଅହଂ ଉପରେ ପ୍ରତିଟି ଧକ୍କା ଏକ ଆଶୀର୍ବାଦ ।

ଜୀବନରେ ଏଭଳି କୌଣସି ପରିସ୍ଥିତି ଥାଇ ନପାରେ, ଏଭଳି କୌଣସି ମୁହୂର୍ତ୍ତ ଥାଇ ନପାରେ, ଯାହା ଭଗବାନଙ୍କ ଆୟତ୍ତ ବାହାରେ । ଯେତେବେଳେ ଆମେ ଯଦି ନିଜ ଅହଂର କାରାଗାର ଭିତରୁ ବାହାରି ଆସି ଏ ଜୀବନ, ଏ ବିଶ୍ୱ ବ୍ରହ୍ମାଣ୍ଡ, ମହାକାଳର ଗତିସ୍ରୋତରେ ଘଟି ଚାଲିଥିବା କେତେ ଚମତ୍କାର, କେତେ ଭୀଷଣ, କେତେ ଅପ୍ରତ୍ୟାଶିତ ଘଟଣାମାନ ଉପରେ ଦୃଷ୍ଟିପାତ କରିବୁ, ତେବେ ଦୁଇଟି କଥା ସ୍ପଷ୍ଟ ହେବ । ପ୍ରଥମତଃ, ଆମ ବ୍ୟକ୍ତିଗତ ସୁଖ-ଦୁଃଖ, ମାନ-ଅଭିମାନ କେଡ଼େ ତୁଚ୍ଛ ବ୍ୟାପାର । ଦ୍ୱିତୀୟରେ ଏକ ଅକଳନୀୟ ମହାଶକ୍ତିର ଭୂମିକା ରହିଛି ଯାବତୀୟ ସରବ, ନିରବ, ପ୍ରଚଣ୍ଡ ଓ ନଗଣ୍ୟ ଘଟଣା ଭିତରେ । ଗୋଟାଏ ଘାସ ଫୁଲର ପ୍ରସ୍ଫୁଟନ ପଶ୍ଚାତରେ ସେ ମହାଶକ୍ତି ତା'ର ଯେତିକି ପ୍ରତିଭାର ଉପଯୋଗ କରିଛି, ହିମାଳୟ ନିର୍ମାଣରେ ମଧ୍ୟ ସେତିକି କରିଛି ।

ସେହି ମହାଶକ୍ତି ପାଖରେ ସମର୍ପଣ, ଆମ ଜୀବନର ଦାୟିତ୍ୱ ନେବା ନିମନ୍ତେ ସେ ଶକ୍ତିର ଆବାହନ ହେଲା ଯଜ୍ଞର ଅର୍ଥ : ତୀବ୍ର, ପବିତ୍ର, ଜ୍ୟୋତିଷ୍ମାନ୍ ଅଗ୍ନିଶିଖା ଊର୍ଦ୍ଧ୍ୱାୟିତ ହେବା ପ୍ରାୟେ ଯୋଗୀର ଆସ୍ପୃହା ସେହି ମହାଶକ୍ତି ଉଦ୍ଦେଶ୍ୟରେ ଊର୍ଦ୍ଧ୍ୱାୟିତ ହେଉଥାଏ । ସ୍ଥୂଳ ଯଜ୍ଞାନୁଷ୍ଠାନ, ଯାଗ ତା'ର ପ୍ରତୀକ । ପ୍ରକୃତ ଯଜ୍ଞ ଆମ ଚେତନାରେ ଅନୁଷ୍ଠିତ ହେବା ଚାହି ।

ମହତ୍ତମ ଯୋଗଶାସ୍ତ୍ର ଗୀତା ଆମକୁ ଦେଖାଇଛି, ଯେତେବେଳେ ଏହି ସମର୍ପଣ ସମ୍ଭବପର ହୁଏ ସେତେବେଳେ ଯୁଦ୍ଧକ୍ଷେତ୍ର ଭଳି ଭୟାବହ ପରିସ୍ଥିତି ମଧ୍ୟ ଯୋଗ କ୍ଷେତ୍ରରେ ପରିଣତ ହୋଇପାରେ । ଏହାଠାରୁ ବଡ ଆଶ୍ୱାସନା ଓ ପ୍ରତିଶ୍ରୁତି କ'ଣ ଥାଇପାରେ ?

## ଯୋଗର ବହୁ ବିଚିତ୍ର ଧାରା

ଏ ସୃଷ୍ଟିର ଅନ୍ୟତମ ଚାରିତ୍ରିକ ବିଶେଷତ୍ୱ ହେଲା ଏହାର ବିଭିନ୍ନତା, ଏହାର ବୈଚିତ୍ର୍ୟ । ଯୋଗର ଚରମ ଲକ୍ଷ୍ୟ ଏକ ହେଲେ ମଧ୍ୟ ଜଣେ ସାଧକ ନିଜର ସ୍ୱଭାବ ଅନୁସାରେ ହୁଏତ ଭକ୍ତିମାର୍ଗରେ, ନତୁବା ଜ୍ଞାନମାର୍ଗରେ, ନତୁବା କର୍ମମାର୍ଗରେ ଯାଇପାରେ । କିନ୍ତୁ ଜଣକ ଭିତରେ ଭକ୍ତି ଓ ପ୍ରେମଭାବର ଆଧିକ୍ୟ ଯୋଗୁଁ ସେ ଭକ୍ତିଯୋଗ ବା ପ୍ରେମଯୋଗର ସାଧକ ହେଲେ ମଧ୍ୟ ଜ୍ଞାନଯୋଗ ବା କର୍ମଯୋଗର ସାଧନାରୁ ବିଚ୍ଛିନ୍ନ ରହିବାର ହେତୁ ନାହିଁ । ବରଂ

ସେ ବିଚ୍ଛିନ୍ନତା ଅସ୍ୱାଭାବିକ । ଜଣେ ଯଦି ଭଗବାନଙ୍କୁ ଭଲ ପାଉଥିବ, ତେବେ ବଳେ ବଳେ ଭଗବାନଙ୍କ ସମ୍ପର୍କରେ ତା' ଚେତନାରେ ହେବ ଜ୍ଞାନର ଉଦୟ । ଯେତେବେଳେ ସେହି ଜ୍ଞାନ ତାକୁ ଦେଖାଇଦେବ ଯେ ଏ ସମଗ୍ର ସୃଷ୍ଟି ଭଗବାନଙ୍କରହିଁ ଏକ କର୍ମଧାରା, ସେତେବେଳେ ସେ ଆଉ ନିଜକୁ ନିଜ କର୍ମର ନିୟନ୍ତ୍ରକ ବୋଲି ମନେ କରିପାରିବ ନାହିଁ । ହୁଏତ ସେ ନିଜ କର୍ମକୁ ଭଗବାନଙ୍କୁ ସମର୍ପଣ କରୁଥିବ, ନତୁବା ଆପଣାଛାଏଁ ତା' କର୍ମ ଅଖିଳ ଦିବ୍ୟକର୍ମଧାରାରେ ସାମିଲ ହୋଇଯିବା ସେ ଅନୁଭବ କରିବ । ନିଜ ଅଜାଣତରେ ସେ କରିବ କର୍ମଯୋଗ ।

ଭିନ୍ନ ଭିନ୍ନ ମୁଖ୍ୟ ଯୋଗଧାରା ପରସ୍ପର ପରିପୂରକ । ଜଣେ ସାଧକ ସେସବୁ ଭିତରେ ସଚେତନ ସମନ୍ୱୟ ସାଧନ କରିପାରିବ । ଏହାହିଁ ଶ୍ରୀଅରବିନ୍ଦଙ୍କ ''ଯୋଗ ସମନ୍ୱୟ''ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ ।

ପ୍ରତି ମୁଖ୍ୟ ଯୋଗଧାରା ଭିତରେ ପୁଣି କାଳକ୍ରମେ ଦେଖାଦେଇଛନ୍ତି ଅସଂଖ୍ୟ ଉପଧାରା । ଜଣେ ଜଣେ ଯୋଗୀଙ୍କ ବ୍ୟକ୍ତିଗତ ଅତୀନ୍ଦ୍ରିୟ ଅଭିଜ୍ଞତାକୁ ତାଙ୍କ ଅନୁରକ୍ତ ସାଧକମାନେ ଅନୁସରଣ କରିବାକୁ ଯାଇ ଭିନ୍ନ ଉପଧାରା ଅନୁସରଣ କରୁଥିବା ସାଧକମାନଙ୍କୁ ଅଜ୍ଞାନ ମନେକରି ନିଜ ଅଜ୍ଞାନତାରହିଁ ପରିଚୟ ଦେଇଥା'ନ୍ତି । ସୃଷ୍ଟ ହୁଏ ମତାନୈକ୍ୟ, ସେଥିରୁ ଆସେ ମତ-ସଂଘର୍ଷ । ନିଜ ନିଜ ପନ୍ଥାର ସମର୍ଥନରେ ପ୍ରସ୍ତୁତ କରାଯାଏ ନାନାଦି ଯୁକ୍ତି । ସେହି ଯୁକ୍ତିର ପ୍ରାବଲ୍ୟ ଭିତରେ ସତ୍ୟ ନିପୀଡ଼ିତ ହୋଇ ଦୂରକୁ ପଳାଇଯାଏ । ଯୋଗ ଏବଂ ଆଧ୍ୟାତ୍ମିକତାର ଇତିହାସରେ ଏ ବିଡ଼ମ୍ବନାର ଦୈର୍ଘ୍ୟ କମ୍ ନୁହେଁ ।

ବିଡ଼ମ୍ବନା ସହ୍ୟ କରାଯାଇପାରେ । କିନ୍ତୁ ଇଚ୍ଛାକୃତ ବିକୃତି ଅସହନୀୟ । ଅବଶ୍ୟ ପ୍ରତ୍ୟେକ ଆଦର୍ଶ ଏବଂ ପ୍ରତ୍ୟେକ ସତ୍ୟର ବିକୃତ ପରିବେଷଣ ଅନିବାର୍ଯ୍ୟ । କେବେ କେବେ ସେ ବିକୃତି ଅଜ୍ଞାନତା ଏବଂ ଅହଂପ୍ରସୂତ ହୋଇଥାଏ । କିନ୍ତୁ କେବେ କେବେ ତାହା ଧୂର୍ତ୍ତମାନଙ୍କ କୃତି ହୋଇଥାଏ ମଧ୍ୟ ।

ବହୁ ବର୍ଷ ତଳେ ମୁମ୍ବାଇର ମାଲାବାର ହିଲ୍‌ରୁ ମେରିନ୍‌ଡ୍ରାଇଭକୁ ଅବତରଣ କଲାବେଳେ ଗୋଟାଏ ବୃହଦାକାର ପ୍ରତିଷ୍ଠାନର ନାମ ଦେଖିବାକୁ ମିଳିଥିଲା : Yoga and Massage Parlour (ଯୋଗ ଏବଂ ମାଲିସଖାନା) ! ଯୋଗ ଶବ୍ଦର ଏ ଅମର୍ଯ୍ୟାଦାରେ ବିଷାଦ ଅନୁଭବ କରିଥିଲି । କିନ୍ତୁ ପରେ କାଲିଫର୍ଣ୍ଣିଆ ସମୁଦ୍ର ତଟେ ତଟେ ବିସ୍ତୀର୍ଣ୍ଣ ମୁଲକ ବ୍ୟାପୀ 'ଯୋଗ'ଶବ୍ଦର ଅବାରିତ ପ୍ରୟୋଗର ଯେଉଁ ନମୁନାମାନ ଦେଖାଗଲା, ସେଥିରେ ସେ ବିଷାଦ ବିଦ୍ରୋହରେ ପରିଣତ ହେଲା, ଅବଶ୍ୟ ନିଷ୍ଫଳ ବିଦ୍ରୋହ । ପଢ଼ିବାକୁ ମିଳିଥିଲା ଏମନ୍ତ ବିଚିତ୍ର ବିଜ୍ଞାପନ : Cosmic Cushion ! କେତେ ଶହ ଡଲାର ଦେଇ ସେ ଆସନଖଣ୍ଡିକ କିଣି ତହିଁ ଉପରେ ଚକାପାରି ବସିଗଲେ ଆପଣ ମହାଜାଗତିକ ଚେତନାର ଅଧିକାରୀ ହୋଇପାରିବେ । ଆଉ ଏକ ନମୁନା : Achieve Nirvana through telephone ! ଘରେ ବସି, ଏକ ବିଶେଷ ପରିମାଣ ଅର୍ଥ ଦେଇ, ଫୋନ୍ ମାଧ୍ୟମରେ ନିର୍ବାଣ ଲଭିବାର ସୁଯୋଗ ନିଅନ୍ତୁ !

## ସାମୂହିକ ଯୋଗାଭ୍ୟାସ ସମ୍ଭବ କି ?

ଏହା ଏକ ବିଶେଷ ପ୍ରଶ୍ନ । ସନ୍ଧାନୀ ମାତ୍ରେ ଆଧ୍ୟାତ୍ମିକ ଅର୍ଥରେ ଅଭୀପ୍ସୁ ନୁହନ୍ତି । ଅନେକେ କୌତୂହଳୀ ମାତ୍ର । କିଏ ସ୍ୱଧର୍ମର କେଉଁ ସ୍ତରରେ ରହିଛି, ଯୋଗ ଦିଗରେ କାହାର କେତେ ଦୂର ପ୍ରସ୍ତୁତି ରହିଛି, କାହାର କେତେ ରହସ୍ୟ ଜାଣିବାର ଅଧିକାର ରହିଛି, ଏକମାତ୍ର ଜଣେ ଦକ୍ଷ ଗୁରୁହିଁ ନିଜ ଅନୁଗତ ଶିଷ୍ୟବର୍ଗଙ୍କୁ ପରୀକ୍ଷା କରି ତାହା ନିର୍ଣ୍ଣୟ କରି ପାରୁଥିଲେ ।

ତେବେ ଏହା ପ୍ରକୃତ ଯୋଗାଭ୍ୟାସ ସମ୍ପର୍କରେ ପ୍ରଯୁଜ୍ୟ । ହଠଯୋଗ ଅନ୍ତର୍ଭୁକ୍ତ ଆସନ, ପ୍ରାଣାୟାମଠାରୁ ଧ୍ୟାନ ସୋପାନ ଯାଏ ଏହା ପ୍ରଯୁଜ୍ୟ ନୁହେଁ । ହାରାହାରି ସୁସ୍ଥ ଚେତନା ସମ୍ବଳିତ ଯେକୌଣସି ବ୍ୟକ୍ତି ଆଗ୍ରହାନ୍ୱିତ ହେଲେ ଏ ତିନୋଟି ଉପାଦେୟ ଶୃଙ୍ଖଳା ଅଭ୍ୟାସ କରିପାରନ୍ତି । ପ୍ରଥମ ଦୁଇଟି ଦ୍ୱାରା ଦେହ ଏବଂ ପ୍ରାଣିକ ଚେତନା ଭିତରେ ସଂହତି ସ୍ଥାପନର ସମ୍ଭାବନା ଥାଏ ଏବଂ ଏହା ସହ ଧ୍ୟାନାଭ୍ୟାସ କଲେ ମାନସିକ ଏକାଗ୍ରତାର ବିକାଶ ହୁଏ ।

ହଠଯୋଗ ପ୍ରକୃତ ଯୋଗ ନିମନ୍ତେ ସହାୟକ ହୋଇପାରେ । କିନ୍ତୁ ପ୍ରକୃତ ଯୋଗ ଏକ ନିରନ୍ତର ଚେତନାଗତ ଶୃଙ୍ଖଳା । ବିନା ହଠଯୋଗରେ ପ୍ରକୃତ ଯୋଗାଭ୍ୟାସ ନିଶ୍ଚିତଭାବେ ଚାଲୁ ରହିପାରେ ।

ସଂପ୍ରତି କେତେଜଣ ଆଧୁନିକ ଗୁରୁ ହଠଯୋଗର ଦୁଇ ପ୍ରାଥମିକ ନିୟମ (ଆସନ ଓ ପ୍ରାଣାୟାମ) ସହ ଧ୍ୟାନ ଏବଂ କେତେକ ମନସ୍ତାତ୍ତ୍ୱିକ ଶୃଙ୍ଖଳାର ସମାବେଶ ଯୋଗେ ଏକ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ସାମୂହିକ ଭାବରେ ସେସବୁ ବେଶ୍ ହିତକାରୀ । ଜୀବନଧାରଣ ଶୈଳୀରେ

ଅପେକ୍ଷାକୃତ ଉନ୍ନତ ଶୃଙ୍ଖଳା ବିକଶିତ କରିବାର ସମ୍ଭାବନା ସେସବୁ କାର୍ଯ୍ୟକ୍ରମରେ ନିହିତ । ବିଶେଷତଃ ଛାତ୍ରଛାତ୍ରୀଙ୍କ ନିମନ୍ତେ ସେସବୁ ସ୍ୱାଗତଯୋଗ୍ୟ ସୁଯୋଗ ବୋଲି କହିବାକୁ ହେବ ।

ତେବେ କୌଣସି କୌଣସି ସଂସ୍ଥା ଯୋଗ ନାମବାହିତ କାର୍ଯ୍ୟକ୍ରମକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରୟୋଗ କରି ଅନେକ ମହତ୍ ଉଚ୍ଚାରଣୀର ବିକଳ ବ୍ୟାଖ୍ୟା କରିବାର ଉଦାହରଣ ମଧ ରହିଛି । ଏହାର ଗୋଟାଏ ମାତ୍ର ଦୃଷ୍ଟାନ୍ତ ଦେଉଛି । ''ବ୍ୟବସାୟରେ ଗୀତାର ଭୂମିକା'', ''ଶାସନ ଶୃଙ୍ଖଳାରେ ଯୋଗ'' ଭଳି ବେଶ୍ କେତେକ କାର୍ଯ୍ୟକ୍ରମ ଏବଂ ଲେଖାରେ ପ୍ରାୟତଃ ''ଯୋଗଃକର୍ମସୁ କୌଶଳମ୍'' (ଗୀତା; ୨ୟ ଅଧ୍ୟାୟ, ଅ :୫୦) ଅଭିବ୍ୟକ୍ତିକୁ କାମଦାମରେ ବିଚକ୍ଷଣତା ପ୍ରଦର୍ଶନ ବୋଲି ଅର୍ଥ କରାଯାଏ । 'କୌଶଳମ୍'କୁ ପ୍ରଚଳିତ ଅର୍ଥରେ କୌଶଳ ଏବଂ ଇଂରାଜୀରେ 'cleverness' ବୋଲି ମଧ ଅର୍ଥ କରାଯାଇଛି । ଗୀତାର ସାମଗ୍ରିକ ଆଭିମୁଖ୍ୟ ଚେତନାରେ ନରଖି ଆଂଶିକ ଶ୍ଳୋକର ଏଭଳି ବ୍ୟାଖ୍ୟା ଅନଧିକାର ଚର୍ଚ୍ଚା । ସଂପୃକ୍ତ ଶ୍ଳୋକରେ 'କୌଶଳମ୍' କର୍ମପ୍ରତି ଆସକ୍ତି ଏବଂ ତଜ୍ଜନିତ ବନ୍ଧନରୁ ମୁକ୍ତିର ଉପାୟ ନିର୍ଦ୍ଦେଶ କରୁଛି ।

କର୍ମରେ ବିଚକ୍ଷଣତା ସର୍ବଦା ଉତ୍ତମ; କିନ୍ତୁ ତାହା କର୍ମଯୋଗରେ ପରିଣତ ହୁଏ ଯଦି କର୍ମୀ ତାକୁ ଭଗବାନଙ୍କ ଆୟୁଧ ଭାବରେ ସମାଧା କରୁଥିବ ଅଥବା ନିରନ୍ତର ତାହା ଭଗବାନଙ୍କୁ ସମର୍ପଣ କରୁଥିବ ।

ଆଲୋକିତ ଚେତନାସମ୍ପନ୍ନ ଜଣେ ସଂସାରଧର୍ମୀ ମଣିଷ ପାଇଁ ବାସ୍ତବିକ ସମଗ୍ର ଜୀବନହିଁ ଯୋଗ ହୋଇପାରେ । ଅନେକ ସମୟରେ ବାସ୍ତବଜୀବନରୁ ଅବସର ନେଇ ସନ୍ନ୍ୟାସ ଧର୍ମ ପାଳନକୁ ଯୋଗସହ ବନ୍ଧନୀଭୁକ୍ତ କରାଯାଏ । ତାହା ଠିକ୍ ନୁହେଁ । ସନ୍ନ୍ୟାସ ଧର୍ମର ମହତ୍ତ୍ୱକୁ ଏଠାରେ ଆଲୋଚନା ଭିତରକୁ ଅଣାଯାଉ ନାହିଁ । ଯୋଗ କିନ୍ତୁ ଜୀବନରୁ ଅବସର ନୁହେଁ, ତାହା ଜୀବନର ଭାଗବତ ପୂର୍ଣ୍ଣତା ନିମନ୍ତେ ଉଦ୍ଦିଷ୍ଟ । ଜୀବନର ଯେକୌଣସି କର୍ମ ଯୋଗରେ ପରିଣତ ହୋଇପାରେ ।

ଏକ କାହାଣୀ ମାଧ୍ୟମରେ ପରିବେଷଣ କରୁଛି ଏ ତତ୍ତ୍ୱ :

'କୋଣାର୍କ'ର ନିର୍ମାଣ ଚାଲିଥାଏ । ରାଜା ନରସିଂହ ଦେବ ମଧ୍ୟେ ମଧ୍ୟେ ଜଣେ ସାଧାରଣ ନାଗରିକର ଛଦ୍ମବେଶରେ କାର୍ଯ୍ୟ ତଦାରଖ କରୁଥା'ନ୍ତି ।

ଠାଏଁ କିଛି କିଛି ଦୂରରେ ଚାରିଜଣ ଶ୍ରମିକ ପଥର ମସୃଣ କରିବାରେ ଲାଗିଥା'ନ୍ତି । ରାଜା ଯାଇ ପ୍ରଥମ ଜଣକ ପଛରେ ଠିଆ ହୋଇ ପଚାରିଲେ, ''କ'ଣ କରୁଛ ?'' ଲୋକଟି ବିରକ୍ତ ହୋଇ କହିଲା, ''ଆଖିକୁ ଦେଖାଯାଉ ନାହିଁ କି ବାବୁ ? ମୁଁ ଡେଉଁଛି ନା ନାଚକୁଦ କରୁଛି ବୋଲି ମନେହେଲା କି ? ମୁଁ ପଥର କାଟୁଛି !''

ରାଜା ଯାଇ ଦ୍ୱିତୀୟ ଶ୍ରମିକ ପଛରେ ଠିଆହୋଇ ପଚାରିଲେ, ''କ'ଣ କରୁଛ, ବାବୁ !''

''କ'ଣ ଆଉ କରନ୍ତି ! ଜୀବିକା ଅର୍ଜନ କରୁଛି !'' ସେ ଦେଲା ଉତ୍ତର ।

ତୃତୀୟ ଜଣକ ରାଜାଙ୍କ ପ୍ରଶ୍ନର ଉତ୍ତରରେ କହିଲା, ''ମୁଁ ରାଜାଜ୍ଞା ପାଳନ କରୁଛି !''

ରାଜା କିନ୍ତୁ ଚତୁର୍ଥ ଜଣକୁ ଏକହିଁ ପ୍ରଶ୍ନ ପଚାରନ୍ତେ, ସେ ଶ୍ରଦ୍ଧାପ୍ଲୁତ କଣ୍ଠରେ ଉତ୍ତର ଦେଲା, ''ମୋର କେଡ଼େ ସୌଭାଗ୍ୟ ! ମୁଁ ଏଠାରେ ସୂର୍ଯ୍ୟଦେବଙ୍କ ଅଭିଷେକ ଦିଗରେ ମୋର ସାମାନ୍ୟ ଅବଦାନ ଦେଉଛି !''

କହିବା ବାହୁଲ୍ୟ, ସେ ମଧ ପଥର କାଟୁଛି, ଜୀବିକା ଅର୍ଜନ କରୁଛି, ରାଜାଜ୍ଞାପାଳନ କରୁଛି, କିନ୍ତୁ ନିଜର ଚେତନାଗତ ଆଭିମୁଖ୍ୟର ଆଶୀର୍ବାଦରେ ଲୋକଟି ସେସମସ୍ତ କରିବା ଭିତରେହିଁ ଯୋଗ-ସାଧନା କରୁଛି; ଯେହେତୁ ସେ ନିଜ ଶ୍ରମକୁ ମହତ୍ତମ ଲକ୍ଷ୍ୟ ସହିତ ସଂଯୁକ୍ତ କରି କର୍ମ କରୁଛି । ✤

ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ହେଉଛି ଯୋଗ — ଯାହା ହେଲା ପରମ ଲକ୍ଷ୍ୟ ଏବଂ ମହତ୍ତମ ଆବଶ୍ୟକତା ।

— ଶ୍ରୀଅରବିନ୍ଦ

# କର୍ମଫଳ ଓ ମାନବ ନିୟତି

## ମମତା ଦାଶ

ଆମେ ଯେତେବେଳେ ଆମ ଚାରିପାଖରେ ଥିବା ଏହି ବିଶ୍ୱଜଗତକୁ ସଚେତନଭାବେ ପ୍ରତ୍ୟକ୍ଷ କରୁ, ଏହା ମଧ୍ୟରେ ରହିଥିବା ଅବିଶ୍ୱସନୀୟ ବୈଷମ୍ୟ ଦେଖି ସ୍ତମ୍ଭିତ ହୋଇଯାଉ । ଏହି ସୃଷ୍ଟି ଏପରି କାହିଁକି ହୋଇଛି ? କାହିଁକି ଅସଂଖ୍ୟ ମଣିଷ ଯନ୍ତ୍ରଣାରେ, ଦୁର୍ଦଶାରେ ଛଟପଟ ହେଉଛନ୍ତି ? ପୁଣି ଆଉ କେତେଲୋକ ବିଳାସ-ବ୍ୟସନରେ ସମୃଦ୍ଧ ଜୀବନଯାପନ କରୁଛନ୍ତି ? କେତେଲୋକ ଖୁବ୍ ସତ୍, ପୁଣ୍ୟବାନ୍, ଉଦାର, ପ୍ରେମମୟ ହୋଇଥିବା ସ୍ଥଳେ, କେତେଜଣ ଅପରାଧପ୍ରବଣ, ଅସତ୍ ଓ କୁତ୍ସିତ ଜୀବନ ଭିତରେ ରହିବାକୁ ଖୁସି ହେଉଛନ୍ତି ? ଅକାଳରେ ସୁନ୍ଦର, ନିଷ୍ପାପ ଶିଶୁଟିଏ ସଂସାରରୁ ବିଦାୟ ନେଉଛି ତ ପୁଣି କେହି ରାସ୍ତାରେ ଘୁଷୁଡ଼ି ଘୁଷୁଡ଼ି ବି ବଞ୍ଚି ରହିଛି । ବିକଳାଙ୍ଗ, ଅନ୍ଧ, ବଧିର, ମୂକ, ଏଭଳି ପିଲାସବୁ ସଂସାରରେ ଜୀବନ ନିର୍ବାହ କରିବାକୁ କେତେ କଷ୍ଟ ପାଉଛନ୍ତି, ଅଥଚ ସୁସ୍ଥ, ସୁଖୀ ପିଲାମାନେ ଏହି ପୃଥିବୀରେ ଅତି ସ୍ୱାର୍ଥପର, ଅପରାଧୀର ଜୀବନ ବିତାଉଛନ୍ତି । କିଏ କାହିଁକି କେଉଁ ଦେଶରେ ଜନ୍ମ ହୋଇଛି, କେଉଁ ପରିସ୍ଥିତିରେ ଓ କେଉଁ ପରିବାରରେ ଜନ୍ମ ହୋଇଛି, ତାହା ଉପରେ ତା' ଜୀବନର ଧାରା ଅନେକ ପରିମାଣରେ ନିର୍ଭର କରୁଛି ।

ଏସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଗଲେ, ଆମେ ଏପରି ଗୋଟିଏ ଶକ୍ତି ନିକଟରେ ପହଞ୍ଚୁ, ଯାହା ଅବଧାରିତ ଆମର ସମସ୍ତ ସ୍ୱାଧୀନତାର ଅବବୋଧ ସତ୍ତ୍ୱେ, କର୍ତ୍ତୃତ୍ୱବୋଧ ସତ୍ତ୍ୱେ, ଆମେ ବୁଝିପାରୁ ଯେ ଆମେ କୌଣସି ଗୋଟିଏ ଶକ୍ତିର ଦାସ, କ୍ରୀଡ଼ନକ ମାତ୍ର ! ଏ ସୃଷ୍ଟିର ଅନେକ ରହସ୍ୟର ସମାଧାନ ମଣିଷ କରୁଛି, ବିଜ୍ଞାନର ଶକ୍ତିରେ ସେ ଅନେକ ସମସ୍ୟାର ସମାଧାନ ବି କରୁଛି । ତେଣୁ ମାନବ ଜୀବନ ପୂର୍ବାପେକ୍ଷା ଅଧିକ ସୁଖକର, ସୁବିଧାଜନକ ହୋଇଛି । କିନ୍ତୁ ଗୋଟିଏ ଦୃଷ୍ଟିରୁ ଦେଖିଲେ ମନେ ହେଉଛି ଏସବୁ ଭ୍ରାନ୍ତିମାତ୍ର । ଅସଂଖ୍ୟ ରୋଗର ନିରାକରଣ ହେଲେ ମଧ୍ୟ ଆହୁରି ନୂଆ ନୂଆ ରୋଗ ଦେଖା ଦେଉଥିବାରୁ ମଣିଷ ଜୀବନରେ ଆଉ ନିରାପତ୍ତା ନାହିଁ, ସ୍ନେହ ନାହିଁ, ବଞ୍ଚିବାର କିଛି ଅସ୍ତିବାଚକ ଉଦ୍ଦେଶ୍ୟ ମଧ୍ୟ ନାହିଁ — ମଣିଷ ଏଯାଏଁ ମୃତ୍ୟୁକୁ ପରାହତ କରିପାରି ନାହିଁ । ଅପ୍ରତ୍ୟାଶିତ ମୁହୂର୍ତ୍ତରେ କାହିଁକି ମୃତ୍ୟୁ ଆସି ଜୀବନକୁ ପ୍ରତ୍ୟାହାର କରି ନେଇଯାଏ, ସେକଥା ଏବେ ମଧ୍ୟ କେହି ସମ୍ପୂର୍ଣ୍ଣ ଠିକ୍ ଭାବରେ କହିପାରିବ ନାହିଁ ।

ଏହି ଯେଉଁ ଅବଧାରିତ ଶକ୍ତିକୁ ସାଧାରଣ ଭାବରେ ଆମେମାନେ 'ଭାଗ୍ୟ' ବୋଲି କହିଥାଉ କିଂବା ବିଧାତାଙ୍କ ଇଚ୍ଛା ବୋଲି କହିଥାଉ । ମଙ୍ଗଳ କିଛି ଘଟିଲେ ସୌଭାଗ୍ୟ ବୋଲି କହୁ, ଅମଙ୍ଗଳ କିଛି ଘଟିଲେ ଦୁର୍ଭାଗ୍ୟ ବୋଲି କହିଥାଉ । ଭାଗ୍ୟ ଅପେକ୍ଷା ନିୟତି, ଯାହାକୁ ଇଂରାଜୀରେ destiny କୁହାଯାଏ, ତାହା ଏହି ତତ୍ତ୍ୱଟିକୁ ଆହୁରି ଶକ୍ତିଶାଳୀ କରିଦିଏ । ଏହି ଅଦୃଶ୍ୟ ଶକ୍ତି ବା ନିୟତିହିଁ ମଣିଷ ଜୀବନକୁ ନିୟନ୍ତ୍ରିତ କରୁଛି, ତେବେ ଏହି ନିୟତି କିପରି ତିଆରି ହୁଏ ? ପ୍ରତ୍ୟେକ ମଣିଷର ଭିନ୍ନ ଭିନ୍ନ ନିୟତି କାହିଁକି ହୁଏ ? ଏହାର ଉତ୍ତର ମିଳେ 'କର୍ମବାଦ'ରେ; କୁହାଯାଏ ଯେ ମଣିଷର କର୍ମଫଳହିଁ ତା'ର ନିୟତିକୁ ତିଆରି କରିଥାଏ ।

ହିନ୍ଦୁଧର୍ମ ଓ ବୌଦ୍ଧଧର୍ମରେ ଏହି କର୍ମବାଦର ଅନେକ ତତ୍ତ୍ୱ ରହିଛି । ଅନ୍ୟ କୌଣସି ଧର୍ମରେ କର୍ମଫଳ ସମ୍ବନ୍ଧରେ କୁହାଯାଉ ନାହିଁ ବୋଲି ମୋର ଧାରଣା । ପାଶ୍ଚାତ୍ୟରେ ଜନ୍ମ ନେଇଥିବା ଥିଓସୋଫି (Theosophy)ରେ ଏହି କର୍ମବାଦ ଉପରେ ବିଶେଷ ଗବେଷଣା ହୋଇଛି । କର୍ମଫଳକୁ ବିଶ୍ୱାସ କରିବାର ଅର୍ଥ ପୁନର୍ଜନ୍ମରେ ବିଶ୍ୱାସ କରିବା, ଯାହା ହିନ୍ଦୁଧର୍ମ, ଜୈନଧର୍ମ, ବୌଦ୍ଧଧର୍ମ ଓ ଥିଓସୋଫିରେ ଦେଖିବାକୁ ମିଳେ ।

ଆମର କର୍ମଫଳ ସମ୍ବନ୍ଧରେ ପୁରାଣମାନଙ୍କରେ ଯାହାସବୁ ବର୍ଣ୍ଣନା ରହିଛି ସେସବୁ ଖୁବ୍ ଉପରଠାଉରିଆ, ପିଲାଳିଆ ଓ ଶାସ୍ତ୍ରସମ୍ମତ ନୁହେଁ । ନିୟତିବାଦ, କର୍ମଫଳ ଇତ୍ୟାଦି ସମ୍ବନ୍ଧରେ ମହାନ୍ ସାଧୁ, ସନ୍ନ୍ୟାସୀମାନେ ଅନେକ ତତ୍ତ୍ୱ ଉପସ୍ଥାପିତ କରିଛନ୍ତି । ଶ୍ରୀଅରବିନ୍ଦ ଓ ଶ୍ରୀମା ମଧ୍ୟ ମଣିଷର ନିୟତି, କର୍ମବାଦର ସମସ୍ୟା ଓ ତାହାର ନିରାକରଣ ସମ୍ବନ୍ଧରେ ଅନେକ ସ୍ଥାନରେ କହିଛନ୍ତି । ଅନେକ ପ୍ରଶ୍ନର ଉତ୍ତର ଦେବା ଛଳରେ ଶ୍ରୀମା ଏସବୁ ସମ୍ବନ୍ଧରେ ବିଶଦ ଆଲୋଚନା କରିଛନ୍ତି ।

ହିନ୍ଦୁଧର୍ମ ଅନୁଯାୟୀ ଆମର କର୍ମ ତିନି ପ୍ରକାରର

ହୋଇଥାଏ । (୧) ସଞ୍ଚିତ (୨) ପ୍ରାରବ୍ଧ (୩) କ୍ରିୟମାଣ । 'ପ୍ରାରବ୍ଧ' କର୍ମକୁହିଁ 'ନିୟତି' ବୋଲି ଧରାଯାଏ, ଯାହା ଅବଧାରିତ ଭାବରେ କାର୍ଯ୍ୟକାରୀ ହୋଇଥାଏ । ସଞ୍ଚିତ ଓ କ୍ରିୟମାଣ କର୍ମକୁ ବଦଳାଇ ଦେବାର ଉପାୟ ଥାଏ ।

ଆମେ ବର୍ତ୍ତମାନ ଯେଉଁ ପରିସ୍ଥିତିରେ ବଞ୍ଚୁଛୁ, ତାହା ଆମର ପ୍ରାରବ୍ଧ କର୍ମର ପରିଣାମ । ଆମେ କରିଥିବା କର୍ମର ପରିଣାମ ଯେପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥାଏ, ତାହାକୁ 'ସଞ୍ଚିତ କର୍ମ' ବୋଲି କୁହାଯାଏ । କିନ୍ତୁ କାର୍ଯ୍ୟକାରୀ ହୋଇଗଲେ ତାହା ପରିବର୍ତ୍ତିତ ହେବା କଷ୍ଟସାଧ, କେବଳ ଭଗବାନ୍ ବା ଗୁରୁଙ୍କର କରୁଣା ଦ୍ୱାରା ଏହା ପରିବର୍ତ୍ତିତ ହୋଇପାରେ । ତେବେ ଏହି କର୍ମ କିପରି ଓ କାହିଁକି ତିଆରି ହୁଏ ? ଶ୍ରୀମା ଓ ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ ଯାହାସବୁ କହିଛନ୍ତି ସେସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆମର ଶାସ୍ତ୍ରମାନଙ୍କରେ ଯାହା ଲେଖାଅଛି ଏବଂ ବିଭିନ୍ନ ସାଧୁ, ସନ୍ଥ, ଯୋଗୀ, ସନ୍ନ୍ୟାସୀମାନଙ୍କ ଦ୍ୱାରା ଏହି ତତ୍ତ୍ୱ ଯେପରି ଅର୍ଥ କରାଯାଉଛି – ସେବିଷୟରେ ଆଲୋଚନା କରାଯାଉ ।

ଆମେ ଯେତେବେଳେ କୌଣସି କର୍ମ କରୁ ସେହି କର୍ମ ସିନା ସରିଯାଏ, କିନ୍ତୁ ତାହାର ପରିଣାମ ସେହି କର୍ମଟି ସହିତ ଯୁକ୍ତ- ହୋଇ ସୂକ୍ଷ୍ମଭାବରେ ଆମର ଅଚେତନ ସ୍ତରରେ ସଞ୍ଚିତ ହୋଇ ରହିଥାଏ । ପ୍ରତ୍ୟେକ କର୍ମର ପରିଣାମ ରହିଛି । ଏ ସମ୍ବନ୍ଧରେ ହିନ୍ଦୁଧର୍ମ ଶାସ୍ତ୍ରରେ, ଏପରିକି ବୌଦ୍ଧଧର୍ମ ବା ଜୈନ ଧର୍ମରେ ମଧ୍ୟ ଉଲ୍ଲେଖ ରହିଛି ।

ଆମେ ଯଦି ଗୋଟିଏ କର୍ମକୁ ବାରଂବାର କରୁ ତେବେ ତାହା ''ସଂସ୍କାର'' ହୋଇ ଆମର ଅବଚେତନାରେ ରହିଥାଏ । ସେହି ସଂସ୍କାର ଆମକୁ ପୁଣି କର୍ମରେ ଲଗାଏ । ଏହିପରି ଜନ୍ମ ହେବା ମାତ୍ରେ ଆମେ କର୍ମଚକ୍ରରେ ବାନ୍ଧି ହୋଇଯାଉ । 'ସଞ୍ଚିତ କର୍ମ' ବୀଜ ଭଳି ରହିଥାଏ । ଅନୁକୂଳ ପରିସ୍ଥିତିରେ ସେସବୁ ଗଛ ହୁଏ, ଫଳ ଧରେ, ଫଳ ଧରିଗଲେ ଆଉ କିଛି କରିହୁଏ ନାହିଁ, ଏହାକୁ 'ପ୍ରାରବ୍ଧ' ବା 'ନିୟତି' ବୋଲି କୁହାଯାଏ । ଆମେ ଯଦି ଏହି କର୍ମଫଳ ସହିତ ଜଡ଼ିତ ବା ଆସକ୍ତ ହୋଇଯାଉ ତେବେ ଆମେ କର୍ମଚକ୍ରରେ ବନ୍ଧାହୋଇ ରହୁ । 'କ୍ରିୟମାଣ କର୍ମ' ହେଉଛି ଯେଉଁ କର୍ମ ଏପର୍ଯ୍ୟନ୍ତ ଆମେ କରି ନାହୁଁ । ଏହିଠାରେ ମଣିଷର ସ୍ୱାଧୀନତା ରହିଛି । ଆମେ ପ୍ରାରବ୍ଧ କର୍ମର ଫଳକୁ ରଖିବୁ କି ନ ରଖିବୁ ତାହା ବାଛିବାର ସ୍ୱାଧୀନତା ଆମର ରହିଛି ।

କର୍ମଫଳରେ ଆମେ ଯଦି ନିଜର ଅହଂକାରକୁ ଯୁକ୍ତ ନକରୁ, ଏହାକୁ ଅଧିକାର ନକରୁ କିଂବା ଏହି ସଞ୍ଚିତ ଓ ପ୍ରାରବ୍ଧ କର୍ମକୁ ଆମେ ଅନ୍ୟ କାହା ନିକଟରେ ସମର୍ପଣ କରିଦେବାର ସ୍ୱାଧୀନତାକୁ ବାଣ୍ଟି ଦେଉ, ତେବେ ଆମର ନିୟତି ପରିବର୍ତ୍ତିତ ହୋଇଯାଇପାରେ । ସେଥିପାଇଁ 'ଭଗବଦ୍‌ଗୀତାରେ' କର୍ମଯୋଗର ସର୍ବୋତ୍ତମ ସୂତ୍ରଟିକୁ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ''କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ –'' (କର୍ମରେ ତୋ'ର ଅଧିକାର ରହିଛି, ତା'ର ଫଳରେ ନୁହେଁ ।)

ସଞ୍ଚିତ କର୍ମ, ପ୍ରାରବ୍ଧ କର୍ମ ବା ନିୟତିରେ ପରିଣତ ହେବା ପୂର୍ବରୁ ଯଦି କୌଣସି ମହାନ୍ ଯୋଗୀ ବା ଗୁରୁଙ୍କର କୃପାଲାଭ ହୁଏ ତେବେ ଏହି ସ୍ତରରୁହିଁ କର୍ମର ଗତିପଥ ବଦଳିଯାଏ ଓ ମଣିଷ ବେଳେବେଳେ ତା'ର ଅନିବାର୍ଯ୍ୟ ଅଦୃଷ୍ଟ କବଳରୁ ରକ୍ଷାପାଏ । ଶ୍ରୀମା ଓ ଶ୍ରୀଅରବିନ୍ଦ ତାଙ୍କର ଶିଷ୍ୟ, ଶିଷ୍ୟାମାନଙ୍କର ନିୟତିକୁ ବଦଳାଇ ଦେବାର ଅସଂଖ୍ୟ ଦୃଷ୍ଟାନ୍ତ ରହିଛି । ଯଦି ଏହା ଘୋର ପ୍ରାରବ୍ଧ କର୍ମ ହୋଇଥାଏ ତେବେ ଏହି କର୍ମଫଳ ଦ୍ୱାରା କିପରି ତାହାର ଚେତନାର ଉନ୍ନତି ହେବ, ଆତ୍ମା ଉନ୍ମୁକ୍ତ ହେବ, ସେମାନେ ତାହା କରିଥା'ନ୍ତି । କିନ୍ତୁ, ଆମ ନିୟତିରେ ଯାହା ଅବଧାରିତ ହୋଇଛି ତାହାର ଅଭିବ୍ୟକ୍ତିକୁ ଗ୍ରହଣ କରିନେବା ଭଲ । ଯଦି ଈଶ୍ୱର କୃପା ଥାଏ ତେବେ ଯାହା ଘଟିବା କଥା ଘଟିଲେ ମଧ୍ୟ ତାହା ଦ୍ୱାରା ତୁମେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବ ନାହିଁ ।

କର୍ମର ତତ୍ତ୍ୱ ଏବଂ ଧାରା ଏତେ ସରଳ ନୁହେଁ । ଏହା ଖୁବ୍ ଜଟିଳ । 'ମହାଭାରତ'ରେ କର୍ମତତ୍ତ୍ୱ ଉପରେ ଅନେକ କାହାଣୀ ରହିଛି – ଯେଉଁସବୁ କାହାଣୀ ପଢ଼ିଲେ ଆମେ ବୁଝିପାରୁ ଯେ କର୍ମଫଳ ଅନେକ ଅନେକ ଜନ୍ମ ଧରି ସଞ୍ଚିତ ହୋଇଥାଏ । ଅବତାର ପୁରୁଷ ଶ୍ରୀକୃଷ୍ଣ ମଧ୍ୟ ଗାନ୍ଧାରୀଙ୍କର ଅଭିଶାପ ଦ୍ୱାରା ଆକ୍ରାନ୍ତ ହୋଇଥିବାରୁ ଯଦୁବଂଶ ଧ୍ୱଂସ ହୋଇଥିଲା । ଶ୍ରୀକୃଷ୍ଣଙ୍କର ପୁତ୍ର ଶାମ୍ବ ତାଙ୍କର ଯୁବକ ଅବସ୍ଥାରେ ସାଙ୍ଗମାନଙ୍କ ସହିତ ମିଶି ଋଷିମାନଙ୍କୁ ପରିହାସ କରିଥିଲେ । ଶାମ୍ବ ନାରୀବେଶ ଧାରଣ କରି, ପେଟ ଉପରେ ଗୋଟିଏ ଲୁହାପିଣ୍ଡ ରଖି ଆବୃତ କରିଦେଲେ ଓ ଋଷିମାନଙ୍କୁ ପଚାରିଲେ, ତାଙ୍କର ଗର୍ଭରୁ ପୁତ୍ର ଜାତ ହେବ ନା କନ୍ୟା ? ଋଷି ସର୍ବଜ୍ଞ, ଜାଣିଦେଲେ ଯେ ଶାମ୍ବ ତାଙ୍କୁ ପରିହାସ କରୁଛନ୍ତି । କ୍ରୋଧରେ ଅଗ୍ନିଶର୍ମା ହୋଇ ଅଭିଶାପ ଦେଲେ ଯେ ଶାମ୍ବଙ୍କ ଗର୍ଭରୁ ଗୋଟିଏ ମୂଷଳ ଜନ୍ମ ନେବ ଏବଂ ଏହା ଦ୍ୱାରା ଯଦୁବଂଶ ଧ୍ୱଂସ

ହେବ । ଶ୍ରୀକୃଷ୍ଣଙ୍କର, ପାଣ୍ଡବମାନଙ୍କର ଓ ଯଦୁବଂଶୀମାନଙ୍କର ଅନେକ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ଏହି କର୍ମର ପରିଣାମକୁ ବନ୍ଦ କରି ହେଲା ନାହିଁ ।

'ଶ୍ରୀମଦ୍‌ଭଗବଦ୍‌ଗୀତା'ର ଚତୁର୍ଥ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ''ଗହନକର୍ମଣୋ ଗତିଃ'' ଅର୍ଥାତ୍ କର୍ମର ଗତି ଖୁବ୍ ଜଟିଳ, ଏହାକୁ ଅତି ସରଳ ଭାବରେ ବ୍ୟାଖ୍ୟା କରି ହେବ ନାହିଁ । କିନ୍ତୁ ପ୍ରାରବ୍ଧ କର୍ମ ବା ନିୟତି ଯେ ଅପରିବର୍ତ୍ତନୀୟ ଏକଥା ଶ୍ରୀମା ମଧ୍ୟ ପ୍ରଶ୍ନୋତ୍ତର ସମୟରେ ବହୁବାର, ବହୁ ଉଦାହରଣ ଦେଇ କହିଥିଲେ ।

''An act carried out has always a consequence and this consequence brings along another and so on. And this is absolutely ineluctable. That is universal justice. You have a bad thought, it has a result. And that result has yet another. And you cannot escape it except through the intervention of Grace. Grace is exactly something which has the power of changing all that. But only the Grace can change it. It is so strict a law and so terrible that once one has entered within it, one cannot get out. And the moment one is upon earth, one enters into this.''

(Questions and Answers 1953, p.361)

''ପ୍ରତ୍ୟେକ କୃତକର୍ମର ଏକ ପରିଣାମ ରହିଥାଏ ଏବଂ ଏହି ପରିଣାମ ଅନ୍ୟ ଗୋଟିଏ ପରିଣାମ ଆଣେ ଏବଂ ଏହିପରି ଚାଲିଥାଏ । ଏବଂ ଏହା ସମ୍ପୂର୍ଣ୍ଣଭାବରେ ଅପରିବର୍ତ୍ତନୀୟ । ଏହାହିଁ ବିଶ୍ୱଜନୀନ ନ୍ୟାୟ । ତୁମେ ଗୋଟିଏ ମନ୍ଦ ଚିନ୍ତା କଲ, ଏହାର ଏକ ପରିଣାମ ରହିଛି । ଏବଂ ଏହି ପରିଣାମର ଅନ୍ୟ ଗୋଟିଏ ପରିଣାମ ରହିଛି । ଏବଂ କେବଳ ଦିବ୍ୟକୃପାର ହସ୍ତକ୍ଷେପ ବ୍ୟତୀତ ତୁମେ ଏହାକୁ ଏଡ଼ାଇ ପାରିବ ନାହିଁ । ଦିବ୍ୟକୃପା ଏପରି ଏକ ବସ୍ତୁ ଯାହାର ଏସବୁ କିଛିକୁ ପରିବର୍ତ୍ତିତ କରିବାର ଶକ୍ତି ରହିଛି । କିନ୍ତୁ କେବଳ ଦିବ୍ୟକୃପାହିଁ ଏହାକୁ ବଦଳାଇ ପାରିବ । ଏହା ଏପରି ଏକ କଠୋର ନିୟମ ଏବଂ ଏତେ ଭୟଙ୍କର ଯେ ଥରେ ଜଣେ ଏହା ଭିତରେ ପ୍ରବେଶ କଲେ, ଆଉ ବାହାରି ପାରିବ ନାହିଁ । ଏବଂ ଜଣେ ପୃଥିବୀରେ ଜନ୍ମ ନେବା ମୁହୂର୍ତ୍ତରେ ଏହା ଭିତରେ ପ୍ରବେଶ କରିଥାଏ ।'' (ପ୍ରଶ୍ନୋତ୍ତର, ୧୯୫୩)

କିନ୍ତୁ, ଏହି କର୍ମର ବୀଜ କେଉଁଠାରେ ରହେ, କେଉଁ କର୍ମର ପରିଣାମ କିପରି ହୋଇଥାଏ, ଆଧ୍ୟାତ୍ମିକ ସାଧନାର ସଞ୍ଚିତ କର୍ମ ଉପରେ ଓ କର୍ମର ସଂସ୍କାର ଉପରେ କି ପ୍ରଭାବ ରହିଛି, ଏସବୁ ବିଷୟରେ ହିନ୍ଦୁଧର୍ମର ବେଦ, ବେଦାନ୍ତରେ ଉଲ୍ଲିଖିତ ହୋଇଛି । ବୌଦ୍ଧ ଧର୍ମରେ କର୍ମତତ୍ତ୍ୱର ପ୍ରାଧାନ୍ୟ ରହିଛି । ମନ ଭିତରେ, ଚିନ୍ତା ଭିତରେହିଁ କର୍ମଚକ୍ରର ବୀଜ ନିହିତ ଥାଏ ବୋଲି କୁହାଯାଇଛି ଓ କର୍ମଚକ୍ରରୁ ବାହାରି ନିର୍ବାଣ ଲାଭ କରିବାର ଉପାୟ ମଧ୍ୟ ରହିଛି ।

*(ଏ ସମ୍ବନ୍ଧରେ ଅଧିକ ଆଲୋଚନା ପରବର୍ତ୍ତୀ ସଂଖ୍ୟାମାନଙ୍କରେ ...)* ✜

ସକଳ ବାକ୍ୟ ଓ ଚିନ୍ତାର ଉର୍ଦ୍ଧ୍ୱରେ ଏକ ଅଭୀପ୍‌ସା-ମୂଳକ ଶ୍ରଦ୍ଧାର ଜ୍ୟୋତିର୍ମୟ ନୀରବତା ମଧ୍ୟରେ ତୁମେ ନିଜକୁ ସାମଗ୍ରିକଭାବେ, ନିଃଶେଷରେ ଏବଂ ସଂପୂର୍ଣ୍ଣରୂପେ ସକଳ ଅସ୍ତିତ୍ୱର ପରମପ୍ରଭୁଙ୍କ ନିକଟରେ ଅର୍ପଣ କର ଏବଂ ସେ ତୁମକୁ ଯାହା ହେବାକୁ ଚାହାନ୍ତି ସେହି ରୂପେହିଁ ତୁମକୁ ଗଢ଼ି ତୋଳିବେ ।

ଆଶୀର୍ବାଦ ସହ ।

୫. ୩. *୧୯୬୬* — ଶ୍ରୀମା

# ମାନବସମାଜର ବିଭିନ୍ନ ଧର୍ମ

## (୨)

ଶ୍ରୀପତି ଦାସ

### ଧର୍ମର ବିଭାଗ :

ଯଦିଓ ଧର୍ମକୁ ବହୁ ଭାଗରେ ବିଭକ୍ତ କରାଯାଇପାରେ ତଥାପି ଏହାକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରିବା ଅଧିକ ଯୁକ୍ତିସଂଗତ ମନେହୁଏ,– (୧) ଆଦିବାସୀ ଧର୍ମ, (୨) ଜାତୀୟ ଧର୍ମ ଓ (୩) ବିଶ୍ୱଗତ ଧର୍ମ ।

### ଆଦିବାସୀ ଧର୍ମ :

ଏହା ହେଉଛି ଆଦିମ ଅଧିବାସୀମାନଙ୍କର ଧର୍ମ । ଆଦିବାସୀମାନେ ସୁଶିକ୍ଷିତ ବା ସୁସଭ୍ୟ ନୁହନ୍ତି । ସେମାନେ ହେଉଛନ୍ତି ପୃଥିବୀର ପ୍ରଥମ ଅଧିବାସୀ । ଏମାନେ ବିଶେଷତଃ ଭାରତରେ କୋହ୍ଲ, ଭିଲ, ଗଣ୍ଡ, କନ୍ଧ, ସାନ୍ତାଳ ଆଦି ନାମରେ ବାସ କରନ୍ତି । ଯେହେତୁ ସେମାନେ ବଣ-ଜଙ୍ଗଲରେ ବାସକରନ୍ତି, ତେଣୁ ସେମାନଙ୍କର ମୁଖ୍ୟ କ୍ରିୟାକଳାପ ହେଉଛି ଖାଦ୍ୟ ନିମିତ୍ତ ଫଳ, ମୂଳ, ମାଛ, ମାଂସ ଆଦି ସଂଗ୍ରହ କରିବା, ବଣ୍ୟଜନ୍ତୁଙ୍କ ପ୍ରଭାବରୁ ନିଜକୁ ରକ୍ଷା କରିବା ଏବଂ କେତେକ ଅପଶକ୍ତିକୁ ପୂଜାକରିବା । ସେମାନେ ବିଶ୍ୱାସ କରନ୍ତି ଯେ ନାନା ଅତିଭୌତିକ ଶକ୍ତି ଘନ ଜଙ୍ଗଲ, ପାହାଡ଼-ପର୍ବତରେ, ନଦୀ ଗର୍ଭରେ ଓ ବିରାଟ ବୃକ୍ଷରେ ଲୁକ୍କାୟିତଭାବେ ଥା'ନ୍ତି । ଏମାନଙ୍କ ପ୍ରଭାବରୁ ନିଜକୁ ରକ୍ଷାକରିବା ନିମିତ୍ତ ଆଦିବାସୀମାନେ ଏମାନଙ୍କୁହିଁ ପୂଜା କରନ୍ତି । ଏମାନଙ୍କ ମତରେ କେତେକ ଉପକାରୀ ପ୍ରାକୃତିକ ଶକ୍ତି – ସୂର୍ଯ୍ୟ, ଚନ୍ଦ୍ର ଓ ବୃକ୍ଷଲତା ଆଦି ଏବଂ କେତେକ ଅପକାରୀ ପ୍ରାକୃତିକ ଶକ୍ତି – ଭୂମିକମ୍ପ, ପ୍ରଳୟଙ୍କରୀ ଝଡ଼-ଝଞ୍ଜା, ବନ୍ୟା, ଅଗ୍ନ୍ୟୁତ୍ପାତ ଇତ୍ୟାଦି ଅଛନ୍ତି । ଉପକାରୀ ପ୍ରାକୃତିକ ଶକ୍ତିଙ୍କୁ କୃତଜ୍ଞତା ଜଣାଇବାକୁ ଏବଂ ଅପକାରୀ ପ୍ରାକୃତିକ ଶକ୍ତିଙ୍କୁ ସନ୍ତୁଷ୍ଟ କରିବାକୁ ସେମାନେ ଫଳ-ମୂଳ, ପଶୁ, ପକ୍ଷୀ ଏପରିକି ନରବଳି ଅର୍ପଣ କରନ୍ତି । ଭିନ୍ନଭିନ୍ନ ଆଦିବାସୀଙ୍କର ଭିନ୍ନ ଭିନ୍ନ ପୂଜ୍ୟ ପ୍ରାକୃତିକ ଶକ୍ତି ଥା'ନ୍ତି । ସ୍ଥାନୀୟ ଅତିଭୌତିକ ଶକ୍ତି, ଦେବାଦେବୀଙ୍କୁ, ପଥର, ଗଛ ଓ କେତେକ ମୂର୍ତ୍ତିଙ୍କୁ ମଧ୍ୟ ସେମାନେ ପୂଜା କରନ୍ତି । ବିଭିନ୍ନ ସମୟରେ ସେମାନେ ବାଦ୍ୟ, ଗୀତ ଓ ନୃତ୍ୟ ମାଧ୍ୟମରେ ମଧ୍ୟ ଦେବା-ଦେବୀଙ୍କୁ ସନ୍ତୁଷ୍ଟ କରି ଆନନ୍ଦଲାଭ କରିଥା'ନ୍ତି ।

### ଜାତୀୟ ଧର୍ମ :

ଆଦିବାସୀମାନେ ବହୁ ପ୍ରାକୃତିକ ଶକ୍ତି ବା ଦେବାଦେବୀଙ୍କୁ ପୂଜା କରୁଥିଲେ ମଧ୍ୟ କାଳକ୍ରମେ ଦୁଇଟି ମୁଖ୍ୟ କାରଣରୁ ଜାତୀୟ ଧର୍ମର ସୃଷ୍ଟି ହୋଇଥିଲା । ପ୍ରଥମତଃ ମନୁଷ୍ୟ ମଧ୍ୟରେ ନୈତିକ ଭାବର ସୃଷ୍ଟି ଏବଂ ଦ୍ୱିତୀୟତଃ ଏକେଶ୍ୱରବାଦର ମନୋଭାବ ।

ମନୁଷ୍ୟ ମନରେ ନୈତିକ ଗୁଣସକଳର ଯଥା : ପବିତ୍ରତା, ନ୍ୟାୟ, ପ୍ରେମ, ଭକ୍ତି, ଜ୍ଞାନ ଇତ୍ୟାଦି ଗୁଣର ଉତ୍ପତ୍ତି ହେତୁ ସେଗୁଡ଼ିକର ଉତ୍ସକୁ ବା ଈଶ୍ୱରଙ୍କୁ ସମ୍ମାନ ଓ ଭକ୍ତିଜ୍ଞାପନ କରିବାକୁ ମନୁଷ୍ୟ ଆରମ୍ଭ କରିଛି । ଯେପରିକି ଇନ୍ଦ୍ର ହେଉଛନ୍ତି ଉର୍ଦ୍ଧ୍ୱଲୋକ ବା ସ୍ୱର୍ଗର ଅଧିପତି, ବରୁଣ ହେଉଛନ୍ତି ପାତାଳର ଅଧିପତି ଓ ଯମ ହେଉଛନ୍ତି ଧର୍ମ ବା ନ୍ୟାୟର ଅଧିପତି । ପୁନଶ୍ଚ ପିତୃଶକ୍ତି ଓ ମାତୃଶକ୍ତିର କଳ୍ପନା ଦେଖାଦେଇଥିଲା ଯେପରିକି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଇତ୍ୟାଦି । ଏହିସବୁ ଦେବା-ଦେବୀଙ୍କ କଳ୍ପନାକୁ ବହୁ-ଈଶ୍ୱରବାଦ ବୋଲି ମନେ ହେଉଥିଲେ ମଧ୍ୟ ସର୍ବୋପରି ଏକହି ପରମେଶ୍ୱରଙ୍କ କଳ୍ପନା ଭାରତର ହିନ୍ଦୁମାନଙ୍କ ମନରେ ଦେଖାଦେଇଥିଲା । ପୁନଶ୍ଚ ଖ୍ରୀଷ୍ଟଧର୍ମ, ଇସଲାମ ଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଇତ୍ୟାଦି ଏକେଶ୍ୱରବାଦକୁ ଗ୍ରହଣ କରିଥିବାର ଦେଖାଯାଏ । ଏହିସବୁ ଧର୍ମକୁ ବିଭିନ୍ନ ରାଜ୍ୟ ବା ଦେଶରେ ଗ୍ରହଣ କରାଯାଇଥିବା ଦୃଷ୍ଟିରୁ ଜାତୀୟ ଧର୍ମ ବୋଲି କୁହାଯାଇପାରିବ ।

### ବିଶ୍ୱଧର୍ମ :

ବିଶ୍ୱର ବିଭିନ୍ନ ଧର୍ମ – ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ, ଖ୍ରୀଷ୍ଟଧର୍ମ, ଇସଲାମଧର୍ମ ଇତ୍ୟାଦି ଭିନ୍ନ ଭିନ୍ନ ବୋଲି ମନେ ହେଉଥିଲେ ମଧ୍ୟ ଏସବୁ ମୂଳରେ ଦେଖାଯାଏ

ଏକ ମୌଳିକ ଏକତ୍ୱ । ବହୁତ୍ୱ ମଧ୍ୟରେ ଏକତ୍ୱ ହେଉଛି ଈଶ୍ୱରଙ୍କ ସୃଷ୍ଟିର ପ୍ରକଳ୍ପ । ସମଗ୍ର ବିଶ୍ୱ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ଉପାଦାନ – କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମର ଭିନ୍ନ ଭିନ୍ନ ସ୍ଥିତି ଥିଲେ ମଧ୍ୟ ସବୁଗୁଡ଼ିକୁ ନେଇ ସମଗ୍ର ବିଶ୍ୱ ଗଠିତ । ଏଥି ମଧ୍ୟରୁ କୌଣସିଟିକୁ ବାଦ୍ ଦେଲେ ବିଶ୍ୱର ସ୍ଥିତି ଅସମ୍ଭବ । ତେଣୁ ବିଶ୍ୱର ପ୍ରତ୍ୟେକଟି ଉପାଦାନ ପରି ପ୍ରତ୍ୟେକ ଧର୍ମ ମଧ୍ୟରେ ରହିଛି ଏପରି କିଛି ମହତ୍ତ୍ୱ ଯାହାକୁ ନେଇ ମାନବସମାଜର ଏକତ୍ୱ ଓ ବିଶେଷତ୍ୱ ତିଷ୍ଠି ରହିଛି, ପ୍ରତ୍ୟେକ ବ୍ୟକ୍ତିତ୍ୱକୁ ନେଇ ସମଗ୍ର ମାନବତ୍ୱର ସୃଷ୍ଟି ସମ୍ଭବ ହୋଇଛି । ତେଣୁ ବିଭିନ୍ନ ଧର୍ମର ବିଭିନ୍ନ ନାମ ଥିଲେ ମଧ୍ୟ ପ୍ରତ୍ୟେକଟିକୁ ନେଇ ବିଶ୍ୱଧର୍ମ ତିଷ୍ଠି ରହିଛି । ନିମ୍ନରେ ପ୍ରତ୍ୟେକ ଧର୍ମ ମଧ୍ୟରେ ଥିବା ବିଶ୍ୱଧର୍ମର ଉପାଦାନ ସମ୍ବନ୍ଧେ ସୂଚନା ଦିଆଗଲା ।

(୧) ବିଶ୍ୱର ପ୍ରତ୍ୟେକ ଧର୍ମ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରେ ।

(୨) ପ୍ରତ୍ୟେକ ଧର୍ମ ବିଶ୍ୱାସ କରେ ଯେ ମାନବସମାଜ ନିମିତ୍ତ ଧର୍ମ ଏକାନ୍ତ ଆବଶ୍ୟକ ।

(୩) ପ୍ରତ୍ୟେକ ଧର୍ମ ମଧ୍ୟରେ କିଛି ସତ୍ୟତା ରହିଛି ।

(୪) ପ୍ରତ୍ୟେକ ଧର୍ମ ଭକ୍ତି, ଆତ୍ମସଂଯମ, ଆତ୍ମୋତ୍ସର୍ଗ ଓ ଆତ୍ମୋପଲବ୍ଧି ଉପରେ ଗୁରୁତ୍ୱ ଦେଇଥାଏ ।

(୫) ପ୍ରତ୍ୟେକ ଧର୍ମରେ ରହିଛି ପୂଜା-ଆରାଧନା, ପ୍ରାର୍ଥନା, ଧ୍ୟାନ, ଉତ୍ସର୍ଗ ଓ ତ୍ୟାଗ ।

(୬) ପ୍ରତ୍ୟେକ ଧର୍ମ ଉଚ୍ଚ ନୈତିକତା, ମହାନ୍ ଚରିତ୍ର, ସହନଶୀଳତା, ଈଶ୍ୱରଭକ୍ତି, ପବିତ୍ରତା ଓ ବିଶ୍ୱଭ୍ରାତୃତ୍ୱକୁ ଗ୍ରହଣ କରେ ।

(୭) ସକଳ ଧର୍ମ, ଶାନ୍ତି, ଏକତା, ଆନନ୍ଦ ଓ ବିଶ୍ୱମଙ୍ଗଳକୁ ସ୍ୱୀକାର କରେ ।

(୮) ପ୍ରତ୍ୟେକ ଧର୍ମ ସ୍ୱଭାବତଃ ଅନ୍ତର୍ମୁଖୀ । ପ୍ରତ୍ୟେକ ଧର୍ମ ମନୁଷ୍ୟ ମଧ୍ୟରେ ନୈତିକବୋଧ ଓ ମାନବୀୟ ଗୁଣ ଉତ୍ପନ୍ନ କରିଥାଏ ।

(୯) ବିଭିନ୍ନ ଧର୍ମର ଆଧ୍ୟାତ୍ମିକ ତତ୍ତ୍ୱରେ ସତ୍ୟବାଦିତା, ଅହିଂସା, ସହନଶୀଳତା, ନିରାସକ୍ତତା, ପ୍ରଶାନ୍ତି, କର୍ତ୍ତବ୍ୟପରାୟଣତା, ସ୍ନେହ, ଧୈର୍ଯ୍ୟ ଓ ଆଧ୍ୟାତ୍ମିକ ଆଲୋକପ୍ରାପ୍ତି ଦେଖାଯାଇଥାଏ ।

(୧୦) ସତ୍ୟଭିତ୍ତିକ ଧର୍ମ ଅପେକ୍ଷା ମନୁଷ୍ୟର ଅନ୍ୟ କୌଣସି ସତ୍ୟତର ବନ୍ଧୁ ନାହିଁ । ଧର୍ମ କେବଳ ଗୋଟିଏ ଜୀବନର ବନ୍ଧୁ ନୁହେଁ, ଏହା ଜନ୍ମ ପରେ ଜନ୍ମ ମନୁଷ୍ୟର ଚିରନ୍ତନ ବନ୍ଧୁ ହୋଇ ରହିଥାଏ ।

ଧର୍ମର ଐତିହାସିକ ବିକାଶ ସମ୍ବନ୍ଧେ, ଏହାର ପ୍ରାଚ୍ୟ ବିକାଶ ସମ୍ବନ୍ଧେ ଏପର୍ଯ୍ୟନ୍ତ ଆଲୋଚନା କରାଯାଇଛି । ଏହା କରାଯାଇଛି କାରଣ ପୃଥିବୀପୃଷ୍ଠରେ ମାନବଜାତିର ଜନ୍ମ ହେବାଠାରୁ ଏହା ତିଷ୍ଠି ରହିଛି । ଠିକ୍ ଯେପରି ମାନବ ସଭ୍ୟତା ଆଦିମ ଯୁଗରୁ ଏପର୍ଯ୍ୟନ୍ତ କ୍ରମବିକଶିତ ହୋଇଚାଲିଛି, ସେହିପରି ଧର୍ମ ହେଉଛି ସଭ୍ୟତାର ସର୍ବାଙ୍ଗୀଣ ଅଙ୍ଗ ଏବଂ ଆରମ୍ଭରୁ ଏହା ନିମ୍ନତର ସ୍ତରରୁ ଉଚ୍ଚତର ସ୍ତର ପର୍ଯ୍ୟନ୍ତ ଅଗ୍ରସର ହୋଇ ଆସିଛି ।

ପୃଥିବୀର ଆରମ୍ଭରୁ ଏପର୍ଯ୍ୟନ୍ତ କୌଣସି ସଂପୂର୍ଣ୍ଣ ନୂତନ ଧରଣର ଧର୍ମର ପ୍ରତିଷ୍ଠା ହୋଇ ନାହିଁ । କାରଣ ମାନବସମାଜର ଉତ୍ପତ୍ତିଠାରୁହିଁ ଧର୍ମ ଆରମ୍ଭ ହୋଇଛି । ପୃଥିବୀର ବଡ଼ ଧର୍ମଗୁଡ଼ିକ ପ୍ରାଚ୍ୟ ଦେଶମାନଙ୍କରେହିଁ ସୃଷ୍ଟି ହୋଇଛି । ପ୍ରାଚ୍ୟର ହିନ୍ଦୁଧର୍ମର ସୃଷ୍ଟି ପରେହିଁ ପାଶ୍ଚାତ୍ୟର ଖ୍ରୀଷ୍ଟଧର୍ମର ସୃଷ୍ଟି ହୋଇଛି ପ୍ରଥମ ଶତାବ୍ଦୀରେ ।

ସବୁଠାରୁ ଅଳ୍ପକାଳର ବିଶ୍ୱଧର୍ମ ହେଉଛି ପୟଗମ୍ବର ମହମ୍ମଦଙ୍କ ଦ୍ୱାରା ପ୍ରତିଷ୍ଠିତ ଇସଲାମ ଧର୍ମ ଯାହା ଷଷ୍ଠ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ଏହି ଧର୍ମ ଆରବୀୟ ଦେଶଗୁଡ଼ିକରେ ପ୍ରସାରିତ ହୋଇଥିଲା ।

ଉପରୋକ୍ତ ହିନ୍ଦୁଧର୍ମ, ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମ ବ୍ୟତୀତ ଜୈନଧର୍ମ, ବୌଦ୍ଧଧର୍ମ, ଶିଖଧର୍ମ, ପାରସ୍ୟର ଜୋରୋଷ୍ଟ୍ରୀୟାନ୍ ଧର୍ମ, ଇହୁଦୀମାନଙ୍କର ଜୁଡ଼ୀରଧର୍ମ, ଚୀନ ଦେଶର କନ୍‌ଫୁସିଆନ୍ ଧର୍ମ ଓ ଟାଓଧର୍ମ ଏବଂ ଜାପାନର ଶିଣ୍ଟୋଧର୍ମ ଇତ୍ୟାଦି ନାନା ଧର୍ମ ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ସମୟରେ ପ୍ରଚଳିତ ହୋଇଛି ।

(କ୍ରମଶଃ) ❖

# ସ୍ୱାଧୀନତାର ଅନୁଚିନ୍ତା ଓ ଶ୍ରୀଅରବିନ୍ଦ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଆଜି ପନ୍ଦର ଅଗଷ୍ଟ ସ୍ୱାଧୀନ ଭାରତର ପୁଣ୍ୟ ୬୮ତମ ଜନ୍ମତିଥି ଓ ମହାଯୋଗୀ, ମହାନ୍ ବିପ୍ଳବୀ ତଥା ସ୍ୱଦେଶପ୍ରେମର କବି ଶ୍ରୀଅରବିନ୍ଦଙ୍କର ୧୪୩ତମ ପବିତ୍ର ଜୟନ୍ତୀ । ବହୁ ଆକାଙ୍କ୍ଷିତ ଏମିତି ଏକ ଅବସରରେ ସେ କହିଥିଲେ, ‘‘ମୋ ଜନ୍ମତିଥିରେ ଭାରତ ସ୍ୱାଧୀନତା ଲାଭ କରିବା ଅର୍ଥ ଭଗବାନ୍ ମୋ ପ୍ରାର୍ଥନା ଓ ସ୍ୱପ୍ନକୁ ସାର୍ଥକ କରିଛନ୍ତି । ଏହା ମୋ ପାଇଁ ନିଶ୍ଚୟ ଆନନ୍ଦର ଦିନ । ଏହି ଦିବସ ମୋ ଦୃଷ୍ଟିରେ ଏକ ଗୂଢ଼ତର ଅର୍ଥ ବହନ କରେ । ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମ-ଜୀବନ ଆରମ୍ଭ ହୋଇଥିଲା ତା’ର ପୂର୍ଣ୍ଣ ସଫଳତାର ସମୟ ସମାଗତ । ମୁଁ ଅନୁଭବ କରୁଛି ଆଜି ତାଙ୍କର ସମର୍ଥନ ଓ ସ୍ୱୀକୃତି ଲାଭ କରିଛି । ମୁଁ ବିଶ୍ୱ କ୍ରିୟାବଳିକୁ ଲକ୍ଷ୍ୟ କରୁଛି ଏବଂ ଯାହା ସବୁ ମୋ ଜୀବନକାଳ ଭିତରେ ସଫଳ ହେବ ବୋଲି ବିଶ୍ୱାସ ରଖିଥିଲି ଯଦିଓ ତାହା ସେତେବେଳେ ଦିବାସ୍ୱପ୍ନ ଭଳି ମନେ ହେଉଥିଲା ଆଜି ସେସବୁ ସଫଳତାର ପଥରେ । ମୁଁ ନିଶ୍ଚିତ, ଏହି କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିଂବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ ।’’

ତାଙ୍କ ମତରେ ବ୍ୟକ୍ତି ଓ ରାଷ୍ଟ୍ରୀୟତା ହେଉଛି ଏକ ଧର୍ମ ଯାହା ଈଶ୍ୱରଦତ୍ତ, ଈଶ୍ୱରଙ୍କଠାରୁ ଆସିଛି । ଏହା ବ୍ୟକ୍ତି ବା ମଣିଷର କର୍ମ ନୁହେଁ । ଏକ ପ୍ରଭାବଶାଳୀ ଶକ୍ତି ଆମକୁ ଅଗ୍ରସର ହେବାକୁ ବାଧ କରୁଛି । ରାଜନୈତିକ ମୁକ୍ତି ସହିତ ସମ୍ପୂର୍ଣ୍ଣ ଚେତନାଗତ ମୁକ୍ତି ପାଇଁ ସକଳ ବନ୍ଧନ ଛିନ୍ନ କରି ଭାସି ଯିବାକୁ ହେବ ।

୧୯୦୭ରେ ସୁରଟଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତାଙ୍କର ଦୀର୍ଘ ଭାଷଣର ଏହାହିଁ ଥିଲା ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ଆହ୍ୱାନ । ନାଗପୁରଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱାଧୀନତାର ଗୌରବମୟ ମହିମା ସମ୍ପର୍କରେ ଯେଉଁ ଉଦ୍‌ବୋଧନ ସେ ଦେଇଥିଲେ ତା’ର ଅନୁବାଦ ହିନ୍ଦୀରେ ସେସମୟର ଜଣେ ବିଶିଷ୍ଟ ନେତା ଡଃ ମୁଞ୍ଜେ କରିଥିଲେ । ସେ ଭାଷଣ ଥିଲା ଅନନ୍ୟ, ଶକ୍ତିଶାଳୀ ଓ ଭିନ୍ନ ଏକ ଅବବୋଧ ଉପରେ ପ୍ରତିଷ୍ଠିତ । ସେତେବେଳକୁ ଶ୍ରୀଅରବିନ୍ଦ ରାଷ୍ଟ୍ରୀୟ ସ୍ତରରେ ଜଣେ ସର୍ବଜନ ସମାଦୃତ ଶ୍ରଦ୍ଧାଭାଜନୀୟ ନେତା । ଏହା ପୂର୍ବରୁ ୧୯୦୫ରେ ଗୋଖଲେଙ୍କ ଅଧ୍ୟକ୍ଷତାରେ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଶ୍ରୀଅରବିନ୍ଦ ଯୋଗ ଦେଇଥିଲେ । ୩୧.୦୫.୧୯୦୫ରେ ତାଙ୍କର ପତ୍ନୀ ଶ୍ରୀମତୀ ମୃଣାଳିନୀ ଦେବୀଙ୍କୁ ଏକ ପତ୍ରରେ ସେ ଲେଖିଥିଲେ ‘‘ମୋର ତିନିଗୋଟି ପାଗଳାମି ମଧ୍ୟରୁ ଭାରତର ସ୍ୱାଧୀନତାହିଁ ପ୍ରଥମ । କାରଣ ଭାରତର ଆତ୍ମା ସ୍ୱୟଂ ମା’ ଭବାନୀ’’ । ମା’ର ମୁକ୍ତି ପାଇଁ ସେ ହୁଏତ ଥିଲେ ଆପୋସହୀନ ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ପ୍ରଥମ ଦାବିଦାର । ତାଙ୍କର ଏହି ବଜ୍ର ଗମ୍ଭୀର ଶପଥ ବାସ୍ତବ ରୂପ ଗ୍ରହଣ କରିଥିଲା ତାଙ୍କ ୭୫ତମ ପବିତ୍ର ଜୟନ୍ତୀରେ – ୧୫ ଅଗଷ୍ଟ ୧୯୪୭ରେ । ସେ କହିଥିଲେ, ‘‘ଭାରତ ହେଉଛି ରାଷ୍ଟ୍ରମାନଙ୍କର ଗୁରୁ, ପ୍ରଚଣ୍ଡ ବ୍ୟାଧିଗ୍ରସ୍ତ ମାନବାତ୍ମାର ଚିକିତ୍ସକ । ଏହି ଅବଧାରିତ ଭାଗ୍ୟ ନେଇ ଭାରତ ଆସିଛି । ଆଉ ଥରେ ବିଶ୍ୱର ଜୀବନସତ୍ତାକୁ ନୂଆ ଛାଞ୍ଚରେ ଗଢ଼ିବ ଏବଂ ମାନବସତ୍ତାରେ ପ୍ରଶାନ୍ତିର ପୁନଃ ପ୍ରତିଷ୍ଠା କରିବ ।’’

ଜାତିର ଜନକ ମହାତ୍ମା ଗାନ୍ଧି ୧୯୧୫ରେ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିବାର ୧୦ ବର୍ଷ ପୂର୍ବରୁ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମର ମହାଯଜ୍ଞରେ ଶ୍ରୀଅରବିନ୍ଦ ଝାସ ଦେଇ ସାରିଥିଲେ । ସେଥିପାଇଁ ବାପୁଜି ତାଙ୍କୁ (ଶ୍ରୀଅରବିନ୍ଦଙ୍କୁ) ‘ଋଷି ଶ୍ରୀଅରବିନ୍ଦ’ ଭାବରେ ସମ୍ବୋଧନ କରୁଥିଲେ । ଯେଉଁ ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ମୁକ୍ତି ସଂଗ୍ରାମକୁ ଶ୍ରୀଅରବିନ୍ଦ ପ୍ରଜ୍ୱଳିତ କରିଥିଲେ ସେହି ଧାରାର ଆହ୍ୱାନରେ ବାପୁଜି ସଂଗ୍ରାମକୁ ପରିଚାଳିତ କଲେ । ଏ ସମ୍ପର୍କରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ବକ୍ତବ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ଓ ପ୍ରଣିଧାନଯୋଗ୍ୟ । ତାହା ଏହିପରି ‘‘ମୁଁ ଲଣ୍ଡନରେ ସ୍କୁଲରେ ଓ ପରେ କେମ୍ବ୍ରିଜ କଲେଜରେ ଅଧ୍ୟୟନ କାଳରେ ଇଂରାଜୀ ଦୈନିକ ‘‘ବନ୍ଦେ ମାତରମ୍’’ରୁ ମୁକ୍ତି ସଂଗ୍ରାମ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ ଜ୍ୱାଳାମୟୀ ନିବନ୍ଧ ପାଠ କରି ଅଦମ୍ୟ ଉତ୍ସାହ ଓ ଶିହରଣ ସହିତ ଜାତୀୟ ମୁକ୍ତି ସଂଗ୍ରାମ ସମ୍ପର୍କରେ ଅବହିତ ହୋଇଥିଲି । ସେସମୟର ଉତ୍ତୁଙ୍ଗ ସଂଗ୍ରାମୀମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କ

ଅନନ୍ୟ ବ୍ୟକ୍ତିତ୍ୱରେ ଭାରତୀୟ ଯୁବସମାଜ ଉଦ୍‌ବେଳିତ ହୋଇ ଉଠିଥିଲେ ।'' ଜାତୀୟ କଂଗ୍ରେସର ଇତିହାସ ପ୍ରଣେତା ଡଃ. ପଟ୍ଟାଭି ସୀତାରାମେୟା ସ୍ପଷ୍ଟ ଉଲ୍ଲେଖ କରିଥିଲେ'' ଯଦିଓ ରାଜନୀତିରେ ଶ୍ରୀଅରବିନ୍ଦଙ୍କ ସ୍ଥିତି ଅତ୍ୟନ୍ତ ସଂକ୍ଷିପ୍ତ (1905-1910), ତଥାପି ସେତେବେଳର ରାଜନୈତିକ ଧୂମ୍ରାଭ ଦିଗ୍‌ବଳୟରେ ସେ ଥିଲେ ଏକ ପ୍ରଚଣ୍ଡ ଉଲ୍‌କା ପିଣ୍ଡ ଯାହା ପରାଧୀନ ଭାରତୀୟ ସୁପ୍ତ ପ୍ରାଣକୁ ଝଲସାଇ ଦେଇଥିଲା ।''

୧୯୦୮ ମଇ ୫ ତାରିଖରେ ଇଂରେଜ ସରକାର ତାଙ୍କୁ ଦେଶଦ୍ରୋହରେ ଅଭିଯୁକ୍ତ କରି କାରାରୁଦ୍ଧ କଲେ । ଗୋଟିଏ ବର୍ଷ ପରେ ସେ କାରାମୁକ୍ତ ହେଲେ । କାରାକକ୍ଷର ସକଳ ଯନ୍ତ୍ରଣା ଓ ଅତ୍ୟାଚାର ମଧ୍ୟରେ ସେ ଦୁଇଟି ମହାନ୍ ସିଦ୍ଧି ଲାଭ କଲେ । ଗୋଟିଏ ହେଉଛି ଆତ୍ମ-ଦର୍ଶନ ଓ ଅନ୍ୟଟି ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ଦର୍ଶନ । ତାଙ୍କ ହୃଦୟର ଜିଜ୍ଞାସାର ଉତ୍ତର ପାଇଲେ । ସ୍ୱୟଂ ପୁରୁଷୋତ୍ତମ ତାଙ୍କୁ କହିଲେ, ''ରାଜନୈତିକ ଜୀବନରୁ ଛିନ୍ନ କରି ମୁଁ ତୋତେ ଏଠାକୁ ଆଣିଛି । ଉଦ୍ଦେଶ୍ୟ ଭାରତରେ ଆଧ୍ୟାତ୍ମିକ ପୁନରୁତ୍ଥାନ ପାଇଁ ମୁଁ ତୋତେ ପ୍ରସ୍ତୁତ କରିବାକୁ ଚାହେଁ । ତୁହିଁ ସେ ମହାନ୍ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ବାଚିତ । ଏହା ମଧ୍ୟ ଜାଣିଲେ ଯେ ଭାରତର ସ୍ୱାଧୀନତା ଏକ ଅବଧାରିତ ସତ୍ୟ ଏବଂ ଏହା ସହିତ ତାଙ୍କ ନିଜ ଜୀବନର ଭବିତବ୍ୟ'' । ୧୯୨୦ ମସିହାରେ ଦିବ୍ୟଜନନୀ ଶ୍ରୀମା ଧ୍ୟାନମଗ୍ନ ଅବସ୍ଥାରୁ ଉଠି ଶ୍ରୀଅରବିନ୍ଦଙ୍କୁ କହିଲେ, ''ଭାରତ ସ୍ୱାଧୀନ ହୋଇ ସାରିଛି ।'' ଶ୍ରୀଅରବିନ୍ଦଙ୍କ ଉକ୍ତି ଥିଲା, ବିଶ୍ୱର ଭବିତବ୍ୟ ପାଇଁ ଏହା ଅନସ୍ୱୀକାର୍ଯ୍ୟ । କାରଣ ମୁକ୍ତି ସଂଗ୍ରାମର ଲକ୍ଷ୍ୟ ଭାରତକୁ ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତ କରିବା । ମାତ୍ର ସ୍ୱାଧୀନତା ପରେ ଭାରତକୁ ଭାରତୀୟଙ୍କଠାରୁ ରକ୍ଷା କରିବାକୁ ପଡ଼ିବ । ଆଜି ଏହାହିଁ ସ୍ୱାଧୀନ ଭାରତର ସମସ୍ୟା ଓ ସଙ୍କଟ ।

ଶ୍ରୀଅରବିନ୍ଦ କହିଛନ୍ତି ''ସ୍ୱାଧୀନତାର ଭିତ୍ତି ହେଲା କଡ଼ାକଡ଼ି ଭାବରେ କାନୁନ ମାନିବାର ଶକ୍ତି । ଆତ୍ମ-ଆରୋପିତ କାନୁନ ମୁକ୍ତଭାବରେ, ପୂର୍ଣ୍ଣଭାବରେ ତଥା ବୁଦ୍ଧି-ସମ୍ମତଭାବରେ ପାଳନ କରିବା ନିମନ୍ତେ ଯେଉଁମାନେ ଅପାରଗ ସେମାନେ ଅନ୍ୟମାନଙ୍କ ଇଚ୍ଛା ପାଖରେ ସମର୍ପିତ ହେବାକୁ ପଡ଼ିବ । ଗୋଟାଏ ଗୋଟାଏ ଦେଶ ଯେ ପରାଧୀନ ହୁଅନ୍ତି, ଏହାହିଁ ତା'ର କାରଣ । ଯେତେବେଳେ ସେମାନଙ୍କ ବିଶୃଙ୍ଖଳିତ ଅହଂକାର ଜଣେ ବିଜେତା ଦ୍ୱାରା ପଦଦଳିତ ହୁଏ, ସେତେବେଳେ ସେମାନଙ୍କୁ ପରାଧୀନତା ମାଧ୍ୟମରେ ସ୍ୱାଧୀନତାର ଯୋଗ୍ୟ ହେବା ନିମନ୍ତେ ସୁଯୋଗ ଦିଆଯାଏ କିଂବା ସେମାନଙ୍କର ଶକ୍ତି ଥିଲେ ସେତିକି ସୁଯୋଗ ହାସଲ କରନ୍ତି'' । କାରଣ ଯେଉଁ ଜାତି ଏକ ସାର୍ବଜନୀନ ଶୃଙ୍ଖଳା ଅବଲମ୍ବନ କରିବାକୁ ଅକ୍ଷମ, ସେ ଜାତିକୁ ଅନ୍ୟର ଶାସନ କବଳିତ ହୋଇ ନିର୍ଯାତନା ଓ ଅପମାନ ଭିତର ଦେଇ ଶୃଙ୍ଖଳା ଶିକ୍ଷା କରିବାକୁ ହୋଇଥାଏ । ବ୍ରିଟିଶ ଶାସନର କବଳିତ ହେବା ପୂର୍ବରୁ ଭାରତର ଅବସ୍ଥା ତାହାହିଁ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଏକଦା ଦେଶକୁ ଶାସନ କରୁଥିବା ନରପତିମାନେ ସ୍ୱାର୍ଥାନ୍ଧଭାବରେ ପରସ୍ପର ସଂଘର୍ଷରେ ଲିପ୍ତ ଥିଲେ । ଗୋଷ୍ଠୀଗତ ଓ ମତଗତ ବିସମ୍ବାଦରେ ଭାରତର ଜନ ସାଧାରଣଙ୍କର ଶକ୍ତି କ୍ଷୟ ହୋଇଚାଲିଥିଲା । ବିଦେଶୀ ଶାସନର ବେତ୍ରାଘାତ ବେଳେ ସେ ଅହଂ ଏବଂ ମୂଢ଼ତାର ବିନାଶ ସମ୍ଭବ ହୋଇଥିଲା । ତେବେ ସ୍ୱାଧୀନତା ପରେ ସେସବୁର ପୁନରାବିର୍ଭାବ ହୋଇ ନାହିଁ ବୋଲି କେହି କହିପାରିବ କି ? ଏହାହିଁ ତ ବିଡ଼ମ୍ବନା । କାରଣ ସାଂପ୍ରତିକ ପରିସ୍ଥିତି ବିଶୃଙ୍ଖଳାର ଏକ ଭୟଙ୍କର ବିସ୍ଫୋରଣ ।

ଦେଶବ୍ୟାପୀ ଅହଂକାର ଓ ଅଜ୍ଞାନତାର ତମସାରୁ ମୁକ୍ତ ହେବାର ଏକମାତ୍ର ଉପାୟ ବ୍ୟକ୍ତିଗତ ମଣିଷ ସଚେତନ ହେବ । କାରଣ ବ୍ୟକ୍ତିକୁ ନେଇ ତ ସମଷ୍ଟି । ଭୁଲ୍ ମୂଲ୍ୟବୋଧର ଯୂପକାଠରେ ନିଜ ଚେତନାକୁ ବଳି ପକାଇବାରୁ ବିରତ ହେବାକୁ ହେବ । ଏତିକି ବ୍ୟକ୍ତିଗତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ । ଯେଉଁମାନେ ଏହାର ଚିରନ୍ତନ ଆଦର୍ଶ ସେ ପ୍ରତିଭାଧରମାନେ ବେଦର ଋଷିବର୍ଗ ଶ୍ରୀକୃଷ୍ଣ, ବୁଦ୍ଧ, ଯିଶୁ ସର୍ବୋପରି ଯୁଗାବତାର ଶ୍ରୀଅରବିନ୍ଦ ।

ଭାରତ ଔପନିବେଶିକ ଶାସନରୁ ମୁକ୍ତ ହେବାର ୬୮ ବର୍ଷ ହୋଇଗଲା । ଅହଂକାର ଓ ଅଜ୍ଞାନର ତମସାରୁ ମୁକ୍ତ ହେବା ପାଇଁ କେତେ ବର୍ଷ ଲାଗିବ ତାହା ସଶସ୍ତ୍ର ବା ଅହିଂସା ଆନ୍ଦୋଳନ ଉପରେ ନିର୍ଭରଶୀଳ ନୁହେଁ, ତାହା ନିର୍ଭରଶୀଳ ଆମ ଚେତନା ଉପରେ, ଅଦୃଶ୍ୟ ସାଧନା ଓ ସଂଗ୍ରାମର ଫଳାଫଳ ଉପରେ । ସ୍ଥୂଳ ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ଅଜ୍ଞାନରୁ ସ୍ୱାଧୀନତା ଦିଗରେ ଅବଶ୍ୟ ସହାୟକ ହୋଇପାରେ, କିନ୍ତୁ ଅଜ୍ଞାନରୁ ସ୍ୱାଧୀନତା ବିନା ସ୍ଥୂଳ ସ୍ୱାଧୀନତା ମୂଲ୍ୟହୀନ । ସାମୂହିକ ଚେତନାରେ ପରିବର୍ତ୍ତନ ନହେଲେ ହୁଏତ ଇତିହାସର ପୁନରାବୃତ୍ତି ଅବଶ୍ୟମ୍ଭାବୀ ହୋଇଉଠିବ । ଆଜିର ସ୍ୱାଧୀନତା ମୂଲ୍ୟହୀନ ହୋଇଯିବ । ❖

সাধনা-পরম্পরা

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୧୩)

ଶ୍ରୀଚୈତନ୍ୟ ଦକ୍ଷିଣ ଭାରତର ତୀର୍ଥସବୁ ଦର୍ଶନ କରିବା ଓ ମୋଟାମୋଟି ସବୁ ଧର୍ମ-ସମ୍ପ୍ରଦାୟ ପ୍ରତି ସଶ୍ରଦ୍ଧ ପ୍ରଣାମ ଜଣାଇବା ଏବଂ ଯେଉଁ ସ୍ଥାନରୁ ଯାହା ଶିକ୍ଷଣୀୟ ତାହା ଗ୍ରହଣ କରି ନିଜର ବ୍ୟକ୍ତିତ୍ୱକୁ ନମନୀୟ ଓ ପ୍ରସାରମୁଖୀ କରିବାରେ ଆଗ୍ରହୀ ଥିଲେ । ତେଣୁ ସେ ସର୍ବତ୍ର ଲୋକ-ସଂସ୍ପର୍ଶରେ ଆସୁଥିଲେ, କିଛି ପାଠ ବା ଆଲୋଚନା ହେଉଥିଲେ, ନୀରବ ଶ୍ରୋତା ହୋଇ ସମସ୍ତଙ୍କ ପଶ୍ଚାତରେ ବସୁଥିଲେ, ପୁଣି କେବେ ପ୍ରଶ୍ନୋତ୍ତର କାଳରେ କିଛି ଅମୀମାଂସିତ ରହି ଯାଉଥିଲେ, ନିଜ ଅଭିଜ୍ଞତାରୁ ଅବା ଶାସ୍ତ୍ରାଧ୍ୟୟନରୁ ସମାଧାନ ଆଣି ଦେଉଥିଲେ । ସେତେବେଳେ ଉପସ୍ଥିତ ପାଠକ ଓ ଶ୍ରୋତାଙ୍କର ଏଇ ଅତ୍ୟୁଜ୍ଜ୍ୱଳ ବ୍ୟକ୍ତିଙ୍କ ପ୍ରତି ଦୃଷ୍ଟି ଆକର୍ଷିତ ହେଉଥିଲା । ସେ ଦକ୍ଷିଣ ଭାରତରେ ମନ୍ଦିର ପ୍ରାକାର ମଧ୍ୟରେ ଖାଲି ଭାବ-ଭୋଳା ଭକ୍ତମାନଙ୍କୁ ଦେଖୁ ନଥିଲେ, ବିଷୟର ଗଭୀରକୁ ପ୍ରବେଶ କରିଥିବା ତତ୍ତ୍ୱଦର୍ଶୀମାନଙ୍କୁ ବି ଲକ୍ଷ୍ୟ କରୁଥିଲେ । ଏକାକୀ ସ୍ୱୀୟ ପାଠରେ ମଗ୍ନଥିବା ଭକ୍ତ ଯେମିତି ଥିଲେ, ସେମିତି ଥିଲେ ଶ୍ରୋତୃବର୍ଗ ଯିଏ ସାଧ୍ୟ-ସାଧନର ରହସ୍ୟ ଉଦ୍‌ଘାଟନ କରିବାର ପ୍ରୟାସରେ ମନ-ପ୍ରାଣକୁ ନିତ୍ୟ ଉତ୍କର୍ଷ କରିବାର ସାଧନାରେ ତନ୍ମୟ ଥିଲେ । ସେମାନଙ୍କର ଶୁଦ୍ଧ ପଠନଶୈଳୀ ବି ତାଙ୍କୁ ଆକୃଷ୍ଟ କଲା । ଏକ ମନ୍ଦିର ଚତ୍ୱରରେ କୂର୍ମପୁରାଣ ପଢ଼ା ଯାଉଥିଲା । ସେଦିନ ଥିଲା ସତୀତ୍ୱ ଓ ପତିବ୍ରତା ଧର୍ମ ଉପରେ ପୁରାଣପାଠ, ଯାହା କ୍ରମାନ୍ୱୟରେ ଆସି ସୀତାଙ୍କ ପାଖରେ ପହଞ୍ଚି ଥିଲା । କୂର୍ମ ପୁରାଣ କହୁଛନ୍ତି : ଲଙ୍କା ଅଭିଯାନ ପୂର୍ବରୁ ଶ୍ରୀରାମ ଜାନକୀଙ୍କୁ ଅଗ୍ନିଦେବଙ୍କ ସୁରକ୍ଷାରେ ରଖି ମାୟା ସୀତାଙ୍କୁ ନେଇ ଲୀଳା ରଚନା କରିଥିଲେ ଅର୍ଥାତ୍ ଦେବ-କାର୍ଯ୍ୟ ନିଷ୍ପନ୍ନ କଲେ । ଅବତାର ପୁରୁଷଙ୍କର ଯେଉଁ ମାୟାକୁ ବ୍ରହ୍ମା, ହର ବି ବୁଝିବାକୁ ସମର୍ଥ ନୁହନ୍ତି, ସେ ମାୟାକୁ ମାୟାବୀ ଅସୁର-ରାଜ ଅଧିଗମି ପାରନ୍ତା କି ? ସେ ସୀତାଙ୍କୁ ହରଣ କରିନେଲେ ମଧ୍ୟ ଓ ବନ୍ଦିନୀ କରି ରଖିଲେ ମଧ୍ୟ ତାଙ୍କୁ ନିଜର ମଳିନତା ଦେଇ ସ୍ପର୍ଶ କରିପାରି ନାହିଁ । କଥାଟା ଶ୍ରୀଚୈତନ୍ୟ ଉପବାସୀ ଭକ୍ତ ବ୍ରାହ୍ମଣଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବେ କହିଦେଇଥିଲେ ବି କଥାଟିର ଶାସ୍ତ୍ର ପ୍ରମାଣ ପାଇବା ମାତ୍ରେ ଖୁସି ହୋଇଗଲେ ଓ ପୁରାଣରୁ ସେତିକ ଅଂଶ ଲେଖାଇ ନେଲେ । ପ୍ରତ୍ୟାବର୍ତ୍ତନ କାଳରେ ମଦୁରା ପଥଦେଇ ଭେଟିଲେ ଉକ୍ତ ବ୍ରାହ୍ମଣ ଭକ୍ତଟିଙ୍କୁ; ସବୁଦିନ ପାଇଁ ତାଙ୍କ ଅନ୍ତର ବ୍ୟଥାକୁ ଦୂର କରିବା ଲାଗି ସେ ବ୍ୟସ୍ତ ହୋଇ ପଡ଼ିଲେ ଓ ସେଇ ଲିଖିତ ଅନୁଲିପି ତାଙ୍କୁ ଧରାଇ ଦେଲେ । ତାଙ୍କର ବିଶାଳ ହୃଦୟ କାହାରି ଆନ୍ତରବୋଧକୁ ଗୌଣ ମନେକରୁ ନଥିଲା ।

ଶ୍ରୀଚୈତନ୍ୟ ପୁନରାୟ ଯାତ୍ରାପଥରେ ଆଗେଇ ଯାଇ ଧନୁତୀର୍ଥରେ ସ୍ନାନ କଲେ ଓ ରାମେଶ୍ୱରରେ କେତେଦିନ ବିଶ୍ରାମ ନେବାକୁ ଇଚ୍ଛା କଲେ । ସେଠାରୁ ଲଙ୍କାଦିଗରେ ସଂକୀର୍ଣ୍ଣ ଭୂଭାଗ ରହିଛି । ସେ ପଥଟି ଖୁବ୍ ରମଣୀୟ, ଯାହାର ଏକ ପାର୍ଶ୍ୱରେ ବଙ୍ଗୋପସାଗରର ଫେନିଳ ଗୈରିକ ଜଳରାଶି ଆସି ଭାରତ ମହାସାଗରରେ ମିଶୁଛି ଉତ୍ତାଳ ତରଙ୍ଗ ସୃଷ୍ଟି କରି । ସେଠାରେ ତାଙ୍କର ଦିବସଟି କଟୁଥିଲା ସଙ୍ଗୀତ-ନୃତ୍ୟ ସହ ଭଜନ-କୀର୍ତ୍ତନରେ । ସନ୍ଧ୍ୟା ଉପଗମ ହେଲେ ଅସ୍ତଗାମୀ ସୂର୍ଯ୍ୟ ବନ୍ଦନା ପରେ ଭକ୍ତ-ବୀର ନିଜର ଧ୍ୟାନ-ଧାରଣାରେ ଉପବେଶନ କରୁଥିଲେ । ପ୍ରଭାତରୁ ଦେବ ମନ୍ଦିର ଦର୍ଶନ ଓ ସ୍ତବସ୍ତୁତି ଇତ୍ୟାଦିରେ ସମୟ ବିତାଉଥିଲେ ଏବଂ ଯେଉଁଠି ଯେଉଁଠି ଶାସ୍ତ୍ରାଲୋଚନା ହେଉଥିଲା ସେଠାରେ ବସୁଥିଲେ ଧ୍ୟାନମୁଦ୍ରାରେ । ତାଙ୍କର ଅରୁଣକାନ୍ତି, ଧ୍ୟାନଗମ୍ଭୀର ମୂର୍ତ୍ତି, ପ୍ରଶାନ୍ତ ଲଲାଟ ଦେଖି ଅନେକେ ଆସି ଉପସ୍ଥିତ ହେଉଥିଲେ । ଋଷି ଅଗସ୍ତ୍ୟ ଯେଉଁଠି ତପସ୍ୟା କରିଥିଲେ, ମଳୟ ପର୍ବତର ପାଦ ଦେଶରେ ସେ କିଛି ସମୟ ଧ୍ୟାନ କଲେ । ସେ ସ୍ଥାନରୁ ସେ କୁମାରିକା ଅନ୍ତରୀପକୁ ପ୍ରସ୍ଥାନ କଲେ । ସେଠାରେ ଦୁଇ ଦିଗରୁ ଅମ୍ବୁରାଶି ଆସି ଭାରତ ମହାସାଗରରେ ମିଳିତ ହୋଇଛି ପ୍ରବଳ ଗର୍ଜନସହ ଅଥଚ ମିଳନର କେନ୍ଦ୍ରସ୍ଥଳଟି ଶାନ୍ତ ଓ ସ୍ଥିର । ତାଙ୍କର ଭକ୍ତଚିତ୍ତ ଚକିତ ହେଲା ବିଶ୍ୱେଶ୍ୱରଙ୍କ ସୃଷ୍ଟି ଲୀଳାରେ — ସୃଷ୍ଟିର ନାନା ବୈଚିତ୍ର୍ୟର କେନ୍ଦ୍ରରେ ସ୍ରଷ୍ଟା ଯେପରି ଶାନ୍ତ, ସ୍ଥିର ଅବିଚଳ ଏଠାରେ ମଧ୍ୟ ସେଇଭଳି ଦୁଇ ଦିଗରୁ ଜଳରାଶି ଆସି ମିଶୁଥିବା ସତ୍ତ୍ୱେ କେନ୍ଦ୍ରସ୍ଥଳଟି ପ୍ରଶାନ୍ତ । ମହୋଦଧିର ସନ୍ଦର୍ଶନରେ ତାଙ୍କ ଅନ୍ତର ବି ପୂରି ଉଠିଲା । ସେ ଭାବସମାଧିରେ ବୁଡ଼ିଗଲେ । ସମାଧି କାଳରେ ସେ ଦେବୀଙ୍କୁ ସାଗର ଗର୍ଭରୁ ପଞ୍ଚମ ବର୍ଷୀୟା

କମନୀୟା କନ୍ୟା ରୂପେ ଭାରତ ଭୂମିରେ ପଦାର୍ପଣ କରିବା ଦେଖିଲେ । ଦେବୀ ଚପଳ ଗତିରେ ହସି ହସି ଢେଉ ମଧ୍ୟରୁ ଉଠି ଆସୁଛନ୍ତି ଓ ତାଙ୍କର ପବନରେ ଉଡୁଥିବା ଶୁଭ୍ର ବସ୍ତ୍ରାଞ୍ଚଳ ଫେନମୟ ତରଙ୍ଗ ସୃଷ୍ଟି କରୁଛି ଦେଖି ସେ କୃତକୃତ୍ୟ ହୋଇଗଲେ ଭାରତଭୂମି ପ୍ରତି ତାଙ୍କର ଅନୁକମ୍ପାରେ । ଭାବିଲେ ଭାରତବାସୀଙ୍କୁ ମହତ୍‌ପ୍ରୟାସୀ ହେବାରେ ସଚେତନ କରିବା ପାଇଁ ସେ ନିତ୍ୟ ଉଷା କାଳରେ ଆସନ୍ତି । ଖାଲି ସେତିକି ନୁହେଁ, ସେ ଲକ୍ଷ୍ୟ କଲେ ଦେବୀ କୁମାରିକାରୁ ବାହାରି ହିମାଳୟ ଦିଗରେ ଉତ୍ତରାଭିମୁଖୀ ସୂକ୍ଷ୍ମ ଶରୀରରେ ଚାଲିଯା'ନ୍ତି ।*

ଯା'ହେଉ ସେ ପୁଣି ଉତ୍ତର ପଶ୍ଚିମ-ଦିଗରେ ଓ ଦେଶର ଅନ୍ୟାନ୍ୟ ତୀର୍ଥଦର୍ଶନ ତୀର୍ଥରଜ ସ୍ପର୍ଶ କରିବାକୁ ପାଦ ବଢ଼ାଇଲେ । ସେଠାରୁ ସେ ଭଟ୍ଟମାରୀ ତୀର୍ଥରାଜ ନାମକ ସ୍ଥାନ ପାରହୋଇ ଆଗକୁ ଗଲେ । ସେ ସ୍ଥାନରେ ଯେଉଁ ମନ୍ଦିର, ତାହାର ଇଷ୍ଟଦେବ କେଶବଙ୍କ ମନୋହର ବିଗ୍ରହ ଦର୍ଶନ କରି ଶ୍ରୀଚୈତନ୍ୟ ନିଜକୁ ଧନ୍ୟ ମନେକଲେ ଓ ବିହ୍ୱଳ ହୋଇ ନୃତ୍ୟଗୀତ ସ୍ତବସ୍ତୁତି କଲେ । ସେ ସ୍ଥାନରେ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ପଣ୍ଡିତ ସବୁ ବସି 'ବ୍ରହ୍ମସଂହିତା' ପାଠ କରୁଥିଲେ । ଶ୍ରୀଚୈତନ୍ୟ କିଛି ସମୟ ଶୁଣିବା ପରେ ସେତିକି ଅଂଶ ବଙ୍ଗଦେଶକୁ ନେଇଯିବା ପାଇଁ ଆଗ୍ରହ ପ୍ରକାଶ କଲେ । ତେଣୁ କେବଳ ସେଇ ଅଧ୍ୟାୟଟି ଲେଖାଇ ଆଣିଲେ । ପରବର୍ତ୍ତୀ କାଳରେ 'ବ୍ରହ୍ମସଂହିତା'ର ସେଇ ଏକମାତ୍ର ଅଧ୍ୟାୟ (୫ମ ଅଧ୍ୟାୟ) ବଙ୍ଗ ଦେଶରେ ଚର୍ଚ୍ଚା ହେଉଛି । ଉତ୍ତମ ବିଦ୍ୟାର ଆଦର ଓ ପ୍ରସାର ହେଉ, ବିଶେଷ କରି ନିଜ ଜନ୍ମସ୍ଥାନର ପଣ୍ଡିତ ସମାଜ ତା' ଦ୍ୱାରା ଜ୍ଞାନଲାଭ କରନ୍ତୁ – ଏହା ତାଙ୍କର ଅଭିପ୍ରେତ ଥିଲା । ସେ ସ୍ଥାନରୁ ସେ ଅନନ୍ତପଦ୍ମନାଭଙ୍କୁ ଆସିଲେ । ତତ୍ପରେ ସିଂହାରୀ ଅଥବା ଶୃଙ୍ଗେରି ମଠରେ ପହଞ୍ଚି ଶଙ୍କରାଚାର୍ଯ୍ୟଙ୍କର ପ୍ରସ୍ଥାପିତ ସରସ୍ୱତୀ ମନ୍ଦିର ଦର୍ଶନ କଲେ । ସେଇ ଅଦ୍ୱୈତ ପୀଠ ଦେବୀ ସାରଦାଙ୍କର ଶଙ୍କରଙ୍କ ପ୍ରତି ଅନୁକମ୍ପା ବହନ କରୁଛି । ସେଇ ପୀଠରୁ ପ୍ରସାରିତ ହୋଇ ଭାରତର ଚାରି ଦିଗରେ ଚାରୋଟି ମୁଖ୍ୟ ଅଦ୍ୱୈତ ବେଦାନ୍ତ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି, ଜନ୍ମଭୂମିର ଜ୍ଞାନ ଗାରିମାକୁ ବଢ଼ାଇଛି । 'ଜୀବ' ଓ 'ବ୍ରହ୍ମ' ମଧ୍ୟରେ ଅଭିନ୍ନତାର ଏତେବଡ଼ ସତ୍ୟକୁ ଦୃପ୍ତ ଭାବରେ ପ୍ରତିଷ୍ଠିତ କରିବାକୁ ସେଇ ପୁଣ୍ୟପୀଠ ପ୍ରୟାସ ଓ ପ୍ରଯତ୍ନ କରିଛି – ଏହା ସ୍ମରଣ କରି ବିଦ୍ୱାନ୍-ବିଦଗ୍ଧ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ସେ ତାଙ୍କର ଶ୍ରଦ୍ଧା ଜଣାଇଛନ୍ତି । ଉଡୁପୀ ଶୃଙ୍ଗେରୀଠାରୁ ସେକାଳରେ ପାଞ୍ଚ, ସାତ ଦିନର ପଥ, ଯାହା ମାଧ୍ୱାଚାର୍ଯ୍ୟଙ୍କର ଦ୍ୱୈତମାର୍ଗର ପ୍ରଧାନ ପୀଠ ଏବଂ ଶ୍ରୀରଙ୍ଗମ୍ ମଧ ରାମାନୁଜାଚାର୍ଯ୍ୟଙ୍କର ବିଶିଷ୍ଟଦ୍ୱୈତମାର୍ଗର ପ୍ରଧାନ ପୀଠ । ଜୀବ, ଈଶ୍ୱର ଓ ଜଗତର ସମ୍ବନ୍ଧକୁ କେନ୍ଦ୍ର କରି ଯେତେ ମତାନୈକ୍ୟ ଓ ଯେତେ ସମାଧାନ ଓ ନିଷ୍କର୍ଷ, ସେ ସମସ୍ତର ଉତ୍ସ ଦକ୍ଷିଣର ଏଇ ପୁଣ୍ୟସ୍ଥଳୀକୁ ପରିକ୍ରମା କରି ଶ୍ରୀଚୈତନ୍ୟ ନିଜର ଜ୍ଞାନ ସମୃଦ୍ଧ କଲେ ଏବଂ ସ୍ୱୀୟ ମାର୍ଗଟିର ବିଲକ୍ଷଣ ସାରବତ୍ତା ଯେ ସର୍ବଜନ-ବରଣୀୟ ଏକଥା ବୁଝିଲେ ।

ଶ୍ରୀଚୈତନ୍ୟ ଯେତେବେଳେ ପ୍ରଥମେ ଉଡୁପୀ ପୀଠରେ ଉପନୀତ ହେଲେ ତାଙ୍କୁ ଦଶନାମୀ ସମ୍ପ୍ରଦାୟର (ଶଙ୍କରାଚାର୍ଯ୍ୟ ପ୍ରବର୍ତ୍ତିତ) ବୋଲି ଜାଣି ମାଧ୍ୱ ମତବାଦିଗଣ ଦୂରେଇ ରଖୁଥିଲେ । କାହିଁକି ନା ଅଦ୍ୱୈତବାଦୀଙ୍କୁ ସେମାନେ ନିରୀଶ୍ୱରବାଦୀ ଓ ନାସ୍ତିକ ମନେ କରୁଥିଲେ । ତେଣୁ କେଶବଭାରତୀ ତଥା ଈଶ୍ୱରପୁରୀଙ୍କ ଶିଷ୍ୟ ହୋଇଥିବାରୁ ଶ୍ରୀଚୈତନ୍ୟ ମଧ ନାସ୍ତିକ ଭକ୍ତିହୀନ ହୋଇଥିବେ । ମାତ୍ର ତାଙ୍କର ଭକ୍ତିରେ ପରମଶ୍ରଦ୍ଧା, ଏକଥା ଜାଣିବା ପରେ ତାଙ୍କୁ ଆଲୋଚନାରେ ମିଶାଇଲେ । କବିରାଜ କହୁଛନ୍ତି :

ତତ୍ତ୍ୱବାଦିଗଣ ପ୍ରଭୁକେ ମାୟାବାଦୀ ଜ୍ଞାନେ ।
ପ୍ରଥମ ଦର୍ଶନେ ପ୍ରଭୁର ନା କୈଲ ସମ୍ଭାଷଣ ॥
ପରେ ପ୍ରେମାବେଶ ଦେଖି ହୈଲ ଚମତ୍କାର ।
ବୈଷ୍ଣବ ଜ୍ଞାନେତେ ବହୁ କରିଲ ସତ୍କାର ॥

ଏ ସମସ୍ତ ସତ୍ତ୍ୱେ, ମାଧ୍ୱ-ସମ୍ପ୍ରଦାୟର ଜୀବ-ଈଶ୍ୱର ସମ୍ପର୍କର ଆଦର୍ଶ ସହିତ ଶ୍ରୀଚୈତନ୍ୟ ଏକମତ ହୋଇ ପାରିଲେ ନାହିଁ । କାରଣ ସେମାନଙ୍କ ସାଧନା-ଉପାସନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନ୍ମ-ଜନ୍ମାନ୍ତର ଧରି ସାଧନାର ପରେ ବୈକୁଣ୍ଠରେ

* କନ୍ୟାକୁମାରୀ ତୀର୍ଥରେ ଶ୍ରୀଚୈତନ୍ୟ ଧ୍ୟାନ ନେତ୍ରରେ ଯାହା ଦେଖିଥିଲେ, ତାହାର ସବିଶେଷ ବର୍ଣ୍ଣନା ଶ୍ରୀରାମକୃଷ୍ଣ ମିଶନ୍ ପ୍ରଣୀତ 'ଶ୍ରୀଚୈତନ୍ୟ ଜୀବନୀ ଗ୍ରନ୍ଥ'ରେ ଦେଖିବାକୁ ମିଳେ । ଚପଳା ବାଳିକା ରୂପେ ଦେବୀ କେମିତି ମହୋଦଧି ଜଳରେ କ୍ରୀଡ଼ା କରି ଉଠି ଆସିଲେ ଓ ଧୀରେ ଧୀରେ ଉତ୍ତରାଭିମୁଖୀ ହୋଇ ହିମାଳୟ ଦିଗରେ ଚାଲିଗଲେ ତାହାର ଅପରୂପ ବର୍ଣ୍ଣନା ଲେଖକ ଦେଇଛନ୍ତି । ସମ୍ଭବତଃ ସେକାଳର ବୈଷ୍ଣବ ଗ୍ରନ୍ଥରେ କେଉଁଠି ଏହାର ଉଲ୍ଲେଖ ରହିଥିବ ।

ବିଷ୍ଣୁପଦରେ ସ୍ଥାନଲାଭ କରିବା । କିନ୍ତୁ ଶ୍ରୀଚୈତନ୍ୟଙ୍କର ଭକ୍ତି-ସାଧନାର ମୁଖ୍ୟ ଉଦ୍ଦେଶ୍ୟ ପ୍ରଭୁଙ୍କର ଯେଉଁଥିରେ ଆନନ୍ଦ, ସେଇ ଆନନ୍ଦକୁ ସାଧନା ଦ୍ୱାରା ପୂରଣ କରିବା ଅର୍ଥାତ୍ ଭକ୍ତି ହେବ ଅହୈତୁକ, ପ୍ରଭୁଙ୍କୁ କେବଳ ପ୍ରଭୁଙ୍କ ପାଇଁହିଁ କାମନା କରିବା; ନିଷ୍କାମ ଆତ୍ମନିବେଦନହିଁ ଭକ୍ତିର ଉଦ୍ଦେଶ୍ୟ । ପ୍ରଭୁଙ୍କ ସହ ସର୍ବବିଧ ମିଳନ, ଦୁହେଁ ଏକ ରସରେ ସମ୍ମିଳିତ ହେବା, ସେଥିପାଇଁ ଆନନ୍ଦ ହେଉଛି ମାଧ୍ୟମ । ମୁକ୍ତି ଓ ମୋକ୍ଷ କେବେହେଁ ସାଧନାର ଉଦ୍ଦେଶ୍ୟ ହୋଇପାରିବ ନାହିଁ । ନିଜକୁ ସମ୍ପୂର୍ଣ୍ଣ ନିବେଦନ କରିବା ପ୍ରେମ ଭକ୍ତିରେ, ସେବାରେ, ତାଙ୍କ ଆନନ୍ଦରେ, ତାଙ୍କର ଲୀଳାରେ ସହଚର ବା ସହଚରୀ ହେବାହିଁ ସାଧନାର ଉଦ୍ଦେଶ୍ୟ, ଯେଉଁଥିରେ ସ୍ୱତନ୍ତ୍ର ଅସ୍ତିତ୍ୱହିଁ ରହିବ ନାହିଁ । ମାଧ୍ୱ ସମ୍ପ୍ରଦାୟର ଫଳସ୍ୱରୂପ ମିଳିବ ପଞ୍ଚବିଧ ମୁକ୍ତି ଯାହା ଦ୍ୱୈତ-ମତର ଏକ ବିଶେଷ ଅଙ୍ଗୀକାର । ସେଗୁଡ଼ିକ ହେଉଛି : ସାଷ୍ଟି, ସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ ଅର୍ଥାତ୍ ଭଗବାନଙ୍କ ତୁଲ୍ୟ ଐଶ୍ୱର୍ଯ୍ୟ, ଭଗବାନଙ୍କ ସଦୃଶ ରୂପ, ଭଗବାନଙ୍କ ସାମୀପ୍ୟ, ଭଗବାନଙ୍କ ସାଯୁଜ୍ୟ ଅର୍ଥାତ୍ ତାଙ୍କ ସହ ଯୁକ୍ତହୋଇ ରହିବା, ସର୍ବଶେଷରେ ତାଙ୍କ ଲୋକରେ ଅର୍ଥାତ୍ ବ୍ରହ୍ମଲୋକରେ ସ୍ଥାନ ପାଇବା । ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟିକୁ ଲକ୍ଷ୍ୟ ରୂପେ ରଖିବା ଅବା ସବୁଯାକରେ ସିଦ୍ଧି ପାଇବାର ଇଚ୍ଛା ପୋଷଣ କରିବା କେବେହେଁ ଶ୍ରୀଚୈତନ୍ୟଙ୍କ ପ୍ରଦର୍ଶିତ ପଥର ପ୍ରେମଭକ୍ତି ନୁହେଁ । ଶ୍ରୀଭଗବାନ୍ ଯଦି ପୂର୍ଣ୍ଣ, ତାଙ୍କ ସହିତ ପୂର୍ଣ୍ଣମିଳନର ଆନନ୍ଦ ପାଖରେ ଏସବୁର ତୁଳନା ବି କରାଯାଇ ପାରିବ ନାହିଁ । ନିଃଶେଷ ଆତ୍ମ ସମର୍ପଣରେହିଁ ସେଇ ଅନୁରକ୍ତି ଓ ଚରମ ଆନନ୍ଦ । ଭକ୍ତି ସହିତ ମିଳନରେ ଭକ୍ତ ଯେପରି ପୂର୍ଣ୍ଣ ହୁଏ, ଭଗବାନ୍ ବି ସେଇପରି ପରିତୃପ୍ତ ହୁଅନ୍ତି । ଏହିଠାରେହିଁ ଅଦ୍ୱୈତ, ଦ୍ୱୈତ ଓ ବିଶିଷ୍ଟାଦ୍ୱୈତ ଅପେକ୍ଷା ଶ୍ରୀଚୈତନ୍ୟଙ୍କ ପ୍ରଦର୍ଶିତ ଭକ୍ତିମାର୍ଗର ଶ୍ରେଷ୍ଠତା, ଯାହା କେବଳ ଅକୁଣ୍ଠ ଭଲପାଇବା ଓ ପୂର୍ଣ୍ଣ ସମର୍ପଣ ଉପରେ ନିର୍ଭର କରେ, ଯେଉଁଥିରେ ଅସ୍ମିତାବୋଧ ପୂର୍ଣ୍ଣ ମିଳନରେ ପରିଣତ ହୋଇଥାଏ । ତଥାପି ଭାରତର ସର୍ବପ୍ରକାର ସାଧନାର କିଛି ନା କିଛି ବିଶିଷ୍ଟତା ସେ ସ୍ୱୀକାର କରିଛନ୍ତି । ମାଧ୍ୱ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ସେ କହିଛନ୍ତି :

ସବେ ଏକ ଗୁଣ ଦେଖି ତୋମାର ସମ୍ପ୍ରଦାୟ ।
ସତ୍ୟ ବିଗ୍ରହ କରି ଈଶ୍ୱରେ କରହ ନିଶ୍ଚୟ ॥
ପ୍ରଭୁ କହେ କର୍ମୀ ଜ୍ଞାନୀ ଦୁଇ ଭକ୍ତିହୀନ
ତୋମାର ସମ୍ପ୍ରଦାୟେ ଦେଖି ସେଇ ଦୁଇ ଚିହ୍ନ ॥

ଏଇ ଭେଦ ବା ପୃଥକତ୍ୱ ସ୍ୱୀକାର କରୁଥିବାରୁ ମିଳନର ପ୍ରଯତ୍ନ ମାର୍ଗ ଯାହା ହେଉ ନା କାହିଁକି ଦ୍ୱୈତମାର୍ଗରେ ଈଶ୍ୱର ଓ ଜୀବ ପୃଥକ୍ ଅସ୍ତିତ୍ୱ ରଖନ୍ତି । ଏଠାରେ ଈଶ୍ୱର ମୁଖ୍ୟ ନିଶ୍ଚୟ, ଜୀବ ଗୌଣ ହେଲେ ବି ସାଧନାରେ ଈଶ୍ୱରଙ୍କ ସାନ୍ନିଧ୍ୟ କାମ୍ୟ ସେମାନଙ୍କର । ତେଣୁ ସେ ଦୃଷ୍ଟିରୁ ଚୈତନ୍ୟ ଦେବ ସେମାନଙ୍କ ସାଧନାକୁ ଯଥେଷ୍ଟ ସମ୍ମାନ ଦେଇଛନ୍ତି, କେବଳ ଏତିକି ସେଥିରେ ଦୋଷ ଯେ ମୁକ୍ତି ହେଉଛି ସେମାନଙ୍କର ସବୁଠାରୁ କାମ୍ୟବସ୍ତୁ । ଏବଂ ଶ୍ରୀଚୈତନ୍ୟ ଯଜ୍ଞାଦିକୁ ସକାମ ଭକ୍ତିର ଅନ୍ତର୍ଗତ ବୋଲି କହିଛନ୍ତି । ପୁନରାୟ ସାଂଖ୍ୟବାଦୀମାନଙ୍କର ଉପାସନା, ଆରାଧନା ଆଦିରେ ବିଶ୍ୱାସ ନାହିଁ । କାରଣ ଜୀବ ଓ ଈଶ୍ୱରଙ୍କ ଭିତରେ ସମ୍ବନ୍ଧ ସେମାନଙ୍କ ତତ୍ତ୍ୱ ଜିଜ୍ଞାସାର ମୁଖ୍ୟ ବିଷୟ । ସେମାନଙ୍କ ମତରେ ଯଦ୍ୟପି ଜୀବ ଓ ବ୍ରହ୍ମ ଅଭିନ୍ନ, ତଥାପି ଜୀବ ସ୍ୱଭାବତଃ ଅଜ୍ଞାନାଚ୍ଛନ୍ନ ହୋଇ ରହିଥାଏ । ଆତ୍ମସାକ୍ଷାତ୍କାର ଲାଗି ପ୍ରଥମ ପର୍ଯ୍ୟାୟରେ ଭଗବତ୍ ଉପାସନା ଅବଶ୍ୟ କରଣୀୟ ସାଧାରଣଙ୍କ ପାଇଁ ଏକଥା ଅଦ୍ୱୈତବାଦୀ ବିଶ୍ୱାସ କରନ୍ତି । ପ୍ରକୃତରେ ଦେଖିବାକୁ ଗଲେ ଆଚାର୍ଯ୍ୟମାନଙ୍କର ପ୍ରଦର୍ଶିତ ମାର୍ଗ ଆଧାର-ଭେଦରେ ପରସ୍ପରର ପରିପୂରକ କହିଲେ ଭୁଲ ହେବ ନାହିଁ । ଭାରତ ବର୍ଷର ବିଚିତ୍ରତା ଭାରତୀୟ ଅଧ୍ୟାତ୍ମ-ମନୀଷାର କ୍ଷେତ୍ରରେ ବି ପରିସ୍ଫୁଟ । ସମ୍ଭବତଃ ସେଇ ଦୃଢ଼ବିଶ୍ୱାସ ରହିଥିଲା ବୋଲି ଶ୍ରୀଚୈତନ୍ୟ ସକଳ ମତବାଦ, ସକଳ ଧର୍ମ ସମ୍ପ୍ରଦାୟକୁ ସମ୍ମାନ ପ୍ରଦର୍ଶନ କରିଛନ୍ତି, ସବୁ ମନ୍ଦିରରେ ମଥାନତ କରିଛନ୍ତି ଏବଂ ସବୁ ସମ୍ପ୍ରଦାୟର ସାରବସ୍ତୁକୁ ନିର୍ଯାସ ରୂପେ ଗ୍ରହଣ କରିଛନ୍ତି ସ୍ୱୀୟ ଆଧାରରେ ।

ତୀର୍ଥଭ୍ରମଣ କାଳରେ ସନ୍ନ୍ୟାସୀ ଚୈତନ୍ୟ ଦେବଙ୍କର ଅନ୍ତରରେ ଅନ୍ୟ ଏକ ଅଭିଳାଷ ବି ରହିଥିଲା । ତାହା ଥିଲା ଜ୍ୟେଷ୍ଠଭ୍ରାତା ବିଶ୍ୱରୂପଙ୍କର ସନ୍ଧାନ କରିବା ଯିଏ କାହାକୁ ନକହି କୈଶୋର ବୟସରେ ଗୃହତ୍ୟାଗ କରିଥିଲେ । ଦକ୍ଷିଣ ଦେଶରେ ଅନନ୍ତପଦ୍ମନାଭଙ୍କୁ ଦର୍ଶନ କରି ସାରି ସେ ଉତ୍ତର ଦିଗରେ ଯାତ୍ରା କଲେ, ସେ ସିଧା ପଣ୍ଡରପୁରରେ ପହଞ୍ଚିଲେ ଯେଉଁଠାରେ ଭଗବାନ୍ ବିଷ୍ଣୁ ବିଠଲ୍ ରୂପେ ପୂଜା ପାଉଛନ୍ତି । ଏକ ପିଢ଼ା ଉପରେ ଏକ ପାଦରେ ତ୍ରିଭଙ୍ଗୀଠାଣିରେ ଠିଆ ହୋଇଥିବା ସେଇ ବିଗ୍ରହ ପିତୃଭକ୍ତ ଯୁବକର ପ୍ରାର୍ଥନା ପୂରଣ କରିଥିଲେ । ତାଙ୍କର ଅନୁକମ୍ପାଯୁକ୍ତ ହସହସ ମୁଖମଣ୍ଡଳ କୁଆଡ଼େ ଅତି

ଆକର୍ଷକ । ସେଇ ସ୍ଥାନରେ ଶ୍ରୀଚୈତନ୍ୟ ରଙ୍ଗପୁରୀ ନାମକ ଜଣେ ସାଧୁଙ୍କ ସଂସ୍ପର୍ଶରେ ଆସିଥିଲେ । ସେଇ ମହାନ୍ ବ୍ୟକ୍ତି ମାଧବେନ୍ଦ୍ର ପୁରୀଙ୍କ ଶିଷ୍ୟ ଓ ଈଶ୍ୱରପୁରୀଙ୍କ ଗୁରୁଭାଇ । ରଙ୍ଗପୁରୀଜି ଯେମିତି ଶ୍ରୀଚୈତନ୍ୟଙ୍କ ପ୍ରତି ଆକୃଷ୍ଟ ହେଲେ, ଚୈତନ୍ୟଦେବ ମଧ୍ୟ ଠିକ୍ ସେଇପରି ତାଙ୍କ ପ୍ରତି ଶ୍ରଦ୍ଧା ଓ ବିନମ୍ରତା ଅନୁଭବ କଲେ । ଦୁହେଁ ଦୁହିଙ୍କର ପରିଚୟ ଜିଜ୍ଞାସା କରି ଆପଣାର ଇଷ୍ଟ ଏକ ବୋଲି ଜାଣିଲେ । ରଙ୍ଗପୁରୀଜି ତାଙ୍କର ଶିଷ୍ୟ ଜୀବନରେ ନବଦ୍ୱୀପ ଯାଇଥିଲେ ମାଧବେନ୍ଦ୍ରଙ୍କ ସହିତ ଓ ଜଗନ୍ନାଥ ମିଶ୍ରଙ୍କ ଗୃହରେ ଅତିଥି ହୋଇଥିଲେ ବୋଲି ଜଣାଇଲେ । ଶ୍ରୀଚୈତନ୍ୟ ସେଇ ପଣ୍ଢରପୁରରେ କିଛିଦିନ ବାସ କଲେ – ତୀର୍ଥ ଦୃଷ୍ଟିରୁ ତାଙ୍କୁ ସେଇ ଅଞ୍ଚଳ ନବଦ୍ୱୀପ ଭଳି ମନେହେଲା, ଯେଉଁଠାରେ ଭକ୍ତି ସାଧନାରେ ଜାତିଗତ ଭେଦ ବିଚାର, ସାମାଜିକ ଉଚ୍ଚ-ନୀଚର ଦୂରତ୍ୱ ନଥିଲା । ତତ୍ ସହିତ ନାମସ୍ମରଣ, କୀର୍ତ୍ତନାନନ୍ଦର ରୋଳ ମଧ୍ୟ ଭାରତର ପୂର୍ବାଞ୍ଚଳର ନାମ-ସଂକୀର୍ତ୍ତନ ଭଳି ହେଉଥିଲା ।*

ପଣ୍ଢରପୁରରୁ ସେ କୃଷ୍ଣାବେଣୀ ତୀରକୁ ଆସିଲେ, ଯେଉଁଠାରେ ଲୀଳାଶୁକ ବା ବିଲ୍ୱମଙ୍ଗଳକୃତ ସଂସ୍କୃତ ପଦାବଳୀର ବହୁଳ ପ୍ରସାର ଲକ୍ଷ୍ୟ କଲେ । ଦେଖିଲେ ପ୍ରତ୍ୟହ ସ୍ନାନ ପରେ ବ୍ରାହ୍ମଣଗଣ ଶ୍ରୀକୃଷ୍ଣଙ୍କର ମାଧୁର୍ଯ୍ୟ-ରସ ସମ୍ବଳିତ ପଦାବଳୀ ଉଚ୍ଚକଣ୍ଠରେ ଗାନ କରୁଛନ୍ତି । ଲୀଳା-ଶୁକଙ୍କର ଭକ୍ତି ରସାତ୍ମକ ସଙ୍ଗୀତ ମଧ୍ୟ ଶ୍ରୁତି ସୁଖକର, ସେଥିମଧ୍ୟରୁ 'ଗୋବିନ୍ଦ-ଦାମୋଦର' ସ୍ତୋତ୍ର ପ୍ରଧାନ । ଏସବୁ ଅମୂଲ୍ୟ-ସମ୍ପଦ ସେ ଲେଖାଇ ସାଙ୍ଗରେ ଆଣିଲେ । ପରବର୍ତ୍ତୀ ଜୀବନରେ ପୁରୁଷୋତ୍ତମଧାମରେ ଅବସ୍ଥାନ କାଳରେ ଗୀତଗୋବିନ୍ଦ ଓ ଶ୍ରୀକୃଷ୍ଣ-କର୍ଣ୍ଣାମୃତ ଭକ୍ତମାନଙ୍କ କଣ୍ଠରୁ ଶୁଣିବାକୁ ସେ ଭଲ ପାଉଥିଲେ । ସେଥିରେ ଥିବା ରାଧା ତଥା ଗୋପୀମାନଙ୍କର ସରଳ-ଶୁଦ୍ଧ ରସାତ୍ମକ ପ୍ରେମକୁ ସେ ଉଚ୍ଚକୋଟୀର ବୋଲି କହି ଯାଇଛନ୍ତି । ସେ ସ୍ଥାନରୁ ସେ ପଶ୍ଚିମ ଦିଗକୁ ଯାତ୍ରା କରି ଋଷ୍ୟମୂକ ପର୍ବତ ଓ କିଷ୍କିନ୍ଧ୍ୟା ଆଦି ଦର୍ଶନ କଲେ । ଯାତ୍ରାକାଳରେ ପଞ୍ଚବଟୀ ଦର୍ଶନ ଓ ପମ୍ପା ସରୋବରରେ ସେ ସ୍ନାନ କରିଛନ୍ତି ବୋଲି କବିରାଜ କୃଷ୍ଣଦାସ ଲେଖିଛନ୍ତି । ଶ୍ରୀଚୈତନ୍ୟ ପଶ୍ଚିମ ଦିଗରେ ଯାଇ ନର୍ମଦା ଓ ତାପ୍ତୀ ନଦୀ ତୀରରେ ଥିବା ପୁଣ୍ୟତୀର୍ଥ ସକଳ ଦର୍ଶନ କରି ପ୍ରଭାସ ଓ ଦ୍ୱାରକାଦି ତୀର୍ଥକୁ ଯାଇଥିଲେ । ସେ ସମୟରେ ପୁନରାୟ ରଙ୍ଗପୁରୀଜି ମଧ୍ୟ ତାଙ୍କ ସହ ଯୋଗ ଦେଇଛନ୍ତି । ସେଇ ମହାଶୟ ନବଦ୍ୱୀପର ଜଗନ୍ନାଥ ମିଶ୍ରଙ୍କ ବିଷୟ ଉପସ୍ଥାପନ କରି କହିଲେ :

ଜଗନ୍ନାଥେର ଘରଣୀ ମହା ପତିବ୍ରତା
ବାତ୍ସଲ୍ୟେ ହୟ ତେହୋଁ ଯେନ ଜଗନ୍ମାତା...
ତାଁର ଏକ ଯୋଗ୍ୟପୁତ୍ର କରିଲ ସନ୍ନ୍ୟାସ ।
ଶଙ୍କରାରଣ୍ୟ ନାମ ଅଳପ ବୟସ ।।
ଏଇ ତୀର୍ଥେ ଶଙ୍କରାରଣ୍ୟେର ସିଦ୍ଧି ପ୍ରାପ୍ତ ହୈଲ ।...
ପ୍ରସ୍ତାବେ ଶ୍ରୀରଙ୍ଗପୁରୀ ଏତେକ କହିଲ ।।

ଶ୍ରୀଚୈତନ୍ୟ ବୁଝିଲେ ପୂର୍ବାଶ୍ରମରେ ଯିଏ ତାଙ୍କର ଜ୍ୟେଷ୍ଠ ଭ୍ରାତା ଥିଲେ, ଗୁରୁଭ୍ରାତାଙ୍କ କଥାରୁ ବୁଝାଗଲା, ସେ ଏବେ ଆଉ ଜୀବିତ ନାହାନ୍ତି । ସାଧନାରେ ତାଙ୍କର ସିଦ୍ଧିପ୍ରାପ୍ତି ଘଟିଛି ଓ ଏ ଜୀବନରେ ମଧ୍ୟ ତାଙ୍କ ସହ ସାକ୍ଷାତ୍ ଘଟିବ – ତାହାର ସମ୍ଭାବନା ବି ନାହିଁ । ହୁଏତ ତାଙ୍କ ସହ ସାକ୍ଷାତ୍ ହୋଇଥିଲେ ଜନନୀଙ୍କୁ ତାଙ୍କ କଥା କହିଥା'ନ୍ତେ । ସେ ଠାବରେ ରଙ୍ଗପୁରୀଜିଙ୍କ ନିକଟରୁ ସେ ପୃଥକ୍ ହୋଇ ଦ୍ୱାରକା ଓ ପ୍ରଭାସ ଉଦ୍ଦେଶ୍ୟରେ ଯାତ୍ରା କଲେ । ସମସ୍ତ ମହାନ୍ ତୀର୍ଥ ଭ୍ରମଣ କରି ସେ ଗୀର୍ଣ୍ଣାରରେ ପହଞ୍ଚିଥିଲେ । ପଥ ମଧ୍ୟରେ ରୁଗ୍ଣ, ଦରିଦ୍ର ଓ ପଙ୍ଗୁ ନରନାରୀ ଯିଏ ମିଳନ୍ତି ଶ୍ରୀଚୈତନ୍ୟ ଘଡ଼ିଏ ଅଟକି ସେମାନଙ୍କୁ ନରମ କଥାରେ ଆପ୍ୟାୟିତ ଓ ସହଚରମାନଙ୍କ ଦ୍ୱାରା ଅନ୍ନବସ୍ତ୍ର ଦେବାର ବ୍ୟବସ୍ଥା କରନ୍ତି । ବେଳେବେଳେ ନିର୍ଜନ ଅରଣ୍ୟାଞ୍ଚଳ ଦେଇ ଯାତ୍ରା କଲାବେଳେ ନିଜେ ଲୋକାଳୟ ନଥିବାରୁ ଅନ୍ନକଷ୍ଟ ଭୋଗିଛନ୍ତି । ବିନ୍ଧ୍ୟଗିରି ପାର ହୋଇ ପଶ୍ଚିମାଞ୍ଚଳରୁ ପୂର୍ବାଞ୍ଚଳକୁ ଆସିବା ବାଟରେ ଥରେ ସେ ଭିଲଦସ୍ୟୁମାନଙ୍କ କବଳରେ ପଡ଼ିଥିଲେ । ମାତ୍ର ତାଙ୍କର ପ୍ରତିକ୍ରିୟାହୀନ ନିର୍ମଳ ହୃଦୟବତ୍ତାରେ ସେମାନଙ୍କର ଚିତ୍ତବୃତ୍ତି ବଦଳିଗଲା । ସେମାନଙ୍କ ଅନ୍ତରରୁ ଅଜ୍ଞାନ-ଅନ୍ଧକାର ଦୂର ହେଲା ଓ ଜୀବନର ଗତିପଥ କ୍ରମଶଃ ଶୁଦ୍ଧ ଓ ଉନ୍ନତ ହୋଇଥିଲା;

---

* ତୁକାରାମ ଓ ନାମଦେବଙ୍କ କବିତାରେ ଶ୍ରୀଚୈତନ୍ୟଙ୍କ ତୀର୍ଥଯାତ୍ରା ଉପଲକ୍ଷ୍ୟେ ପଣ୍ଢରପୁର-ବାସ କଥା ଉଲ୍ଲେଖ ରହିଛି ଏବଂ ଶ୍ରୀଚୈତନ୍ୟଙ୍କୁ ସେ କାଳର ବିଠଲ୍ ଦେବଙ୍କ ପ୍ରତି ଭକ୍ତମାନଙ୍କର ଆବେଗପୂର୍ଣ୍ଣ କୀର୍ତ୍ତନ ଠିକ୍ ନବଦ୍ୱୀପବାସୀଙ୍କ କୃଷ୍ଣଭକ୍ତିମୂଳକ ସଂକୀର୍ତ୍ତନ ଭଳି ବୋଧହେଲା – ତାଙ୍କ ମୁଖରୁ ଏପରି ଶୁଣାଯାଇଛି ।

ଦସ୍ୟୁପତିକୁ ସେ ନିଜ ପ୍ରେମ ଦେଇ ଭକ୍ତିଭାବରେ ଭାବିତ କରି ପାରିଥିଲେ । ଭକ୍ତ ଓ ଅଭକ୍ତ କେହି ତାଙ୍କୁ ଦୂରର ବା ଉଦାସୀନ ବୋଲି ଭାବି ନାହାନ୍ତି । ଭିଲ ସମ୍ପ୍ରଦାୟର ଲୋକଙ୍କର ଜୀବିକା ଥିଲା ଚୌର୍ଯ୍ୟବୃତ୍ତି, ଏବଂ ହାଣ-କାଟ ଯାହାଙ୍କର ନିତ୍ୟସାଧନ ଥିଲା ବଞ୍ଚିବା ପାଇଁ, ସେମାନେ ମଧ୍ୟ ତାଙ୍କର ବିମଳ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇଛନ୍ତି । କେଉଁଠି କେଉଁଠି ସ୍ୱଭାବ-ଚରିତ୍ର, କୁଳବ୍ୟବସାୟ ବି ନିଜ ରୁଚିରେ ବଦଳାଇ ଦେଇଛନ୍ତି । ନିମ୍ନଜାତିର ଲୋକଙ୍କ ସହିତ ମିଶି ସେ ସେମାନଙ୍କର ଭାବ ଓ ଚେତନାକୁ ଉଚ୍ଚତର ଭୂମିକୁ ଉଠାଇ ନେଇଛନ୍ତି । ସ୍ଥିର ସ୍ୱଚ୍ଛ ଜଳପରି ଏହାଙ୍କର ଚରିତ୍ର-ମୁକୁରରେ ସେମାନେ ନିଜର ମଶୀମୁଖ ଦେଖି ତାଙ୍କରି ଭଳି ହୋଇଉଠିବାକୁ ଭିତରୁ ଏକ ପ୍ରବେଗ ଅନୁଭବ କରିଛନ୍ତି ଏବଂ ମହାପୁରୁଷଙ୍କୁ ଆଖି ଆଗରେ ରଖି ସ୍ୱଳ୍ପ ସମୟରେ ନିଜ ଆଚରଣର ବାଧାବିଘ୍ନ ପାରି ହୋଇଛନ୍ତି । ଏହା ସମ୍ଭବ ହୋଇଥିଲା ସେମାନଙ୍କର ଅକୁଟିଳ ଅନୁକରଣ ତଥା ମହାପ୍ରଭୁଙ୍କ ଅପାର କରୁଣା ହେତୁ ।

ଭଦ୍ରପଲ୍ଲୀବିହୀନ ସେଭଳି ସ୍ଥାନରୁ ବାହାରି ସେ ସୁଦାମାପୁରୀ ଓ ସୋମନାଥ ମନ୍ଦିର ଦିଗରେ ଅଗ୍ରସର ହେଲେ । କେହି କେହି ଇତିହାସକାର କହନ୍ତି ସେ କଚ୍ଛ ପ୍ରଦେଶକୁ ବି ଯାଇଥିଲେ । ସୋମନାଥ ମନ୍ଦିରର ଧ୍ୱଂସାବଶେଷ ଦେଖି ସେ ମର୍ମାହତ ହୋଇଥିଲେ । ତା'ପରେ ସେ ରୁକ୍ଷ, ଶୁଷ୍କ, ଉଚ୍ଚ-ନୀଚ ଭୂମି ପାରହୋଇ ଦତ୍ତାତ୍ରେୟଙ୍କ ସାଧନପୀଠ ଓ ସୁରକ୍ଷିତ ତାଙ୍କର ଚରଣପାଦୁକା ଦର୍ଶନ କଲେ । ନିକଟବର୍ତ୍ତୀ ଗୋରକ୍ଷନାଥଙ୍କ ସାଧନାପୀଠରେ ପ୍ରଣତି ଜଣାଇଲେ । ସେଠାରୁ ପାର୍ବତ୍ୟପଥ ଅତିକ୍ରମ କରି ସୁ-ଉଚ୍ଚ ପର୍ବତ ଶିଖରରେ ଥିବା ମାତୃପୀଠରେ ପହଞ୍ଚି ସେଠାରେ ମଥାନତ କଲେ । ଏଥିରୁ ବୁଝାଯାଏ ଶ୍ରୀକୃଷ୍ଣଙ୍କ ପ୍ରତି ଯେତିକି ଭକ୍ତିଥିଲା, ଦେବୀଙ୍କ ପ୍ରତି ମଧ୍ୟ ଅନୁରୂପ ଶ୍ରଦ୍ଧାଭକ୍ତି ରହିଥିଲା; ତା' ନହୋଇଥିଲେ ଦେବୀ ତାଙ୍କୁ କୁମାରୀ ରୂପେ ଦର୍ଶନ ଦେଇ ନଥା'ନ୍ତେ କିଂବା ଶ୍ରୀଚୈତନ୍ୟ ମଧ୍ୟ ରୁକ୍ଷ ପାର୍ବତ୍ୟ ପଥ କଷ୍ଟ କରି ଅତିକ୍ରମ କରି ମହାକାଳୀଙ୍କ ମନ୍ଦିରରେ ନତି ଜଣାଇ ନଥା'ନ୍ତେ । ଦେବୀମାତାଙ୍କୁ ସେ ସର୍ବଦା ଶ୍ରୀକୃଷ୍ଣଙ୍କ ସ୍ୱରୂପଶକ୍ତି ମାନୁଥିଲେ । ସମ୍ଭବତଃ ସେଇଠାରେ ମହାକାଳୀଙ୍କୁ ଦର୍ଶନ କରି ତାଙ୍କର ଉତ୍ତରପଶ୍ଚିମାଭିମୁଖୀ ଯାତ୍ରା ସାଙ୍ଗ କଲେ ଓ ସମତଳ ଭୂମିରେ ପୂର୍ବ ଦିଗରେ ଯାତ୍ରା କଲେ ରାଜମହେନ୍ଦ୍ରୀ ଆଡ଼କୁ । କାରଣ ରାୟରାମାନନ୍ଦଙ୍କୁ ଭେଟିବାକୁ ପ୍ରତିଶ୍ରୁତି ଦେଇଥିଲେ । ପୁନରାୟ ପୁଣ୍ୟତୋୟା ଗୋଦାବରୀ ତଟ ଦେଶରେ ସିଏ କୃପାଧନ୍ୟ ରାମାନନ୍ଦଙ୍କୁ ଭେଟିଲେ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ ❖

*ଆନନ୍ଦରେ ରହିବା କ'ଣ ଜୀବନର ଲକ୍ଷ୍ୟ ?*

**ଶ୍ରୀମା :** ଏହା ହେଉଛି ବିଷୟଟିକୁ ଏପଟ ସେପଟ କରି ଥୋଇବା ।

ମଣିଷ ଜୀବନର ଲକ୍ଷ୍ୟ ହେଉଛି ଭଗବାନଙ୍କୁ ଆବିଷ୍କାର କରିବା ଓ ତାହାଙ୍କୁ ଅଭିବ୍ୟକ୍ତ କରିବା । ସ୍ୱାଭାବିକ ଭାବରେ ଏହି ଆବିଷ୍କାର ଆମକୁ ଆନନ୍ଦ ଆଣିଦେବ, କିନ୍ତୁ ସେହି ଆନନ୍ଦ ଏକ ପରିଣାମ, ତାହା ସ୍ୱୟଂ ଏକ ଲକ୍ଷ୍ୟ ନୁହେଁ । ପରିଣାମଟିକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିବାର ଏହି ଭୁଲ୍‌ଟିହିଁ ମଣିଷ ଜୀବନ ପାଇଁ ଅଧିକାଂଶ ଦୁଃଖଦୁର୍ଦ୍ଦଶାର କାରଣ ହୋଇଛି ।

୨୮ ମାର୍ଚ୍ଚ ୧୯୭୦

# ଶ୍ରୀଅରବିନ୍ଦଙ୍କ ଶାଶ୍ୱତ ସାନ୍ନିଧ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଆମର ସାଧାରଣ ମାନୁଷୀ ଚେତନା ପାଇଁ ଯେତେ ଅଗମ୍ୟ ହେଲେ ମଧ୍ୟ ଆଧାତ୍ମିକ-ଜଗତର ଦିବ୍ୟରହସ୍ୟସବୁ ନିଜ ନିଜର କ୍ଷେତ୍ରରେ ଅତି ଜାଗ୍ରତ୍ ଓ ଜୀବନ୍ତ ସତ୍ୟ ରୂପେ ନିତ୍ୟ ବିଦ୍ୟମାନ। ଆମର ସ୍ଥୂଳ ଇନ୍ଦ୍ରିୟାନୁଭୂତି ଭିତରେ ହୁଏତ ସେଗୁଡ଼ିକ ଧରା ଦିଅନ୍ତି ନାହିଁ, କିନ୍ତୁ ଆମର ଚେତନା ସେହିପରି ଉନ୍ନତ ହେଲେ, ଦିବ୍ୟସ୍ପନ୍ଦନସବୁ ପ୍ରତି ସେହିପରି ସମ୍ବେଦନଶୀଳ ହେଲେ, ଆମେ ନିଃସନ୍ଦେହ ରୂପେ ସେଗୁଡ଼ିକୁ ପ୍ରତ୍ୟକ୍ଷ କରି ପାରିବୁ। ତା' ନହେଲେ ଶହ ଶହ ଯୁଗ ତଳେ ଦେହତ୍ୟାଗ କରିଥିବା ଅବତାର, ମହାପୁରୁଷ ଓ ସିଦ୍ଧଯୋଗୀମାନଙ୍କୁ ଆଜି ଯେ ସେଇ ଧରଣର ଉଚ୍ଚକୋଟୀର ସାଧକ ଭକ୍ତମାନେ ପ୍ରତ୍ୟକ୍ଷ ଦର୍ଶନ କରନ୍ତି, ସେମାନଙ୍କ ବାଣୀ ଶ୍ରବଣ କରନ୍ତି, ସେମାନଙ୍କ ସ୍ପର୍ଶ ଓ ସାନ୍ନିଧ ପାଇ ପାରନ୍ତି, ଏହା ସମ୍ଭବ ହୁଅନ୍ତା କିପରି ?

ଶ୍ରୀମା ତାଙ୍କର ବହୁ ବାଣୀ ଓ ବାର୍ତ୍ତାରେ ଆମକୁ ବରାବର ସ୍ମରଣ କରାଇ ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ଆମ ସଙ୍ଗେ ନିତ୍ୟ ନିରନ୍ତର ରହିଛନ୍ତି ଏବଂ ପୃଥିବୀ-ଚେତନାର ଯେଉଁ ଦିବ୍ୟ ରୂପାନ୍ତର-ସାଧନ କରିବା ପାଇଁ ସେ ଆସିଥିଲେ ସେହି କାମଟିକୁ ତାଙ୍କର ଦେହତ୍ୟାଗ ପରେ ସେ ବର୍ତ୍ତମାନ ଆହୁରି ଅଧିକ ସମର୍ଥ ଓ ସଫଳ ଭାବରେ ସମ୍ପନ୍ନ କରିଚାଲିଛନ୍ତି। ୧୯୬୯ ଡିସେମ୍ବର ୨୧ ତାରିଖରେ ଏକ ବାର୍ତ୍ତାରେ ମା' ଅତି ସ୍ପଷ୍ଟଭାବରେ ଜଣାଇ ଦେଇଥିଲେ ଯେ, ''ଶ୍ରୀଅରବିନ୍ଦ ସୂକ୍ଷ୍ମ ଦୈହିକ ଚେତନାରେ ନିରନ୍ତର ରହିଛନ୍ତି ଓ ଅତି ସକ୍ରିୟ ଭାବରେ ସେଠାରେ କ୍ରିୟା କରୁଛନ୍ତି। ମୁଁ ପ୍ରାୟ ପ୍ରତିଦିନ ତାଙ୍କୁ ସାକ୍ଷାତ୍ କରେ ଓ ଗତ ରାତ୍ରିରେ ମୁଁ ତାଙ୍କ ସଙ୍ଗରେ ଅନେକ ଘଣ୍ଟା କଟାଇଛି।

''ତୁମେ ଯଦି କେହି ସୂକ୍ଷ୍ମ ଦୈହିକ ଚେତନାରେ ସଚେତ ହୁଅ ତେବେ ତୁମେ ନିଶ୍ଚୟ ତାଙ୍କୁ ସାକ୍ଷାତ୍ କରି ପାରିବ, ଏହାକୁହିଁ ସେ ଯଥାର୍ଥ ଦୈହିକ ଚେତନା ବୋଲି କହୁଥିଲେ। ଚୈତ୍ୟ ଚେତନାଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ।''

ମା' ଏହି ସୂକ୍ଷ୍ମ ଦୈହିକ ଚେତନାକୁ ଚୈତ୍ୟ-ଚେତନାଠାରୁ ଭିନ୍ନ ବୋଲି ନିର୍ଦ୍ଦିଷ୍ଟ ରୂପେ କହିବାର ତାତ୍ପର୍ଯ୍ୟ ହେଉଛି ଚୈତ୍ୟ-ଚେତନା ବା ଆଧାତ୍ମିକ ଚେତନାର ଅନ୍ୟାନ୍ୟ ଉଚ୍ଚତର ଦିବ୍ୟସ୍ତରରେ ତ ସ୍ୱାଭାବିକ ରୂପେ ଦିବ୍ୟ-ଭଗବତ୍ ଚେତନାକୁ ଧାରଣ କରି ଶ୍ରୀଅରବିନ୍ଦ ଶାଶ୍ୱତ ଭାବରେ ରହିଛନ୍ତି। ଗଭୀରତର ବା ଊର୍ଦ୍ଧ୍ୱତର ସେହିସବୁ ଦିବ୍ୟ-ଚେତନାରେ ପହଞ୍ଚି ପାରିଲେ ସାଧକ ତ ସ୍ୱାଭାବିକ ଭାବରେ ନିଜର ଭଗବତ୍ ଉପଲବ୍ଧିର ସତ୍ୟ ରୂପେ ତାଙ୍କୁ ପ୍ରତ୍ୟକ୍ଷ କରିବ। କିନ୍ତୁ ଚେତନାରେ ସେହିସବୁ ଦିବ୍ୟସ୍ତରରେ ଶାଶ୍ୱତଭାବରେ ରହିଥିଲେ ମଧ୍ୟ ଅବତାର ଭାବରେ ପୃଥିବୀ ଚେତନା ପାଇଁ ଯେଉଁ ଦିବ୍ୟ-ରୂପାନ୍ତରର କାର୍ଯ୍ୟଟି ସମ୍ପନ୍ନ କରିବାକୁ ଶ୍ରୀଅରବିନ୍ଦ ଜନ୍ମ ଗ୍ରହଣ କରିଥିଲେ, ସେହି କାମଟିକୁ ସେ ସୂକ୍ଷ୍ମ ଦୈହିକ ସ୍ତରରେ ରହି ସମ୍ପନ୍ନ କରି ଚାଲିଛନ୍ତି। ଶ୍ରୀଅରବିନ୍ଦଙ୍କର ଏହି ଧରଣର କ୍ରିୟା ସମ୍ପର୍କରେ ମା'ଙ୍କର ଏକ ଅନୁଭୂତି ଆମେ ଏଠାରେ ଉଲ୍ଲେଖ କରୁଛୁ ଯାହା ଏବିଷୟରେ ଆମର ଧାରଣାକୁ ପରିଷ୍କାର କରିବାରେ ଅନେକ ସାହାଯ୍ୟ କରିବ।

ମା'ଙ୍କର ଅନୁଭୂତିଟି ଘଟିଥିଲା ୧୯୬୨ ଅଗଷ୍ଟ ୧୫ ତାରିଖ ଦର୍ଶନ ଦିବସରେ। ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ୯୦ତମ ଜନ୍ମତିଥି। ମା' ଅଗଷ୍ଟ ୧୮ ତାରିଖ ଦିନ ତାଙ୍କର ଜଣେ ଶିଷ୍ୟଙ୍କୁ ଏହି ଅନୁଭୂତିଟିର ଏକ ପ୍ରାଞ୍ଜଳ ବର୍ଣ୍ଣନା ଦେଇଥିଲେ।

ସବୁଥର ପରି ସେହି ଦର୍ଶନ ଦିବସରେ ସକାଳ ୧୦ଟାରେ ଆଶ୍ରମ ମହାସମାଧିକୁ ବେଷ୍ଟନ କରି ମିଳିତ ଧ୍ୟାନ ହୋଇଥିଲା। ଦଶଟା ବାଜିବାକୁ ୧୫ ମିନିଟ୍ ବାକି। ମା' ସମ୍ପୂର୍ଣ୍ଣ ନିରବତାରେ ବୁଡ଼ିଯାଇ ନିଜ ଟେବୁଲ ନିକଟରେ ବସିଲେ। ତା'ପରେ ସେ ଦେଖିଲେ ଶ୍ରୀଅରବିନ୍ଦଙ୍କର ଆବିର୍ଭାବ ହେଲା। ମା' ଏ ସମ୍ପର୍କରେ କହିଛନ୍ତି ଏହାକୁ ସେ ଶ୍ରୀଅରବିନ୍ଦ ଆସିଲେ ବୋଲି କହିବେ ନାହିଁ, କାରଣ ଶ୍ରୀଅରବିନ୍ଦ ଏଠାରେ ସବୁସମୟରେ ରହିଛନ୍ତି, ଏହାଥିଲା ଶ୍ରୀଅରବିନ୍ଦଙ୍କର ଏକ ବିଶେଷ ଧରଣର ଆବିର୍ଭାବ। ସୂକ୍ଷ୍ମ ଦୈହିକ ସ୍ତରରେ, ଅତି ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ତାଙ୍କର ଆବିର୍ଭାବ ଘଟିଲା। ସେ ଖୁବ୍ ଉଚ୍ଚାକୃତି ନେଇ ମୁକ୍ତ ପଦ୍ମାସନ ଭଙ୍ଗୀରେ ସମଗ୍ର ଆଶ୍ରମ ହତାକୁ ଆଚ୍ଛନ୍ନ ଓ ପୂର୍ଣ୍ଣ କରି ବରଂ ଆଉ ଟିକେ ଅଧିକ ସ୍ଥାନ ଅଧିକାର କରି ବସିଥିଲେ। ଆକ୍ଷରିକ ଭାବରେ ସମଗ୍ର ଆଶ୍ରମ

ହତାଟିକୁ ଅଧିକାର କରି ସେ ବସିଥିଲେ ଏବଂ ଧ୍ୟାନ କରୁଥିବା ସମସ୍ତ ଲୋକେ ଯେପରି ତାଙ୍କରି ଭିତରେ ରହିଥିଲେ ।

ମା' କହିଛନ୍ତି ନିଜ ପ୍ରକୋଷ୍ଠରେ ରହି ସୂକ୍ଷ୍ମ ଦୈହିକ ସ୍ତରରେ ଶ୍ରୀଅରବିନ୍ଦଙ୍କର ସେହି ଉପସ୍ଥିତିର ଘର୍ଷଣକୁ ମଧ୍ୟ ମା' ସ୍ପଷ୍ଟରୂପେ ଅନୁଭବ କରୁଥିଲେ । ଏହା ଲାଗୁଥିଲା ଯେପରିକି ପୂରାପୂରି ଏକ ଦୈହିକ ଉପସ୍ଥିତିର ଘର୍ଷଣ । ମା' କହିଛନ୍ତି ସେ ଦେଖିଲେ ଶ୍ରୀଅରବିନ୍ଦ ବସିଥିଲେ ସମଗ୍ର ଆଶ୍ରମ ହତାକୁ ଆଚ୍ଛନ୍ନ କରି ଓ ତା'ପରେ କ୍ରମଶଃ ଧୀରେ ଧୀରେ ମୃଦୁ ଓ ଧୀର ଭାବରେ ତଳକୁ ଅବତରଣ କଲେ, ଏହି ଅବତରଣହିଁ ସୂକ୍ଷ୍ମ ଦୈହିକ ସ୍ତରରେ ଘର୍ଷଣ ପରି ଥିଲା । ତାଙ୍କର ସେହି ଉପସ୍ଥିତି ନେଇ ସେ ଆଶ୍ରମ ହତା ଭିତରକୁ ଓହ୍ଲାଇ ଆସିଲେ । ଅତ୍ୟନ୍ତ ମୃଦୁ ଓ ଧୀର ଭାବରେ ଯେପରିକି ଲୋକମାନଙ୍କୁ କୌଣସି ଧକ୍କା ପରି କିଛି ନଲାଗିବ । ତା'ପରେ ସେ ସେଠାରେ ସ୍ଥିର ହୋଇ ଧ୍ୟାନର ସମୟ ପ୍ରାୟ ଅଧଘଣ୍ଟାରୁ କିଛି ଅଧିକ ସମୟ ପର୍ଯ୍ୟନ୍ତ ରହିଲେ, ସମ୍ପୂର୍ଣ୍ଣ ସ୍ଥିର ଓ ନୀରବ ନିଶ୍ଚଳ ହୋଇ । କିନ୍ତୁ ଧ୍ୟାନ କରୁଥିବା ଲୋକମାନଙ୍କ ଉପରେ ସେ ପୂର୍ଣ୍ଣଭାବରେ ଏକାଗ୍ର ରହିଥିଲେ ଓ ସେହି ଲୋକମାନେ ତାଙ୍କରି ଭିତରେ ରହିଥିଲେ ।

ମା' କହିଛନ୍ତି ସେ ନିଜ ପ୍ରକୋଷ୍ଠରେ ବସି ସ୍ମିତହାସ୍ୟ ନେଇ, ପ୍ରାୟ ହର୍ଷୋତ୍‌ଫୁଲ୍ଲ ଭାବରେ ଏହି ଆବିର୍ଭାବକୁ ପ୍ରତ୍ୟକ୍ଷ କରୁଥିଲେ । ମା' ନିଜ ଶରୀରର ବିଭିନ୍ନ ଅଂଶକୁ ସ୍ପର୍ଶ କରି କହିଲେ ସେତେବେଳେ ସର୍ବତ୍ର ଶ୍ରୀଅରବିନ୍ଦଙ୍କୁ ସେ ସେହିପରି ଭାବରେ ଅନୁଭବ କରୁଥିଲେ । ସର୍ବତ୍ର ବିରାଜ କରୁଥିଲା ଏକ ଅନବଦ୍ୟ ଅପୂର୍ବ ଶାନ୍ତି ଏକ ଅପୂର୍ବ ଶକ୍ତି, ଏକ ଅଭୂତପୂର୍ବ ସାମର୍ଥ୍ୟ ଏବଂ ତା' ସଙ୍ଗେ ମିଶି ରହିଥିଲା ଚିରନ୍ତନତାର, ମହାନ୍ ବିପୁଳତା ଓ ଅଖଣ୍ଡ ପୂର୍ଣ୍ଣତାର ଏକ ଦିବ୍ୟଭାବ । ମନେ ହେଉଥିଲା ଯେପରିକି ସବୁକିଛି ଏକ ଅପରୂପ ଅଖଣ୍ଡ ପୂର୍ଣ୍ଣତାରେ ଭରି ଯାଇଛି, ସବୁ କିଛି ଯେପରି ସାର୍ଥକ ହୋଇ ଉଠିଛି ଓ ଆମେ ଏକ ଶାଶ୍ୱତ ଚିରନ୍ତନ ଭିତରେ ବାସ କରୁଛୁ ।

ମା' କହିଥିଲେ ସେଦିନ ସେ ଅନୁଭୂତିଟି ଏତେ ନିବିଡ଼ ଥିଲା ଯେ ଜଣକର ଚେତନା ଅତି କଠିନ ଓ ଅଭେଦ୍ୟ ହେଲେ ସେ ଏପରି ଅନୁଭୂତିରୁ ବଞ୍ଚିତ ହେବ । ମା' ପୁଣି ହସି ହସି କହିଲେ ଅବଶ୍ୟ ସେଦିନ ସେପରି କଠିନ ଓ ଅଭେଦ୍ୟ ଚେତନା ଥିବା ଅନେକ ଲୋକ ଯେ ସେଠାରେ ନଥିଲେ ତା' ସେ କହୁ ନାହାନ୍ତି ।

ସେଦିନ ଧ୍ୟାନର ସେହି ଅପୂର୍ବ ଅନୁଭୂତି ପରେ ଶ୍ରୀଅରବିନ୍ଦଙ୍କର ସେହି ଉପସ୍ଥିତି ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲା ନାହିଁ । ଯେପରିକି ଖୁବ୍ ଧୀରେ ଧୀରେ ସେ ଚାଲିଗଲେ, ଯେପରିକି କୌଣସି ଜିନିଷ ବାଷ୍ପୀଭୂତ ହୋଇ ଧୀରେ ଧୀରେ ଉଭେଇଯାଏ । ତା'ପରେ ସବୁକିଛି ପୁଣି ସାଧାରଣ ଓ ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲା, ସମସ୍ତେ ଏଠି ସେଠି ବିଭିନ୍ନ କାମ ବା ନାନା ଏକାଗ୍ରତାରେ ଜଡ଼ିତ ହୋଇଗଲେ ।

ମା' କହିଚାଲିଲେ, ସେ ଭାବନ୍ତି ସେଦିନ କେତେକ ଲୋକ ନିଶ୍ଚୟ ଏହା ଅନୁଭବ କରିଥିବେ । ହୋଇପାରେ, ଯେହେତୁ ସେମାନଙ୍କର ଏକ ସାମଗ୍ରିକ ଦୃଷ୍ଟି ନାହିଁ, ସେମାନେ ହୁଏତ ଅନୁଭବ କରିଥିବେ ଯେ ଶ୍ରୀଅରବିନ୍ଦ ସେମାନଙ୍କ ଚେତନା ଭିତରକୁ ଅବତରଣ କରୁଛନ୍ତି । କାରଣ ଅପରାହ୍ଣରେ ଯେତେବେଳେ ସବୁକିଛି ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା (ଅବଶ୍ୟ ଶ୍ରୀଅରବିନ୍ଦ ଏଠାରେ ସବୁବେଳେ ଅଛନ୍ତି କିନ୍ତୁ ସେହିଭାବରେ ନୁହେଁ, ସେ ସବୁବେଳେ ଏଠାରେ ରହିଛନ୍ତି ।) ସେତେବେଳେ ମନେହେଲା ଯେପରିକି ବାତାବରଣରେ କିଛିଟା ଅବସାଦ ବା ଦୁଃଖର ସ୍ପନ୍ଦନ ଖେଳି ଯାଇଥିଲା, ଯେପରିକି ଏହା କହୁଥିଲା, ''ଆହା ଏହି ଅପୂର୍ବ ଅନୁଭୂତିଟି ବର୍ତ୍ତମାନ ଶେଷ ହୋଇଗଲା, ଅଗଷ୍ଟ ୧୫ ଚାଲିଗଲା, ଏତେ ସୁନ୍ଦର ଦିନଟି, ସୁନ୍ଦର ଅନୁଭୂତିଟି ଚାଲିଗଲା ।'' ମା' କହିଲେ ଅବଶ୍ୟ ସେ ଏହାର ବର୍ଣ୍ଣନା ଏହିପରି ଭାବରେ ଦେଉଛନ୍ତି, କିନ୍ତୁ ସେହି ବିପୁଳ ଅନୁଭୂତିଟି ଅତି ବାସ୍ତବ, ଅତି ସୁନିର୍ଦ୍ଦିଷ୍ଟ ଥିଲା, ଏହା ଭିତରେ ଥିଲା ଏକ ଅଖଣ୍ଡ ପୂର୍ଣ୍ଣତାର ଭାବ ।

ମା' ତା'ପରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ସମ୍ପର୍କରେ କହିଲେ, ସେ ଶ୍ରୀଅରବିନ୍ଦଙ୍କୁ ତାଙ୍କର ଅତିମାନସ ଆଲୋକରେ ବରାବର ଦେଖନ୍ତି, ସେ ଅନେକ ଥର ଆସନ୍ତି, ଯେତେବେଳେ ମା' ବାଲକୋନି ଦର୍ଶନ ଦିଅନ୍ତି ବା ଅନେକ ସମୟରେ ସମାଧି ଉପରେ ତାଙ୍କର ଉପସ୍ଥିତି ରହିଥାଏ । ବହୁବାର ତାଙ୍କର ଆବିର୍ଭାବ ଘଟେ । କିନ୍ତୁ ସେଦିନର ଆବିର୍ଭାବଟି ଥିଲା ଅଭୂତପୂର୍ବ । ପ୍ରଥମତଃ ସେହି ଆକୃତି ଥିଲା ବିପୁଳ, ବସିବାର ଭଙ୍ଗୀ ନେଇ ସମଗ୍ର ଆଶ୍ରମର ହତାକୁ ଅତିକ୍ରମ କରି, ଆହୁରି ଅଧିକ ସ୍ଥାନ ଅଧିକାର କରିଥିଲେ, ଏବଂ ଏପରି ଭାବରେ ନିଜର ସେହି ଆବିର୍ଭାବ ଘଟାଇଥିଲେ ଯେପରିକି ତାହା ସ୍ଥୂଳ ଦୈହିକ ଭାବରେ ବି ଅନୁଭବ କରିହେବ ଏବଂ ସର୍ବତ୍ର ଏପରି ଏକ ଆନନ୍ଦ, ଏପରି ଏକ ଆସ୍ଥା, ଭରସା ଓ ନିଶ୍ଚୟତା ବିରାଜମାନ କରୁଥିଲା ଯାହା ଅନିର୍ବଚନୀୟ, ସବୁକିଛିରେ ଥିଲା ଏକ ସମ୍ପୂର୍ଣ୍ଣ ନିଶ୍ଚୟତାର ଭାବ, ଏପରି ନିର୍ଶ୍ଚିତତା ଯେ

ଯେପରିକି ସବୁକିଛି ସମ୍ପନ୍ନ ହୋଇସାରିଛି । କାମଟିଏ ସମ୍ପନ୍ନ କରିବାକୁ ଯେଉଁ ଉତ୍ତେଜନା, ଯେଉଁ ବେଦନାର ଭାବ ଥାଏ ତାହା ଆଦୌ ନଥିଲା ।

ଏହି ଅନୁଭୂତିଟି ରହିଥିଲା ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ । ତା'ପରେ ସବୁକିଛି ପୁଣି ସାଧାରଣ ସ୍ୱାଭାବିକତାକୁ ଫେରି ଆସିଲା । ଏହାଥିଲା ଏପର୍ଯ୍ୟନ୍ତ ବିତିଯାଇଥିବା ସମସ୍ତ ଅଗଷ୍ଟ ୧୫ ଦିବସଗୁଡ଼ିକ ଭିତରେ ସବୁଠୁ ସୁନ୍ଦର ଓ ସ୍ମରଣୀୟ ।

ଶ୍ରୀଅରବିନ୍ଦଙ୍କର ସେଦିନର ସେହି ଦିବ୍ୟ-ଉପସ୍ଥିତି ଓ ଆବିର୍ଭାବ ସମ୍ପର୍କରେ ମା' ପୁଣି କହିଚାଲିଲେ ଯେ ସେଦିନ ଏହା ଠିକ୍ ଏହିପରି ଭାବେ ହେବ ବୋଲି ଶ୍ରୀଅରବିନ୍ଦ ମା'ଙ୍କୁ ଆଗରୁ କୌଣସି ସୂଚନା ଦେଇ ନଥିଲେ । ମା'ଙ୍କୁ ଯେତେବେଳେ କୁହାଗଲା ଯେ ଲୋକମାନେ ଅଧଘଣ୍ଟାର ସେହି ଧ୍ୟାନ ପାଇଁ ସମବେତ ହେବେ, ମା'ଙ୍କ ଭିତରେ କିଛି ଏହାକୁ ଖୁବ୍ ଗୁରୁତ୍ୱର ସହ ଗ୍ରହଣ କଲା ଏବଂ ସେ ଧ୍ୟାନ ପାଇଁ ସମସ୍ତ ପ୍ରସ୍ତୁତି ଓ ଆୟୋଜନ କରି ୯ଟା ୪୫ ମିନିଟରେ ନିଜ ଟେବୁଲ ପାଖରେ ବସିଲେ ଏବଂ ତା'ପରେ ଆରମ୍ଭ ହେଲା ଏହି ଅନୁଭୂତିଟି । ପୂର୍ଣ୍ଣସ୍ୱରୂପ ନେଇ ଏହା ପ୍ରକଟିତ ହେବା ପାଇଁ ପ୍ରାୟ ୫ ମିନିଟ୍ ସମୟ ଲାଗିଲା ଏବଂ ମା' ବୁଝି ପାରିଲେ କ'ଣ ଘଟିବାକୁ ଯାଉଛି ।

ମା' କହିଛନ୍ତି ସେଦିନ ଶ୍ରୀଅରବିନ୍ଦ ଆମକୁ ଏକ ଅପରୂପ ସୁନ୍ଦର ଅବଦାନ ଦେଇଗଲେ । ଶ୍ରୀଅରବିନ୍ଦଙ୍କର ସମସ୍ତ ମାଧୁର୍ଯ୍ୟ, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ଶକ୍ତି, ସମସ୍ତ ଶାନ୍ତି ସେଦିନ ସେଠାରେ ଭରି ରହିଥିଲା, ଏପରିକି ସେ ଯେତେବେଳେ ଦେହଧରି ରହିଥିଲେ ତା' ଅପେକ୍ଷା ଆହୁରି ଶକ୍ତିଶାଳୀ ଓ ସ୍ପଷ୍ଟତର ହୋଇ ଏହା ରହିଥିଲା ।

ମା' କହିଲେ ତାଙ୍କର ବରାବର ଏହିପରି ଅନୁଭୂତି ହୋଇଥାଏ, ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ, ବା ତାଙ୍କୁ ଯେତେବେଳେ ମା' ଭେଟନ୍ତି, ମା'ଙ୍କୁ ବରାବର ଠିକ୍ ଏହିପରି ଲାଗେ । ଏପରିକି, ମା'ଯେତେବେଳେ କୌଣସି କାର୍ଯ୍ୟରେ ବ୍ୟସ୍ତ ରହିଥାଆନ୍ତି, ଶ୍ରୀଅରବିନ୍ଦ ବରାବର ତାଙ୍କ ପଛରେ ରହି ଥିବାର ସେ ଅନୁଭବ କରନ୍ତି, ତାଙ୍କୁ ଲାଗେ ସମସ୍ତ କାମଟି ଶ୍ରୀଅରବିନ୍ଦହିଁ କରୁଛନ୍ତି । କିନ୍ତୁ ସେଦିନର ଅନୁଭୂତିଟି ଅନେକ ଅଧିକ ଶକ୍ତିଶାଳୀ ଥିଲା । ମନେ ହେଉଥିଲା ଯେପରି ସେହି ଅନୁଭୂତି ଦ୍ୱାରା ତୁମେ ଗ୍ରସ୍ତ ହୋଇଯାଇଛ ଓ ତହିଁରୁ ବାହାରି ଆସିବାର ଆଉ କୌଣସି ବାଟ ନାହିଁ । ଅନୁଭୂତିଟି ଥିଲା ସେହିଭଳି ଅଖଣ୍ଡ ଓ ପୂର୍ଣ୍ଣ ।

ମା' ତା'ପରେ କହିଲେ ଏବିଷୟରେ ସେ ଆଉ କାହାକୁ ପଦଟିଏ ବି କିଛି କହିନାହାନ୍ତି । ପ୍ରଥମ ଥର ପାଇଁ ଉକ୍ତ ଶିଷ୍ୟକୁ ସେ ଏହା କହିଲେ । କେବଳ ଆଉ ଜଣେ ଶିଷ୍ୟଙ୍କୁ ପଚାରି ଥିଲେ ସେଦିନ ଧ୍ୟାନ ଖୁବ୍ ଭଲ ହୋଇଥିବ ନିଶ୍ଚୟ ଏବଂ ଶିଷ୍ୟଜଣକ କହିଥିଲେ 'ହଁ' ବୋଲି ।

ଆଧ୍ୟାତ୍ମିକ ଜଗତର ଦିବ୍ୟରହସ୍ୟ ଓ ଶ୍ରୀଅରବିନ୍ଦଙ୍କ ଦିବ୍ୟଲୀଳାର ଏହି ଯେଉଁ ବର୍ଣ୍ଣନା ଜନୈକ ଶିଷ୍ୟଙ୍କ ଆଗରେ ମା' ପ୍ରଘଟ କଲେ ତାହା ପଢ଼ି ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଦେଇଥିବା ମା'ଙ୍କର ସେହି ବାର୍ତ୍ତା ବିଷୟଟି ମନକୁ ଆସୁଛି :

''When Sri Aurobindo left his body he said that he would not abandon us. And, in truth, during these twenty-one years, he has always been with us, guiding and helping all those who are receptive and open to his influence.

In this year of his centenary, his help will be stronger still. It is up to us to be more open and to know how to take advantage of it. The future is for those who have the soul of a hero. The stronger and more sincere our faith, the more powerful and effective will be the help received.''

(CWM, Vol. 13, p. 17) *2 January 1972*

''ଯେତେବେଳେ ଶ୍ରୀଅରବିନ୍ଦ ଦେହତ୍ୟାଗ କଲେ ସେ କହିଥିଲେ ଯେ ସେ ଆମକୁ ଛାଡ଼ି ଚାଲିଯିବେ ନାହିଁ । ଏବଂ ବାସ୍ତବରେ ଏହି ଏକୋଇଶ ବର୍ଷ ଧରି ସେ ନିରନ୍ତର ଆମ ସଙ୍ଗରେ ରହିଛନ୍ତି ଓ ଯେଉଁମାନେ ତାଙ୍କର ପ୍ରଭାବ ପ୍ରତି ନିଜକୁ ଖୋଲି ଧରିଛନ୍ତି ଓ ଗ୍ରହଣଶୀଳ ହୋଇ ରହିଛନ୍ତି ସେମାନଙ୍କୁ ପରିଚାଳିତ ଓ ସାହାଯ୍ୟ କରି ଚାଲିଛନ୍ତି ।

ତାଙ୍କ ଜନ୍ମଶତବାର୍ଷିକୀର ଏହି ବର୍ଷରେ ତାଙ୍କର ସାହାଯ୍ୟ ଆହୁରି ଶକ୍ତିଶାଳୀ ହେବ । ଆମ ଉପରେ ନିର୍ଭର କରେ ଆମେ ନିଜକୁ କିପରି ଅଧିକ ଖୋଲି ଧରିବୁ ଓ ଏହାର ସୁଯୋଗ ଗ୍ରହଣ କରିପାରିବୁ । ଭବିଷ୍ୟତ୍ ସେହିମାନଙ୍କ ପାଇଁ ଯେଉଁମାନଙ୍କର ଏକ ବୀରର ଆତ୍ମା ରହିଛି । ଆମର ବିଶ୍ୱାସ ଯେତେ ଅଧିକ ଦୃଢ଼ ଓ ଆନ୍ତରିକ ହେବ, ଆମେ ପାଉଥିବା ସେହି ସାହାଯ୍ୟ ସେତିକି ଅଧିକ ଶକ୍ତିଶାଳୀ ଓ ଫଳପ୍ରଦ ହେବ ।'' ❖

# ସଂପାଦକୀୟ ....

ଭାରତ ବୋଲି ଆମେ କୌଣସି ନୂଆ ଦେଶ ବା ନୂଆ ଜାତି ଗଠନ କରିବାକୁ ଯାଉ ନାହୁଁ । ଆମେରିକା ଭଳି ଆମ ଜାତୀୟ ଜୀବନର ଇତିହାସ ମାତ୍ର ଅଳ୍ପ କେଇ ଶହ ବର୍ଷର ଇତିହାସ ନୁହେଁ । ସହସ୍ର ସହସ୍ର ବର୍ଷର ବିପୁଳ ଐତିହ୍ୟ ଓ ଗୌରବମୟ ପରମ୍ପରା ଉପରେ ଆମ ଜାତୀୟ ଜୀବନ, ଆମର ସଭ୍ୟତା ଓ ସଂସ୍କୃତି ଗଢ଼ି ଉଠିଛି । ଆମର ଜାତୀୟ ଚେତନା ଓ ଜାତୀୟ ଜୀବନର ମହାସ୍ରୋତରେ କେତେ କେତେ ବିଭିନ୍ନ ଧର୍ମ, ବିଭିନ୍ନ ସଭ୍ୟତା, ବିଭିନ୍ନ ଭାଷା, ଜାତି ଓ ସଂସ୍କୃତିର କେତେ ବିଭିନ୍ନ ଧାରାସବୁ ଆସି ଏକାଠି ମିଳିତ ହୋଇ ଏକ ମହାଭାରତୀୟ ଭାବକୁ ରୂପ ଦେଇଛନ୍ତି, ଏକ ମହାଜାତିର ଜୀବନକୁ ଗଠନ କରିଛନ୍ତି । ସେଇ ବିପୁଳ ବୈଚିତ୍ର୍ୟ ଭିତରେ ସେଇ ମିଳନର ଅପୂର୍ବ ସୂତ୍ରଟିକୁ ଧରି ପାରିଲେହିଁ ଆମେ ଆମର ଜାତୀୟ ସଂହତିର ସତ୍ୟଟିକୁ ଧରି ପାରିବା । କବିଙ୍କ ଭାଷାରେ :

''ନାନା ଭାଷା, ନାନା ବେଶ, ନାନା ପରିଧାନ,
ବିବିଧେର ମାଝେ ଦେଖ ମିଳନ ମହାନ ।''

ସେହି ମିଳନ ମହାନ୍ ବା ଜାତୀୟ ସଂହତିର ସତ୍ୟକୁ ଭୌଗୋଳିକ ମାନଚିତ୍ରର ରେଖା ଦ୍ୱାରା ବା ଆଲୋଚନା ଟେବୁଲର ବୈଠକରେ ବ୍ୟବହୃତ ରାଜନୀତିର ଛଳ-ଚାତୁରୀ ଭାଷା ଦ୍ୱାରା ବା ସାମରିକ ଶକ୍ତିର ଭୟ ପ୍ରଦର୍ଶନ ଦ୍ୱାରା ଧରି ପାରିବା ସମ୍ଭବପର ନୁହେଁ । କୌଣସି ଚାପ ପ୍ରୟୋଗ ଦ୍ୱାରା ଦେଶବାସୀଙ୍କ ଚେତନାକୁ ଜାତୀୟ ସଂହତିର ସତ୍ୟରେ ଉଦ୍‌ବୁଦ୍ଧ କରାଯାଇ ପାରିବ ନାହିଁ । ଆମ ଦେଶବାସୀଙ୍କ ଭିତରେ, ସେମାନଙ୍କ ମନ ଓ ହୃଦୟରେ ପରସ୍ପର ପ୍ରତି ଆତ୍ମୀୟତାର ଯେଉଁ ନିବିଡ଼ ଓ ଅଚ୍ଛେଦ୍ୟ ବନ୍ଧନ ରହିଛି, ତାହାକୁହିଁ ସୁଦୃଢ଼ କରିବା ହେଉଛି ଏକମାତ୍ର ପଥ ।

ଆଜି ଗୋଟିଏ ଭାଷାଭାଷୀ ବା ଗୋଟିଏ ପ୍ରଦେଶର ଲୋକ ଭିନ୍ନ ଭାଷାଭାଷୀ ଏକ ଅଞ୍ଚଳକୁ ଯିବାବେଳେ ହୁଏତ ତା' ମନରେ ଆପଣାଛାଏଁ ନାନା ଶଙ୍କା ଓ ଉଦ୍‌ବେଗ ଆସି ଯାଉଛି । କିନ୍ତୁ ଆମ ଇତିହାସ କୁହେ ଯେ ଆଜିକୁ ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ମଗଧର ପାଟଳୀପୁତ୍ରଠାରୁ (ଆଜିର ବିହାରର ପାଟ୍‌ନାଠାରୁ) ସମ୍ରାଟ ଚନ୍ଦ୍ରଗୁପ୍ତ ପାଦରେ ଚାଲି ଚାଲି ମହୀଶୂରର ବିଖ୍ୟାତ ଶ୍ରାବଣବେନ୍ ଗୋଲା ପରିଦର୍ଶନ କରିବାକୁ ଯାଇଥିଲେ । ତାଙ୍କୁ ତ ପଥରେ ବାଧା ଦେବାକୁ କେହି ଆସି ନଥିଲେ ! ଭିନ୍ନ ଭାଷାଭାଷୀ ପୃଥକ୍ ଅଞ୍ଚଳର ଲୋକମାନଙ୍କ ହାତରେ ତାଙ୍କ ନିରାପତ୍ତା ବିପନ୍ନ ବୋଲି ତ ସେ ଅନୁଭବ କରି ନଥିଲେ । କିଂବା ଯେତେବେଳେ ଶଙ୍କରାଚାର୍ଯ୍ୟ ଦାକ୍ଷିଣାତ୍ୟର କେରଳରୁ ବାହାରି ପଦବ୍ରଜରେ ସାରା ଭାରତ ପରିଭ୍ରମଣ କରିଥିଲେ ଆଧ୍ୟାତ୍ମିକ ଦିଗ୍‌ବିଜୟ କରି, ଭାରତର ପୂର୍ବାଞ୍ଚଳ ବା ଉତ୍ତରାଞ୍ଚଳ ବା ପଶ୍ଚିମାଞ୍ଚଳରୁ ତାଙ୍କ ଯାତ୍ରା ପାଇଁ କୌଣସି ବାଧା ତ ସୃଷ୍ଟି ହୋଇ ନଥିଲା । ସାରା ଭାରତ ତାଙ୍କୁ ଆପଣାର ବୋଲି ଗ୍ରହଣ କରିଥିଲା ଓ ତାଙ୍କ ଚେତନାରେ ଯେପରି ଏକ ଓ ଅଖଣ୍ଡ ଭାରତର ମାନଚିତ୍ର ପରିସ୍ଫୁଟ କରି ସେ ସ୍ଥାପନା କରିଗଲେ ଉତ୍ତରର ହିମାଳୟରେ ଯୋଶୀମଠ, ପୂର୍ବର ବଙ୍ଗୋପସାଗର କୂଳରେ ଜ୍ୟୋତିଃ ମଠ, ଦକ୍ଷିଣରେ ଶୃଙ୍ଗେରୀ ମଠ ଓ ଆରବ ସାଗର କୂଳରେ ଶାରଦା ମଠ ।

ଆମ ଦେଶର ଯୋଗୀ, ଋଷି, ମହାପୁରୁଷ, କବି, ପଣ୍ଡିତମାନଙ୍କୁ ତ କେହି ଅମୁକ ପ୍ରଦେଶର ବୋଲି ଚିହ୍ନିତ କରି ପ୍ରାଦେଶିକ ଅହଂଭାବର ବଡ଼ାଣି କରୁ ନଥିଲେ । ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ ବା ଗୌତମ ବୁଦ୍ଧଙ୍କ ପରି ସର୍ବଜନପୂଜିତ ଅବତାରମାନଙ୍କ କଥା ବା ସର୍ବଜନ ଆଦୃତ ବ୍ୟାସ, ବାଲ୍ମୀକିଙ୍କ ପରି କବିମାନଙ୍କ କଥା ବାଦ୍ ଦିଆଯାଉ । ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀଚୈତନ୍ୟ, କବୀର ବା ମୀରାବାଈ ପ୍ରମୁଖଙ୍କୁ ବା କାଳିଦାସ, ଭବଭୂତି, ତୁଳସୀଦାସ ପ୍ରମୁଖ କବିମାନଙ୍କୁ ବା ଏ ଯୁଗର ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କୁ ସାରା ଦେଶ, ସମସ୍ତ ଅଞ୍ଚଳର ଲୋକେ ତ ନିଜର ବୋଲି ଗ୍ରହଣ କରିଛନ୍ତି । ଏମାନେ କେଉଁ ପ୍ରଦେଶର ବା କେଉଁ ଅଞ୍ଚଳର ବୋଲି ପ୍ରଶ୍ନ ନ ଉଠାଇ ସମଗ୍ର ଭାରତବାସୀ ଏମାନଙ୍କୁ ନିଜ ହୃଦୟରେ ଗଭୀର ଶ୍ରଦ୍ଧା ଓ ଭକ୍ତିର ଆସନରେ ବସାଇଛନ୍ତି ।

ତେଣୁ ଏହି ଧରଣର ମନୋଭାବ ଭିତରୁହିଁ ଜାତୀୟ ସଂହତିର ସେହି ସତ୍ୟ ଖୋଜିବାକୁ ହେବ ଯାହାକି ସାହାଯ୍ୟ କରି ଆସିଛି ଗୋଟିଏ ଭାରତୀୟ ମହାଜାତି ଦ୍ୱାରା ଅଧ୍ୟୁଷିତ ଏକ ବିଶାଳ ଭୂଖଣ୍ଡରେ ଗୋଟିଏ ଭାରତବର୍ଷ ଭଳି ଦେଶ ଗଢ଼ି ଉଠିବା ପାଇଁ । ଆଜି ଅବଶ୍ୟ ଜାତୀୟ ସଂହତିର ସେହି ସତ୍ୟର ନିର୍ମଳ ଆକାଶ ଉପରେ ଆଞ୍ଚଳିକତା, ପ୍ରାଦେଶିକତା, ଜାତିଧର୍ମ ଓ ଭାଷାଗତ ସଂକୀର୍ଣ୍ଣତାର ଛୋଟବଡ଼ ନାନା କଳା ବଉଦ ଦେଖା ଦେଇଛି । ସ୍ୱାର୍ଥ ଓ କ୍ଷମତାର ଭାଗ ବଣ୍ଟୁଆରା ନେଇ, ନିଜ ନିଜର କ୍ଷମତାର ପରିସର ଓ ସୀମା ନିର୍ଣ୍ଣୟ ନେଇ କେନ୍ଦ୍ର ଓ ପ୍ରଦେଶ ଭିତରେ, ପ୍ରଦେଶ ପ୍ରଦେଶ ଭିତରେ, ବିଭିନ୍ନ

ଭାଷାଭାଷୀ ଜାତି ଉପଜାତିମାନଙ୍କ ଭିତରେ, ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ଭିତରେ ନାନା ଉତ୍ତେଜନା, ବିରୋଧ, ସଂଘର୍ଷ ଆଦି ମୁଣ୍ଡ ଟେକୁଛି । ସେସବୁଗୁଡ଼ିକର ବିଶଦ ଆଲୋଚନା କରିବା ପାଇଁ ସ୍ଥାନ ଓ ଅବକାଶ ଏଠି ନାହିଁ ।

କିନ୍ତୁ ଏହି ବିରୋଧଗୁଡ଼ିକ ଯେ କେତେ ଭ୍ରାନ୍ତିପୂର୍ଣ୍ଣ ଓ ଅଜ୍ଞତାପ୍ରସୂତ ତାହା ଏଥି ଭିତରୁ ଗୋଟିଏ ବିବାଦର ଆଲୋଚନାରୁ ସ୍ପଷ୍ଟ ହେବ । ତାହା ହେଲା କେନ୍ଦ୍ର ଓ ପ୍ରଦେଶ ଭିତରେ କ୍ଷମତାର ସୀମା ଓ ପରିସର ବଣ୍ଟନ ନେଇ ବିବାଦ । ଯେକୌଣସି ଲୋକର ସାଧାରଣ ଜ୍ଞାନ କହିବ ଯେ ଗୋଟିଏ ଦ୍ରୁମର ଗଣ୍ଡି ଓ ଶାଖାପ୍ରଶାଖା ପରି କେନ୍ଦ୍ର ଶକ୍ତିଶାଳୀ ହେବା ଓ ପ୍ରଦେଶଗୁଡ଼ିକ ଶକ୍ତିଶାଳୀ ହେବା କେବେହେଲେ ପରସ୍ପର ବିରୋଧୀ ଜିନିଷ ନୁହେଁ ।

କିନ୍ତୁ ପ୍ରକୃତରେ ପୁରାଣ ଯୁଗଠାରୁ ଆରମ୍ଭ କରି ସ୍ୱାଧୀନତା ଆନ୍ଦୋଳନର ଯୁଗ ଓ ଆମର ସ୍ୱାଧୀନ ରାଷ୍ଟ୍ର ଗଠନର ପରବର୍ତ୍ତୀ କେଇବର୍ଷ ପର୍ଯ୍ୟନ୍ତ ଏହି ପ୍ରଶ୍ନଟି ଏପରି ସମସ୍ୟା-ସଂକୁଳ ରୂପ ନେଇ ଦେଖା ଦେଇ ନଥିଲା । ସମସ୍ତେ ଅନୁଭବ କରୁଥିଲେ ଭାରତ ପରି ଏକ ବିଶାଳ ଦେଶ ଓ ମହାନ୍ ଜାତି ଗଠନ କରିବାକୁ ହେଲେ କେନ୍ଦ୍ରର ଶାସନ ଓ କର୍ତ୍ତୃତ୍ୱକୁ ସୁଦୃଢ଼ କରି ଗଢ଼ି ତୋଳିବା ଅପରିହାର୍ଯ୍ୟ । ଆଜି ନୁହେଁ ପୁରାଣ ଯୁଗରୁ ମଧ୍ୟ ଏହି ସତ୍ୟଟିକୁ ଉପଲବ୍ଧି କରାଯାଇଥିଲା । ସେଇଥିପାଇଁ ଅଶ୍ୱମେଧ ଯଜ୍ଞ ଓ ରାଜସୂୟ ଯଜ୍ଞ ଆଦି ଦ୍ୱାରା ଛୋଟ ବଡ଼ ବହୁ ସଂଖ୍ୟକ ରାଜ୍ୟର ରାଜାମାନଙ୍କ ବଶ୍ୟତା ସ୍ୱୀକାର କରାଇ ଜଣେ ଚକ୍ରବର୍ତ୍ତୀ ରାଜା ବା ସମ୍ରାଟ ହେଉଥିଲେ । ମହାଭାରତ ଯୁଦ୍ଧରେ ତ ଭାରତର ସମସ୍ତ ରାଜାମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରଶ୍ନଟିର ଚୂଡ଼ାନ୍ତ ସମାଧାନ ପାଇଁ ଯେ କୌରବ କୁଳର ମହାରାଜା ଦୁର୍ଯ୍ୟୋଧନ ନା ପାଣ୍ଡବ କୁଳର ମହାରାଜା ଯୁଧିଷ୍ଠିର କିଏ ରାଜଚକ୍ରବର୍ତ୍ତୀ ହେବେ ? ସାରା ଭାରତର ଅନ୍ୟାନ୍ୟ ରାଜା, ମହାରାଜାମାନଙ୍କ ଉପରେ କାହାର କେନ୍ଦ୍ରୀୟ କର୍ତ୍ତୃତ୍ୱ ରହିବ ? ମହାଭରତ ଯୁଦ୍ଧରେ ପାଣ୍ଡବମାନଙ୍କ ବିଜୟ ପରେ ମଧ୍ୟ ଆନୁଷ୍ଠାନିକ ଭାବରେ ସମଗ୍ର ଭାରତ ଉପରେ ନିଜ ଶାସନର କେନ୍ଦ୍ରୀୟ କର୍ତ୍ତୃତ୍ୱର ପ୍ରତିଷ୍ଠା ପାଇଁ ମହାରାଜ ଯୁଧିଷ୍ଠିରଙ୍କୁ ଅଶ୍ୱମେଧ ଯଜ୍ଞ କରିବାକୁ ପଡ଼ିଥିଲା ଓ ସେଥିପାଇଁ ଅର୍ଜୁନଙ୍କ ଦ୍ୱାରା ସୁରକ୍ଷିତ ହୋଇ ଯଜ୍ଞଅଶ୍ୱକୁ ସାରା ଭାରତର ବିଭିନ୍ନ ଅଞ୍ଚଳ ବୁଲାଇ ପାଣ୍ଡବମାନଙ୍କର ଅଖଣ୍ଡ କର୍ତ୍ତୃତ୍ୱ ପ୍ରତି ସମସ୍ତଙ୍କର ଆନୁଗତ୍ୟ ସ୍ୱୀକାର କରାଇବାକୁ ପଡ଼ିଥିଲା । ଏପରିକି କୁହାଯାଇଥାଏ ଶ୍ରୀକୃଷ୍ଣ ତାଙ୍କ ନିଜର ବଂଶ ଯଦୁବଂଶକୁ ଧ୍ୱଂସ କରାଇଲେ ଯେପରିକି ପାଣ୍ଡବ ବଂଶର ମହାରାଜା ପରୀକ୍ଷିତ ନିରଙ୍କୁଶ ଭାବରେ ସମଗ୍ର ଭାରତ ଉପରେ ନିଜର ଆଧିପତ୍ୟ ବଜାୟ ରଖିପାରିବେ । କାରଣ ପାଣ୍ଡବମାନଙ୍କ ସହ ବୁଦ୍ଧି ବିକ୍ରମରେ ସମକକ୍ଷ ଯଦୁବଂଶ ତିଷ୍ଠି ରହିଥିଲେ ତାହା ସମ୍ଭବ ହୋଇ ନଥା'ନ୍ତା । ସେମାନେ ହୁଏତ ପରୀକ୍ଷିତଙ୍କ କର୍ତ୍ତୃତ୍ୱକୁ ଆହ୍ୱାନ ଜଣାଇ ଥାଆନ୍ତେ । ଏପରିକି ରାମାୟଣ ଯୁଗରେ ମଧ୍ୟ ସମଗ୍ର ଭାରତ ଉପରେ ଅଯୋଧ୍ୟାର କେନ୍ଦ୍ରୀୟ କର୍ତ୍ତୃତ୍ୱ ପ୍ରତିଷ୍ଠା ପାଇଁ ଶ୍ରୀରାମ ଅଶ୍ୱମେଧ ଯଜ୍ଞ କରାଇଥିଲେ ଓ ଲକ୍ଷ୍ମଣଙ୍କୁ ଯଜ୍ଞଅଶ୍ୱ ନେଇ ସାରାଭାରତ ଭ୍ରମଣ କରିବାକୁ ପଡ଼ିଥିଲା ।

ବାଲ୍ମୀକି ରାମାୟଣରେ ଆମେ ଆଉ ଏକ ବର୍ଣ୍ଣନା ଦେଖୁ ଯେ କିଷ୍କିନ୍ଧ୍ୟାର ରାଜା ବାଳୀଙ୍କୁ ରାମ ଶରବିଦ୍ଧ କଲାପରେ ସେ ଅଭିଯୋଗ କଲେ ରାମଙ୍କ ସହ ତାଙ୍କର କୌଣସି ଶତ୍ରୁତା ନଥିବା ସ୍ଥଳେ କାହିଁକି ରାମଚନ୍ଦ୍ର ତାଙ୍କ ପ୍ରତି ଶର ନିକ୍ଷେପ କଲେ । ରାମଚନ୍ଦ୍ରଙ୍କର ଉତ୍ତର ଥିଲା, ''ନିଜର ସହୋଦରା ଭଗିନୀ ବା ସାନଭାଇର ସ୍ତ୍ରୀ – ଏମାନଙ୍କ ସହ ଯେ କାମ ବ୍ୟବହାର କରେ ତାହାର ଦଣ୍ଡ ପ୍ରାଣବଧ ଅଟେ । ଭରତ ରାଜା ଅଟନ୍ତି । ଆମେମାନେ ତାଙ୍କର ଆଜ୍ଞା ପାଳନକାରୀ ଅଟୁ । ତୁମେ ଧର୍ମର ମର୍ଯ୍ୟାଦା ଲଙ୍ଘନ କରିଛ । ତୁମକୁ କିପରି କ୍ଷମା କରାଯାଇପାରେ ? ପ୍ରଧାନ ଧର୍ମ ଲଙ୍ଘନକାରୀର ଦଣ୍ଡ ବିଧାନ କରି ଭରତ ଧର୍ମାନୁଯାୟୀ ପ୍ରଜାପାଳନ କରୁଛନ୍ତି ଏବଂ ଯଥେଚ୍ଛାଚାରୀମାନଙ୍କୁ ଶାସ୍ତି ପ୍ରଦାନ କରୁଛନ୍ତି । ଆମେମାନେ ତାଙ୍କରି ଆଜ୍ଞାନୁସାରେ ତୁମପରି ଧର୍ମଦ୍ରୋହୀମାନଙ୍କୁ ଦଣ୍ଡ ଦେବା ପାଇଁ ନିଯୁକ୍ତ ହୋଇଛୁ ।'' ଏହି ଉକ୍ତିରୁ ସ୍ପଷ୍ଟ ହୁଏ ଯେ ଉତ୍ତର ଭାରତର ଅଯୋଧ୍ୟା ରାଜ୍ୟର ରାଜାଙ୍କର ସୁଦୂର ଦାକ୍ଷିଣାତ୍ୟର କିଷ୍କିନ୍ଧ୍ୟା ଉପରେ ନିଶ୍ଚୟ କିଛି କେନ୍ଦ୍ରୀୟ-କର୍ତ୍ତୃତ୍ୱ ସ୍ୱୀକୃତ ହୋଇଥିଲା । ତା' ନହେଲେ କିଷ୍କିନ୍ଧ୍ୟାରେ ସ୍ୱାଧୀନ ରାଜା ବାଳୀଙ୍କୁ ତାଙ୍କ ଆଚରଣ ପାଇଁ ପ୍ରାଣଦଣ୍ଡ ଦେବାର ନୈତିକ ଅଧିକାର ରାମ ଦାବି କରି ନଥା'ନ୍ତେ । ତେଣୁ ପୁରାଣ ଯୁଗଠାରୁ ଆରମ୍ଭ କରି ଇତିହାସର ଅନ୍ୟାନ୍ୟ ଯୁଗ ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ, ମୌର୍ଯ୍ୟ, ଗୁପ୍ତ, ମୁସଲମାନ, ମୋଗଲ ଓ ବ୍ରିଟିଶ ଶାସନ ପର୍ଯ୍ୟନ୍ତ ବରାବର ଏକ କେନ୍ଦ୍ରୀୟ କର୍ତ୍ତୃତ୍ୱ ଅଧୀନରେ ଏକ ବିଶାଳ ଦେଶ ଭାରତବର୍ଷର ଶାସନ ଓ ପରିଚାଳନାକୁ ରୂପଦେବା ପାଇଁ ବିଧିବଦ୍ଧ ପ୍ରୟାସ ହୋଇ ଆସିଛି ।

କିନ୍ତୁ ଏହି କେନ୍ଦ୍ରୀୟ କର୍ତ୍ତୃତ୍ୱର ଅର୍ଥ ନୁହେଁ ଯେ ପ୍ରାଦେଶିକ ଶାସନକୁ ଏହା ଦୁର୍ବଳ କରି ରଖିବ । କେନ୍ଦ୍ର ଓ ପ୍ରଦେଶ ଉଭୟକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବାରେହିଁ ରହିଛି ଆମ ଦେଶର ବିକାଶ ଓ ଜାତୀୟ ସଂହତିର ମୂଳସୂତ୍ର । ଯଦି କେନ୍ଦ୍ରୀୟ କର୍ତ୍ତୃତ୍ୱ ପାଇଁ ଅତ୍ୟଧିକ ଉତ୍ସାହ ଦେଖାଇ ପ୍ରାଦେଶିକ ବୈଶିଷ୍ଟ୍ୟକୁ କ୍ଷୁଣ୍ଣ ଓ ଖର୍ବ କରାଯାଏ ତେବେ ତାହା ଦେଶ ପାଇଁ ମଙ୍ଗଳପ୍ରଦ ହେବ ନାହିଁ । ଶ୍ରୀଅରବିନ୍ଦ ଏ ସମ୍ପର୍କରେ ସ୍ପଷ୍ଟ ମତ ପ୍ରକାଶ କରି କହିଥିଲେ, ''ଦେଶପ୍ରେମଜନିତ ଐକ୍ୟବୋଧ ଭାରତବାସୀଙ୍କ ମଧ୍ୟରେ ଏତେଦୂର ସୁପ୍ରତିଷ୍ଠିତ ହୋଇଛି ଯେ ତାକୁ ସହଜରେ ବିଲୋପ କରିବା ବା ହ୍ରାସ କରିବା ସମ୍ଭବ ନୁହେଁ । ବରଂ ଯଦି ବିଭିନ୍ନ ପ୍ରଦେଶଗତ ଜୀବନଧାରାର ସ୍ୱାଭାବିକ କ୍ରିୟାକୁ ଅସ୍ୱୀକାର କରାଯାଏ; ତେବେ ସେଥିରେ ଐକ୍ୟବୋଧ ପ୍ରତି ବିପଦ ଆସିପାରେ । ସେମାନଙ୍କର ନ୍ୟାୟସଙ୍ଗତ ଆସ୍ପୃହାକୁ ଚରିତାର୍ଥ କରିବାରେହିଁ ଏହି ବିପଦ କମିଯାଏ ।... ବହୁତ୍ୱ ମଧ୍ୟରେ ଏକ – ଏହାହିଁ ଚିରକାଳ ଭାରତ ପକ୍ଷରେ ସ୍ୱାଭାବିକ ହୋଇ ଆସିଛି ଏବଂ ଏହାର ପ୍ରୟୋଗ ହେଲା ତା'ର ସତ୍ତାର ପ୍ରକୃତିର ମୂଳଧାରା । 'ଏକ ଭିତରେ ବହୁ' ଏହି ସତ୍ୟହିଁ ତାକୁ ପ୍ରତିଷ୍ଠିତ କରିବ ତା'ର ଅଟଳ ଭିତ୍ତି ଉପରେ, ତା'ର ସ୍ୱଭାବ ଓ ସ୍ୱଧର୍ମ ଉପରେ ।''

(ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା)

ଶେଷରେ ଏତିକି କୁହାଯାଇପାରେ ଯେ ତାହା ଜାତୀୟ ସଂହତିର ସତ୍ୟ ହେଉ ବା ଦେଶ ବିକାଶର ସତ୍ୟ ହେଉ ବା ଜାତୀୟ ଉନ୍ନୟନ ଓ ନବ ନିର୍ମାଣର ସତ୍ୟ ହେଉ, ଭାରତ ପାଇଁ ସମସ୍ତ ସତ୍ୟ ନିହିତ ରହିଛି ତା'ର ଆତ୍ମାର ସତ୍ୟରେ । ସେହି ଆତ୍ମାର ସତ୍ୟକୁ ଉପଲବ୍ଧି କରି ନିଜ ସ୍ୱଧର୍ମରେ ଆଗେଇ ଚାଲିବାରେହିଁ ରହିଛି ତା'ର ସମସ୍ତ ସମସ୍ୟାର ସମାଧାନ । ସେଇଠାରେହିଁ ରହିଛି ତା'ର ନବଜନ୍ମ ଓ ଅଭ୍ୟୁଦୟର ଗୋପନ ରହସ୍ୟ । ସେଇଥିପାଇଁ ମା' କହିଥିଲେ :

"It is only India's soul who can unify the country.

"Externally the provinces of India are very different in character, tendencies, culture, as well as in language, and any attempt to unify them artificially could only have disastrous results.

But her soul is one, intense in her aspiration towards the spiritual truth, the essential unity of the creation and the divine origin of life, and by uniting with this aspiration the whole country can recover a unity that has never ceased to exist for the superior mentality.." (*7 July 1968*)

(The Mother's Cent. Vol. 13, p. 368)

''କେବଳ ଭାରତର ଆତ୍ମାହିଁ ଦେଶର ଐକ୍ୟ ସାଧନ କରିପାରେ ।

''ବାହ୍ୟତଃ ଭାରତର ପ୍ରଦେଶଗୁଡ଼ିକ ନିଜ ନିଜର ଚରିତ୍ର, ପ୍ରବୃତ୍ତି, ସଂସ୍କୃତି ତଥା ଭାଷା ଦିଗରୁ ପରସ୍ପରଠାରୁ ଖୁବ୍ ପୃଥକ୍ ଏବଂ କୌଣସି କୃତ୍ରିମ ଉପାୟରେ ସେମାନଙ୍କୁ ଐକ୍ୟବଦ୍ଧ କରାଇବାର ପ୍ରଚେଷ୍ଟା କେବଳ ବିପର୍ଯ୍ୟୟକୁ ଡାକି ଆଣିବ ।

''କିନ୍ତୁ ତା'ର ଆତ୍ମା ଏକ, ଆଧ୍ୟାତ୍ମିକ ସତ୍ୟ ଦିଗରେ, ସୃଷ୍ଟିର ମୂଳ ଏକତ୍ୱ ଓ ଜୀବନର ଦିବ୍ୟ ଭଗବତ୍ ଉତ୍ସଦିଗରେ ତାହାର ଅଭୀପ୍ସା ଅତି ନିବିଡ଼ ଏବଂ ଏହି ଅଭୀପ୍ସା ସହ ଯୁକ୍ତ ଓ ଏକ ହୋଇ ସମଗ୍ର ଦେଶ ଓ ସେହି ଏକତାର ପୁନରୁଦ୍ଧାର କରିପାରେ, ଉଚ୍ଚତର ଚେତନା ପାଇଁ ଯାହା କେବେହେଲେ ଲୋପ ପାଇ ନ ଥିଲା ।''

(୭ ଜୁଲାଇ, ୧୯୬୮)

ତେଣୁ ଆମ ସମଗ୍ର ଜାତି ଆଗରେ ଆଜି ପ୍ରଧାନ ଲକ୍ଷ୍ୟ ଓ କର୍ତ୍ତବ୍ୟ ହେଲା ଆମ ଦେଶର ଆତ୍ମାକୁ, ତହିଁରେ ନିହିତ ଥିବା ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିବା ଦିଗରେ ସମର୍ଥ ଓ ସାର୍ଥକ ଭାବରେ ଆଗେଇ ଯିବା । ତା' ନହେଲେ ଶ୍ରୀଅରବିନ୍ଦଙ୍କ ଭାଷାରେ, ''କି କରୁଣ ପରିହାସର କଥା ହେବ ଯଦି ଭାରତ ତା'ର ଅଧ୍ୟାତ୍ମ ଉପଲବ୍ଧିକୁ ବିସର୍ଜନ ଦେଇ ବସେ ଠିକ୍ ସେଇ ମୁହୂର୍ତ୍ତରେ ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଅଂଶ କ୍ରମଶଃ ତା' ପ୍ରତି ଉନ୍ମୁଖ ହେଉଛନ୍ତି ଓ ତାକୁ ଅପେକ୍ଷା କରୁଛନ୍ତି ଆଧ୍ୟାତ୍ମିକ ସାହାଯ୍ୟ ପାଇଁ ଓ ମୁକ୍ତି ପ୍ରଦାନକାରୀ ଆଲୋକ ପାଇଁ ।'' ❖